# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨୯/୨୦୨୦ (୧୬ ପୃଷ୍ଠା) | Bhubaneswar, Tuesday, December 29/2020 | ★★★★★★

୪୭ଶ ଭାଗ ୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ମାଲଦ୍ୱୀପରେ ହଂସିକା**

ଅଭିନେତ୍ରୀ ହଂସିକା ମୋଟଓ୍ୱାନୀ ମାଲଦ୍ୱୀପର କିଛି ଫଟୋ ପୋଷ୍ଟ କରିଛନ୍ତି। ଏହା ଇନ୍‌ଷ୍ଟାରେ ଖୁବ୍ ଭାଇରାଲ ହେବାରେ ଲାଗିଛି।

୧୪

୧୩

**ଜାଡେଜାଙ୍କ ଅଲରାଉଣ୍ଡ ପ୍ରଦର୍ଶନ**

ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଅଲରାଉଣ୍ଡ ପ୍ରଦର୍ଶନ କରି ଭାରତକୁ ବିଜୟ ଦ୍ୱାରରେ ପହଞ୍ଚାଇଛନ୍ତି ରବୀନ୍ଦ୍ର ଜାଡେଜା।



# ବିରାଟ ଦଶନ୍ଧିର ଶ୍ରେଷ୍ଠ କ୍ରିକେଟର

## ଧୋନୀଙ୍କୁ ସ୍ପିରିଟ୍ ଅଫ୍ କ୍ରିକେଟ ପୁରସ୍କାର

ଦୁବାଇ,୨୮।୧୨(ପି.ଟି.)

ପ୍ରଥମ ସନ୍ତାନର ଜନକ ହେବାକୁ ଯାଉଥିବା ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲିଙ୍କ ପାଇଁ ବର୍ଷ ଶେଷରେ ଆସିଛି ଆଉ ଏକ ଖୁସି ଖବର। ସେ ଦଶନ୍ଧିର ଶ୍ରେଷ୍ଠ ଅନ୍ତର୍ଜାତୀୟ କ୍ରିକେଟର ହେବାର ସୌଭାଗ୍ୟ ପାଇଛନ୍ତି। ଫଳରେ ବିରାଟ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ପ୍ରଦତ୍ତ ସାର୍ ଗ୍ୟାରିଫିଲ୍ଡ ସୋବର୍ସ ପୁରସ୍କାର ହାସଲ କରିଛନ୍ତି। ଟୁଇଟ୍ ମାଧ୍ୟମରେ ଆଇସିସି ଏହା ଘୋଷଣା କରିଛି। କୋହଲି ହାସଲ କରିଥିବା ୭୦ଟି ଅନ୍ତର୍ଜାତୀୟ ଶତକରୁ ୬୬ଟି କେବଳ ଏହି ଦଶନ୍ଧି ଅର୍ଥାତ ଆଇସିସି ଆୱାର୍ଡ ପିରିୟଡ୍‌ରେ ଅର୍ଜନ କରିଛନ୍ତି। ୨୦୧୧ ପରଠାରୁ ଏପର୍ଯ୍ୟନ୍ତ କୋହଲି ଉଚ୍ଚକୋଟୀର ବ୍ୟାଟିଂ ପ୍ରଦର୍ଶନ କରି ସବୁଠାରୁ ଅଧିକ ରନ୍ ସଂଗ୍ରହ କରିଛନ୍ତି। ଏଥିସହିତ କୋହଲିଙ୍କୁ ଦଶନ୍ଧିର ଶ୍ରେଷ୍ଠ ଦିନିକିଆ ଖେଳାଳିଭାବେ ଭାବେ ମଧ୍ୟ ପୁରସ୍କୃତ କରାଯାଇଛି। ଏହି ସମୟ ଅବଧିରେ କୋହଲି ସର୍ବାଧିକ ୯୪ଟି ଅର୍ଦ୍ଧଶତକ ହାସଲ କରିଛନ୍ତି ଓ ସେ ସର୍ବାଧିକ ୨୦,୩୯୬ ରନ ମଧ୍ୟ ସଂଗ୍ରହ କରିଛନ୍ତି। ପୁଣି ୭୦ରୁ ଉର୍ଦ୍ଧ୍ୱ ଇନିଂସ ଖେଳିଥିବା କ୍ରିକେଟମାନଙ୍କ ମଧ୍ୟରେ ତାଙ୍କ ହାରାହାରି ରନ୍ ସଂଗ୍ରହ ସର୍ବାଧିକ ୫୬.୯୭ ରହିଛି। ମୋଟ ଉପରେ ୩୨ ବର୍ଷୀୟ କୋହଲି ଦିନିକିଆରେ ୧୨,୦୪୦ ରନ, ଟେଷ୍ଟରେ ୭୩୧୮ ଓ ଟି୨୦ରେ ୨୯୨୮ ରନ ସଂଗ୍ରହ କରିଛନ୍ତି। ସବୁ ଫର୍ମାଟ୍‌କୁ ବିଚାରକୁ ନିଆଗଲେ ତାଙ୍କର ଆଭରେଜ୍ ରନ୍ ସଂଗ୍ରହ ୫୦ରୁ ଉର୍ଦ୍ଧ୍ୱ ରହିଛି। ସେ ମଧ୍ୟ ୨୦୧୧ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ସଦସ୍ୟ ରହିଥିଲେ।

☞ପୃଷ୍ଠା–୪



ବିରାଟ କୋହଲି

# ସରକାରୀ ସ୍କୁଲରେ ପଢ଼ିଲେ ସଂରକ୍ଷଣ

## ଡାକ୍ତରୀ, ଇଞ୍ଜିନିୟରିଂରେ ସୁବିଧା

ଭୁବନେଶ୍ୱର,୨୮।୧୨(ବ୍ୟୁରୋ)

ସରକାରୀ ସ୍କୁଲରେ ବେଳକୁ ବେଳ ଛାତ୍ରୀଛାତ୍ରମାନଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଗୁଣାତ୍ମକ ଶିକ୍ଷା ଅଭାବ ଯୋଗୁ ଏହି ସ୍କୁଲରୁ ଅଭିଭାବକମାନେ ମୁହଁ ଫେରାଇ ନେଉଛନ୍ତି। ଏପରି କି ସରକାରୀ ହାଇସ୍କୁଲରେ ପାଠ ପଢୁଥିବା ଛାତ୍ରୀଛାତ୍ର ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାରେ ମଧ୍ୟ ଆଶାନୁରୂପ ସଫଳତା ପାଇ ପାରୁ ନାହାନ୍ତି। ତେଣୁ ସରକାରୀ ସ୍କୁଲରେ ପାଠ ପଢୁଥିବା ମେଧାବୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇବା ଏବଂ ଅସମତାକୁ ଦୂର କରିବା ପାଇଁ ଡାକ୍ତରୀ ଏବଂ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମ ଲେଖା ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିବ। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏନେଇ ଏକ ସଙ୍କଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହି ସଙ୍କଳ୍ପ ବିଧାନସଭାରେ ପାରିତ ହେବା ପରେ ଏହାକୁ ଚୂଡ଼ାନ୍ତ ରୂପ ଦେବା ପାଇଁ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଗଠନ କରାଯିବ। ଏଥିରେ ଖ୍ୟାତି ସମ୍ପନ୍ନ ଶିକ୍ଷାବିତ ଏବଂ ବିଶିଷ୍ଟ ବ୍ୟକ୍ତି ସଦସ୍ୟ ରହିବେ। ଏହି କମିଟି ୩ମାସ ମଧ୍ୟରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ। କମିଟିର ସୁପାରିସକୁ ଆଗାମୀ ଶିକ୍ଷାବର୍ଷଠାରୁ କାର୍ଯ୍ୟକାରୀ କରାଯିବ।

ଲୋକସେବା ଭବନରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକ ଶେଷରେ ସୂଚନା ଦେଇ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି, ସର୍ବଭାରତୀୟସ୍ତରରେ ଏନ୍‌ଇଇଟି ଏବଂ ଜେଇଇ ଭଳି ଏକକ ପରୀକ୍ଷା ପ୍ରବର୍ତ୍ତନ ହେବା ପରେ ଡାକ୍ତରୀ ଓ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ରାଜ୍ୟର ସରକାରୀ ହାଇସ୍କୁଲ ଓ କଲେଜଗୁଡ଼ିକର ମେଧାବୀ ଛାତ୍ରୀଛାତ୍ରଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଗ୍ରାମାଞ୍ଚଳର ପିଲାମାନେ ଉପଯୁକ୍ତ କୋଚିଂ ସୁବିଧା ପାଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ସ୍ୱତନ୍ତ୍ର ତାଲିମର ଆବଶ୍ୟକତା ରହିଛି। ଯାହାକି କେବଳ କୋଚିଂ ସେଣ୍ଟର ଏବଂ ଅନ୍‌ଲାଇନ କୋଚିଂ କ୍ଲାସ ଜରିଆରେ ହିଁ ମିଳିଥାଏ। କୋଚିଂ ସେଣ୍ଟରଗୁଡ଼ିକ ମୁଖ୍ୟତଃ ସହରାଞ୍ଚଳରେ ଖୋଲିଛି। ସେଠାରେ ତାଲିମ ନେବା ପାଇଁ ଅଧିକ ଅର୍ଥର ଆବଶ୍ୟକତା ରହିଛି। ଆର୍ଥିକ ସମ୍ବଳ ନ ଥିବାରୁ ଗ୍ରାମାଞ୍ଚଳ ତଥା ସରକାରୀ ସ୍କୁଲର ପିଲାମାନେ ଏହି ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଫଳରେ ପ୍ରବେଶିକା ପରୀକ୍ଷାଗୁଡ଼ିକରେ ସେମାନେ ଦକ୍ଷତାର ସହ ସର୍ବୋତ୍ତମ ପ୍ରଦର୍ଶନ କରି ପାରୁ ନାହାନ୍ତି। ଓଡ଼ିଶାର ସଂଖ୍ୟାଧିକ ପିଲାଙ୍କ ପାଇଁ ଏହା ଏକ ଅସମତାପୂର୍ଣ୍ଣ ପ୍ରତିଯୋଗିତାମୂଳକ ପରିଣତ ହୋଇଯାଇଛି। ଏହି ସମସ୍ୟାକୁ ଦୂର କରିବାକୁ ରାଜ୍ୟସରକାର ଡାକ୍ତରୀ ଓ ଇଞ୍ଜିନିୟରିଂ କ୍ଷେତ୍ରରେ ସରକାରୀ ସ୍କୁଲ ପିଲାଙ୍କୁ ଅଗ୍ରାଧିକାର ଦେବାକୁ ସ୍ଥାନ ସଂରକ୍ଷଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରକାଶ ଯେ, ଡିସେମ୍ବର ୨୧ରେ ଅନୁଷ୍ଠିତ ବିଜେଡି କାର୍ଯ୍ୟକାରିଣୀ ବୈଠକରେ ଆସିଥିବା ଏହି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ତୁରନ୍ତ କାର୍ଯ୍ୟକାରୀ କରିଛନ୍ତି। ଅନ୍ୟପକ୍ଷରେ ସ୍ୱଚ୍ଛତାକୁ

☞ପୃଷ୍ଠା–୪



ଲୋକସେବା ଭବନରେ ସୋମବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକ ପରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସୂଚନା ଦେଉଛନ୍ତି।

# କରୋନା ଖବର ପ୍ରସାରଣକାରୀଙ୍କୁ ୪ ବର୍ଷ ଜେଲ

ସାଂଘାଇ, ୨୮।୧୨

ଚାଇନାରେ କରୋନା ସଂକ୍ରମଣ ନେଇ ଲାଇଭ ରିପୋର୍ଟିଂ କରିଥିବା ଜଣେ ମହିଳା(ସିଟିଜେନ୍ ଜର୍ନାଲିଷ୍ଟ)ଙ୍କୁ ସ୍ଥାନୀୟ କୋର୍ଟ ୪ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଉହାନରେ କୋଭିଡ୍ ସଂକ୍ରମଣ ହେବାପରର ଦୃଶ୍ୟକୁ ଝାଙ୍ଗ ଝାନ(୩୭) ଲାଇଭ ଟେଲିକାଷ୍ଟ କରିଥିଲେ। ସଂକ୍ରମଣ ବ୍ୟାପୁଥିବା ପ୍ରଚାର କରି ଲୋକଙ୍କୁ ବିଭ୍ରାନ୍ତ କରିବା ସହ ସେମାନଙ୍କୁ ସରକାରଙ୍କ ବିରୋଧରେ ଉସ୍‌କାଇଥିବା ନେଇ ତାଙ୍କ ନାମରେ ଅଭିଯୋଗ ରହିଛି। ଫେବୃୟାରୀରେ ଝାଙ୍ଗଙ୍କ ଭିଡିଓ ଭାଇରାଲ ହେବା ପରେ ସେ ସରକାରୀ ଅଧିକାରୀଙ୍କ ନଜରକୁ ଆସିଥିଲେ। ଚାଇନା ସରକାର କରୋନା ସଂକ୍ରମଣ ସମ୍ପର୍କରେ ଲୋକଙ୍କୁ କୌଣସି ସୂଚନା ଦେଇ ନ ଥିଲେ ଏବଂ ସହରରେ ହଠାତ୍ ଲକଡାଉନ ଜାରି କରିଥିଲେ ବୋଲି ଝାଙ୍ଗ ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ। ତେବେ ସତ କହିବା ଓ ବାକ୍ ସ୍ୱାଧୀନତା ଅଧିକାରର ବ୍ୟବହାର କରିଥିବାରୁ ତାଙ୍କୁ ନିର୍ଯାତନା ଦିଆଯିବା ସହ ଦୋଷୀ କରାଯାଇଥିବା ଝାଙ୍ଗ କହିଛନ୍ତି। ଉପର କୋର୍ଟରେ ଏହି ରାୟକୁ ଚ୍ୟାଲେଞ୍ଜ କରାଯିବ ବୋଲି ଝାଙ୍ଗଙ୍କ ଓକିଲ କହିଛନ୍ତି।

# ଜିରୋ ନାଇଟ୍ ସେଲିବ୍ରେଶନ ମନା

## ବିଏମ୍‌ସି, ସିଏମ୍‌ସିର ନିର୍ଦ୍ଦେଶନାମା ଜାରି

ଭୁବନେଶ୍ୱର, ୨୮।୧୨(ବ୍ୟୁରୋ)

ଏଥର ନୂଆବର୍ଷ ଫିକା ପଡ଼ିବ। ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ହୋଟେଲ, କ୍ଲବ୍ ଓ ବାହାରେ ଆୟୋଜନ ହେବନି ଜିରୋ ନାଇଟ୍ ସେଲିବ୍ରେଶନ। ଏଥିପାଇଁ ପ୍ରତିବର୍ଷ ଭୁବନେଶ୍ୱର, କଟକ, ପୁରୀ ଆଦି ସହର ସମେତ ସବୁଠି ସ୍ୱତନ୍ତ୍ର ପ୍ରସ୍ତୁତି ହୋଇଥାଏ। ବିଶେଷକରି ରାଜଧାନୀ ଭୁବନେଶ୍ୱରେ ଏହାର ଅଧିକ ଡିମାଣ୍ଡ ରହିଥାଏ। ନାଚଗୀତରେ ଦୁଲୁକି ଉଠେ ସାରା ସହର। ଏଥର କିନ୍ତୁ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ କଟକ ମହାନଗର ନିଗମ (ସିଏମ୍‌ସି) କର୍ତ୍ତୃପକ୍ଷ ଜିରୋ ନାଇଟ୍ ପାଳନ ନ କରିବାକୁ ମନା କରିଛନ୍ତି। ସୋମବାର ବିଏମ୍‌ସି ଓ ସିଏମ୍‌ସି ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇ ଏହା ଉପରେ କଡ଼ା କଟକଣା ଲଗାଇଛନ୍ତି।

ବିଏମ୍‌ସି ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ, ଡିସେମ୍ବର ୩୧ ମଧ୍ୟ ରାତ୍ରିରେ ସହରର

☞ପୃଷ୍ଠା–୪




# ବନ୍ଧୁକ ଦେଖାଇ ଲୁଟିନେଲେ ୯.୨୦ଲକ୍ଷ

ଖଲ୍ଲିକୋଟ,(ଡି.ଏନ୍.ଏ.)/ବାଲେଶ୍ୱର ଅଫିସ,୨୮।୧୨

ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ସୋମବାର ଦିନ ଦ୍ୱିପ୍ରହରେ ୨ଟି ସ୍ଥାନରୁ ୯.୨୦ଲକ୍ଷ ଲୁଟି ନେଇଛନ୍ତି। ବାଲେଶ୍ୱର ଜିଲା ସଦର ଥାନା ୧୬ନଂ. ଜାତୀୟ ରାଜପଥ ବଣପାରିଆ ଷ୍ଟେଟ୍‌ବ୍ୟାଙ୍କ ନିକଟରୁ ଗୁଳି ମାଡ଼କରି ଏକ ଟ୍ରାକ୍ଟର କମ୍ପାନୀ କର୍ମଚାରୀଙ୍କଠାରୁ

☞ପୃଷ୍ଠା–୪

# ୩୦ରେ କେନ୍ଦ୍ର–କୃଷକ ଆଲୋଚନା

ନୂଆଦିଲ୍ଲୀ, ୨୮।୧୨(ପି.ଟି.)

ନୂଆ କୃଷି ଆଇନକୁ ନେଇ ଚାଷୀମାନଙ୍କ ଆନ୍ଦୋଳନ ଦ୍ୱିତୀୟ ମାସରେ ପହଞ୍ଚିଥିବାବେଳେ ୩୦ ତାରିଖରେ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ପାଇଁ କେନ୍ଦ୍ର ସରକାର ସୋମବାର ଆନ୍ଦୋଳନରତ ୪୦ ଚାଷୀ ସଂଗଠନକୁ ଆମନ୍ତ୍ରଣ କରିଛନ୍ତି। ଆଲୋଚନା ମାଧ୍ୟମରେ ସମସ୍ତ ଆନୁଷଙ୍ଗିକ ପ୍ରସଙ୍ଗର ତାର୍କିକ ସମାଧାନ କରାଯିବା ସହ କୃଷି ଆଇନକୁ ନେଇ ଲାଗିରହିଥିବା ଅଚଳାବସ୍ଥା ଦୂର ହେବ ବୋଲି ସରକାର କହିଛନ୍ତି। ଚାଷୀମାନେ ମଙ୍ଗଳବାର ଆଲୋଚନା ଲାଗି ପୂର୍ବରୁ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ଆଲୋଚନାରେ ୩ କୃଷି ଆଇନ ପ୍ରତ୍ୟାହାର ପ୍ରସଙ୍ଗ ସ୍ଥାନ ଦେବାକୁ ସେମାନେ ଦାବି କରିଥିଲେ।

କୃଷି ସଚିବ ସଞ୍ଜୟ ଅଗ୍ରଓ୍ୱାଲ କୃଷକ ସଂଗଠନଗୁଡ଼ିକୁ ପତ୍ର ଲେଖି ବୁଧବାର ଅପରାହ୍ନ ୨ଟାରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆଲୋଚନା ପାଇଁ ଆମନ୍ତ୍ରଣ କରିଛନ୍ତି। ଏହା ପୂର୍ବରୁ ସରକାରଙ୍କ ସହ ଚାଷୀନେତାଙ୍କ ବୈଠକ ଡିସେମ୍ବର ୫ରେ ହୋଇଥିଲା। ୩ କୃଷି ଆଇନ ପ୍ରତ୍ୟାହାରର ଉତ୍ତର ସରକାର 'ହଁ କିମ୍ବା ନା'ରେ ଦେବାକୁ ଚାଷୀମାନେ ଆଲୋଚନା ବେଳେ ଦାବି କରିଥିଲେ। ସରକାର ସ୍ପଷ୍ଟ ଉଦ୍ଦେଶ୍ୟ ଓ ଖୋଲା ମନରେ ସମସ୍ତ ଆନୁଷଙ୍ଗିକ ପ୍ରସଙ୍ଗରେ

☞ପୃଷ୍ଠା–୪






# ୬୨ ବ୍ରିଟେନ୍ ଫେରନ୍ତାଙ୍କ ପତ୍ତା ମିଳୁନି

## କରୋନା ନୂଆ ଷ୍ଟ୍ରେନ୍‌କୁ ନେଇ ଚିନ୍ତା

- ୨୨ ଦିନରେ ଆସିଥିଲେ ୧୮୧୯ଜଣ
- ଚିହ୍ନଟ ୧୧୯ଜଣଙ୍କ ମଧ୍ୟରୁ ୬ ପଜିଟିଭ୍
- ନୂଆ ଷ୍ଟ୍ରେନ୍‌ର ଲକ୍ଷଣ କୋଭିଡ୍-୧୯ ପରି

ଭୁବନେଶ୍ୱର, ୨୮।୧୨(ବ୍ୟୁରୋ)

ବ୍ରିଟେନ୍‌ରୁ ଓଡ଼ିଶା ଫେରିଥିବା ୬୨ ଜଣଙ୍କ କୌଣସି ପତ୍ତା ମିଳୁନି। ସେମାନେ ଫୋନ୍ ଉଠାଉ ନାହାନ୍ତି କି ନିର୍ଦ୍ଦିଷ୍ଟ ଠିକଣାରେ ମିଳୁନାହାନ୍ତି। ଏନେଇ ସୋମବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ନଭେମ୍ବର ୩୦ରୁ ଡିସେମ୍ବର ୨୧ ପର୍ଯ୍ୟନ୍ତ ଏହି ୨୨ ଦିନରେ ୧୮୧୯ଜଣ ବ୍ରଟେନ୍‌ରୁ ଫେରିଛନ୍ତି। ଏମାନଙ୍କ ମଧ୍ୟରୁ ୧୧୯ ଜଣଙ୍କୁ ଚିହ୍ନଟ କରାଯିବା ସହ ଟେଷ୍ଟ ମଧ୍ୟ ସରିଛି। ୬ ଜଣଙ୍କର କରୋନା ପଜିଟିଭ ଆସିଛି। ଭୁବନେଶ୍ୱର ଓ ଜଗତ୍‌ସିଂହପୁରରୁ ୩ଜଣ ଲେଖାଏ ରହିଛନ୍ତି। ତେବେ ବାକି ୬୨ ଜଣଙ୍କ ସମ୍ପର୍କରେ କିଛି ସୂଚନା ମିଳୁନି। ଭୁଲ୍ ଫୋନ ନମ୍ବର ଓ ଠିକଣା ଦେଇଥିବାରୁ ଏବେ ସେମାନଙ୍କୁ ଖୋଜିବା ପାଇଁ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ିଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ଏହି ସୂଚନା ପରେ ବ୍ରିଟେନରେ ଭୟଙ୍କର ରୂପ ନେଉଥିବା କରୋନାର ନୂଆ ଷ୍ଟ୍ରେନ୍‌କୁ ନେଇ ଓଡ଼ିଶାବାସୀଙ୍କ ମନରେ ଛନକା ପଶିଛି। ବ୍ରିଟେନ୍‌ରୁ ଫେରିଥିବା ୬୨ଜଣ କୁଆଡେ ଗଲେ ? ସେମାନଙ୍କ ପାଇଁ ରାଜ୍ୟରେ ସଂକ୍ରମଣ ପୁଣି ବଢ଼ିଯିବନି ତ ? ଏମିତି ଅନେକ ପ୍ରଶ୍ନକୁ ନେଇ ରାଜ୍ୟ ସରକାର ମଧ୍ୟ ଆଶଙ୍କାରେ ରହିଛନ୍ତି। ସେପଟେ ବ୍ରିଟେନ୍‌ରୁ ଚିହ୍ନଟ କରୋନାର ନୂଆ ଷ୍ଟ୍ରେନ୍ ଅଧିକ ସଂକ୍ରାମକ ହେଲେ ମଧ୍ୟ ଏହାର ଲକ୍ଷଣ

☞ପୃଷ୍ଠା–୪

### ଡ୍ରାଏ ରନ୍ କ'ଣ

ଡ୍ରାଏ ରନ୍ ହେଉଛି ଏକ ପରୀକ୍ଷଣ ପ୍ରକ୍ରିୟା, ଯେଉଁଥିରେ ସମ୍ଭାବ୍ୟ ବିଫଳତାର ପ୍ରଭାବକୁ ହ୍ରାସ କରାଯାଇଥାଏ। କୌଣସି ସାମଗ୍ରୀ ବା ବସ୍ତୁର ବ୍ୟବହାର ପୂର୍ବରୁ କରାଯାଉଥିବା ପରୀକ୍ଷଣକୁ ଡ୍ରାଏ ରନ୍ କୁହାଯାଇଥାଏ। ଏବେ କରୋନା ଟିକାକରଣ ପୂର୍ବରୁ ବ୍ୟବସ୍ଥାର ସମ୍ପୂର୍ଣ୍ଣ ପରୀକ୍ଷା ଲାଗି ଡ୍ରାଏ ରନ୍ କରାଯାଉଛି, ଯେଉଁଥିରେ କୋଲ୍ଡ ଷ୍ଟୋରେଜ୍ ଓ ପରିବହନ ଆଦି ବ୍ୟବସ୍ଥାର ଯାଞ୍ଚ କରାଯିବ।

## ଓଡ଼ିଶାରେ ଖୁବ୍‌ଶୀଘ୍ର ଡ୍ରାଏ ରନ୍

ଭୁବନେଶ୍ୱର, ୨୮।୧୨(ବ୍ୟୁରୋ)

ରାଜ୍ୟରେ ଖୁବ୍‌ଶୀଘ୍ର ଟିକାକରଣ ଆରମ୍ଭ ହେବ। ଏଥିପାଇଁ ରାଜ୍ୟରେ ସବୁ ପ୍ରକାର ବ୍ୟବସ୍ଥା ହୋଇସାରିଛି। ଟିକାକରଣ ଲାଗି ଓଡ଼ିଶାରେ ଯଥେଷ୍ଟ ଲୋକ ପ୍ରସ୍ତୁତ ଅଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦିଆଯିବ। ଏହାପରେ ସମ୍ପ୍ରସାରଣ କରାଯିବ। ତେବେ ଏହାକୁ ସଫଳ କରିବା ପାଇଁ ଆନ୍ଧ୍ରପ୍ରଦେଶ, ପଞ୍ଜାବ, ଗୁଜରାଟ ଓ ଆସାମ ପରି ଓଡ଼ିଶାରେ ମଧ୍ୟ ଡ୍ରାଏ ରନ୍ ବା ଟିକାକରଣ ପୂର୍ବରୁ ପୂର୍ଣ୍ଣାଙ୍ଗ ଅଭ୍ୟାସ ହେବ ବୋଲି ଡିଏମ୍‌ଇଟି ପ୍ରଫେସର ସିବିକେ ମହାନ୍ତି ସୂଚନା ଦେଇଛନ୍ତି।


ପୁରୀ ବେଳାଭୂମିରେ ଉଡ଼ିଲା ବ୍ଲୁ ଫ୍ଲାଗ୍

.........୩.........


**ଆଜିର ସମ୍ପାଦକୀୟ**

**ଅନ୍ତରୁ ନୂଆ ମାର୍ଗ**

**ଆଜିର ମନ୍ତବ୍ୟ**

" ନୂଆ କୃଷି ଆଇନର ଭୁଲ ଉପସ୍ଥାପନା ଯୋଗୁ କୃଷକଙ୍କ ସମେତ ଅର୍ଥନୀତିର କ୍ଷତିସାଧନ ହେଉଛି।

**-ରାଜୀବ କୁମାର, ନୀତି ଆୟୋଗ ଉପାଧ୍ୟକ୍ଷ**

## ବୋଟ୍ ବୁଡ଼ି ୧୭ ନିଖୋଜ

ବରେଣ୍ଟସ ସାଗରରେ ରୁଷିଆ ମତ୍ସ୍ୟଜୀବୀଙ୍କ ବୋଟ୍ ବୁଡ଼ି ୧୭ ଜଣ ନିଖୋଜ ହୋଇଯାଇଛନ୍ତି। ଅନ୍ୟ ଦୁଇ ଜଣଙ୍କୁ ଉଦ୍ଧାର କରାଯାଇଛି। ଡଙ୍ଗାରେ ୧୯ ଜଣ ଥିବାବେଳେ ନୋଭୋୟା ଜେମଲିଆ ଦ୍ୱୀପପୁଞ୍ଜ ନିକଟରେ ବୁଡ଼ି ଯାଇଥିଲା। ଅତ୍ୟଧିକ ବରଫ ସୃଷ୍ଟି ହେତୁ ଦୁର୍ଘଟଣା ଘଟିଥିବା ରୁଷିଆ ଜରୁରିକାଳୀନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀ ହେବାର ଇଚ୍ଛା ନ ଥିଲା: ନୀତୀଶ



**ନୂଆଦିଲ୍ଲୀ, ୨୮।୧୨:** ବିହାର ମୁଖ୍ୟମନ୍ତ୍ରୀ ହେବାର ଇଚ୍ଛା ନ ଥିଲା ବୋଲି ନୀତୀଶ କୁମାର କହିଛନ୍ତି। ଭାଜପା ଚାହିଁଲେ ନିଜ ନେତାଙ୍କୁ ଏହି ପଦରେ ବସାଇପାରିବ ବୋଲି ସଂଯୁକ୍ତ ଜନତା ଦଳ (ଜେଡିୟୁ) ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ନୀତୀଶ ମତ ଦେଇଛନ୍ତି। ରାମଚନ୍ଦ୍ର ପ୍ରସାଦ ସିଂଙ୍କୁ ଦଳର ଅଧ୍ୟକ୍ଷ ଦାୟିତ୍ୱ ଅର୍ପଣ କରିବା ପରେ ନୀତୀଶ କହିଥିଲେ, ମୁଖ୍ୟମନ୍ତ୍ରୀ ପଦରେ ରହିବା ଲାଗି ମେଣ୍ଟ ସହଯୋଗୀ ପକ୍ଷରୁ ତାଙ୍କ ଉପରେ ଚାପ ପକାଯାଇଥିଲା। ଚାପ ଏତେ ଅଧିକ ଥିଲା ଯେ, ପୁଣି ଥରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ପାଇଁ ସେ ବାଧ ହୋଇଥିଲେ ବୋଲି କହିଛନ୍ତି। ଅରୁଣାଚଳପ୍ରଦେଶରେ ୬ ଜଣ ଜେଡିୟୁ ବିଧାୟକ ଦଳ ଛାଡ଼ି ଭାଜପାରେ ଯୋଗଦେବାର ସପ୍ତାହେ ପରେ ନୀତୀଶ ଏଭଳି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

### 'ଗେମ୍ ଅଫ୍ ଥ୍ରୋନ୍ସ' ଡେଭେଲପରଙ୍କୁ ହତ୍ୟା

**ବେଜିଂ, ୨୮।୧୨:** ଗେମ୍ ଡେଭେଲପର ୟୋଜୁର ସଭାପତି ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଲିନ୍ ଚିଙ୍ଗ ଖ୍ରୀଷ୍ଟମାସରେ ମୃତ୍ୟୁ ଘଟିଛି। 'ଗେମ୍ ଅଫ୍ ଥ୍ରୋନ୍ସ' ପାଇଁ ପରିଚିତ ଲିନ୍‌ଙ୍କୁ ଚା'ରେ ବିଷ ଦେଇ ହତ୍ୟା କରାଯାଇଥିବା ତଦନ୍ତରୁ ଜଣାପଡିଛି। ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଲିନ ଚିଙ୍କ ସହଯୋଗୀ ଜୁ ୟାଓଙ୍କୁ ସାଂଘାଇ ପୋଲିସ ଅଭିଯୁକ୍ତ ଦର୍ଶାଇ ତଦନ୍ତ ଆରମ୍ଭ କରିଛି। ଜୁ ୟାଓ ହେଉଛନ୍ତି ଫିଲ୍ମ ନିର୍ମାଣ ଶାଖାର ମୁଖ୍ୟ। ହୁରୁନ୍ ଚାଇନା ଧନୀ ତାଲିକା ଅନୁଯାୟୀ, ଲିନ୍ ଚିଙ୍ଗର ମୋଟ ସମ୍ପତ୍ତି ପ୍ରାୟ ୬.୮ ବିଲିୟନ ୟୁଆନ ହେବ। ଲୋକପ୍ରିୟ ଖେଳ 'ଗେମ୍ ଅଫ୍ ଥ୍ରୋନ୍ସ' ବ୍ୟତୀତ ୟୋଜୁ ବ୍ରଲ୍ ଷ୍ଟାର୍ସ ଓ ଚାଇନାର ଟେନ୍ସେଣ୍ଟ ହୋଲ୍ଡିଂ ସହିତ ମଧ କାର୍ଯ୍ୟ କରୁଛି।

### ବେଲୁଚିସ୍ତାନରେ ୭ ପାକିସ୍ତାନୀ ସୈନ୍ୟ ନିହତ

**ହର୍ନାଇ, ୨୮।୧୨:** ପାକିସ୍ତାନ ହର୍ନାଇ ଜିଲାର ଫ୍ରଣ୍ଟିଅର୍ କର୍ପସ (ଏଫସି) ବେଲୁଚିସ୍ତାନ ପୋଷ୍ଟଠାରେ ଗୁଳିମାଡ଼ରେ ୭ ସୈନ୍ୟ ନିହତ ହୋଇଛନ୍ତି। ଶନିବାର ବିଳମ୍ବିତ ରାତିରେ କେତେଜଣ ବନ୍ଧୁକ ଧାରୀ ଉକ୍ତ ପୋଷ୍ଟ ଉପରେ ଆକ୍ରମଣ କରିଥିଲେ। ଉଭୟ ପକ୍ଷରୁ ଗୁଳିଚାଳନା ହୋଇଥିବାବେଳେ ଏଥିରେ ୭ ଜଣ ପାକିସ୍ତାନୀ ସୈନ୍ୟଙ୍କ ମୃତ୍ୟୁ ଘଟିଥିବା ସେଠାକାର ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି।

### ଅନଶନରେ ବସିବେ ଆନ୍ନା



**ପୁଣେ, ୨୮।୧୨(ପି.ଟି.):** ଜାନୁୟାରୀ ଶେଷ ସୁଦ୍ଧା କେନ୍ଦ୍ର ସରକାର ଯଦି ଦାବି ପୂରଣ ନ କରନ୍ତି, ତେବେ ଅନଶନରେ ବସିବାକୁ ସାମାଜିକ କର୍ମୀ ଆନ୍ନା ହାଜାରେ ଧମକ ଦେଇଛନ୍ତି। ଏହା ତାଙ୍କର ଶେଷ ଆନ୍ଦୋଳନ ହେବ ବୋଲି ସେ କହିଛନ୍ତି। ମହାରାଷ୍ଟ୍ରର ରାଲେଗାଁଓ ସିଦ୍ଧିଠାରେ ଖବରଦାତାମାନଙ୍କୁ ଆନ୍ନା କହିଥିଲେ, ୩ ବର୍ଷ ହେଲା ସେ ଚାଷୀଙ୍କ ପାଇଁ ଅନେକ ଥର ବିକ୍ଷୋଭ କରିଛନ୍ତି। କିନ୍ତୁ ସରକାର ଫାଙ୍କା ପ୍ରତିଶ୍ରୁତି ଦେବା ବ୍ୟତୀତ ଅନ୍ୟ କିଛି କରିନାହାନ୍ତି। ସେଥିପାଇଁ ସରକାରଙ୍କ ଉପରୁ ତାଙ୍କର ଆସ୍ଥା ତୁଟିଗଲାଣି। ଏଥର ସେମାନେ ମାସେ ସମୟ ଚାହିଁଥିଲେ। ତେଣୁ ଜାନୁୟାରୀ ଶେଷ ସୁଦ୍ଧା ଯଦି ସେମାନେ ଦାବି ପୂରଣ ନ କରନ୍ତି, ତେବେ ସେ ଅନଶନ ଆରମ୍ଭ କରିବେ। ଡିସେମ୍ବର ୧୪ରେ ସେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ପତ୍ର ଲେଖି ଏମ୍.ଏସ୍. ସ୍ୱାମୀନାଥନ୍ କମିଟିର ସୁପାରିସ କାର୍ଯ୍ୟକାରୀ କରିବା ସହ କୃଷିଜାତ ଦ୍ରବ୍ୟ ମୂଲ୍ୟ ନିର୍ଦ୍ଧାରଣରେ କମିଶନଙ୍କୁ ସ୍ୱାଧୀନତା ଦେବା ଲାଗି ଦାବି କରିଥିଲେ। ଏହା ପୂରଣ ନ ହେଲେ ସେ ଅନଶନ କରିବେ ବୋଲି ସୂଚାଇ ଦେଇଥିଲେ।

## ୟୁଟ୍ୟୁବ୍‌ରୁ ୨୧୭ କୋଟି କମାଇଲେ ଛାତ୍ରୀ

**ନ୍ୟୁୟର୍କ, ୨୮।୧୨:** ଆମେରିକାର ଜଣେ ୯ ବର୍ଷୀୟା ଛାତ୍ରୀ ରିୟାନ କାଜି ଚଳିତ ବର୍ଷ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରୁ ୨୧୭ କୋଟି ଟଙ୍କା ଆୟ କରିଛନ୍ତି। 'ରିୟାନ ୱାର୍ଲ୍ଡ' ନାମରେ ଏକ ଚ୍ୟାନେଲ ଚଲାଉଥିବା ଏହି ଛାତ୍ରୀ ୟୁଟ୍ୟୁବ୍‌ରୁ ଏତେ ମାତ୍ରାରେ ଆୟ କରିବାରେ ସର୍ବକନିଷ୍ଠା ବୋଲି ଫୋର୍ବସ ମାଗାଜିନରେ ରିପୋର୍ଟ ପ୍ରକାଶ ପାଇଛି। ରିୟାନ୍ ୪ ବର୍ଷର ହୋଇଥିବାବେଳେ ୨୦୧୫ରେ ଏହି ଚ୍ୟାନେଲ ଖୋଲିଥିଲେ। ଏଥିରେ ସେ ବିଭିନ୍ନ ଖେଳଣାର ରିଭ୍ୟୁ ଦେଇଥାନ୍ତି। ଏଥିସହ ବିଜ୍ଞାନ ସମ୍ବନ୍ଧିତ କିଛି ଏକ୍ସପେରିମେଣ୍ଟ ମଧ୍ୟ ଦେଖାଇଥାନ୍ତି। ତାଙ୍କ ଭିଡିଓକୁ କୋଟି କୋଟି ସଂଖ୍ୟାରେ ଦର୍ଶକ ଦେଖୁଛନ୍ତି।



୨୦୧୯ରେ ସେ ତାଙ୍କ ଚ୍ୟାନେଲରୁ ୧୯୧ କୋଟି ଏବଂ ୨୦୧୮ରେ ୧୬୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କମାଇଥିଲେ। ରିୟାନଙ୍କ ମା' ଜଣେ ରସାୟନ ବିଜ୍ଞାନ ଶିକ୍ଷୟିତ୍ରୀ।

## ୧୦ ବର୍ଷ ପରେ ବନ୍ଦ ଘରୁ ଉଦ୍ଧାର

**ଅହମଦାବାଦ୍, ୨୮।୧୨:** ଗୁଜରାଟର ରାଜକୋଟରେ ଏକ ଘରେ ୧୦ ବର୍ଷ ଧରି ବନ୍ଦ ରହିଥିବା ୩ ଭଉଣୀଭାଇଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ନାମ ଅମରେଶ(୪୨), ଭବେଶ(୩୯) ଓ ମେଘ୍ନା ବୋଲି ଜଣାପଡିଛି। ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ସେମାନଙ୍କ ବାପାଙ୍କ ସହାୟତାରେ ଉକ୍ତ ଘରକୁ ଖୋଲିଥିଲା। ସେମାନେ ନିଜେ ନିଜକୁ ଦୀର୍ଘ ବର୍ଷ ଧରି ବନ୍ଦ କରି ରଖିଥିଲେ। ଘରର କବାଟ ଭାଙ୍ଗିଲା ପରେ ତାହା ଭିତର ସମ୍ପୂର୍ଣ୍ଣ ଅନ୍ଧକାରମୟ ଏବଂ ଏଣେତେଣେ ଖବରକାଗଜ ଓ କିଛି କଞ୍ଚା ଖାଦ୍ୟ ପଡିଥିବା ଦେଖିବାକୁ ମିଳିଥିଲା। ମା'ଙ୍କ ମୃତ୍ୟୁ ପରେ ସେମାନଙ୍କ ମାନସିକ ସ୍ଥିତି ବିଗିଡ଼ି ଯାଇଥିଲା। ପରେ ୩ ଜଣ ଯାକ ସମସ୍ତଙ୍କଠାରୁ ଦୂରେଇ ରହିଥିଲେ। ବହୁ ଉଦ୍ୟମ ସତ୍ତ୍ୱେ ସେମାନଙ୍କ ବାପା ୩ ଜଣଙ୍କୁ ଏଭଳି ସ୍ଥିତିରୁ ବାହାରକୁ ଆଣିବାରେ ସଫଳ ହୋଇ ନ ଥିଲେ। କେବଳ ପ୍ରତିଦିନ କବାଟ



ପାଖରେ କିଛି ଖାଦ୍ୟ ରଖି ଦେଉଥିଲେ। ୩ ଜଣଙ୍କ ମାନସିକ ସ୍ୱାସ୍ଥ୍ୟ ସୁଧାରିବା ପାଇଁ ଚିକିତ୍ସା ଜରୁରୀ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।

# ପାକିସ୍ତାନରେ ଭୟାବହ ସ୍ଥିତି ଆଶଙ୍କା

**ଆତଙ୍କବାଦୀ ଏବଂ ମୌଳବାଦୀ ସଙ୍ଗଠନ ଲାଗି କରୋନା ଟିକାକରଣ ପ୍ରଭାବିତ ହୋଇପାରେ। ବିଶେଷକରି ମୁସ୍‌ଲିମ୍ ବହୁଳ ଦେଶର ଏହି ଆଶଙ୍କା ବେଶୀ। ମାରାତ୍ମକ ପୋଲିଓ ପ୍ରତିଷେଧକ ଦିଆଯିବା ସମୟରେ ପାକିସ୍ତାନରେ ସଂଘଟିତ ବର୍ବରତାକୁ ବିଶ୍ୱ ଦେଖିସାରିଛି। ପୋଲିଓ ବୁନ୍ଦା ପାଶ୍ଚାତ୍ୟଦେଶର ମୁସ୍‌ଲିମ୍ ସମ୍ପ୍ରଦାୟ ପ୍ରତି ଥୋପା। ମୁସ୍‌ଲମାନ ବହୁଳ ଦେଶରେ ଜନସଂଖ୍ୟା ହ୍ରାସ କରିବାକୁ ଏହା ବିଧିବଦ୍ଧ ଚକ୍ରାନ୍ତ ବୋଲି ପାକିସ୍ତାନ ଦାବି କରିଥିଲା। ଫଳସ୍ୱରୂପ ଟିକାକରଣରେ ସାମିଲ କର୍ମଚାରୀଙ୍କ ହତ୍ୟା କରାଯାଇଥିଲା। ଏବେ ସାମୂହିକ କୋଭିଡ୍-୧୯ ଟିକାକରଣ ପୂର୍ବରୁ ପୁଣିଥରେ ଏହାର ଆଭାସ ମିଳିଲାଣି। ଗୋଟିଏ ଦେଶ ବାଦ୍ ପଡ଼ିଲେ ବା ସାମାନ୍ୟ ଅବହେଳା କଲେ ବିଶ୍ୱରୁ କରୋନା ହଟାଇବା ସମ୍ଭବ ନୁହେଁ।**

ଡାର୍ ମାନ୍‌ଗି (ପାକିସ୍ତାନ), ୨୮।୧୨




- ଟିକାକରଣ ରୋକିପାରନ୍ତି ଆତଙ୍କବାଦୀ,ଧର୍ମୀୟ ସଂଗଠନ
- ପୋଲିଓବେଳେ ନିୟୋଜିତ ଶତାଧିକ କର୍ମଚାରୀଙ୍କୁ ହତ୍ୟା କରାଯାଇଥିଲା
- ଗରିବ ଦେଶରେ ଅସ୍ଥିରତା ଚ୍ୟାଲେଞ୍ଜ ହେବ

କରୋନା ମହାମାରୀରୁ ବର୍ତ୍ତିବା ଲାଗି ଟିକା ଏକମାତ୍ର ଭରସା ବୋଲି କୁହାଯାଉଥିବାବେଳେ ବିଭିନ୍ନ ଦେଶରେ ଟିକାଦାନ ଆରମ୍ଭ ହୋଇଛି। ତେବେ ଗରିବ ରାଷ୍ଟ୍ରରେ ଯୁଦ୍ଧ ଓ ଅସ୍ଥିରତା ଟିକାକରଣ କ୍ଷେତ୍ରରେ ବଡ଼ ଚ୍ୟାଲେଞ୍ଜ ହୋଇପାରେ। ପାକିସ୍ତାନ ଭଳି ଦେଶରେ ଟିକାକରଣ ଭୟାବହ ସ୍ଥିତି ଉପୁଜାଇପାରେ ବୋଲି କୁହାଯାଉଛି। କାରଣ ସେଠାରେ ପୋଲିଓ ଟିକାକୁ ଆତଙ୍କବାଦୀ ଓ ଧର୍ମୀୟ ମୌଳବାଦୀ ସଂଗଠନଗୁଡ଼ିକ ଘୋର ବିରୋଧ କରନ୍ତି। ମୁସଲମାନ ପିଲାମାନଙ୍କୁ ବନ୍ଧ୍ୟାକରଣ କରିବା ପାଇଁ କିମ୍ବା ସେମାନଙ୍କୁ ଧର୍ମରୁ ବିଚ୍ୟୁତ କରିବା ଲାଗି ପୋଲିଓ ଟିକା ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଏକ ଚାଲ୍ ବୋଲି ସେମାନେ ପ୍ରଚାର କରିଥିଲେ। ୨୦୧୨ରୁ ବିଭିନ୍ନ ସମୟରେ ସେମାନଙ୍କ ଆକ୍ରମଣରେ ଶତାଧିକ ସ୍ୱାସ୍ଥ୍ୟକର୍ମୀ, ପୋଲିଓ ଟିକା ପ୍ରଦାନକାରୀ ଓ ସୁରକ୍ଷା କର୍ମଚାରୀ ନିହତ ହୋଇଛନ୍ତି।

ଅଲ୍ କାଏଦା ନେତା ଓସାମା ବିନ୍ ଲାଡେନଙ୍କୁ ଚିହ୍ନଟ କରିବା ଲାଗି ୨୦୧୧ରେ ସିଆଇଏ ଏକ ସ୍କାମ୍ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ କରିବାରୁ ଉତ୍ତେଜନା ଦେଖାଦେଇଥିଲା। ପୃଥିବୀରେ କେବଳ ପାକିସ୍ତାନ, ଆଫଗାନିସ୍ତାନ ଓ ନାଇଜେରିଆରେ ଏବେ ବି ପୋଲିଓ ମହାମାରୀ ରହିଛି। ୫ ବର୍ଷ ପୂର୍ବେ ଆଫଗାନ ସୀମାବର୍ତ୍ତୀ ପାକିସ୍ତାନର ବଜୌର ଆଦିବାସୀ ଅଞ୍ଚଳରେ ପୋଲିଓ ଟିକା ନେବାବେଳେ ଜଣେ ଶିଶୁଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଉକ୍ତ ଅଞ୍ଚଳରେ ଟିକାକୁ ନେଇ ଅବିଶ୍ୱାସ ଜାରି ରହିଛି। କରୋନାକୁ ସମସ୍ତେ ଭୟ କରୁଛନ୍ତି। ତେବେ ପାଶ୍ଚାତ୍ୟ ଟିକାକୁ ନେଇ ସେମାନଙ୍କ ମନରେ ସନ୍ଦେହ ରହିଛି।

ଏସିଆ, ଆଫ୍ରିକା, ମଧ୍ୟପ୍ରାଚ୍ୟ ଲାଟିନ୍ ଆମେରିକାର ଅନେକ ଗରିବ ଦେଶ ସେମାନଙ୍କ ଲୋକମାନଙ୍କୁ କୋଭିଡ୍ ଟିକା ଦେବା ଲାଗି କଠିନ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଟିକାକୁ ନେଇ ହିଂସା ସୃଷ୍ଟି ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଗରିବ ଦେଶଗୁଡ଼ିକ ପାଇଁ ଟିକା କିଣିବା ଏକମାତ୍ର ସମସ୍ୟା ନୁହେଁ। ସେଗୁଡ଼ିକର ସଂରକ୍ଷଣ ଓ ପରିବହନ ଲାଗି ଭିତ୍ତିଭୂମିର ଅଭାବ ବଡ଼ ସମସ୍ୟା ସୃଷ୍ଟି କରିବ। ଟିକା ପାଇଁ ରେଫ୍ରିଜରେଟର ଜରୁରୀ ହୋଇଥିବାବେଳେ ବିଦ୍ୟୁତ୍ ସଂଯୋଗ ନ ଥିବା ଅଞ୍ଚଳରେ ସମସ୍ୟା ଦେଖାଦେବ। ସେହିପରି ଟିକାଦାନରେ ନିୟୋଜିତ କର୍ମଚାରୀଙ୍କ ପାଇଁ ଉଗ୍ରପନ୍ଥୀଙ୍କ ଆକ୍ରମଣ ଭୟ ରହିଛି। ଦୁର୍ନୀତି ଯୋଗୁ ଟିକା ପାଇଁ ମଞ୍ଜୁର ଅର୍ଥ ବାଟମାରଣା ହେବା ସମ୍ଭାବନା ରହିଛି। ଏହିସବୁ କୋଭିଡ୍ ଟିକାଦାନ କ୍ଷେତ୍ରରେ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି।

## ପ୍ରତିଷ୍ଠା ଦିବସରେ ଯୋଗଦେଲେନି ସୋନିଆ,ରାହୁଲ

ନୂଆଦିଲ୍ଲୀ, ୨୮।୧୨

ପୁରାତନ ଜାତୀୟ ରାଜନୈତିକ ଦଳ କଂଗ୍ରେସ ପକ୍ଷରୁ ସୋମବାର ୧୩୬ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏଥିରେ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ପୂର୍ବତନ ମୁଖ୍ୟ ରାହୁଲ ଗାନ୍ଧୀ ଯୋଗ ଦେଇ ନ ଥିଲେ। ଉଭୟଙ୍କ ଅନୁପସ୍ଥିତିରେ ଦଳର ବରିଷ୍ଠ ନେତା ଏ କେ ଆଣ୍ଟୋନି ଅଲ୍ ଇଣ୍ଡିଆ କଂଗ୍ରେସ କମିଟି(ଏଆଇସିସି) ମୁଖ୍ୟ କାର୍ଯ୍ୟାଳୟଠାରେ ଦଳୀୟ ପତାକା ଉତ୍ତୋଳନ କରିଥିଲେ। କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଗୁଲାମନବୀ ଆଜାଦ, ଆନନ୍ଦ ଶର୍ମା, ସଚିନ ପାଇଲଟ୍‌ଙ୍କ ସମେତ ବହୁ ବରିଷ୍ଠ ଓ ପ୍ରମୁଖ ନେତା ଉପସ୍ଥିତ ଥିଲେ। ସୋନିଆ ଅସୁସ୍ଥତା କାରଣରୁ ଯୋଗଦେଇ ନ ଥିବା କୁହାଯାଇଥିବାବେଳେ ରାହୁଲ ବିଦେଶ ଗସ୍ତରେ ଥିବାରୁ ପ୍ରତିଷ୍ଠା ଦିବସରେ ସାମିଲ ହୋଇ ନ ଥିଲେ। ଏହି ଅବସରରେ ପ୍ରିୟଙ୍କା ଚାଷୀ ଆନ୍ଦୋଳନ ପାଇଁ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଥିଲେ।

## ଲୋରି ଲାଫଲିନ୍‌ଙ୍କୁ ୨ ମାସ ଜେଲ୍

ଡବ୍ଲିନ, ୨୮।୧୨



କଲେଜରେ ନାମଲେଖା ଦୁର୍ନୀତିରେ 'ଫୁଲ୍ ହାଉସ୍' ଅଭିନେତ୍ରୀ ଲୋରି ଲାଫଲିନ୍ ୨ ମାସ ଜେଲ୍‌ରେ ସଜା କାଟିବା ପରେ ମୁକ୍ତ ହୋଇଛନ୍ତି। ସେ ତାଙ୍କର ଦୁଇଝିଅଙ୍କୁ କଲେଜରେ ନାମ ଲେଖାଇବା ଲାଗି ୫ ନିୟୁତ ଡଲାର ଲାଞ୍ଚ ଦେଇଥିଲେ। ଏହି ଅପରାଧରେ ତାଙ୍କୁ କାଲିଫର୍ନିଆର ଡବ୍ଲିନ୍ ଜେଲ୍‌ରେ ଦୁଇମାସ କାଟିବାକୁ ପଡ଼ିଛି। ତାଙ୍କ ସ୍ୱାମୀ ଫେଶନ ଡିଜାଇନର ମୋସିମୋ ଗ୍ୟାନୁଲିଙ୍କୁ ମଧ ୫ ମାସ ଜେଲ୍‌ଦଣ୍ଡ ମିଳିଥିଲା। ଖ୍ୟାତନାମା ବିଶ୍ୱବିଦ୍ୟାଳୟରେ ନିଜ ପିଲାଙ୍କୁ ନାମ ଲେଖାଇବା ଲାଗି ଧନୀ ମାତାପିତା ଲାଞ୍ଚ ଦେଇଥାନ୍ତି। ଏହି ଦୁର୍ନୀତିରେ ଫସିବାରେ ଲାଫଲିନ୍ ଓ ଗ୍ୟାନୁଲି ହାଇପ୍ରୋଫାଇଲ୍ ଅଭିଯୁକ୍ତ। ସେମାନେ ସଦର୍ନ କାଲିଫର୍ନିଆ ୟୁନିଭର୍ସିଟିରେ ଦୁଇ ଝିଅଙ୍କ ନାମ ଲେଖାଇବା ଲାଗି ୫ ଲକ୍ଷ ଡଲାର ଦେଇଥିବା ସ୍ୱୀକାର କରିଥିଲେ।

ନାମଲେଖା ପାଇଁ ଲାଞ୍ଚ କାରବାର

### କଲେଜ ନାମଲେଖା ଦୁର୍ନୀତି

ମାମଲାରେ ପାଖାପାଖି ୬୦ ଅଭିଭାବକ, କୋଚ୍ ଓ ଅନ୍ୟମାନେ ମାମଲାର ସମ୍ମୁଖୀନ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ଏବେ ବି ମାମଲା ଲଢ଼ୁଛନ୍ତି। ଯେଉଁ ଅଭିଭାବକ ଦୋଷ ସ୍ୱୀକାର କରିଛନ୍ତି, ସେମାନଙ୍କୁ ଦୁଇ ସପ୍ତାହରୁ ୯ ମାସ ଜେଲ୍‌ଦଣ୍ଡ ହୋଇଛି।

## ଜମି ବିବାଦ ମାମଲାରେ ଅମର୍ତ୍ତ୍ୟଙ୍କୁ ମମତାଙ୍କ ସମର୍ଥନ

କୋଲକାତା, ୨୮।୧୨

ଶାନ୍ତି ନିକେତନରେ ନୋବେଲ ବିଜେତା ଅମର୍ତ୍ତ୍ୟ ସେନ୍‌ଙ୍କର ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖାଦେଇଥିଲାବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କୁ ସମର୍ଥନ ଜଣାଇଥିଲେ। ଏଥିପାଇଁ ଅମର୍ତ୍ତ୍ୟ ମମତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ପରିସର ଜବରଦଖଲ ହୋଇଥିବା ଏହାର କର୍ତ୍ତୃପକ୍ଷ ଶିକ୍ଷା ମନ୍ତ୍ରଣାଳୟକୁ ପତ୍ର ଲେଖି ଜଣାଇଥିଲେ। ଜବରଦଖଲକାରୀଙ୍କ ମଧ୍ୟରେ ପ୍ରଫେସର ଅମର୍ତ୍ତ୍ୟ ସେନ୍‌ଙ୍କ ନାଁ ରହିଛି। ପ୍ରଫେସର ସେନ୍ ଭାଜପା ଓ ଏହାର ସରକାରଙ୍କ ନୀତି ଆଦର୍ଶର ସମାଲୋଚକ ହୋଇଥିବାରୁ ଗୈରିକ ଦଳ ବିବାଦ ସୃଷ୍ଟି କରୁଥିବା ମମତା ଅଭିଯୋଗ କରିଥିଲେ। ଶାନ୍ତି ନିକେତନରେ ଅମର୍ତ୍ତ୍ୟଙ୍କର ପାରିବାରିକ ଘର 'ପ୍ରତିଚି' ତାଙ୍କ ମାମୁଁ ଅଜା କ୍ଷୀତିମୋହନ ସେନ୍ ନିର୍ମାଣ କରିଥିଲେ।

## 'କିଷାନ ରେଲ୍' ଶୁଭାରମ୍ଭ କଲେ ମୋଦି

ନୂଆଦିଲ୍ଲୀ, ୨୮।୧୨(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଦେଶର ୧୦୦ତମ 'କିଷାନ ରେଲ୍' ଚଳାଚଳକୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଶୁଭାରମ୍ଭ କରିଛନ୍ତି। ଏହି ଟ୍ରେନ୍ ମହାରାଷ୍ଟ୍ରର ସଙ୍ଗୋଲାରୁ ପଶ୍ଚିମବଙ୍ଗର ଶାଲିମାର ମଧ୍ୟରେ ଚାଲିବ। କୃଷି ସେକ୍ଟରରେ ସଂସ୍କାର ଆଣିବାରେ ତାଙ୍କ ସରକାରଙ୍କ ନୀତି ଓ ଉଦ୍ଦେଶ୍ୟ ସ୍ପଷ୍ଟ ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି। କୃଷି ଓ କୃଷକଙ୍କ ସମୃଦ୍ଧି ଲାଗି କେନ୍ଦ୍ର ସରକାର ଐତିହାସିକ ସଂସ୍କାର କାର୍ଯ୍ୟକାରୀ କରୁଛନ୍ତି ଓ ଏହି କାର୍ଯ୍ୟ ପୂରା ଦମ୍‌ରେ ଜାରି ରହିବ ବୋଲି ସେ କହିଥିଲେ।

କେନ୍ଦ୍ରର ୩ କୃଷି ଆଇନ ବିରୋଧରେ କେତେକ ଚାଷୀ ସଂଗଠନ ଆନ୍ଦୋଳନ ଚଳାଇଥିବାବେଳେ ବିରୋଧୀ ଦଳଗୁଡ଼ିକ ସେମାନଙ୍କୁ ବିଭ୍ରାନ୍ତ କରୁଥିବା ମୋଦି କହିଥିଲେ। ଦେଶର ୮୦ ପ୍ରତିଶତର ଅଧିକ ଚାଷୀ କ୍ଷୁଦ୍ର ଓ ନାମମାତ୍ର। ସେମାନେ ଉତ୍ପାଦିତ ସାମଗ୍ରୀକୁ ଦୂର



ବଜାରକୁ ପଠାଇଥାନ୍ତି। କୃଷି ଉତ୍ପାଦନ ପରିବହନରେ କିଷାନ ରେଲ୍ ସହାୟକ ହେବା ସହ ଚାଷୀଙ୍କ ଆୟ ବୃଦ୍ଧି କରିପାରିବ। ଯୋଗାଣ ଶୃଙ୍ଖଳକୁ ମଜଭୁତ କରିବା ସହ ଶୀତଳ ଭଣ୍ଡାର ସୁବିଧା ଦିଗରେ ସରକାର କାର୍ଯ୍ୟ କରୁଛନ୍ତି। ଚାଷୀ ଯେପରି ସେମାନଙ୍କ ଉତ୍ପାଦନର ଉପଯୁକ୍ତ ମୂଲ୍ୟ ପାଇପାରିବେ ସେଥିପ୍ରତି ଧ୍ୟାନ ଦିଆଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। କିଷାନ ଟ୍ରେନ୍‌ରେ ବିଭିନ୍ନ ଫଳ ପନିପରିବା ଓ ପଚନଶୀଳ ସାମଗ୍ରୀ ପରିବହନର ବ୍ୟବସ୍ଥା ହୋଇଛି। ଏସବୁର ପରିବହନ ଉପରେ ସରକାର ୫୦ ପ୍ରତିଶତ ସବ୍‌ସିଡି ଦେଉଛନ୍ତି। ପ୍ରଥମ କିଷାନ ରେଲ୍ ଅଗଷ୍ଟ ୭ରେ ମହାରାଷ୍ଟ୍ରର ଦେଭଲାଲିରୁ ବିହାରର ଦାନାପୁର ମଧ୍ୟରେ ଚଳାଚଳ ଆରମ୍ଭ କରିଥିଲା ଓ ପରେ ଏହାକୁ ମୁଜାଫରପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଥିଲା। ଚାଷୀଙ୍କ ଚାହିଦା ବଢ଼ିବାରୁ ଏହି ସେବାକୁ ସପ୍ତାହକୁ ଗୋଟିଏ ଦିନରୁ ତିନି ଦିନକୁ ବୃଦ୍ଧି କରାଯାଇଛି।

## ତିବ୍ବତ ନୀତିକୁ ଆମେରିକାର ମଞ୍ଜୁରୀ

ୱାଶିଂଟନ୍, ୨୮।୧୨

- ଚାଇନା ଧମକକୁ ଟ୍ରମ୍ପଙ୍କ ବେଖାତିର
- ପଲିସି ପ୍ରତ୍ୟାଖ୍ୟାନ କଲା ବେଜିଂ

ତିବ୍ବତର ପରବର୍ତ୍ତୀ ଦଲାଇଲାମା ଚୟନ ପ୍ରକ୍ରିୟାରେ ହସ୍ତକ୍ଷେପ ନ କରିବାକୁ ଚାଇନାର ବାରମ୍ବାର ଧମକ ସତ୍ତ୍ୱେ ଏହାକୁ ଅଣଦେଖା କରିଛି ଆମେରିକା। ତିବ୍ବତରେ ଧାର୍ମିକ ସ୍ୱାଧୀନତାକୁ ସର୍ମଥନ କରି ସମ୍ପୂର୍ଣ୍ଣ ସ୍ୱଚ୍ଛ ପ୍ରକ୍ରିୟାରେ ୧୫ତମ ଦଲାଇଲାମା ଚୟନ ପାଇଁ ଆମେରିକା ନୂଆ ନୀତି ପ୍ରଣୟନ କରିଛି। ତିବ୍ବତାନ ପଲିସି ଆଣ୍ଡ ସପୋର୍ଟ ଆକ୍ଟ,୨୦୨୦ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ୱାକ୍ଷର କରି ଏହି ପ୍ରକ୍ରିୟା ଆଗକୁ ନେଇଛନ୍ତି। ଅନ୍ୟପକ୍ଷରେ ଚାଇନା ଆମେରିକାର ଏହି ନୀତିକୁ ପ୍ରତ୍ୟାଖ୍ୟାନ କରିଛି।

ସ୍ୱାଧୀନ ଦେଶ ହେବାକୁ ଲଢ଼େଇ ଜାରି ରଖିଥିବା ତିବ୍ବତବାସୀଙ୍କୁ ନିଜ ଆୟତ୍ତରେ ରଖିବାକୁ ଚାଇନା ଉଦ୍ୟମ କରୁଥିବା ଆମେରିକା ଅଭିଯୋଗ କରିଆସୁଛି। ଏପରି ସ୍ଥିତିରେ ତିବ୍ବତ ଗୁରୁଙ୍କୁ ଚାଇନା ନିଜ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିବାରୁ ଆମେରିକା ଏଭଳି



ନିୟମ ପ୍ରଣୟନ କରିଛି। ଏହା ଦ୍ୱାରା ତିବ୍ବତବାସୀ ସ୍ୱାଧୀନ ଭାବେ ଦଲାଇଲାମା ବାଛିପାରିବେ। ଏହି ପଲିସିରେ ତିବ୍ବତ ପାଇଁ ବାର୍ଷିକ ୧ ମିଲିୟନ ଡଲାର ଅନୁମୋଦନ ମିଳିଛି। ଗତ ସପ୍ତାହରେ ଆମେରିକା କଂଗ୍ରେସରେ ବିଲ୍ ପାରିତ ହୋଇଥିଲା। ଚାଇନାର ଆଭ୍ୟନ୍ତରୀଣ ମାମଲାରେ ଆମେରିକା ହସ୍ତକ୍ଷେପ ଗ୍ରହଣୀୟ ନୁହେଁ ବୋଲି ବେଜିଂ କହିଛି।

## ବର୍ଷା, ଶୀତ ବଢ଼ାଉଛି ଲା ନିନା

ନୂଆଦିଲ୍ଲୀ, ୨୮।୧୨

କ୍ରମାଗତ ଦୁଇବର୍ଷ ହେଲା ଭାରତର ପାଣିପାଗକୁ ପ୍ରଭାବିତ କରିବାରେ ଲା ନିନା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଆସୁଛି। ଫଳରେ ଏଠାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ଓ ଶୀତ ଅନୁଭୂତ ହେଉଛି। ସେହିପରି ଗ୍ରୀଷ୍ମପ୍ରବାହ ମଧ ପୂର୍ବାପେକ୍ଷା କମିଛି। ଚଳିତବର୍ଷ ବଙ୍ଗୋପସାଗର ଓ ଆରବ ସାଗରରେ ୫ଟି ସାମୁଦ୍ରିକ ବାତ୍ୟା ସୃଷ୍ଟି ହୋଇଥିଲା, ଯେଉଁଥିରୁ ୪ଟି ପ୍ରବଳ ସାମୁଦ୍ରିକ ଝଡ଼ବାତ୍ୟା ଥିଲା। ଉତ୍ତର ଭାରତରେ ଭଲ ମୌସୁମୀ ଓ ଅଧିକ ଶୀତ ହେବାର ଲା ନିନା ସ୍ଥିତି ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି।

ପ୍ରଶାନ୍ତ ମହାସାଗର ଜଳରାଶିର ଶୀତଳତା ସହ ଲା ନିନା ସମ୍ପୃକ୍ତ। ଏହାର ପ୍ରଭାବରେ ଭଲ ବର୍ଷା ହେବା ସାଙ୍ଗକୁ ଶୀତଦିନେ ତାପମାତ୍ରା ସ୍ୱାଭାବିକଠାରୁ



କମ୍ ରହିଥାଏ। ଭାରତରେ ଡିସେମ୍ବରରୁ ଫେବୃୟାରୀ ଶୀତ ହୋଇଥାଏ। ୨୦୧୯ ଡିସେମ୍ବରରୁ ଚଳିତବର୍ଷ ଜାନୁୟାରୀ ପର୍ଯ୍ୟନ୍ତ ଉତ୍ତର ଭାରତରେ ପ୍ରବଳ ଶୀତ ହୋଇଥିଲା ବୋଲି ଭାରତର ପାଣିପାଗ ବିଭାଗ (ଆଇଏମ୍‌ଡି) ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ସେହିପରି ଚଳିତବର୍ଷ ମଧ କମ୍ ଗ୍ରୀଷ୍ମଲହରି ଅନୁଭୂତ ହୋଇଥିଲା। ସାଧାରଣତଃ ଏପ୍ରିଲରୁ ଜୁନ୍ ମଧ୍ୟରେ ଦେଶର ବିଭିନ୍ନ ଅଞ୍ଚଳରେ ଗ୍ରୀଷ୍ମ ଲହରି ପ୍ରବାହିତ ହୋଇଥାଏ। ଭୂମଧ୍ୟସାଗରରେ ଘୂର୍ଣ୍ଣିବଳୟ, କେନ୍ଦ୍ରୀୟ ଏସିଆରେ ଏହାର ପ୍ରବାହ ଏବଂ ଉତ୍ତର-ପଶ୍ଚିମ ଭାରତରେ ଶୀତଦିନେ ବର୍ଷା କରାଇବା ଫଳରେ ଗ୍ରୀଷ୍ମ ପ୍ରବାହ କମ୍ ହୋଇଥିଲା ବୋଲି ଆଇଏମ୍‌ଡି ମହାନିର୍ଦ୍ଦେଶକ କହିଛନ୍ତି। ଗତ ୩୦ ବର୍ଷ ମଧ୍ୟରେ ୨୦୨୦ରେ ତୃତୀୟ ଥର ପାଇଁ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି।

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବାହ ଜୁନ୍ ୧ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ହେଉଥିଲାବେଳେ ଚଳିତ ବର୍ଷ ଏହି ସମୟରେ ୧୦୯ ପ୍ରତିଶତ ବର୍ଷା ହୋଇଥିଲା। ସାଧାରଣତଃ ଜୁଲାଇ ଓ ଅଗଷ୍ଟରେ ଅଧିକ ବର୍ଷା ହୋଇଥାଏ। ଅଗଷ୍ଟରେ ୫ଟି ଲଘୁଚାପ ଯୋଗୁ କେନ୍ଦ୍ରୀୟ ଭାରତରେ ଅଧିକ ବର୍ଷା ହୋଇଥିଲା। ଅଗଷ୍ଟରେ ଲଘୁଚାପ ସାଧାରଣତଃ ୧୫ ଦିନ ରହୁଥିବାବେଳେ ଏଥର ତାହା ୨୮ ଦିନ ରହିଥିଲା। ପ୍ରବଳ ବର୍ଷା ଯୋଗୁ ଓଡ଼ିଶା, ତେଲଙ୍ଗାନା, ମଧ୍ୟପ୍ରଦେଶ, ଦକ୍ଷିଣ ଗୁଜରାଟ ଓ ଦକ୍ଷିଣ ରାଜସ୍ଥାନରେ ବନ୍ୟା ହୋଇଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୮,୧୩,୫୭,୧୪୭ | ୧୭,୭୫,୯୮୧ | ୫,୭୪,୭୨,୪୬୨ |
| ଭାରତ | ୧,୦୨,୨୨,୬୫୬ | ୧,୪୮,୧୪୦ | ୯୮,୦୩,୩୮୦ |
| ଓଡ଼ିଶା | ୩,୨୮,୭୩୮ | ୧୮୬୪(+୫୩) | ୩,୨୪,୩୯୨ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଓଡ଼ିଶା ପୋଲିସକୁ ପ୍ରଶଂସା କଲେ ବିପିନ ରାୱତ

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ)**

ସୁରକ୍ଷାର ଅଗ୍ରଦୂତ ହେଉଛି ପୋଲିସ। ଯେକୌଣସି ସଙ୍କଟ କାଳରେ ସରକାରଙ୍କ ସବୁଠାରୁ ଅଧିକ ଦୃଶ୍ୟମାନ ଓ ପ୍ରଥମ ପ୍ରତିକ୍ରିୟା ଦେଉଥିବା ପ୍ରତିନିଧି ହେଉଛି ପୋଲିସ ବୋଲି ଭାରତର ପ୍ରତିରକ୍ଷା ମୁଖ୍ୟ ଜେନେରାଲ ବିପିନ ରାୱତ କହିଛନ୍ତି। କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଭର୍ଚୁଆଲ ମାଧ୍ୟମରେ ଚାଲିଥିବା ୬୨ତମ ବରିଷ୍ଠ ପୋଲିସ ଅଧିକାରୀ ସମ୍ମିଳନୀର ଦ୍ୱିତୀୟ ଦିନରେ ଯୋଗଦେଇ ଜେନେରାଲ ରାୱତ ଏହା କହିଥିଲେ। ଏହି ଅବସରରେ ସେ ଓଡ଼ିଶା ପୋଲିସକୁ ପ୍ରଶଂସା କରିବା ସହ ଓଡ଼ିଶାରେ ଅପରାଧ ହାର ଯଥେଷ୍ଟ କମ୍ ଓ ଆଇନଶୃଙ୍ଖଳା ଅତି ଉଚ୍ଚମାନର ବୋଲି କହିଥିଲେ। ସମସ୍ତ ଆହ୍ୱାନକୁ ପ୍ରତିହତ କରି ମାଓବାଦୀ ଦମନ କ୍ଷେତ୍ରରେ ଓଡ଼ିଶା ସଫଳ ହୋଇଛି। ମାଓବାଦୀ ଅଞ୍ଚଳରେ କାର୍ଯ୍ୟ କରୁଥିବା ସମସ୍ତ କେନ୍ଦ୍ରୀୟ ପୋଲିସ ବାହିନୀର ସମନ୍ୱୟ ଯୋଗୁ



ଭାରତର ପ୍ରତିରକ୍ଷା ମୁଖ୍ୟ ଜେନେରାଲ ବିପିନ ରାୱତ ଓଡ଼ିଶା ପୋଲିସକୁ ସମ୍ବୋଧିତ କରୁଛନ୍ତି।

ଏହା ସମ୍ଭବ ହୋଇଥିବା ସେ କହିଥିଲେ।
ଜିଓ ଷ୍ଟ୍ରାଟେଜିକ୍ ପରିବେଶର ଦ୍ରୁତ ପରିବର୍ତ୍ତନ ବାବଦରେ ଜେନେରାଲ ରାୱତ କହିଲେ, ଜଳବାୟୁ ପରିବର୍ତ୍ତନ, ଆଞ୍ଚଳିକୀକରଣ, ଜଗତୀକରଣ, ସାଧାରଣ ବିରୋଧାଭାସ, ବାଣିଜ୍ୟିକ ଯୁଦ୍ଧ ଏଭଳି ଅନ୍ୟାନ୍ୟ କ୍ରମୋନ୍ନତି ସବୁ ଅସ୍ଥିରତା, ଅନିଶ୍ଚିତତା ଓ ବ୍ୟାଘାତ ସୃଷ୍ଟି କରୁଛି। ଏଥିସହିତ ଅପ୍ରତିସମ ଯୁଦ୍ଧ ସ୍ଥିତି ଆମ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରୁଛି। ଏହି ପରିପ୍ରେକ୍ଷୀରେ ଆଭ୍ୟନ୍ତରୀଣ ସ୍ଥିରତାକୁ ସୁନିଶ୍ଚିତ କରିବାରେ ପୋଲିସର

**୬୨ତମ ବରିଷ୍ଠ ପୋଲିସ ଅଧିକାରୀ ସମ୍ମିଳନୀ**

- ଆଭ୍ୟନ୍ତରୀଣ ସ୍ଥିରତାକୁ ସୁନିଶ୍ଚିତ କରିବାକୁ ଗୁରୁତ୍ୱ ଦେଲେ
- କୁସଂସ୍କାର ଓ ପକ୍ଷପାତିତା ଉପରେ ମତ ରଖିଲେ କମଳା ଭାସିନ

ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସମ୍ମିଳନୀରେ ହୋଇଥିବା ବିଚାରବିମର୍ଶ ପୋଲିସ ମୁଖିଆଙ୍କୁ ଭବିଷ୍ୟତରେ ଆଭ୍ୟନ୍ତରୀଣ ନିରାପତ୍ତାର ଅଭିଭାବକ ଭାବେ ଦେଖିବାରେ ସାହାଯ୍ୟ କରିବ ବୋଲି ଜେନେରାଲ ରାୱତ ମତ ରଖିଥିଲେ।
ସେହିପରି ପ୍ରଖ୍ୟାତ ଲେଖକ, ସାମାଜିକ କର୍ମୀ ଓ ସମାଜଶାସ୍ତ୍ରୀ କମଳା ଭାସିନ ଲିଙ୍ଗ ସମ୍ବେଦନଶୀଳ ପୋଲିସିଂ ଉପରେ ବକ୍ତବ୍ୟ ରଖିଥିଲେ। ସମାଜ ତଥା ପୋଲିସର ଆଚରଣକୁ ପ୍ରଭାବିତ କରୁଥିବା କୁସଂସ୍କାର ଓ ପକ୍ଷପାତିତା ବାବଦରେ ଆଲୋଚନା କରିଥିଲେ। ରାଜ୍ୟ ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା ପୋଲିସ ବିଭାଗର ବିଭିନ୍ନ ଆଇନଗତ ପ୍ରସଙ୍ଗ ଉପରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।
ଅନ୍ୟଏକ ଅଧିବେଶନରେ '୫-ଟି'କୁ ସହଜ କରିବା ପାଇଁ କମ୍ପ୍ୟୁଟରୀକରଣ, ତଥ୍ୟ ବିଶ୍ଳେଷଣ ଓ ପେପର ଲେସ୍ ପୋଲିସିଂ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଡାଟାବେଶ ପ୍ରତିଷ୍ଠା, ଆରକ୍ଷୀ ଆପ୍, ଅନୁସୂଚିତ ଜାତି, ଜନଜାତି, ମହିଳା ଓ ଶିଶୁଙ୍କ କ୍ଷେତ୍ରରେ ଘଟୁଥିବା ଅପରାଧର ତଦନ୍ତରେ ଅଧିକ ଉନ୍ନତି ଆଣିବା, ପୋଲିସ ଥାନା ଓ ପୋଲିସର କାର୍ଯ୍ୟ ପ୍ରଦର୍ଶନ, ଉପକୂଳ ସୁରକ୍ଷା, ଗୃହ, ପୋଲିସ ଆଧୁନିକୀକରଣ ଆଦି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଏହି ସମ୍ମିଳନୀରେ ପୋଲିସ ଡିଜି ଅଭୟଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଅଂଶଗ୍ରହଣ କରିଥିଲେ।

# ଓଏଏସ୍‌ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ)**

ରାଜ୍ୟ ସରକାର ସୋମବାର ଓଏଏସ୍ ଅଫିସରସ୍ତରରେ ଅଦଳବଦଳ କରିଛନ୍ତି। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଛତ୍ରପୁର ଆସିଷ୍ଟାଣ୍ଟ କଲେକ୍ଟର ବିଶ୍ୱମ୍ବର ରଥଙ୍କୁ ଡେପୁଟି କଲେକ୍ଟର(ରାଜସ୍ୱ) ଭାବେ ନିଯୁକ୍ତି ଦିଆଯାଇଛି। ସୂର୍ଯ୍ୟାଂଶୁ ରାଉତଙ୍କୁ ସମ୍ବଲପୁର ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ, ଅନାଦି ସାହୁଙ୍କୁ ତରଭା ତହସିଲଦାର, ସଞ୍ଜୀବ ମେହେରଙ୍କୁ ଖପ୍ରାଖୋଲ, ଭାସ୍କର ସାହୁଙ୍କୁ ଗୁମ୍ମା, ରାଜକିଶୋର ଜେନାଙ୍କୁ ବୁଗୁଡ଼ା ଏବଂ ଅନନ୍ତ କୁମାର ହାଁସଦାଙ୍କୁ ମୋରଡ଼ା ଓ ନାରାୟଣ ମିଶ୍ରଙ୍କୁ ଗୁଣୁପୁର ତହସିଲଦାରଭାବେ ବଦଳି କରାଯାଇଛି। ସେହିପରି ଲଳିତ ମଣ୍ଡଳଙ୍କୁ ମାଲକାନଗିରି ଡେପୁଟି କଲେକ୍ଟର, ରାଜେନ୍ଦ୍ର ମାଝିଙ୍କୁ ରାୟଗଡ଼ା ବିଡିଓ, କୁମୁଦିନୀ ସୁବୁଦ୍ଧିଙ୍କୁ ଏସ୍‌ସିଏସ୍‌ଟି ଉନ୍ନୟନ ବିଭାଗର ଅନୁସଚିବ, ନବୀନ କିଶୋର ପାଢ଼ୀଙ୍କୁ ସୁବର୍ଣ୍ଣପୁର ତହସିଲଦାର ଏବଂ ସ୍ନିଗ୍ଧାଛାୟା ମହାପାତ୍ରଙ୍କୁ ଡେପୁଟି କଲେକ୍ଟର ଭାବେ ବଦଳି କରାଯାଇଛି।

# ଜିଏସ୍‌ଟି କ୍ଷତିପୂରଣ: ନବମ କିସ୍ତିରେ ଓଡ଼ିଶାକୁ ୨୦୮ କୋଟି ପ୍ରଦାନ

**ନୂଆଦିଲ୍ଲୀ, ୨୮।୧୨**

ଜିଏସ୍‌ଟି ନିଅଣ୍ଟ ଭରଣା ବାବଦକୁ କେନ୍ଦ୍ର ସରକାର ବର୍ତ୍ତମାନ ସୁଦ୍ଧା ଓଡ଼ିଶାକୁ ୨,୧୬୨.୨୯ କୋଟି ଟଙ୍କା ଦେଲେଣି। ସୋମବାର ଅର୍ଥ ମନ୍ତ୍ରଣାଳୟ ରାଜ୍ୟ ପାଇଁ ନବମ ସାପ୍ତାହିକ କିସ୍ତିରେ ୨୦୮.୦୮ କୋଟି ଟଙ୍କା ପ୍ରଦାନ କରିଛି। ଏହା ବ୍ୟତୀତ ଜିଏସ୍‌ଟି କ୍ଷତିପୂରଣ ନିଅଣ୍ଟ ଭରଣା ଲାଗି କେନ୍ଦ୍ର ସରକାର ଓଡ଼ିଶା ପାଇଁ ୨,୮୫୮ କୋଟି ଟଙ୍କାର ଅତିରିକ୍ତ ଋଣକୁ ଅନୁମତି ପ୍ରଦାନ କରିଛନ୍ତି।
ନବମ କିସ୍ତିରେ ବିଭିନ୍ନ ରାଜ୍ୟକୁ ଜିଏସ୍‌ଟି କ୍ଷତିପୂରଣ ନିଅଣ୍ଟ ଭରଣା ବାବଦରେ ୬ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ୨୩ଟି ରାଜ୍ୟକୁ ୫,୫୧୬.୬୦ କୋଟି ଟଙ୍କା ମିଳିଥିବାବେଳେ ଦିଲ୍ଲୀ, ଜମ୍ମୁ-କଶ୍ମୀର ଓ ପୁଡୁଚେରି କେନ୍ଦ୍ରଶାସିତ ଅଞ୍ଚଳକୁ ୪୮୩.୪୦ କୋଟି ଟଙ୍କା ମିଳିଛି। ଅରୁଣାଚଳପ୍ରଦେଶ, ମଣିପୁର, ମିଜୋରାମ, ନାଗାଲାଣ୍ଡ ଏବଂ ସିକିମ୍‌ରେ ଜିଏସ୍‌ଟି କାର୍ଯ୍ୟକାରିତା ଆକାଉଣ୍ଟରେ ରାଜସ୍ୱ ନିଅଣ୍ଟ ହୋଇନାହିଁ।
ଜିଏସ୍‌ଟି କାର୍ଯ୍ୟକାରିତା ପରେ ୧.୧୦ ଲକ୍ଷ କୋଟି ଟଙ୍କା ରାଜସ୍ୱ ନିଅଣ୍ଟ ହୋଇଥିବାବେଳେ ଏହାର ଭରଣା ପାଇଁ ଚଳିତ ବର୍ଷ ଅକ୍ଟୋବରରେ ସରକାର ଏକ ସ୍ୱତନ୍ତ୍ର ଋଣ ୱିଣ୍ଡୋ ପ୍ରତିଷ୍ଠା କରିଥିଲେ। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ତରଫରୁ କେନ୍ଦ୍ର ସରକାର ଏହି ୱିଣ୍ଡୋ ମାଧ୍ୟମରେ ଋଣ କରିଥାନ୍ତି।

STUDENTS & PARENTS OF ODISHA INTERESTED IN
B.Sc. (Ag.)
KNOW IT WELL THAT AFTER OUAT BBSR, THE NEXT BEST CHOICE IS
GIET UNIVERSITY GUNUPUR
Which is special for it's
70 ACRES
OF STUDENT DEMO AGRICULTURE FARM,
THE BEST TEACHERS, LABS AND TECHNICIANS FROM OUAT & ICAR ORIGIN.
STUDENTS WHO DID NOT GET IT AT OUAT CONTACT
7978190906
8118053001, 8118009999

# ଏ.ଆର୍. ରହେମାନ୍‌ଙ୍କ ମାତୃବିୟୋଗ

**ନୂଆଦିଲ୍ଲୀ, ୨୮।୧୨**

ବିଶିଷ୍ଟ ଗାୟକ, ସଙ୍ଗୀତ ସଂଯୋଜକ ତଥା ନିର୍ଦ୍ଦେଶକ ଏ.ଆର୍. ରହେମାନ୍‌ଙ୍କ ମା' କରିମା ବେଗମ୍‌ଙ୍କର ସୋମବାର ଚେନ୍ନାଇରେ ପରଲୋକ ଘଟିଛି। ଏନେଇ ପରିବାର ପକ୍ଷରୁ ସ୍ପଷ୍ଟ କରାଯାଇଛି। ରହେମନ ତାଙ୍କ ମା'ଙ୍କ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ କେ. ପାଲାନିସ୍ୱାମୀ, ଡିଏମ୍‌କେ ସଭାପତି ଏମ୍.କେ. ଷ୍ଟାଲିନ୍, ସଙ୍ଗୀତ ନିର୍ଦ୍ଦେଶକ ମୋହନ ରାଜା, ପ୍ରଯୋଜକ ଧନଞ୍ଜୟ, ଫିଲ୍ମ ନିର୍ମାତା ଶେଖର କପୁର, ଗାୟିକା ଶ୍ରେୟା ଘୋଷାଲ ପ୍ରମୁଖ ଟୁଇଟ୍ କରି ଶୋକବ୍ୟକ୍ତ କରିଛନ୍ତି। ରହେମନ୍‌ଙ୍କ ମା' ଜଣେ ସ୍ନେହଶୀଳା ମହିଳା ଥିଲେ ବୋଲି ଶ୍ରେୟା ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି।


କରିମା ବେଗମ

# ସଙ୍ଗୀତଜ୍ଞ ଶାନ୍ତନୁ ମହାପାତ୍ର ଅସୁସ୍ଥ

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ)**

ବରିଷ୍ଠ ଖ୍ୟାତନାମା ଓଡ଼ିଆ ସଙ୍ଗୀତଜ୍ଞ ଶାନ୍ତନୁ ମହାପାତ୍ର (୮୪) ଗୁରୁତର ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେ ନିମୋନିଆ ସହ ଅନ୍ୟ କେତେକ ରୋଗରେ ପୀଡିତ ଥିବା ସୂଚନା


ଶାନ୍ତନୁ ମହାପାତ୍ର

ମିଳିଛି। ରବିବାର ରାତିରେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ପରିବାର ଲୋକେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଏବେ ଆଇସିୟୁରେ ରଖାଯାଇଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ କହିବା ମୁତାବକ, ନିମୋନିଆ ଯୋଗୁ ତାଙ୍କର ଫୁସ୍‌ଫୁସ୍ ସଂକ୍ରମିତ ହୋଇଛି। ଏହାସହ ତାଙ୍କର କିଡ୍‌ନୀ ମଧ୍ୟ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ମହାପାତ୍ରଙ୍କ ଅସୁସ୍ଥ ହେବା ଖବର ଜଣାପଡ଼ିବା ପରେ ଓଡ଼ିଆ ସଙ୍ଗୀତ ଓ ସାହିତ୍ୟ ଜଗତର ବରିଷ୍ଠ ବ୍ୟକ୍ତିତ୍ୱମାନେ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ୧୯୩୬ ନଭେମ୍ବରରେ ମୟୂରଭଞ୍ଜ ଜିଲା ବାରିପଦାରେ ଜନ୍ମ ହୋଇଥିବା ଶାନ୍ତନୁ ଏକାଧାରରେ ବହୁମୁଖୀ ପ୍ରତିଭାର ଅଧିକାରୀ। ୧୯୬୩ରେ 'ସୂର୍ଯ୍ୟମୁଖୀ' ଚଳଚ୍ଚିତ୍ରରୁ ଗୀତିକାର ଜୀବନ ଆରମ୍ଭ କରିଥିବା ଶାନ୍ତନୁ ୫୦ରୁ ଊର୍ଦ୍ଧ୍ୱ ଓଡ଼ିଆ ଚଳଚ୍ଚିତ୍ରରେ ୧୯୦୦ ଗୀତର ନିର୍ଦ୍ଦେଶନା ଦେଇଛନ୍ତି।

# ପୁରୀ ବେଳାଭୂମିରେ ଉଡ଼ିଲା ବ୍ଲୁ ଫ୍ଲାଗ୍

**ସ୍ୱଚ୍ଛ ପରିବେଶ ପାଇଁ ପ୍ରଶଂସା କଲେ କେନ୍ଦ୍ରମନ୍ତ୍ରୀ**

**ପୁରୀ ଅଫିସ, ୨୮।୧୨**

ପୁରୀର ସ୍ୱର୍ଣ୍ଣିମ ବେଳାଭୂମିକୁ ବିଧିବଦ୍ଧ ଭାବେ ମର୍ଯ୍ୟାଦାଜନକ ବ୍ଲୁ ଫ୍ଲାଗ୍ ମାନ୍ୟତା ମିଳିଛି। ଏଥିଲାଗି ପୁରୀ ବେଳାଭୂମି ୩୩ଟି ସର୍ତ୍ତ ପୂରଣ କରିଛି। ଅନ୍ତର୍ଜାତୀୟ ଜୁରି ସଂସ୍ଥା ଡେନ୍‌ମାର୍କର ଫି (ଫାଉଣ୍ଡେଶନ ଫର୍ ଏନ୍‌ଭାଇରନ୍‌ମେଣ୍ଟାଲ ଏଜୁକେଶନ) ପକ୍ଷରୁ ଏହି ପ୍ରମାଣନ ମିଳିଥିବା ସୋମବାର ପୁରୀ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଦେଢ଼ବର୍ଷ ଧରି ଦିଗ୍‌ବାରେଣୀ ଛକଠାରୁ ହୋଟେଲ ମେ' ଫେୟାର ପର୍ଯ୍ୟନ୍ତ ୮୭୦ ମିଟର ପରିବ୍ୟାପ୍ତ ବେଳାଭୂମି ଅଞ୍ଚଳକୁ ସ୍ୱତନ୍ତ୍ର ଭାବେ ସୌନ୍ଦର୍ଯ୍ୟକରଣ ସହ ବିକଶିତ କରାଯାଇଥିଲା। ଫଳସ୍ୱରୂପ ପୁରୀ ବେଳାଭୂମି ଏହି ଅନ୍ତର୍ଜାତୀୟ ସଫଳତା ପାଇପାରିଛି।
ଏହି ଉପଲକ୍ଷେ ସୋମବାର ଆୟୋଜିତ କାର୍ଯ୍ୟକ୍ରମକୁ କେନ୍ଦ୍ର ପରିବେଶ ମନ୍ତ୍ରୀ ପ୍ରକାଶ ଜାଭେଡକର ଭିଡିଓ କନଫରେନ୍ସ ଜରିଆରେ ଉଦ୍‌ଘାଟନ କରିଛନ୍ତି। ସେହିପରି ପୁରୀ ବେଳାଭୂମିରେ ବ୍ଲୁ-ଫ୍ଲାଗ୍ ଉତ୍ତୋଳନ ହୋଇଛି। ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ ପୁରୀର ସ୍ୱର୍ଣ୍ଣିମ ବେଳାଭୂମି ବେଶ୍ ଆକର୍ଷଣୀୟ। ଏବେ ଏହି ବେଳାଭୂମିକୁ ବ୍ଲୁ-ଫ୍ଲାଗ୍ ଭାବେ ବିଧିବଦ୍ଧ ଘୋଷଣା ପରେ ପର୍ଯ୍ୟଟନ କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି ହୋଇଛି। ପୁରୀ ବ୍ଲୁ-ଫ୍ଲାଗ୍ ବିଚ୍‌କୁ ପ୍ରଦୂଷଣମୁକ୍ତ ଓ ସ୍ୱଚ୍ଛ ରଖିବା ପାଇଁ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି। ପର୍ଯ୍ୟଟକଙ୍କ ଲାଗି ଏଠାରେ ସମସ୍ତ ସୁବିଧା ରହିଛି। ସ୍ୱଚ୍ଛ ଓ ସବୁଜିମା ପରିବେଶ ସାଙ୍ଗକୁ ବସିବା ପାଇଁ


ବେଳାଭୂମିରେ ବ୍ଲୁ ଫ୍ଲାଗ୍ ଉତ୍ତୋଳନ କରାଯାଉଛି।

ଛତ୍ରୀ, ବାଥିଂଜୋନ୍, ଚେଞ୍ଜିଂରୁମ୍, ଅତ୍ୟାଧୁନିକ ଶୌଚାଳୟ ସୁବିଧା, ପାନୀୟଜଳ, ପାର୍କିଂ, ଫାଷ୍ଟଏଡ୍, ବ୍ୟାୟାମ ଉପକରଣ, ପିଲାଙ୍କ ପାଇଁ କ୍ରୀଡ଼ା ଉପକରଣ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ସ୍ନାନ ନିମନ୍ତେ ପାଣିର ଗୁଣବତ୍ତା ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ପରିବେଶଭିତ୍ତିକ ନିର୍ମାଣକୁ ପ୍ରାଥମିକତା ଦିଆଯାଇ ବାଉଁଶର ବ୍ୟାପକ ବ୍ୟବହାର, ୱାଚ୍ ଟାୱାର ନିର୍ମାଣ ସହ ପର୍ଯ୍ୟଟକଙ୍କ ସୁରକ୍ଷା ଲାଗି ସିସିଟିଭି ଖଞ୍ଜାଯିବା ସହ ଲାଇଫ୍‌ଗାର୍ଡ ତଥା ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଛି। ପର୍ଯ୍ୟଟକଙ୍କୁ ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ଦେବା ଲାଗି ପ୍ରାୟ ସାଢେ ୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ତେଣୁ ୟୁଏନ୍‌ଇପି, ୟୁନେସ୍କୋ, ଆଇୟୁସିଏନ୍, ୟୁଏନ୍‌ଡବ୍ଲ୍ୟୁଟିଓ, ଏଫ୍‌ଇଇ ଏବଂ ଆଇଏଲ୍ଏସ୍ ଭଳି ପରିବେଶ ବିଜ୍ଞାନ ସମ୍ବନ୍ଧୀୟ ଅନୁସନ୍ଧାନ ଦାୟିତ୍ୱରେ ଥିବା ସଂସ୍ଥା ପୁରୀ ବେଳାଭୂମିକୁ ବ୍ଲୁ-ଫ୍ଲାଗ୍ ପ୍ରମାଣନ ଦେଇଛନ୍ତି। ପ୍ରଦୂଷଣ ରୋକିବା କ୍ଷେତ୍ରରେ ୫୦ ବିକଶିତ ରାଷ୍ଟ୍ରର ଉପକୂଳ ବେଳାଭୂମି ତାଲିକାରେ ପୁରୀ ବିଚ୍ ୩ୟ ସ୍ଥାନ ହାସଲ କରିଛି। ପୁରୀ ବେଳାଭୂମିରେ ବ୍ଲୁ-ଫ୍ଲାଗ୍ ଉତ୍ତୋଳନ ଅବସରରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି କନୱର ବିଶାଲ ସିଂ, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲୁ-ଫ୍ଲାଗ୍ ବିଚ୍‌କୁ ନେଇ ଗର୍ବାନ୍ୱିତ ମନେ କରିବା ସହ ଅଧିକ ମାନ୍ୟତା ଉପରେ ଧ୍ୟାନ ଦିଆଯିବ ବୋଲି କେନ୍ଦ୍ର ପରିବେଶ ମନ୍ତ୍ରୀ ଜାଭେଡକର କହିଥିଲେ। ପରିବେଶ ମନ୍ତ୍ରଣାଳୟର ଯୁଗ୍ମସଚିବ ଜିଗମେତ୍ ତକ୍‌ପା ଶେଷ ଅଭିଭାଷଣ ରଖିଥିଲେ। ଉଲ୍ଲେଖଯୋଗ୍ୟ, ଦେଶର ୮ଟି ବେଳାଭୂମିକୁ ବ୍ଲୁ-ଫ୍ଲାଗ୍ ମାନ୍ୟତା ମିଳିଛି। କେରଳ, ଗୁଜରାଟ, ଓଡ଼ିଶା, ଡିଉ, ଆଣ୍ଡାମାନ ଓ ଆନ୍ଧ୍ରପ୍ରଦେଶରୁ ଗୋଟିଏ ଲେଖାଏ ଏବଂ ଦେଶର ଏକମାତ୍ର ରାଜ୍ୟ ଭାବେ କର୍ଣ୍ଣାଟକର ୨ଟି ବେଳାଭୂମି ବ୍ଲୁ-ଫ୍ଲାଗ୍ ଟ୍ୟାଗ୍ ହାସଲ କରିଛି। ଗତ ଅକ୍ଟୋବର ୧୧ରେ ପୁରୀ ବେଳାଭୂମିକୁ ବ୍ଲୁ ଫ୍ଲାଗ୍ ମାନ୍ୟତା ମିଳିବା ନେଇ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିଲା।

# ହାତଗୋଡ଼ ବନ୍ଧା ଅବସ୍ଥାରେ ନବବଧୂ ଉଦ୍ଧାର

**ବୁଗୁଡ଼ା,୨୮।୧୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅନ୍ତର୍ଗତ ମଙ୍ଗରାଜପୁର ଡାଙ୍ଗିସାହି ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ଧାନଢ଼ୋଲିରୁ ହାତଗୋଡ଼ ବନ୍ଧା ଅଚେତ ଅବସ୍ଥାରେ ପଡ଼ିଥିବା ଜଣେ ନବବଧୂଙ୍କୁ ସୋମବାର ପୂର୍ବାହ୍ନରେ ଉଦ୍ଧାର କରାଯାଇଛି। ସେ ହେଲେ ଝିଲି ପ୍ରଧାନ (୨୦)। ଝିଅକୁ ଯୌତୁକ ପାଇଁ ହତ୍ୟା ଉଦ୍ୟମ କରାଯାଇଥିବା ଝିଲିଙ୍କ ବାପା ବି.କରଡ଼ାବାଡ଼ି ଗ୍ରାମର ପଠାଣ ପ୍ରଧାନ ବୁଗୁଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ନଂ. ୩୧୬/୨୦ରେ ଏକ ମାମଲା ରୁଜୁ କରିଛି। ଝିଲିଙ୍କ ସ୍ୱାମୀ ହାଇଦ୍ରାବାଦରେ ଥିବାବେଳେ ଶାଶୁ ଓ ଶ୍ୱଶୁରଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା ଚଳାଇଛି। ଗତ ଫେବୃୟାରୀ ୨ ତାରିଖରେ ଝିଲିଙ୍କର ଡାଙ୍ଗିସାହିରେ ବିବାହ ହୋଇଥିଲା। ଯୌତୁକ ବାବଦକୁ ତାଙ୍କୁ ୬୦ ହଜାର ଟଙ୍କା ଦିଆଯାଇଥିଲା। କିନ୍ତୁ ଶ୍ୱଶୁର ଘର ଲୋକେ ଆଉ ୩୦ ହଜାର ଟଙ୍କା ଦାବି କରୁଥିଲେ। ଝିଲିଙ୍କ ସ୍ୱାମୀ ହାଇଦ୍ରାବାଦରେ କାମ କରୁଥିବା ବେଳେ ଟଙ୍କା ପାଇଁ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା।

# ମିଳୁନି ମୂଲ୍ୟ, କ୍ଷତି ସହୁଛନ୍ତି ବୁଣାକାର

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ)**

କରୋନାଜନିତ ଲକ୍‌ଡାଉନ ପାଇଁ ସମଗ୍ର ଓଡ଼ିଶାରେ ବୁଣାକାରମାନେ ଅସୁବିଧା ଭୋଗୁଛନ୍ତି। ମେଳା, ମହୋତ୍ସବ ଓ ପ୍ରଦର୍ଶନୀ ବନ୍ଦ ଥିବାରୁ ବୁଣାକାରଙ୍କ ଉତ୍ପାଦିତ ସାମଗ୍ରୀ ବିକ୍ରି ହୋଇପାରୁନି। ଏଭଳି ସମୟରେ ବୁଣାକାର ଓ ହସ୍ତଶିଳ୍ପୀଙ୍କ ସାମଗ୍ରୀ କିଣିବାପାଇଁ ରାଜ୍ୟ ସରକାର ମାତ୍ର ୩୦ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ତେବେ ଏହା ସମୁଦ୍ରକୁ ଶଙ୍ଖେ ବୋଲି ଅଭିଯୋଗ କରିଛନ୍ତି ରାଜ୍ୟର ବୁଣାକାର। ବୁଣାକାରଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ପ୍ରତିଷ୍ଠାନ ବୟନିକା, ଉତ୍କଳିକା, ସେରିଫେଡ୍ ଓ ସମ୍ବଲପୁରୀ ବସ୍ତ୍ରାଳୟ ବୁଣାକାରଙ୍କ ନିକଟରୁ ବସ୍ତ୍ର କିଣିବାବେଳେ ପାତର ଅନ୍ତର କରୁଛନ୍ତି। ମନଇଚ୍ଛା ମୂଲ୍ୟ ନିର୍ଦ୍ଧାରଣ କରାଯାଉଥିବାରୁ ବୁଣାକାରମାନେ ବିପୁଳ କ୍ଷତି ସହୁଥିବା ମହାସଂଘ ଗୁରୁତର ଅଭିଯୋଗ ଉଠାଇଛି। ମହାସଂଘର କହିବା କଥା, ଗତ ଅଗଷ୍ଟରେ ବ୍ରାହ୍ମଣୀ ନଦୀରେ ଆସିଥିବା ବନ୍ୟା ରାଜ୍ୟର ପ୍ରସିଦ୍ଧ ବୟନ ଗ୍ରାମ ଗୋପାଳପୁର ବୁଣାକାରଙ୍କ ନାହିଁ ନ ଥିବା କ୍ଷତି କରିଥିଲା। ବନ୍ୟା ପାଣି ଘରେ ପଶିଯିବା ଦ୍ୱାରା ବହୁ ଲୋକଙ୍କ ଘର ସହ ତନ୍ତ, ସୂତା ଓ ଉତ୍ପାଦିତ ସାମଗ୍ରୀ ନଷ୍ଟ ହୋଇଯାଇଥିଲା। ରାଜ୍ୟ ସରକାରଙ୍କ ତରଫରୁ କ୍ଷତିର ଆକଳନ କରାଯାଇଥିଲେ ମଧ୍ୟ ଏଯାବତ ବନ୍ୟାବିପନ୍ନଙ୍କୁ କ୍ଷତିପୂରଣ ଦିଆଗଲାନାହିଁ। ମୁଖ୍ୟମନ୍ତ୍ରୀ ପ୍ରତି ବୁଣାକାରଙ୍କୁ ୪୧୦୦ ଟଙ୍କା ଲେଖାଏ ବନ୍ୟା ସହାୟତା ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ ମଧ୍ୟ ତାହା ବି ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲା ନାହିଁ।

**ଅଧିକ ଅନୁଦାନ ଦାବିକଲା ଶିଳ୍ପୀ ମହାସଂଘ**

ସେହିଭଳି ରାଜ୍ୟ ବୁଣାକାରଙ୍କ ସାମାଜିକ ସୁରକ୍ଷା ପାଇଁ ମହାତ୍ମା ଗାନ୍ଧୀ ବୁଣାକାର ବୀମା ଯୋଜନା ପ୍ରଣୟନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ଯୋଜନାକୁ ବନ୍ଦ କରି ପ୍ରଧାନମନ୍ତ୍ରୀ ବୁଣାକାର ବୀମା ଯୋଜନା କାର୍ଯ୍ୟକାରୀ କରାଗଲା। ହେଲେ ସରକାର ଇତିମଧ୍ୟରେ ଏହି ବୀମା ଯୋଜନାକୁ ମଧ୍ୟ ବନ୍ଦ କରିଦେଇଛନ୍ତି। ବୁଣାକାରଙ୍କ ପାଇଁ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସ୍ୱାସ୍ଥ୍ୟ ବୀମା ଯୋଜନାକୁ ମଧ୍ୟ ୬ବର୍ଷ ହେବ ବନ୍ଦ କରି ଦିଆଯାଇଛି। ବାସଗୃହ ଏବଂ କର୍ମଶାଳା ନିର୍ମାଣ ପାଇଁ ପୂର୍ବରୁ ମିଳୁଥିବା ଆର୍ଥିକ ସହାୟତାକୁ ବି ବନ୍ଦ କରିଦିଆଯାଇଛି। ବୁଣାକାରଙ୍କ ଏହି ସମସ୍ୟାର ସମାଧାନ ଲାଗି ମହାସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି।



## ଗାନ୍ଧୀ-କିଙ୍ଗ୍ ଶିକ୍ଷାର୍ଥୀ ବିନିମୟ ଉପକ୍ରମକୁ ଟ୍ରମ୍ପଙ୍କ ମଞ୍ଜୁରୀ

ୱାଶିଂଟନ, ୨୮।୧୨(ପି.ଟି.) : ଗାନ୍ଧୀ-କିଙ୍ଗ୍ ଶିକ୍ଷାର୍ଥୀ ବିନିମୟ ଉପକ୍ରମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସ୍ୱାକ୍ଷର କରିବା ପରେ ଏହା ଆଇନରେ ପରିଣତ ହୋଇଛି। ଫଳରେ ମହାତ୍ମା ଗାନ୍ଧୀ ଏବଂ ମାର୍ଟିନ୍ ଲୁଥର କିଙ୍ଗ୍ ଜୁନିୟରଙ୍କ କାର୍ଯ୍ୟାବଳୀ ଓ ଲିଗାସି ଉପରେ ଅଧ୍ୟୟନ ଲାଗି ଭାରତ ଓ ଆମେରିକା ମଧ୍ୟରେ ଶିକ୍ଷା ଫୋରମ୍ ପ୍ରତିଷ୍ଠା ହୋଇପାରିବ। ଏହି ନୂଆ ଆଇନକୁ ନାଗରିକ ଅଧିକାର ଆଇକନ ଜନ୍ ଲେୱିସ୍ ଲେଖିଥିବାବେଳେ ଭାରତୀୟ-ଆମେରିକୀୟ କଂଗ୍ରେସ ସଦସ୍ୟ ଆମି ବେରା ପ୍ରାୟୋଜନ କରିଥିଲେ। ଏହି ଇନିସିଏଟିଭ୍ ପାଇଁ ୨୦୨୫ ଆର୍ଥିକ ବର୍ଷ ଯାଏ ପ୍ରତିବର୍ଷ ୧ ନିୟୁତ ଡଲାର ବ୍ୟୟ ହେବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଅର୍ସିୟା
ପରିବାରବର୍ଗ


ସ୍ୱାଗତିକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ୬୨ ବ୍ରିଟେନ୍ ଫେରନ୍ତାଙ୍କ...

କୋଭିଡ୍-୧୯ ପରି ରହିଛି ବୋଲି ଡିଏମ୍ଇଟି ଡା. ସିବିକେ ମହାନ୍ତି କହିଛନ୍ତି। ସୂଚନାଯୋଗ୍ୟ, ସାରା ବିଶ୍ୱରେ କରୋନା ଆକ୍ରାନ୍ତ ହ୍ରାସ ପାଉଥିବାବେଳେ ହଠାତ୍ ବ୍ରିଟେନ୍‌ରେ କରୋନାର ନୂଆ ଷ୍ଟ୍ରେନ୍ ଦେଖିବାକୁ ମିଳିଥିଲା। ଯାହାକି ପୂର୍ବରୁ ବିଶ୍ୱକୁ କବଳିତ କରିଥିବା କରୋନା ଭୂତାଣୁଠାରୁ ଢେର୍ ଅଧିକ ସଂକ୍ରାମକ ବୋଲି ବିଶେଷଜ୍ଞମାନେ କହିବା ପରେ ବ୍ରିଟେନ୍‌ରେ ଲକ୍‌ଡାଉନ୍ ଜାରି କରାଯାଇଛି। ତେବେ ଗତ ୧୪ଦିନ ଭିତରେ ବ୍ରିଟେନ୍‌ରୁ ଅନେକ ବ୍ୟକ୍ତି ଭାରତ ଓ ଓଡ଼ିଶାକୁ ଆସିଛନ୍ତି। ଏମାନଙ୍କୁ ଚିହ୍ନଟ କରିବା ସହିତ କରୋନା ପରୀକ୍ଷା କରିବା ଏବେ ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

## ୪ ରାଜ୍ୟରେ କୋଭିଡ୍ ଟିକା ଡ୍ରାଏ ରନ୍ ଆରମ୍ଭ

ନୂଆଦିଲ୍ଲୀ, ୨୮।୧୨

କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ ଉପରେ ଏକ ଦୁଇଦିନିଆ ଡ୍ରାଏ ରନ୍ ସୋମବାର ସକାଳେ ଆନ୍ଧ୍ରପ୍ରଦେଶ, ପଞ୍ଜାବ, ଗୁଜରାଟ ଓ ଆସାମରେ ଆରମ୍ଭ ହୋଇଛି। ଟିକାକରଣ ବେଳେ ସମ୍ଭାବ୍ୟ ପ୍ରତିକୂଳ ପରିସ୍ଥିତିର ପରିଚାଳନା ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି। ଉପରୋକ୍ତ ରାଜ୍ୟରୁ ଚିହ୍ନଟ ହୋଇଥିବା ଜିଲାଗୁଡ଼ିକରେ ଟିକାକରଣ ପାଇଁ ହୋଇଥିବା କୋଲ୍ଡ ଷ୍ଟୋରେଜ୍ ଓ ପରିବହନ ବ୍ୟବସ୍ଥାର ଯାଞ୍ଚ କରାଯାଇଥିଲା। ଡ୍ରାଏ ରନ୍ ବେଳେ ରେକର୍ଡ ହୋଇଥିବା ଅନୁଭୂତିକୁ ସମ୍ପୃକ୍ତ ରାଜ୍ୟଗୁଡ଼ିକ କେନ୍ଦ୍ରକୁ ଜଣାଇବେ। ସରକାର ପ୍ରଥମ ପର୍ଯ୍ୟାୟରେ ୩୦ କୋଟି ଜନସାଧାରଣଙ୍କୁ କୋଭିଡ୍ ଟିକା ଦେବା ଲାଗି ଯୋଜନା ପ୍ରସ୍ତୁତ କରିଛନ୍ତି।

ଟିକାକରଣ ଲାଗି ବର୍ତ୍ତମାନ ସୁଦ୍ଧା ୨,୩୦୦ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଲାଣି। ଏଥିରେ ସ୍ୱାସ୍ଥ୍ୟ କର୍ମୀ, ଟିକା ପ୍ରଦାନକାରୀଙ୍କ ସମେତ ୭,୦୦୦ କର୍ମଚାରୀଙ୍କୁ ତାଲିମ ଦିଆଯାଇଛି। ଆନ୍ଧ୍ରପ୍ରଦେଶର କ୍ରିଷ୍ଣା ଜିଲାରେ ହେଉଥିବା ଡ୍ରାଏ ରନ୍‌ରେ ଟିକା ଅଭିଯାନ ଯୋଜନା ଓ ରାଜ୍ୟ ପ୍ରସ୍ତୁତ କରିଥିବା ବ୍ୟବସ୍ଥାର ଯାଞ୍ଚ କରାଯିବ। ସେଠାରୁ ଯେଉଁ ଅଭିଜ୍ଞତା ମିଳିବ ତାହା ଅନ୍ୟ ଅଞ୍ଚଳରେ ତ୍ରୁଟି ସୁଧାରିବାରେ ସହାୟକ ହୋଇପାରିବ। ୪ ରାଜ୍ୟରେ ୫ଟି ସେସନ ଅନୁଷ୍ଠିତ ହେବ। ଟିକାକରଣ ପାଇଁ ହିତାଧିକାରୀ ଚିହ୍ନଟ ଲାଗି ଥିବା ଇଲେକ୍ଟ୍ରୋନିକ୍ ଆପ୍ଲିକେଶନ କୋ-ୱିନ୍‌ର ସଫଳତାକୁ ଯାଞ୍ଚ କରାଯିବ।

## ବନ୍ଧୁକ ଦେଖାଇ ଲୁଟି ...

୩ଲକ୍ଷ ୨୦ହଜାର ଟଙ୍କା ଲୁଟି ନେଇଥିବା ବେଳେ ଗଞ୍ଜାମ

## ପ୍ରଥମ ପୃଷ୍ଠାରୁ...

ଜିଲା ଖଲ୍ଲିକୋଟ ଥାନା ଭେଜିପୁଟ ଛକ ମୁକ୍ତେଶ୍ୱର ମନ୍ଦିର ନିକଟରୁ ଏକ ହୋଟେଲ କର୍ମଚାରୀଙ୍କଠାରୁ ୩ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ୬ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି।

ପ୍ରକାଶ ଯେ, ବାଲେଶ୍ୱର ଜିଲାର ଏକ ଟ୍ରାକ୍ଟର କମ୍ପାନୀ ଆକାଉଣ୍ଟାଣ୍ଟ ଅଶୋକ କୁମାର ଜେନା ଓ ସିକ୍ୟୁରିଟି ଗାର୍ଡ଼ ମନୋଜ କୁମାର ଗାଆଣ ସୋମବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଗୋଟିଏ ବ୍ୟାଗ୍‌ରେ ୩ଲକ୍ଷ ୨୦ହଜାର ଟଙ୍କା ନେଇ ଚାଲି ଚାଲି ନିକଟରେ ଥିବା ବଣପାରିଆ ଷ୍ଟେଟ୍‌ବ୍ୟାଙ୍କକୁ ଯାଉଥିଲେ। ଅନ୍ୟପଟୁ ଗୋଟିଏ ବାଇକ୍‌ରେ ୨ଜଣ ଦୁର୍ବୃତ୍ତ ଆସି ସେମାନଙ୍କୁ ବ୍ୟାଗ୍ ମାଗିଥିଲେ। ଆକାଉଣ୍ଟାଣ୍ଟ ନ ଦେବାରୁ ପାଖରେ ରଖିଥିବା ବନ୍ଧୁକ ବାହାର କରି ଫାଙ୍କା ଗୁଳିଚାଳନା କରି ଭୟଭୀତ କରିଥିଲେ। ଏହା ସତ୍ତ୍ୱେ ମଧ୍ୟ ଆକାଉଣ୍ଟାଣ୍ଟ ଟଙ୍କା ବ୍ୟାଗ୍ ନ ଦେବାରୁ ଦୁର୍ବୃତ୍ତଜଣକ ତାଙ୍କ ଗୋଡ଼କୁ ଗୁଳି ମାଡ କରି ବ୍ୟାଗ୍ ନେଇ ଫେରାର ହୋଇଯାଇଥିଲେ।

ଘଟଣାସ୍ଥଳରେ ବାଲେଶ୍ୱର ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ପାଲ, ଡିଏସ୍‌ପି ମନୋଜ ରାଉତ ପ୍ରମୁଖ ପହଞ୍ଚିଥିଲେ। ଫୁଟିଥିବା ଗୁଳିର ଦୁଇଟି ଖୋକା ଘଟଣାସ୍ଥଳରୁ ଉଦ୍ଧାର କରିଛନ୍ତି। ଆହତ ଅଶୋକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏନେଇ କମ୍ପାନୀ ପକ୍ଷରୁ ଦିଆଯାଇଥିବା ଲିଖିତ ଅଭିଯୋଗ ଅନୁଯାୟୀ, ସଦର ଥାନାରେ ଏକ ମାମଲା ରୁଜୁ କରାଯାଇଛି। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି।

ସେହିପରି ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଆଲପୁରରେ ଥିବା ହୋଟେଲ 'ସ୍ୱସ୍ତି ଚିଲିକା ରିସର୍ଟ'ର ଭ୍ୟାନ (ନଂ. ଓଡି୦୨ବିବି୦୩୩୭)ରେ ଡ୍ରାଇଭର ଅକ୍ଷୟ କୁମାର ନାୟକ, କ୍ୟାସିୟର ପ୍ରଭୁ କଲ୍ୟାଣ ସ୍ୱାଇଁ ପୂର୍ବାହ୍ନ ପ୍ରାୟ ୧୦ଟାରେ ୬ ଲକ୍ଷ ଟଙ୍କା ନେଇ ଆନ୍ଧ୍ର ବ୍ୟାଙ୍କ ବାଲୁଗାଁ ଶାଖାକୁ ଯାଉଥିଲେ। ୧୬ନଂ ଜାତୀୟ ରାଜପଥ ମୁକ୍ତେଶ୍ୱର ମନ୍ଦିରଠାରୁ କିଛି ଦୂରରେ ଗୋଟିଏ ବାଇକ୍‌ରେ ୩ଜଣ ଆସିଥିଲେ । ସେମାନଙ୍କ ମଧ୍ୟରୁ ଦୁଇଜଣ ମୁଖା ପିନ୍ଧିଥିବା ବେଳେ ଅନ୍ୟ ଜଣେ ମୁଖା ପିନ୍ଧି ନ ଥିଲେ। ସେଠାରେ ହମ୍ପସ୍ ଥିବାରୁ ଗାଡିର ଗତି ଧୀର ହୋଇଥିଲା। ଏହାର ସୁଯୋଗ ନେଇ ସେମାନ ହଠାତ୍ ଗାଡି ଆଗକୁ ଆସି ଅଟକାଇଥିଲେ। ଡ୍ରାଇଭର ଅକ୍ଷୟଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ କ୍ୟାସିୟରଙ୍କଠାରୁ ଟଙ୍କା ଭର୍ତ୍ତି ବ୍ୟାଗ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଏ ନେଇ ଡ୍ରାଇଭର ଅକ୍ଷୟ ଭେଜିପୁଟ ଫାଣ୍ଡିରେ ଏତଲା ଦେବା ପରେ ପୋଲିସ ପଥରା, ଭେଜିପୁଟ ଛକ ରାସ୍ତାକୁ ନାକାବନ୍ଦି କରି ଯାଞ୍ଚ କରିଥିଲା। ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ, ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ର, ଛତ୍ରପୁର ଏସ୍‌ଡିପିଓ ଗୌତମ କିଶାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

## ସରକାରୀ ସ୍କୁଲରେ ...

ସର୍ବଦା ଗୁରୁତ୍ୱ ଦେଇ ଆସିଥିବା ମୁଖ୍ୟମନ୍ତ୍ରୀ ଦୁର୍ନୀତି ବିରୋଧୀ ସ୍ୱରକୁ ଆହୁରି ଶାଣିତ କରିବାକୁ ସମସ୍ତ ଜନପ୍ରତିନିଧି ସମ୍ପତ୍ତି ତାଲିକା ଦେବାକୁ ବାଧ୍ୟତାମୂଳକ କରିଛନ୍ତି। ସରପଞ୍ଚଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତ ଜନପ୍ରତିନିଧି ଓ ସମସ୍ତ ସରକାରୀ କର୍ମଚାରୀ ପ୍ରତିବର୍ଷ ନିଜର ସମ୍ପତ୍ତି ତାଲିକା ଦେବେ। କେବଳ ରାଜନେତା ନୁହନ୍ତି, ସରକାରୀ କର୍ମଚାରୀ ତଳସ୍ତରରୁ ଆରମ୍ଭ କରି ମୁଖ୍ୟଶାସନ ସଚିବଙ୍କ ପର୍ଯ୍ୟନ୍ତ ସମସ୍ତେ ପ୍ରତିବର୍ଷ ସମ୍ପତ୍ତି ତାଲିକା ଦେବେ। ଏହାକୁ ଜନସାଧାରଣଙ୍କ ସୂଚନା ନିମନ୍ତେ ପବ୍ଲିକ ଡୋମେନରେ ରଖାଯିବ। ସରକାରୀ କର୍ମଚାରୀ ଓ ଲେକପ୍ରତିନିଧିଙ୍କ ସମ୍ପତ୍ତି ତାଲିକା ପ୍ରତିବର୍ଷ ଲୋକାୟୁକ୍ତଙ୍କ ନିକଟରେ ଦାଖଲ କରାଯିବ। ଏହି ପ୍ରସ୍ତାବକୁ ସୋମବାର କ୍ୟାବିନେଟ ଅନୁମୋଦନ କରିଛି। ଦୁର୍ନୀତି ରୋକିବା ପାଇଁ ରାଜ୍ୟ ସରକାର ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ ଶାସନ ଯୋଗାଇ ଦେବା ପାଇଁ ବିଭିନ୍ନ ସମୟରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ଗଣତନ୍ତ୍ରର ଉତ୍ତରଦାୟିତ୍ୱ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଦୁର୍ନୀତି ବିରୋଧରେ ଲଢେଇ ସମାଜରେ ଥିବା ଅସମତା, ବିଭିନ୍ନ ବର୍ଗ ପ୍ରତି ହେଉଥିବା ଅନ୍ୟାନ୍ୟ ଓ ଦାରିଦ୍ର୍ୟତା ପରି ଅନେକ ସମସ୍ୟାର ସମାଧାନ କରିବାରେ ସକ୍ଷମ ହେବ। ସରକାରଙ୍କ ଏଭଳି ପଦକ୍ଷେପ ନେବାରେ ଓଡିଶା ସାରା ଭାରତରେ ପ୍ରଥମ ରାଜ୍ୟ ହେବ। ଅନ୍ୟ ରାଜ୍ୟଗୁଡିକୁ ଏ ଦିଗରେ ବାଟ ଦେଖାଇବ।

ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟ ୧୨ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଓଡିଶାକୁ ମହାତ୍ମା ଗାନ୍ଧୀଙ୍କ ଆଗମନକୁ ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟ ସରକାର ୨୦୨୧ରୁ ୧ବର୍ଷ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବେ। ସେହିପରି ବରପୁତ୍ରଙ୍କ ଗ୍ରାମକୁ ଆଦର୍ଶ ଗ୍ରାମ ଘୋଷଣା ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଓଡିଶା କାରଖାନା ଓ ବାଷ୍ପିତ୍ର ନିରୀକ୍ଷଣ ସେବା(ନିଯୁକ୍ତି ଓ ସେବାସର୍ତ୍ତାବଳୀ) ରୁଲ-୧୯୮୪ ର ସଂଶୋଧନ, ଓଡିଶା ଅଧିବକ୍ତା, କଲ୍ୟାଣ ପାଣ୍ଠି ଅଧିନିୟମ ୧୯୮୭ର ସଂଶୋଧନ, ୧୯୭୬ ରୁ ୨୦୧୬ ମଧ୍ୟରେ ପ୍ରଣୟନ କରାଯାଇଥିବା ୨୦୬ଟି ଅନାବଶ୍ୟକ ଅଧିନିୟମ ପ୍ରତ୍ୟାହାର, ଓଡ଼ିଶା ଭୂତାତ୍ତ୍ୱିକ ସେବା କ୍ୟାଡର ନିୟମ-୨୦୨୦, ଓଡିଶା ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ(ମହିଳା) ସେବା ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତାବଳୀ ସଂଶୋଧନ ନିୟମ-୨୦୨୦, ଓଡ଼ିଶା ଆୟୁର୍ବେଦିକ ଭେଷଜ ପ୍ରବର୍ତ୍ତନ ସେବା ନିୟମାବଳୀ ୨୦୨୦, ଓଡିଶା ସରକାରୀ କଲେଜ ଗ୍ରନ୍ଥାଗାରିକ (ନିଯୁକ୍ତି ଓ ସର୍ତ୍ତାବଳୀ) ନିୟମାବଳୀ ୨୦୧୭ର ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

## ବିରାଟ ଦଶନ୍ଧିର ...

୨୦୧୩ରେ ସେ ଚାମ୍ପିୟନ୍ସ ଟ୍ରଫି ବିଜେତା ଭାରତୀୟ ଦଳର ପ୍ରମୁଖ ସଦସ୍ୟ ଥିଲେ। ପୁଣି ୨୦୧୮ରେ ଅଷ୍ଟ୍ରେଲିଆରେ ଟେଷ୍ଟ ସିରିଜ ଜିତିବାରେ ସେ ପ୍ରଥମ ଭାରତୀୟ ଅଧିନାୟକ ସାବ୍ୟସ୍ତ ହୋଇଥିଲେ। ଆଇସିସି ଟେଷ୍ଟ ଅଧିନାୟକ ହେବାର ଗୌରବ ମଧ୍ୟ କୋହଲି ପାଇଛନ୍ତି। ଆଇସିସି ଆୱାର୍ଡ ପିରିୟଡ୍‌ରେ କୋହଲି ଏକମାତ୍ର ଖେଳାଳି ଭାବେ ଗତ ଏକ ଦଶନ୍ଧିରେ ୧୦,୦୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ଏହି ସମୟ ଅବଧିରେ ସେ ୩୯ଟି ଶତକ, ୪୮ଟି ଅର୍ଦ୍ଧଶତକ ହାସଲ କରିବା ସହ ୬୧.୮୩ ହାରରେ ରନ ସଂଗ୍ରହ କରିଛନ୍ତି। ଆଇସିସି ଦ୍ୱାରା ସମ୍ମାନିତ ହୋଇଥିବାରୁ କୋହଲି ଖୁସି ଜାହିର କରିଛନ୍ତି। ପ୍ରଥମେ ଦିନିକିଆ ଖେଳିବାକୁ ସୁଯୋଗ ପାଇଥିଲି। ଏହାପରେ ଟେଷ୍ଟରେ ପଦାର୍ପଣ କରିଥିଲି। ଦଳକୁ ଜିତାଇବାକୁ ଅଧିକ ଗୁରୁତ୍ୱ ଦେଇଥାଏ ଓ ପରିସଂଖ୍ୟାନ ଉପରେ ଅଧିକ ଧ୍ୟାନ ଦେଇ ନ ଥାଏ

## ପ୍ରଥମ ପୃଷ୍ଠାରୁ...

ବୋଲି କୋହଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।

ସେହିପରି ଭାରତୀୟ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ଦଶନ୍ଧିର ଆଇସିସି ସ୍ପିରିଟ୍ ଅଫ୍ କ୍ରିକେଟ ଆୱାର୍ଡ ପ୍ରଦାନ କରାଯାଇଛି। ସେ ପ୍ରଶଂସକମାନଙ୍କ ଦ୍ୱାରା ମନୋନିତ ହୋଇ ଏହି ପୁରସ୍କାର ହାସଲ କରିଛନ୍ତି। ୨୦୧୧ ନଟିଂହାମ ଟେଷ୍ଟରେ ବିବାଦୀୟ ଭାବେ ରନ୍ ଆଉଟ ହୋଇଥିବା ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଇଆନ ବେଲ୍‌ଙ୍କୁ ପୁଣି ଥରେ ବ୍ୟାଟିଂ କରିବାକୁ ଡାକି ଧୋନୀ ବେଶ୍ ପ୍ରଶଂସିତ ହୋଇଥିଲେ।

ଅଷ୍ଟ୍ରେଲିଆ ବ୍ୟାଟିଂ ସୁପରଷ୍ଟାର ଷ୍ଟିଭ୍ ସ୍ମିଥ୍‌ଙ୍କୁ ଦଶନ୍ଧିର ଶ୍ରେଷ୍ଠ ଟେଷ୍ଟ କ୍ରିକେଟର, ଆଫଗାନିସ୍ତାନ ସ୍ପିନ୍ ସେନ୍‌ସେସନ ରସିଦ୍ ଖାଁଙ୍କୁ ଦଶନ୍ଧିର ଶ୍ରେଷ୍ଠ ଟି୨୦ କ୍ରିକେଟର ଭାବେ ଆଇସିସି ମନୋନିତ କରିଛି। ଅଷ୍ଟ୍ରେଲିଆର ଏଲିସ ପେରୀ ମହିଳା ବିଭାଗର ସବୁ ପୁରସ୍କାର ହାସଲ କରି ସୁଇପ୍ କରିଛନ୍ତି। ସେ ଦଶନ୍ଧିର ଶ୍ରେଷ୍ଠ ଆଇସିସି ମହିଳା କ୍ରିକେଟର ବିବେଚିତ ହୋଇଛନ୍ତି। ଏଥିସହିତ ସେ ଦିନିକିଆ ଓ ଟି୨୦ରେ ଦଶନ୍ଧିର ଶ୍ରେଷ୍ଠ ମହିଳା କ୍ରିକେଟର ମଧ୍ୟ ବିବେଚିତ ହୋଇଛନ୍ତି।

## ଜିରୋ ନାଇଟ୍ ...

କୌଣସି ହୋଟେଲ, କ୍ଲବ, ସମ୍ମିଳନୀ କକ୍ଷ କିମ୍ବା କଲ୍ୟାଣ ମଣ୍ଡପରେ ଜିରୋ ନାଇଟ୍ ସେଲିବ୍ରେଶନ ପାଳନ କରାଯାଇପାରିବ ନାହିଁ। ସେହିପରି ଜିରୋ ନାଇଟ୍ ପାଳନ ପାଇଁ ସହରର ଅନ୍ୟ କୌଣସି ସ୍ଥାନରେ ବି ଅଧିକ ସଂଖ୍ୟାରେ ଲୋକ ଏକତ୍ରିତ ହେବାକୁ ବାରଣ କରାଯାଇଛି। କରୋନା କଟକଣାକୁ ଦୃଷ୍ଟିରେ ରଖି ଲୋକେ ହୋଟେଲ, କ୍ଲବ୍ ନ ଯାଇ ନିଜ ପରିବାର, ସାଙ୍ଗସାଥୀଙ୍କ ସହିତ ଘରେ କୋଭିଡ୍ ମାର୍ଗଦର୍ଶିକା ଅନୁଯାୟୀ ଏହା ପାଳନ କରିବା ପାଇଁ ବିଏମ୍‌ସି ପକ୍ଷରୁ କୁହାଯାଇଛି। ସେହିପରି ସିଏମ୍‌ସି ମଧ୍ୟ ହୋଟେଲ, କ୍ଲବ, କନ୍‌ଭେନ୍‌ସନ୍ ହଲ୍ ଓ କଲ୍ୟାଣ ମଣ୍ଡପ ଆଦିରେ ଜିରୋ ନାଇଟ ସେଲିବ୍ରେଶନ କରିବାକୁ ବାରଣ କରିଛି। ଭିଡ଼ ନିୟନ୍ତ୍ରଣ ତଥା ଆଇନ ଶୃଙ୍ଖଳା ରକ୍ଷା ପାଇଁ ଡିସେମ୍ବର ୩୧ ଓ ଜାନୁୟାରୀ ୧ ଦୁଇଦିନ ପୋଲିସ ଅହୋରାତ୍ର ପାଟ୍ରୋଲିଂ କରିବ। ଥଣ୍ଡା ବଢ଼ିଥିବାରୁ ଜିଲାରେ ସଂକ୍ରମଣ ପୁଣି ବଢ଼ିଛି। କିଛି ସ୍ଥାନରେ ପୁଣି ଫେରିଛି କଣ୍ଟେନମେଣ୍ଟ ଜୋନ୍ କଟକଣା। ତେଣୁ ସଂକ୍ରମଣ ଉପରେ ନିୟନ୍ତ୍ରଣ ରଖିବା ପାଇଁ ସିଏମ୍‌ସି ତରଫରୁ ଏପରି ନିଷ୍ପତ୍ତି ନିଆଯାଇଛି। ଏହି ନିର୍ଦ୍ଦେଶନାମାକୁ ଖିଲାପ କରିବା ଲୋକ ବା ସଂସ୍ଥା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

## ୩୦ରେ କେନ୍ଦ୍ର-କୃଷକ ...

ତାର୍କିକ ସମାଧାନ ବାହାର କରିବାକୁ ପ୍ରତିଶ୍ରୁତିବଦ୍ଧ। ୩ କୃଷି ଆଇନ, ଏମ୍‌ଏସ୍‌ପି ବ୍ୟବସ୍ଥା, ବିଦ୍ୟୁତ୍ ସଂଶୋଧନ ବିଲ୍, ଦିଲ୍ଲୀ ଓ ଆଖପାଖ ଅଞ୍ଚଳରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଲାଗି ଅଧାଦେଶ ଆଣିବା ପ୍ରସଙ୍ଗ ଉପରେ ଆଲୋଚନା କରାଯିବ ବୋଲି ଅଗ୍ରୱାଲ ପତ୍ରରେ ଉଲ୍ଲେଖ କରିଛନ୍ତି। ତେବେ ଚାଷୀମାନଙ୍କ ମୁଖ୍ୟ ସର୍ତ୍ତ ଆଇନ ପ୍ରତ୍ୟାହାର ସମ୍ପର୍କରେ ସରକାରଙ୍କ ଚିଠିରେ କିଛି ଉଲ୍ଲେଖ ନାହିଁ।

ପୂର୍ବରୁ କେନ୍ଦ୍ର ସହ କୃଷକ ସଂଗଠନଗୁଡ଼ିକର ୫ ପର୍ଯ୍ୟାୟ ଆଲୋଚନା ବିନା ନିଷ୍କର୍ଷରେ ଶେଷ ହୋଇଛି। ଡିସେମ୍ବର ୯ରେ ଷଷ୍ଠ ପର୍ଯ୍ୟାୟ ଆଲୋଚନା ହେବାକୁ ଥିବାବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସହ ଚାଷୀନେତାମାନଙ୍କର ଏକ ଅଣଆନୁଷ୍ଠାନିକ ବୈଠକ ପରେ ଏହାକୁ ବାତିଲ କରିଦିଆଯାଇଥିଲା। ସରକାର ନୂଆ ଆଇନରେ ୭-୮ଟି ସଂଶୋଧନ ସହ ଏମ୍‌ଏସ୍‌ପି ସଂଗ୍ରହ ବ୍ୟବସ୍ଥା ଉପରେ ଲିଖିତ ପ୍ରତିଶ୍ରୁତି ଦେବେ ବୋଲି ପ୍ରସ୍ତାବ ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଶନି ଓ ଗୁରୁଦୃଷ୍ଟ ତୃତୀୟଭାବ ହେତୁ ଅତି ପ୍ରିୟ ବ୍ୟକ୍ତିଟିର ଅନୁପସ୍ଥିତି ଆଶଙ୍କା କରି ମନ ବ୍ୟାକୁଳ ହୋଇପାରେ। ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ଅଯାଚିତ ଭାବେ ପାଇବେ। କର୍ମକ୍ଷେତ୍ରରେ ବହୁତ ଦାୟିତ୍ୱ ହାତକୁ ନେବାକୁ ପଡ଼ିବ। ମନେ ମନେ ଭାବୁଥିବା କାମ ହାସଲ କରିବେ ଓ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ବୃଷ**

କୌଣସି ଏକ ସାଧାରଣ କଥାକୁ କେନ୍ଦ୍ରକରି ହଠାତ୍ ଆତ୍ମୀୟଙ୍କ ସହ ମତାନ୍ତର ସୃଷ୍ଟି ହୋଇପାରେ। ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବା ସକାଶେ ଜୋରଦାର ଉଦ୍ୟମ କରି ସଫଳ ମଧ୍ୟ ହେବେ। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥକେନ୍ଦ୍ରିକ ହୋଇପଡିବ। ପରିବାର ଭିତରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ।

**ମିଥୁନ**

ନିକଟତର ବନ୍ଧୁଙ୍କ ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିପାରନ୍ତି। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ସକାଶେ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ପାରିବାରିକ ଅଶାନ୍ତି କ୍ରମଶଃ ବଢୁଥିବାରୁ ନୀରବ ରହିବାକୁ ବାଧ ହେବେ। ଯେତେ ଭଲ କାମ କରିଲେ ମଧ୍ୟ ସମାଲୋଚିତ ହେବେ।

**କର୍କଟ**

କର୍ମକ୍ଷେତ୍ରର ଅସଜଡ଼ା ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିବା ସଙ୍ଗକୁ ସମସ୍ୟା ସୁଧାରିନେବାର ପ୍ରଯତ୍ନ କରିବେ। ଅଧିକାଂଶ ସମୟ ମନ ଅସ୍ଥିର ରହିବା କାରଣରୁ କାମଗୁଡିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡିବ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ସିଂହ**

ଆଜି କୌଣସି ଦୁଃଖଦ ଖବର ମନକୁ ସାମୟିକ ବିଚଳିତ କରିପାରେ। ସଭାସମିତି କିମ୍ବା ବନ୍ଧୁଙ୍କ ସହ ଆଲୋଚନା କ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି କଳହ ସୃଷ୍ଟି ହେବ। ସତ କଥା କହିବାରୁ କେତେକ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରି ନିଜକୁ ସଂକୁଚିତ ମନେକରିପାରନ୍ତି।

**କନ୍ୟା**

ଆକସ୍ମିକ ଭାବରେ କିଛି ନୂତନ କର୍ମାରମ୍ଭ ସକାଶେ ଅର୍ଥ ଆବଶ୍ୟକ ହୋଇପାରେ। ଆନୁଷ୍ଠାନିକ କାମରେ ଅନ୍ୟମାନଙ୍କ ସହ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। କର୍ମକ୍ଷେତ୍ରରେ ମଧ୍ୟାହ୍ନରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଜଣେ ବନ୍ଧୁଙ୍କ ସାହାଯ୍ୟର ପ୍ରତିଶ୍ରୁତି କଥାରେ ହିଁ ସୀମିତ ରହିଯିବ।

**ତୁଳା**

ଆଜି ପାରିବାରିକ ଓ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହ ମତଭେଦ ଘଟିବାର ସମ୍ଭାବନା ରହିଛି। ବାଣିଜ୍ୟ ବ୍ୟବସାୟ ପରିବହନରୁ ଲାଭବାନ ହେବେ। ଦୀର୍ଘ ଦିନରୁ ଆଶା କରିଥିବା କୌଣସି ଖବର ଆଜି ଅପରାହ୍ନରେ ପାଇ ଖୁସି ହେବେ। ତଥାପି ଆର୍ଥିକ ସଂକଟ କେତେକ ବ୍ୟତିକ୍ରମ ସୃଷ୍ଟି କରିବ।

**ବିଛା**

ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ ନ କଲେ ପରେ ଚିନ୍ତା କରିବାକୁ ପଡିବ। ଅନ୍ୟମାନଙ୍କ ସମର୍ଥନ ନ ପାଇ କେତେକ କାମରେ ଦୂରେଇ ରହିବାକୁ ବାଧ ହେବେ । ଗାଡି, ମୋଟର, ପୁରୁଣା ଘର ମରାମତି ସକାଶେ ନୂତନ ଯୋଜନା ପ୍ରଣୟନ କରିପାରନ୍ତି। କଳା, ସାହିତ୍ୟ କ୍ରୀଡ଼ା, ଚଳଚ୍ଚିତ୍ର, ସଙ୍ଗୀତ କ୍ଷେତ୍ରରେ ଉନ୍ନତି କରିବେ।

**ଧନୁ**

ବିଭିନ୍ନ କାମର ଚାପ ହେତୁ କ୍ଲାନ୍ତି ଅନୁଭବ କରିବେ। ବ୍ୟବସାୟ କ୍ଷେତ୍ରରେ ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ ନ କଲେ ମନସ୍ତାପ କରିବାକୁ ପଡିପାରେ। କେତେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବେ, ମାତ୍ର ଇଚ୍ଛା କରୁଥିବା ଜିନିଷଟି ନିଶ୍ଚିତ ପାଇ ପାରିବେ। କର୍ମକ୍ଷେତ୍ରରେ ନିଜର ଅନିଚ୍ଛାଜନିତ ପ୍ରତିକ୍ରିୟାକୁ ହଠାତ୍ ପ୍ରକାଶ କରନ୍ତୁ ନାହିଁ ।

**ମକର**

ଅନୁକୂଳ ସମୟ ନ ଥିବାରୁ ଘରେ ଓ ବାହାରେ ଅଶାନ୍ତି ଅନୁଭବ କରିବେ। ଏଣେ ନିଜ ଲୋକ ଉପରେ ଭରସା କରିପାରିବେ ନାହିଁ। ସଭାସମିତି, ପରିବହନ, କଳା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ। ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡିବା ସକାଶେ ବିଭିନ୍ନ ଯୋଜନା କରିପାରନ୍ତି।

**କୁମ୍ଭ**

କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା କିମ୍ବା ବିଶୃଙ୍ଖଳାକୁ ନେଇ ମନ ଭାରାକ୍ରାନ୍ତ ରହିପାରେ। ମାନସିକ ଚାପଗ୍ରସ୍ତ ହୋଇ ପାରିବାରିକ ସମସ୍ୟା ପ୍ରତି ବୀତସ୍ପୃହ ରହିପାରନ୍ତି। କେତେକ କ୍ଷେତ୍ରରେ ନିଜର ସ୍ୱକୀୟ ମତ ପୋଷଣ କରି ସମାଲୋଚିତ ହେବେ। ପିଲାଙ୍କ ବିବାହ ସମ୍ପର୍କୀୟ ପ୍ରସ୍ତୁତି ଲାଗି ବନ୍ଧୁଙ୍କ ସହ ଆଲୋଚନା କରିବେ।

**ମୀନ**

ପରିବାରରେ ସମସ୍ୟା ସମାଧାନ, ପରିବହନରେ ଅର୍ଥଲାଭ, ନିର୍ମାଣରେ ଅଗ୍ରଗତି ହେତୁ ଖୁସି ଅନୁଭବ କରିବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ ହେବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ହାସଲ କରିପାରିବେ ନାହିଁ। ପର କଥାରେ ମୁଣ୍ଡ ନ ପୂରାଇବା ଭଲ କାରଣ ଅଯଥା ଟେନ୍‌ସନ ବଢ଼ିବ।

ଆଜି ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା ମଙ୍ଗଳବାର, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ପଣ୍ଡୁଓଷା, ଡିସେମ୍ବର ୨୯ ତାରିଖ, ରାଶି ନକ୍ଷତ୍ର-ମୃଗଶିରା/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬.୨୪ମି. ଗତେ ଘ.୦୭.୦୭ମି. ମଧ୍ୟେ, ଘ.୦୭.୫୦ମି. ଗତେ ଘ.୧୨.୨୭ମି. ମଧ୍ୟେ ଅମୃତ ବେଳା। ସନ୍ଧ୍ୟା ଘ.୦୫.୧୩ମି. ଗତେ ଘ.୦୭.୫୧ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୨.୩୧ମି. ଗତେ ଘ.୦୩.୫୨ମି. ମଧ୍ୟେ ରାହୁକାଳ।

## ମହିଳା ସଶକ୍ତୀକରଣ ନେଇ ଭାଜପା-ବିଜେଡିର ଟୁଇଟ୍ ଯୁଦ୍ଧ

ଭୁବନେଶ୍ୱର,୨୮।୧୨(ବ୍ୟୁରୋ): ମହିଳା ସଶକ୍ତୀରଣ ପ୍ରସଙ୍ଗରେ ବିଜେଡି-ଭାଜପା ଏବେ ମୁହାଁମୁହିଁ ହୋଇଛନ୍ତି। ଏହି ପ୍ରସଙ୍ଗରେ ଉଭୟ ଦଳର ନେତାଙ୍କ ଭିତରେ ବର୍ତ୍ତମାନ ଟୁଇଟ୍ ଯୁଦ୍ଧ ଆରମ୍ଭ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡି ପ୍ରତିଷ୍ଠା ଦିବସରେ ମହିଳା ସଶକ୍ତୀକରଣ କଥା ଉଠାଇଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ପ୍ରସଙ୍ଗରେ ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କ କଥାର ସମାଲୋଚନା କରିଥିଲେ। ଏହାପରେ ଧର୍ମେନ୍ଦ୍ରଙ୍କୁ ଟୁଇଟ୍ କରି ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସମାଲୋଚନା କଲେ। ପ୍ରଣବଙ୍କ ଟୁଇଟ୍ ଉପରେ ଧର୍ମେନ୍ଦ୍ର କୌଣସି ମନ୍ତବ୍ୟ ଦେଇ ନ ଥିବାବେଳେ ପ୍ରଥମେ ଲେଖାଶ୍ରୀ ସାମନ୍ତସିଂହାର ପରେ ସୋମବାର ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ମହିଳା ମୋର୍ଚ୍ଚା ସଭାପତି ସ୍ମୃତି ପଟ୍ଟନାୟକ ଏବଂ ଟଙ୍କଧର ତ୍ରିପାଠୀଙ୍କୁ ଟାର୍ଗେଟ କରିଛନ୍ତି। ପ୍ରଦୀପ୍ତ ଟୁଇଟ୍ କରି କହିଛନ୍ତି, ପର ଘରେ ବାସନ ମାଜି ଯାହାର ମା ପିଲାଙ୍କୁ ମଣିଷ କରିଥିଲା ପ୍ରଧାନମନ୍ତ୍ରୀ ହେଉଛନ୍ତି ତାଙ୍କ ପୁଅ। ଗରିବ ମା, ଭଉଣୀଙ୍କ ସମସ୍ୟା ମୋଦିଙ୍କଠାରୁ ଆଉ କିଏ ଅଧିକ ବୁଝିଛି ବୋଲି ପ୍ରଦୀପ୍ତ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମେଘ ବରଷୁ**
**କାହାରି ଘରକୁ**
**କେହି ନ ଆସୁ।**

ମେଘକୁ ସ୍ୱାଗତ, ଅଥଚ ଏଇ ମେଘ ବରଷା ହିଁ ଘରକୁ ଘର ବୁଲିବାର ମଉକା ବନ୍ଦ କରିଦିଏ। ବର୍ଷା ଦିନେ ଯାତାୟାତ କରିବାରେ ନାନା ସମସ୍ୟା ବା ଅସୁବିଧା ଦେଖାଦେବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମାଡ଼ ମାରେ ଯେହୁ ନିଜ ନାରୀକୁ**
**ଶଳା ବୋଲି କହେ ଆଜ୍ଞାକାରୀକୁ**
**ଆସନ ନଦିଏ ବ୍ରହ୍ମଚାରୀଙ୍କୁ**
**ଆଖିଠାର ମାରେ ପର ନାରୀଙ୍କୁ**
**ବୋଲେ ଦନାଇ ଛେଚ ଯାଙ୍କ ଟାଙ୍କୁ।**

ପତ୍ନୀ ଉପରକୁ ହାତ ଉଠାଇବା କାପୁରୁଷତା ହୋଇଥାଏ। ଆଜ୍ଞାକାରୀ ବା ଅଧସ୍ତନ ବ୍ୟକ୍ତିଙ୍କ ପ୍ରତି କୁଭାଷା ପ୍ରୟୋଗ କରିବା ଅଶୋଭନୀୟତାର ପରିଚୟ ହୋଇଥାଏ। ବ୍ରହ୍ମଚାରୀଙ୍କୁ ଯଥୋଚିତ ସମ୍ମାନ ନଦେବା ବ୍ୟକ୍ତିର ହୀନମନ୍ୟତାକୁ ଦର୍ଶାଇଥାଏ। ସେହିପରି ପର ନାରୀ ପ୍ରତି କୁ ନଜର ପକେଇବା ଅସାମାଜିକ ବା ଚାରିତ୍ରହୀନର ଲକ୍ଷଣ ହୋଇଥାଏ। ଏପରି ଆଚରଣ ଦେଖାଉଥିବା ବ୍ୟକ୍ତି କେବଳ ନିନ୍ଦା ଅପବାଦ ଓ ତିରସ୍କାର ପାଇବାକୁ ଯୋଗ୍ୟ ବା ହକ୍‌ଦାର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**


# classifieds Everyday
0674-2580101, 2549302



**SALE**

**Hanspal Canalroad**ରେ **Gharabari, Electricity, Boundary** ଥାଇ **Plot** ବିକ୍ରି ହେଉଛି। ଯେଉଁମାନେ **Immediate** ଘର କରିବେ ସେମାନେ **Call** କରନ୍ତୁ। **Sq.ft. 750/-. 9437005434** D-70136

New year discount with all facilities residential plot at Patia, Sundarpada, KIIT College Pathar Gadia. 8328811411, 9437968618. D-70134

**Immediate registration & possession with demarcated boundary wall 30'wide road, plot for sale @650/- per sqft. at Gudiapokhari near Krupajal Engineering College and at Uttara Chhak, Bhubaneswar. 8917528470, 7008328766.** D-19150

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70133

**Plot For Sale, 2000sqft (10nos) per Sq.ft.-1700, Gharabari Plot and Sarada-2 (15nos) per sqft-1500 main road side, infront of Tata Ariana, Mouza- Sankarpur, Ghatikia, BBSR. Electricity, Supply Water available. Contact: 8114744495, 8328943165.** D-19368

Bank Approved Plot, Saivihar Colony, Rangabazar 1500 Sq.ft. @ 6,75,000/- 9437522338, 9437522339. D-19367

ଭୁବନେଶ୍ୱର ଗୋଠପାଟଣା **IIIT, Birla Global University** ପାଖରେ ଘରବାରି **yellowzone, 30' road,** ଇଲେକ୍ଟ୍ରିସିଟି ଥାଇ **plot** ମିଳୁଛି। **1st possession/ registration. 9937819395.** D-70125

Bhubaneswar ସୁନ୍ଦରପଦାରେ ଆଜି ଘର କରିବା ପ୍ଲଟ୍ sqft.-950/- investment plot near Xavier University-299/-, Deras (Kateni) 650/- Lipsa- 9938016295. D-70139

**Immediate construction with** ଘରବାରି ବାଉଣ୍ଡ୍ରିୱାଲ୍, ଇଲେକ୍ଟ୍ରିସିଟି ଥାଇ ହଂସପାଳ କେନାଲ ରୋଡ୍ ପାଖରେ ଜାଗା ବିକ୍ରିହେବ। **7978998868.** D-70135

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



**Don't hurry for construction or renovation compare quality and price from others before start your work talk with engineering experts for latest techniques call OHM Construction & research centre. 9938640133, 9938709146.** D-70068



Revitalize your self with our ayurvedic massage and refreshment, Call: 7381239385. D-70075

Experience full body massage with expert therapists. Call: 7377048581. D-70076

Christmas Offer@ 899/- all types massage gives by Swarna SPA. 9556978408. D- 70069

Rejuvenate and Ayurvedic full body massage by smart therapist. 9348123330. D-70071

Get refreshment body massage by expert therapist contact for 7205084157. D-70070

Newly open full body massage ladies and gents. 9337349409. D-69596

Newly open evergreen SPA Offer @ 799/- Jaydev Vihar. 7846814019. D-59973



**AB roadlines**ର **new project** ପାଇଁ ହାଇୱା ଆବଶ୍ୟକ। **Mo-: 9337731351, 7077061630.** D-19336

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ବରିଷ୍ଠ ସହସମ୍ପାଦକଙ୍କ ମାତୃ ବିୟୋଗ



ଭୁବନେଶ୍ୱର, ୨୮।୧୨ (ବ୍ୟୁରୋ): ଧରିତ୍ରୀରେ କାର୍ଯ୍ୟରତ ବରିଷ୍ଠ ସହସମ୍ପାଦକ ଦୁର୍ଯ୍ୟୋଧନ ମିଶ୍ରଙ୍କ ମା' ବିଶାଖା ଦେବୀଙ୍କ ରବିବାର ସନ୍ଧ୍ୟା ସାଢେ ୭ଟାରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ହୋଇଥିଲା। ତାଙ୍କ ଘର ସୁବର୍ଣ୍ଣପୁର ଜିଲା ବିନିକା ନୂଆପଡାରେ। ସେ ଜଣେ ମିଷ୍ଟଭାଷୀ, ଧର୍ମପରାୟଣା, ପରୋପକାରୀ ଥିଲେ। ଶେଷ ଦର୍ଶନ କରିବାକୁ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ବନ୍ଧୁବାନ୍ଧବ ଆସିଥିଲେ। ମୃତ୍ୟୁ ସମୟରେ ବଡପୁଅ ବୃନ୍ଦାବନ, ସାନପୁଅ ମଧୁସୂଦନ, ବୋହୂ, ନାତୁଣୀ, ନାତି ଉପସ୍ଥିତ ଥିଲେ। ସୋମବାର ସକାଳେ ତାଙ୍କ ଶେଷକୃତ୍ୟ ମହାନଦୀ ବ୍ରିଜ୍ ଶ୍ମଶାନଘାଟରେ ସମ୍ପନ୍ନ ହୋଇଥିଲା। ବଡପୁଅ ମୁଖାଗ୍ନି ଦେଇଥିଲେ।

### ସାମ୍ବାଦିକଙ୍କ ମାତୃବିୟୋଗ



ଭୁବନେଶ୍ୱର, ୨୮।୧୨ (ବ୍ୟୁରୋ): ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ହାସିମନଗର ନିବାସୀ ବରିଷ୍ଠ ସାମ୍ବାଦିକ ତଥା ଜ୍ୟୋତିର୍ବିଦ୍ ଦୋଳଗୋବିନ୍ଦ ପଣ୍ଡାଙ୍କ ମା' ସରସ୍ୱତୀ ପଣ୍ଡାଙ୍କ ଗତ ଶନିବାର ସକାଳ ୭ଟାରେ ମସ୍ତିଷ୍କାଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୯୦ ବର୍ଷ ହୋଇଥିଲା। ଜଣେ ଧର୍ମପରାୟଣା, ପରୋପକାରିଣୀ ଏବଂ ବନ୍ଧୁବତ୍ସଳା ମହିଳା ଭାବେ ସେ ଜନପ୍ରିୟ ଥିଲେ। ହାସିମନଗରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠପୁତ୍ର ରଘୁନାଥ ପଣ୍ଡା ମୁଖାଗ୍ନି ଦେଇଥିଲେ। ସରସ୍ୱତୀଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଘରୁ ଡକାୟତି କରି ବୃଦ୍ଧାଙ୍କୁ ହତ୍ୟା

କୋଟପାଡ଼, ୨୮।୧୨ (ଡି.ଏନ.ଏ.): କୋରାପୁଟ ଜିଲା କୋଟପାଡ଼ ଏନ.ଏ.ସି. ଅଞ୍ଚଳ ୧୩ନଂ. ୱାର୍ଡ ବସୁଗୁଡାରେ ରବିବାର ରାତିରେ କେତେକ ଦୁର୍ବୃତ୍ତ ଜଣେ ବୃଦ୍ଧାଙ୍କ ଘରୁ ଡକାୟତି କରିବା ସହ ତାଙ୍କୁ ହତ୍ୟା କରିଛନ୍ତି। ତାଙ୍କ ନାମ ହର୍ଷମଣି ବାଘ (୭୦)। ହର୍ଷମଣି ଘରେ ସବୁବେଳେ ଏକୁଟିଆ ରହି ଆସୁଥିଲେ। ସେ ପାଉଥିବା ଭତ୍ତା ଟଙ୍କାରେ ଚଳିଥାନ୍ତି। ରବିବାର ରାତିରେ କେତେକ ଦୁର୍ବୃତ୍ତ ଏକ ନିଶୁଣି ସାହାଯ୍ୟରେ ତାଙ୍କ ଘର ଉପର ଖପରା କାଢି ଘର ଭିତରେ ପଶିଥିଲେ। ଏହି ସମୟରେ ହର୍ଷମଣି ଉଠିପଡି ସେମାନଙ୍କୁ ବିରୋଧ କରିଥିଲେ। ଫଳରେ ସେମାନେ ଏକ ଗାମୁଛାରେ ହର୍ଷମଣିଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ସୋମବାର ଘର ସମ୍ମୁଖପଟେ ଏକ ନିଶୁଣି ଥିବା ଏବଂ ଘର ଉପର ଖପରା ବାହାରିଥିବା ଦେଖି ଲୋକେ କୋଟପାଡ଼ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଘର ଭିତରେ ହର୍ଷମଣିଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲା। ଏନେଇ ତାଙ୍କ ପୁତୁରା ପ୍ରେମଲାଲ ସିନା ଲିଖିତ ଅଭିଯୋଗ କରିବା ପରେ ପୋଲିସ କୋରାପୁଟରୁ ଅନୁସନ୍ଧାନୀ କୁକୁର ଆଣି ତଦନ୍ତ ଆରମ୍ଭ କରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଖୋଲିଲା ଆଖଣ୍ଡଳମଣି ମନ୍ଦିର

ଆରଡ଼ି, ୨୮।୧୨ (ଡି.ଏନ.ଏ.)- ଭକ୍ତମାନଙ୍କ ପ୍ରତିକ୍ଷାର ଅନ୍ତ ଘଟିଛି। ୯ ମାସର ବ୍ୟବଧାନ ପରେ ସୋମବାର ଖୋଲିଛି ଭଦ୍ରକ ଜିଲା ଆରଡ଼ି ସ୍ଥିତ ଆଖଣ୍ଡଳମଣି ମନ୍ଦିର। କେବଳ ସେବାୟତଙ୍କ ପରିବାର ସଦସ୍ୟ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିଛନ୍ତି। ସକାଳ ୭ଟା ପରେ ସେମାନେ ଦର୍ଶନ କରିବା ପାଇଁ ମନ୍ଦିର ମଧ୍ୟକୁ ପ୍ରବେଶ କରିଥିଲେ। ସମସ୍ତଙ୍କର ଥର୍ମାଲ ସ୍କାନିଂ କରାଯାଇଥିଲା। ସମସ୍ତେ ମାସ୍କ ପରିଧାନ କରିବା ସହ ସାନିଟାଇଜର ଲଗାଇଥିଲେ। ଏଥିସହିତ ସମସ୍ତେ ସାମାଜିକ ଦୂରତା ରକ୍ଷା କରିଥିଲେ। ସେବାୟତଙ୍କ ପରିବାର ପକ୍ଷରୁ ବାବାଙ୍କ ମସ୍ତକରେ ମହୁ ଢଳାଯାଇଥିଲା। ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ତଥା ଭଦ୍ରକ ଉପଜିଲାପାଳ ପିତାମ୍ବର ସାମଲ ପୂର୍ବାହ୍ନରେ ପୀଠରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ ପୀଠରେ ଉପସ୍ଥିତ ଥିଲେ। ଆସନ୍ତା ୩୦ ଓ ୩୧ ତାରିଖରେ ସ୍ଥାନୀୟ ୪ ପଞ୍ଚାୟତ ଆରଡ଼ି, ନାନ୍ଦପୁର, ସୁନ୍ଦରପୁର ଏବଂ ଓଳଗର ଅଧିବାସୀ ବାବାଙ୍କୁ ଦର୍ଶନ କରିବାର ସୁଯୋଗ ପାଇବେ। ଜାନୁୟାରୀ ୩ ଠାରୁ ସର୍ବସାଧାରଣ ଦର୍ଶନ କରିପାରିବେ।

# ହ୍ରାସ ପାଉଛି ଚଣ୍ଡିଆ ପାହାଡ଼ ପରିସୀମା

- ରାତି ଅଧରେ ଚାଲାଣ ହେଉଛି ୨୦ରୁ ଊର୍ଦ୍ଧ୍ୱ ଟ୍ରିପ୍ ପଥର
- ବେଆଇନ ଭାବେ କଟା ଚାଲିଛି ମୂର୍ତ୍ତି ପଥର
- ଅବାଧରେ ଚାଲିଛି ପଥର ବ୍ୟବସାୟ

ଚଣ୍ଡିଖୋଲ, ୨୮।୧୨ (ଡି.ଏନ.ଏ.): ଦିନକୁ ଦିନ କମି ଚାଲିଛି ଚଣ୍ଡିଆ ପାହାଡ଼ର ଉଚ୍ଚତା । ତାର ବ୍ୟାସାର୍ଦ୍ଧ ବି ହ୍ରାସ ପାଇବାରେ ଲାଗିଛି । ଆଉ କିଛି ଦିନ ଏମିତି ଚାଲିଲେ ସେଠାରେ ଏକ ପାହାଡ଼ ଥିଲା ବୋଲି କେହି ବିଶ୍ୱାସ କରିବେ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଛି । ଏହାକୁ ନେଇ ସ୍ଥାନୀୟ ଲୋକେ ଓ ପ୍ରକୃତି ପ୍ରେମୀ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଲଘୁ ଖଣିଜ ଦ୍ରବ୍ୟ ବେଆଇନ ଚାଲାଣକୁ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଏ ସଂକ୍ରାନ୍ତରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଯାଜପୁର ଜିଲା ଦର୍ପଣ ତହସିଲ ଅଧୀନ ଚଣ୍ଡିଆ ପାହାଡ଼ରୁ ବ୍ୟାପକ ପଥର କଟା ଚାଲିଛି। ଏହି ପାହାଡ଼ର କୌଣସି ଅଂଶ ଲିଜ୍ ଦିଆଯାଇନାହିଁ । ତଥାପି ସେଠାରୁ ଦୈନିକ ୨୦ରୁ ଊର୍ଦ୍ଧ୍ୱ ଟ୍ରକ ଓ ଟ୍ରାକ୍ଟରରେ ପଥର ଚାଲାଣ ହେଉଛି। ଏହି ପଥର ଅତ୍ୟନ୍ତ ମୂଲ୍ୟବାନ । ପଥର ଶିଳ୍ପୀମାନେ ସେହି ପଥରରେ ବିଭିନ୍ନ ମୂର୍ତ୍ତି ତିଆରି କରି ବିକ୍ରି କରିଥାନ୍ତି । ଏହି ପଥର ନରମ ଥିବାରୁ କାରୁକାର୍ଯ୍ୟ କରିବାକୁ ସୁବିଧା ହୋଇଥାଏ।



ଚଣ୍ଡିଆ ପାହାଡ଼ରୁ କଟାଯାଇଥିବା ପଥର ।

ମନ୍ଦିର ତିଆରିରେ ମଧ୍ୟ ସେହି ପଥର ବ୍ୟବହାର କରାଯାଇଥାଏ । ଏଥିପାଇଁ ଦଲାଲମାନେ ଚଣ୍ଡିଆ ପାହାଡକୁ ବେଆଇନ ଭାବେ କାଟି ବିକ୍ରି କରି ମୋଟା ଅଙ୍କର ଲାଭ ପାଉଛନ୍ତି। ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଦିନରାତି ପାହାଡରୁ ପଥର ଖନନ କରୁଛନ୍ତି। ସେହି ପଥରଗୁଡ଼ିକ ବିଳମ୍ବିତ ରାତିରେ ବାହାରକୁ ଚାଲାଣ କରାଯାଉଛି।

ପୂର୍ବରୁ ଖୋର୍ଦ୍ଧା ଜିଲା ତାପଙ୍ଗ ଅଞ୍ଚଳରୁ ବଉଳମାଳିଆ ପଥର ଆଣି ଶିଳ୍ପୀମାନେ ମୂର୍ତ୍ତି ତିଆରି କରୁଥିଲେ । ହେଲେ ସେଠାରୁ ବଉଳମାଳିଆ ପଥର ଯୋଗାଣ ବନ୍ଦ ହେବାପରେ ଏବେ ଚଣ୍ଡିଆ ପାହାଡ଼ ଉପରେ ସେମାନଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। କେବଳ ସେଠାକୁ ନୁହେଁ, ବିଭିନ୍ନ ସ୍ଥାନକୁ ଚଣ୍ଡିଆ ପାହାଡ ପଥର ଯାଉଛି। ବିଶେଷ କରି ଶୁଖୁଆପଡ଼ା ଓ ଲଳିତଗିରି ଅଞ୍ଚଳର ବହୁ ଶିଳ୍ପ ଏହି ପଥରରେ ମୂର୍ତ୍ତି ତିଆରି କରିଥାନ୍ତି। ଏପରି କି କଟକ ଓ ଭୁବନେଶ୍ୱରର ବହୁ ମୂର୍ତ୍ତି କାରିଗର ଚଣ୍ଡିଆ ପାହାଡ଼ ପଥରରେ ମୂର୍ତ୍ତି ତିଆରି କରୁଥିବା ଜଣାପଡିଛି। ସେଥିପାଇଁ ସେମାନେ ଖଣ୍ଡେ ପଥରକୁ ୧ହଜାରରୁ ଆରମ୍ଭ କରି ୫ହଜାର ଟଙ୍କାରେ କିଣି ଥାନ୍ତି । ଯଦି ବଡ଼ ପଥର ଖଣ୍ଡ ମିଳିଲା ତାର ଦାମ୍ ୧୦ହଜାରରୁ ଅଧିକ ହୋଇଥାଏ। କୌଣସି ଅଞ୍ଚଳରେ ଯଦି ମନ୍ଦିର ନିର୍ମାଣ ଆରମ୍ଭ ହୁଏ ସେହି ବାହାନାରେ ଦଲାଲମାନେ ବହୁ ଟ୍ରିପ୍ ପଥର ବାହାରକୁ ଚାଲାଣ କରୁଥିବା ନଜୀର ରହିଛି।

ଚଣ୍ଡିଆ ପାହାଡ଼ଟି ଏକ ଛୋଟ ପାହାଡ଼। ଏହାର ପୂର୍ବ ଓ ପଶ୍ଚିମ ପଟରୁ ଖନନ କରାଯାଉଛି। ତୁରନ୍ତ ଏପରି ବେଆଇନ ଖନନକୁ ବନ୍ଦ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ଦର୍ପଣ ତହସିଲଦାର ବରଣ୍ୟେନ୍ଦୁ ମହାନ୍ତିଙ୍କୁ ପଚାରିବାରୁ ସେ କୁହନ୍ତି, ଚଣ୍ଡିଆ ପାହାଡ଼କୁ କାହାରିକୁ ଲିଜ୍ ଦିଆଯାଇ ନାହିଁ। ତଥାପି ଯଦି ଏପରି ଖନନ ଓ ପଥର ଚାଲାଣ ଚାଲିଛି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ଗଛ ପକାଇ ରାସ୍ତା ଅବରୋଧ କଲେ ମାଓବାଦୀ



ରାସ୍ତାରେ ପକାଯାଇଥିବା ଗଛ ।

ଫୁଲବାଣୀ ଅଫିସ/ବିଷମକଟକ, ୨୮।୧୨

ମାଓବାଦୀଙ୍କ ପକ୍ଷରୁ ଶହୀଦ ସପ୍ତାହ ପାଳନ ଆରମ୍ଭ ହୋଇଛି । ରବିବାର ରାତିରେ ମାଓବାଦୀମାନେ ନିଜ ଉପସ୍ଥିତି ଜାହିର କରି ରାୟଗଡ଼ା-କନ୍ଧମାଳ ଜିଲା ସୀମାନ୍ତ ମୁଖ୍ୟ ରାଜପଥର ବଣ୍ଡାପିପିଲି, ଜୁଡାବାଲି ଛକଠାରେ ଗଛକାଟି ରାସ୍ତା ଅବରୋଧ କରିଛନ୍ତି। ସେଠାରେ ବ୍ୟାନର ଓ ପୋଷ୍ଟର ମଧ୍ୟ ମାରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକେ ଭୟଭୀତ ହୋଇପଡ଼ିଛନ୍ତି। କନ୍ଧମାଳ ଜିଲା କୋଟଗଡ଼ ପୋଲିସ ରାସ୍ତାରୁ ଗଛ ହଟାଇବା ସହ ପୋଷ୍ଟର ଜବତ କରିଛି । ରାସ୍ତା ଅବରୋଧ ଯୋଗୁ କିଛି ଘଣ୍ଟା ପାଇଁ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ସେହିପରି ଜିଲାର ତୁମୁଡିବନ୍ଧ ଥାନା ଅନ୍ତର୍ଗତ କୁର୍ତ୍ତମଗଡ଼ ନିକଟରେ ମଧ୍ୟ ମାଓବାଦୀଙ୍କ ପୋଷ୍ଟର ଦେଖିବାକୁ ମିଳିଛି। ଜିଲାରେ ସିଆର୍‌ପିଏଫ କ୍ୟାମ୍ପ ଏବଂ ଗଞ୍ଜେଇ ଗଛ ନଷ୍ଟ କରାଯିବାକୁ ମାଓବାଦୀ ବିରୋଧ କରିଛନ୍ତି। ଆଦିବାସୀଙ୍କୁ ବିସ୍ଥାପନ କରି ପ୍ରାକୃତିକ ସମ୍ପତ୍ତି ଲୁଟ୍ ପାଇଁ ଦମନ ଚାଲିଛି। ଏହାକୁ ବରଦାସ୍ତ କରାଯିବ ନାହିଁ। କମ୍ପାନୀ ପ୍ରୀତି ପାଇଁ ଆଦିବାସୀ ଏବଂ ବିପ୍ଳବୀଙ୍କୁ ହତ୍ୟା ବନ୍ଦ କରିବାକୁ ବିଜିଏନ୍ ଡିଭିଜନ ପକ୍ଷରୁ ପୋଷ୍ଟରରେ ଉଲ୍ଲେଖ କରାଯାଇଛି । ସେହିପରି ଏକାଧିକ ସ୍ଥାନରେ କେକେବିଏନ୍ ସଙ୍ଗଠନ ପକ୍ଷରୁ ମଧ୍ୟ ପୋଷ୍ଟର ଲଗାଯାଇଛି । ସେଥିରେ ଶହୀଦଙ୍କ ରକ୍ତର ବଦଳା ନିଅନ୍ତୁ, ଶହୀଦ ଦିବସ ପାଳନରେ ସାମିଲ ହୁଅନ୍ତୁ ବୋଲି ଲେଖାଯାଇଛି। ମାଓବାଦୀଙ୍କ ଶହୀଦ ସପ୍ତାହ ପାଳନକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

### କଳାହାଣ୍ଡିରେ ମାତିଲେ

ଭବାନୀପାଟଣା, ୨୮।୧୨ (ଡି.ଏନ.ଏ.) କଳାହାଣ୍ଡିରେ ପୁଣି ମାତିଲେ ମାଓବାଦୀ। ଗଛ କାଟି ରାସ୍ତା ଅବରୋଧ କରିଛନ୍ତି ଓଡ଼ିଶା ରାଜ୍ୟ ସିପିଆଇ ମାଓବାଦୀ କମିଟି। ଭବାନୀପାଟଣା ଥୁଆମୂଳ ରାମପୁର ୪୪ ନମ୍ବର ରାଜ୍ୟ ରାଜପଥ ଯାଖମ ନିକଟରେ ଗଛ କାଟି ରାସ୍ତା ଅବରୋଧ କରିଛନ୍ତି। ଏଥିଯୋଗୁ ଭବାନୀପାଟଣା ଓ ଥୁଆମୂଳ ରାମପୁର ମଧ୍ୟରେ ଯାତାୟାତ ବ୍ୟାହତ ହୋଇଛି। ଶହୀଦଙ୍କ ରକ୍ତର ବଦଳା ନିଅନ୍ତୁ, ଆଦିବାସୀଙ୍କୁ ବିସ୍ଥାପନ କରି ପ୍ରାକୃତିକ ସମ୍ପତ୍ତି ଲୁଟ୍ ପାଇଁ ଦମନ ଚଳାଯାଉଛି, ଏହାକୁ ବରଦାସ୍ତ କରାଯିବ ନାହିଁ । ଶତ୍ରୁର ସୂଚନାଦାତା ନେଟୱର୍କ ଦମନ କରନ୍ତୁ, ପିଏଲଜିଏରେ ବହୁ ସଂଖ୍ୟକ ଯୋଗଦାନ କରନ୍ତୁ, ଭୂତାଣୁ ଯୁଦ୍ଧ ହେଉଛି କରୋନା ମହାମାରୀ ଅର୍ଥାତ ସାମ୍ରାଜ୍ୟବାଦୀ କରୋନା ସୃଷ୍ଟି ଆର୍ଥିକ ବରବାଦ କରୁଛି ତାକୁ ବିରୋଧ କରନ୍ତୁ ଏଭଳି ପୋଷ୍ଟରରେ ଉଲ୍ଲେଖ ରହିଛି। ଏହା ସହ ଡିସେମ୍ବର ୨୮ ତାରିଖରେ ଓଡ଼ିଶା ରାଜ୍ୟ କମିଟି ବନ୍ଦ ଡାକରା ଦେଇଛି।

# ପ୍ରତିଷ୍ଠା ଦିବସରେ କଂଗ୍ରେସର ତ୍ରିରଙ୍ଗା ଯାତ୍ରା

**ସିବିଆଇ ତଦନ୍ତର ଶିଥିଳତା ନେଇ ଉଠିଲା ପ୍ରଶ୍ନ**

ଭୁବନେଶ୍ୱର, ୨୮।୧୨ (ବ୍ୟୁରୋ): କଂଗ୍ରେସର ୧୩୬ତମ ପ୍ରତିଷ୍ଠା ଦିବସ କଂଗ୍ରେସ ଭବନଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଦଳୀୟ ପତାକା ଉତ୍ତୋଳନ କରି କହିଛନ୍ତି, ୧୩୬ତମ ପ୍ରତିଷ୍ଠା ଦିବସ ପାଳନ ଯୋଗୁ ଗୌରବାନ୍ୱିତ ମନେ କରୁଛନ୍ତି। ଏକଦା ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ପୃଥିବୀରେ ଅଦ୍ୱିତୀୟ ହୋଇ ରହିଥିଲା। ଏବେ ଗଣତନ୍ତ୍ର ସମ୍ପୂର୍ଣ୍ଣ ବିପନ୍ନ। ଏବେ ଚାଷୀକୁଳ ହତାଶ, ଯୁବକ ବେକାର, ଛାତ୍ରଙ୍କ ଭବିଷ୍ୟତ ଅନ୍ଧାର, ମହିଳାମାନେ ଅସୁରକ୍ଷିତ ଅବସ୍ଥାରେ କାଳାତିପାତ କରୁଛନ୍ତି। ସେହିପରି ରାଜ୍ୟ ଦିନକୁଦିନ ଗରିବ ହୋଇଯାଉଛି। ରାଜ୍ୟର ବିକାଶ ଦିଗରେ ଯଥେଷ୍ଟ ସୁଯୋଗ ଥିଲେ ମଧ୍ୟ ସରକାର ସମ୍ପୂର୍ଣ୍ଣ ବ୍ୟର୍ଥ ହୋଇଛନ୍ତି। ଦେଶ ଓ ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ପ୍ରତ୍ୟେକ ଦଳୀୟ କର୍ମୀ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଛନ୍ତି। ଅନ୍ୟପଟେ ଏହି ଅବସରରେ ଓଡ଼ିଶା ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ଦାବିରେ ରାଜଧାନୀରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। ଓଡ଼ିଶାରେ ବିଭିନ୍ନ ଆପରାଧିକ ମାମଲାର ଅନୁସନ୍ଧାନ କରୁଥିବା ସିବିଆଇର ଶିଥିଳତା ନେଇ ଦଳ ଏହି ଅବସରରେ ପ୍ରଶ୍ନ ଉଠାଇଛି। ଏଥିପାଇଁ ଲୋକେ ନ୍ୟାୟ ପାଇପାରୁ ନାହାନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି।

ସିବିଆଇ କାର୍ଯ୍ୟାଳୟ ସାମ୍ନାରେ ବହୁ ବରିଷ୍ଠ ନେତା ଏକତ୍ରିତ ହୋଇ ଚିଟ୍‌ଫଣ୍ଡ ସମେତ ବିଭିନ୍ନ ମାମଲା, ଯେଉଁଗୁଡିକର ତଦନ୍ତ ସିବିଆଇ କରୁଥିଲା ଏବଂ ଏବେ ଶିଥିଳ ହୋଇଛି ସେକଥା ଉଠାଇଛନ୍ତି। ଏହି ଅବସରରେ ନିରଞ୍ଜନ କହିଛନ୍ତି, ଓଡ଼ିଶାର ଜନସାଧାରଣ ଏବଂ ସମ୍ପୃକ୍ତ କ୍ଷତିଗ୍ରସ୍ତ ପରିବାରଗୁଡ଼ିକ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ରାଜ୍ୟରେ ଚିଟ୍‌ଫଣ୍ଡ କେଲେଙ୍କାରୀରେ ବିଜେଡି ସରକାରର ମନ୍ତ୍ରୀ, ବିଧାୟକ ଓ ଏମ୍‌ପିମାନେ ସମ୍ପୃକ୍ତ ଅଛନ୍ତି। ଅନେକ ମାମଲାରେ ସେମାନେ ଗିରଫ ହୋଇ ଜେଲ ଯାଇଛନ୍ତି। ମାମଲା ସିବିଆଇ ପାଖରେ ଅନୁସନ୍ଧାନ ପାଇଁ ଦୀର୍ଘଦିନ ଧରି ପଡ଼ିରହିଛି। ହେଲେ କେନ୍ଦ୍ରର ମୋଦି ସରକାରଙ୍କ ସହ ରାଜ୍ୟ ବିଜେଡି ସରକାରଙ୍କ ଭିତିରି ବୁଝାମଣା ପାଇଁ ଏପରି ସଙ୍ଗୀନ ମାମଲାର ତଦନ୍ତ ଆଗେଇ ପାରୁନାହିଁ। ପୁରସ୍କାର ସ୍ୱରୂପ ପାର୍ଲାମେଣ୍ଟରେ ବିଭିନ୍ନ ବିଲ୍‌କୁ ବିଜେଡିର ସମର୍ଥନ ସହ ରାଜ୍ୟ ସଭା ନିର୍ବାଚନରେ ମଧ୍ୟ ଉଭୟ ଦଳର ବୁଝାମଣା ଭିତ୍ତିରେ ଭାଜପା ନେତାମାନେ ଫାଇଦା ହାସଲ କରୁଛନ୍ତି। ଲୋକଦେଖାଣିଆ ଭାବେ ସିବିଆଇ ତଦନ୍ତର ନାରା ଦେଇ ସାଧାରଣ ଜନତାଙ୍କୁ ଭୁଆଁ ବୁଲାଉଥିବା ବିଜେଡି ସରକାରଙ୍କ ପ୍ରକୃତ ମୁଖା ଖୋଲିବା ପାଇଁ ଏହି ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି ବୋଲି ନିରଞ୍ଜନ କହିଛନ୍ତି।

### ଇଞ୍ଜେକ୍‌ଶନ୍ ନେଇ ରୋଗୀଙ୍କ ମୃତ୍ୟୁ

ପାରାଦୀପ, ୨୮।୧୨ (ସ୍ୱ.ପ୍ର.): ଜଗତ୍‌ସିଂହପୁର ଜିଲା ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଗଡ଼ ଗ୍ରାମରେ ସୋମବାର ଏକ ଔଷଧ ଦୋକାନରୁ ଇଞ୍ଜେକ୍‌ଶନ୍ ନେବା ପରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରବୀନ୍ଦ୍ର ସାହୁ (୪୫)। ଏନେଇ ତାଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଛନ୍ତି। ରବୀନ୍ଦ୍ର ଅସୁସ୍ଥ ଥିବାରୁ ସ୍ତ୍ରୀ ତାଙ୍କୁ ନେଇ ନିକଟସ୍ଥ ଔଷଧ ଦୋକାନକୁ ଯାଇଥିଲେ। ସେଠାରେ ୨ଟି ଇଞ୍ଜେକ୍‌ଶନ୍ ଦେବା ପରେ ରବୀନ୍ଦ୍ର ଗୁରୁତର ହୋଇଯାଇଥିଲେ। ପରେ ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ମୃତ୍ୟୁ ଘଟିଥିଲା ।

# ପିଇଓଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ**

ବରଗଡ଼ ଅଫିସ୍/ ଭବାନୀପାଟଣା, ୨୮।୧୨ (ଡି.ଏନ.ଏ.)

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ତାଲପାଲି ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ପାଣ୍ଡବ ନନ୍ଦଙ୍କ ଘର ଏବଂ ବାସଭବନରେ ସୋମବାର ଭିଜିଲାନ୍ସ ଚଢ଼ାଉ କରିଥିଲା । ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ପିଇଓ ନନ୍ଦଙ୍କ ବିଜେପୁର ବ୍ଲକ ଅନ୍ତର୍ଗତ କଲଙ୍ଗାପାଲି ବାସଭବନ ଏବଂ ତାଲପାଲି ପଞ୍ଚାୟତ ଅଫିସରେ ଏହି ଚଢ଼ାଉ ହୋଇଥିଲା। ପିଇଓ ନନ୍ଦଙ୍କ ସମୁଦାୟ ୯୯ଲକ୍ଷ ଟଙ୍କାର ସମ୍ପତ୍ତି ଆକଳନ କରାଯାଇଥିବା ଡିଏସ୍‌ପି ପରମେଶ୍ୱର କିଶାନ ସୂଚନା ଦେଇଛନ୍ତି।

ସେହିପରି ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଳାହାଣ୍ଡି ଜିଲା ଭବାନୀପାଟଣା ଥୁଆପଦର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ) ବାଲେଶ୍ୱର ନାଏକଙ୍କ ଘରେ ଭିଜିଲାନ୍ସ ବିଭାଗ ଚଢ଼ାଉ କରିଛି। ଥୁଆପଦର କାର୍ଯ୍ୟନିର୍ବାହୀ ଅଧିକାରୀ ବାଲେଶ୍ୱର ନାଏକଙ୍କ ବାସଭବନ ଭବାନୀପାଟଣା, ଗୋଦାମପଡା ଗୃହ, ଥୁଆପଦର ପଞ୍ଚାୟତ କାର୍ଯ୍ୟାଳୟ ସମେତ ପୈତୃକ ଗାଁ କଳମପୁର ବ୍ଲକ ଭେଲାଗାଁରେ ଏକାକାଳୀନ ଚଢ଼ାଉ କରାଯାଇଛି। ଚଢ଼ାଉ ଜାରି ରହିଥିବାରୁ ନାଏକଙ୍କ କେତେ ଆୟବହିର୍ଭୂତ ସମ୍ପତ୍ତି ରହିଛି, ତାହା ଜଣାପଡ଼ି ନାହିଁ ।

# ଅସୁସ୍ଥ ହେଲେ ନରସିଂହ

**ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର, ୨୮।୧୨ (ବ୍ୟୁରୋ) ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ ସୋମବାର କଂଗ୍ରେସର ୧୩୬ତମ ପ୍ରତିଷ୍ଠା ଦିବସ କଂଗ୍ରେସ ଭବନରେ ପାଳନ କରାଯାଇଛି। ଏହି ଅବସରରେ ଦଳର ବହୁ ବରିଷ୍ଠ ନେତା ଓ କର୍ମୀ ଏକାଠି ହୋଇ ୟୁନିଟ୍-୮ସ୍ଥିତ ସିବିଆଇ ଅଫିସ ବାହାରେ ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ। ପୂର୍ବରୁ ବିଭିନ୍ନ ମାମଲାରେ ସିବିଆଇ କରୁଥିବା ତଦନ୍ତ ପ୍ରକ୍ରିୟା ଏବେ ଶିଥିଳ ହୋଇଯିବା ନେଇ ଦଳ ଏହି ଯାତ୍ରା ପାଳନ କରିଛି। ଏହି ଅବସରରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସାମିଲ ହୋଇ ଏହି ପ୍ରସଙ୍ଗରେ ଭାଷଣ ରଖିଥିଲେ। ଭାଷଣ ଶେଷ କରିବାର କିଛି ସମୟ ପରେ ସେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ଫଳରେ ତାଙ୍କୁ ସଙ୍ଗେସଙ୍ଗେ ସେଠାରୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଛି। ନରସିଂହଙ୍କ ଅସୁସ୍ଥତାର କାରଣ ଖୋଜିବା ଲାଗି ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ତାଙ୍କ ଶରୀରରେ ସୁଗାର କମିଯିବାରୁ ଏଭଳି ଘଟିଥିବା ଜଣାପଡିଛି। ପୂର୍ବରୁ ତିର୍ତ୍ତୋଲ ଉପନିର୍ବାଚନ ସମୟରେ ସେ ଏହିଭଳି ଅନୁଭବ କରିଥିଲେ ବୋଲି ତାଙ୍କର ଜଣେ ଘନିଷ୍ଠ ସହଯୋଗୀ କହିଛନ୍ତି। ଅନ୍ୟପଟେ ଚିକିତ୍ସା କରୁଥିବା ଡାକ୍ତର ପି. କେ. ସାହୁ କହିଛନ୍ତି, ନରସିଂହ ଭଲ ଅଛନ୍ତି। ହଠାତ୍ ଭଲ ଲାଗିଲାନି ବୋଲି ତାଙ୍କୁ ଆଡମିଟ୍ କରାଯାଇଛି। ଦିନେରୁ ଦୁଇ ଦିନ ପରେ ତାଙ୍କର କାହିଁକି ଏଭଳି ହେଲା କୁହାଯିବ। ଏବେ ସେ ହସ୍ପିଟାଲରେ ରହିବେ ବୋଲି ସାହୁ କହିଛନ୍ତି। ଅନ୍ୟପଟେ ତାଙ୍କୁ ଭେଟିକି ଆସିଥିବା ସମସ୍ତ ବରିଷ୍ଠ କଂଗ୍ରେସ ନେତା ମଧ୍ୟ ନରସିଂହଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ଭଲ ଥିବା କହିଛନ୍ତି। ଅପରପକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟେଲିଫୋନ୍ ଯୋଗେ ନରସିଂହଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏହାସହ ତାଙ୍କର ଆଶୁ ଆରୋଗ୍ୟ ଓ ଉତ୍ତମ ସ୍ୱାସ୍ଥ୍ୟ କାମନା ମଧ୍ୟ କରିଛନ୍ତି।



ଅସୁସ୍ଥ ନରସିଂହଙ୍କୁ ହସ୍ପିଟାଲ ନିଆଯାଉଛି।

# ଭିଜିଲାନ୍ସ ଜାଲରେ ସେବା ସମବାୟ ସମିତି ସମ୍ପାଦକ

**୧.୯କୋଟିର ସମ୍ପତ୍ତି ଠାବ**

ବ୍ରହ୍ମପୁର ଅଫିସ, ୨୮।୧୨ କନ୍ଧମାଳ ଜିଲା ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ସୋମବାର ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଉମା ସେବା ସମବାୟ ସମିତି ସମ୍ପାଦକ ସନ୍ତୋଷ କୁମାର ରାଉତଙ୍କ ଉମାଣ୍ଡରରେ ଥିବା ଦୁଇଟି ବାସଭବନ ସମେତ ଅଫିସରେ ଭିଜିଲାନ୍ସ ଟିମ୍ ଚଢାଉ କରିଛି। ତାଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ୧ କୋଟି ୯ ଲକ୍ଷ ୪୭ ହଜାର ୪୩୩ ଟଙ୍କା ଠାବ କରାଯାଇଛି ବୋଲି ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି ଅନିଲ କୁମାର ପାତ୍ର ସୂଚନା ଦେଇଛନ୍ତି। ଚଢାଉ ବେଳେ ସନ୍ତୋଷଙ୍କ ନାମରେ ଉମାଣ୍ଡର ଗ୍ରାମରେ ଥିବା ଦୁଇ ମହଲାବିଶିଷ୍ଟ କୋଠାର ମୂଲ୍ୟ ୨୫ ଲକ୍ଷ ଆକଳନ କରାଯାଇଥିବା ବେଳେ ଅନ୍ୟ ଏକ ବାସଭବନର ମୂଲ୍ୟ ୨୦ ଲକ୍ଷ ୧୦ ହଜାର ଟଙ୍କା ହେବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

ସେହିପରି କଣ୍ଟାମାଳ ତହସିଲ ଉମା ମୌଜାରେ ଥିବା ୪ ପଟ୍ଟା ଜମି ୮୬ ହଜାର ୬୮୩ ଟଙ୍କା, ଘରକରଣା ସାମଗ୍ରୀର ମୂଲ୍ୟ ୨ ଲକ୍ଷ ୮୮ ହଜାର ୯୬୯ ଟଙ୍କା, ଗୋଟିଏ କାର୍‌ର ମୂଲ୍ୟ ୫ ଲକ୍ଷ ୪୧ ହଜାର ୩୧୬ ଟଙ୍କା ଆକଳନ କରାଯାଇଛି। ସେହିପରି ଏକ ବୋଲେରୋ ମୂଲ୍ୟ ୬ ଲକ୍ଷ ୨୬ ହଜାର ୬୬୮ ଟଙ୍କା, ଗୋଟିଏ ବୁଲେଟ୍‌ର ମୂଲ୍ୟ ୧ ଲକ୍ଷ ୬୬ ହଜାର ୮୬୨ ଟଙ୍କା, ଗୋଟିଏ ବାଇକ୍ ମୂଲ୍ୟ ୪୯ ହଜାର ୨୨୫ଟଙ୍କା ଆକଳନ କରାଯାଇଛି। ସେହିପରି ଅନ୍ୟ ଏକ ବାଇକ୍ ମୂଲ୍ୟ ୫୩ ହଜାର ୭୦୫, ପ୍ଲେଜର ମୂଲ୍ୟ ୪୮ ହଜାର ୫୫ ଟଙ୍କା, ବାଇକ୍‌ର ମୂଲ୍ୟ ୭୦ ହଜାର ୯୩୫, ବାଇକ୍‌ର ମୂଲ୍ୟ ୯୦ ହଜାର ୯୦୦ ଆକଳନ କରାଯାଇଛି। ସେହିପରି ଗୋଟିଏ ଟ୍ରାକ୍ଟର ମୂଲ୍ୟ ୬ ଲକ୍ଷ ୩୫ ହଜାର ୧୨୫, ଅନ୍ୟ ଏକ ଟ୍ରାକ୍ଟର ମୂଲ୍ୟ ୬ ଲକ୍ଷ ଆକଳନ କରାଯାଇଛି। ଫସଲ ଅମଳ ମେଶିନ୍‌ର ମୂଲ୍ୟ ୧ ଲକ୍ଷ ଟଙ୍କା, ଘରୁ ନଗଦ ୭ ଲକ୍ଷ ୧୮ ହଜାର ୯୯୦ ଟଙ୍କା ମିଳିଥିବା ଭିଜିଲାନ୍ସ କହିଛି। ୪୦୦ ଗ୍ରାମ୍ ସୁନା ଗହଣାର ମୂଲ୍ୟ ୧୯ ଲକ୍ଷ ୯୫ ହଜାର ଟଙ୍କା ଓ ସନ୍ତୋଷ ଏବଂ ତାଙ୍କ ପୁଅଙ୍କ ନାମରେ ବ୍ୟାଙ୍କରେ ଜମାଥିବା ୩ ଲକ୍ଷ ୫୫ ହଜାର ଟଙ୍କା ଭିଜିଲାନ୍ସ ଟିମ୍ ଠାବ କରିଛି ବୋଲି ଏସ୍‌ପି ପାତ୍ର କହିଛନ୍ତି। ସନ୍ତୋଷ ୧୯୮୪ରେ ସେବା ସମବାୟ ସମିତିରେ ସେଲ୍‌ସ ମ୍ୟାନ୍ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ।

# ୩ରେ ଖୋଲିବ ତାରାତାରିଣୀ ମନ୍ଦିର

**୨ ଦିନ ବନ୍ଦ ରହିବ ବେଲାଭୂମି**

ଛତ୍ରପୁର, ୨୮।୧୨ (ଡି.ଏନ୍.ଏ.)

କରୋନା ଲାଗି ଦୀର୍ଘ ମାସ ଧରି ବନ୍ଦ ରହିଥିବା ଗଞ୍ଜାମ ଜିଲାର ଇଷ୍ଟଦେବୀ ମା' ତାରାତାରିଣୀଙ୍କ ମନ୍ଦିର ଜାନୁୟାରୀ ୩ ତାରିଖରୁ ଖୋଲିବ। ସୋମବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପୁରୁଷୋତ୍ତମପୁର ବ୍ଲକ ରାଇପୁର ପଞ୍ଚାୟତ ତାରାତାରିଣୀ ପୀଠକୁ ଯାଇ ମା'ଙ୍କ ଦର୍ଶନ କରିଥିଲେ। ପରେ ମନ୍ଦିର ଖୋଲିବା ସମ୍ପର୍କରେ ସେବାୟତମାନଙ୍କ ସହ ଆଲୋଚନା କରିଛନ୍ତି। କୋଭିଡ୍ କଟକଣା ମଧ୍ୟରେ ମନ୍ଦିର ଖୋଲିବ ବୋଲି ଜଣାପଡ଼ିଛି।



ଜିଲାର ଅନ୍ୟ ଧର୍ମାନୁଷ୍ଠାନଗୁଡ଼ିକ ଖୋଲିବା ନେଇ ମଙ୍ଗଳବାର ସେବାୟତ, ମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା ବୈଠକ କରି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

# ସର୍ବେଶ୍ୱରଙ୍କୁ ରିମାଣ୍ଡରେ ଆଣିଲା କ୍ରାଇମବ୍ରାଞ୍ଚ

- ଟାଟା କମ୍ପାନୀରେ ଚାକିରି ନାଁରେ ଠକେଇ
- ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ଗିରଫ ହେବେ

ଭୁବନେଶ୍ୱର, ୨୮।୧୨ (ବ୍ୟୁରୋ): ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ପ୍ରମୁଖ ସହଯୋଗୀ ଭି. ସର୍ବେଶ୍ୱର ରାଓଙ୍କୁ ସୋମବାରଠାରୁ ୨ ଦିନିଆ ରିମାଣ୍ଡରେ ଆଣିଛି କ୍ରାଇମବ୍ରାଞ୍ଚ। ପ୍ରଥମେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପରେ ଜେରା ଆରମ୍ଭ ହୋଇଛି। ଆଇଏଫ୍‌ଏସ୍ ଅଫିସର ଅଭୟକାନ୍ତ ପାଠକଙ୍କ ପୁଅ ଆକାଶଙ୍କ ଠକେଇ ସହ ପ୍ରଦୀପଙ୍କ ଆକାଉଣ୍ଟରେ ଟଙ୍କା କାରବାର ସଂକ୍ରାନ୍ତରେ ଅଧିକ ତଥ୍ୟ ପାଇବାକୁ ଆଶା ରଖିଛି କ୍ରାଇମବ୍ରାଞ୍ଚ। ଟାଟା କମ୍ପାନୀରେ ଚାକିରି ଦେବା ନାଁରେ କିପରି ଠକେଇ ର୍‍ୟାକେଟ୍ ଚାଲୁଥିଲା, ଏଥିରେ ବେକାର ଯୁବତୀଯୁବକ ଓ ଅଭିଭାବକଙ୍କୁ କିପରି ଫସାଯାଉଥିଲା ଓ ପ୍ରତି ପିଲା ପିଛା କେତେ ଆଦାୟ କରାଯାଉଥିଲା ସେନେଇ କିଛି ପୁରୁଣା ପ୍ରଶ୍ନ ସହ କେତେକ ନୂଆ ପ୍ରଶ୍ନ ମଧ୍ୟ ପଚରାଯାଇଥିଲା। ତେବେ ଜେରାବେଳେ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ସର୍ବେଶ୍ୱରଙ୍କଠାରୁ କିଛି ନୂଆ ତଥ୍ୟ ପାଇଛନ୍ତି। ଠକେଇ ଓ ବେଆଇନ ଅର୍ଥ କାରବାରରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ମିଳିଥିବାରୁ ସେମାନଙ୍କୁ ଗିରଫ ପାଇଁ କ୍ରାଇମବ୍ରାଞ୍ଚ ଟିମ୍ ବ୍ରହ୍ମପୁର ସମେତ ଅନ୍ୟ କେତେକ ଅଞ୍ଚଳକୁ ଯାଇପାରେ ବୋଲି ବିଶ୍ୱସ୍ତସୂତ୍ରରୁ ଜଣାପଡିଛି।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଅଭୟକାନ୍ତ, ଟାଟା କମ୍ପାନୀ ନାଁରେ ନିଯୁକ୍ତି ଜାଲିଆତି ଓ ଠକେଇ ମାମଲାରେ ତାଙ୍କ ପୁଅ ଆକାଶ ଏବଂ ଏସବୁ ଲିଙ୍କ୍ ସହ ବେଆଇନ ଅର୍ଥ କାରବାର ମାମଲାରେ ଆକାଶଙ୍କ ଭାବୀ ଶଶୁର ପ୍ରଦୀପ ଗିରଫ ହୋଇଥିଲେ। ଏହାପରେ ଠକେଇ ଓ ପ୍ରଦୀପଙ୍କ ଲିଙ୍କ୍‌ରେ ଗତ ୧୭ ତାରିଖରେ ସର୍ବେଶ୍ୱରଙ୍କୁ କ୍ରାଇମବ୍ରାଞ୍ଚ ବ୍ରହ୍ମପୁରରୁ ଗିରଫ କରିଥିଲା। ସେହିଭଳି ଆକାଶଙ୍କ ବ୍ୟକ୍ତିଗତ ସହାୟକ ପିଟର ଡେଭିଡ୍‌ଙ୍କୁ ମଧ୍ୟ ପୁଣେରୁ ଆଣି ପଚରାଉଚରା ପରେ ଛାଡ଼ି ଦିଆଯାଇଥିଲା। ମାତ୍ର ସର୍ବେଶ୍ୱରଙ୍କ ସମ୍ପର୍କରେ ସବିଶେଷ ତଥ୍ୟ କ୍ରାଇମବ୍ରାଞ୍ଚ ହାତରେ ଲାଗିଥିଲା। ପୂର୍ବରୁ ଏହି ଲିଙ୍କରେ ଆକାଶ ପାଠକ ୫ ଦିନିଆ ରିମାଣ୍ଡରେ ଓ ପ୍ରଦୀପ ପାଣିଗ୍ରାହୀଙ୍କୁ ମଧ୍ୟ ୨ ଦିନିଆ ରିମାଣ୍ଡରେ ପଚରାଉଚରା କରିସାରିଛି କ୍ରାଇମବ୍ରାଞ୍ଚ ଟିମ୍। ପ୍ରଦୀପଙ୍କ ରାଜନୈତିକ ତଥା ଅର୍ଥନୈତିକ କାରବାର ବୁଝାଶୁଝା କରୁଥିବା ସର୍ବେଶ୍ୱର ଠକେଇରେ ମିଡିଲ୍ ମ୍ୟାନ ଥିବାରୁ ତାଙ୍କଠାରୁ ଅଧିକ କିଛି ତଥ୍ୟ ମିଳିବା ଆଶାରେ ତାଙ୍କୁ ରିମାଣ୍ଡରେ ଅଣାଯାଇଥିବା କୁହାଯାଉଛି।

କବିମାନେ ମୃତ୍ୟୁ ଓ ବାହ୍ୟ ଦୁଃଖକଷ୍ଟକୁ ଖୁବ୍ ବଡ଼ କରି ଦେଖନ୍ତି। କିନ୍ତୁ ଏକମାତ୍ର କରୁଣ ନାଟକ ହେଲା ଅନ୍ତରାତ୍ମାର ବ୍ୟର୍ଥତା ଏବଂ ଏକମାତ୍ର ମହାକାବ୍ୟ ହେଲା- ଦେବତ୍ୱ ଦିଗରେ ମନୁଷ୍ୟର ବିଜୟୀ ଉତ୍ତରଣ। **-ଶ୍ରୀଅରବିନ୍ଦ**

# ଅନ୍ତରୁ ନୂଆ ମାର୍ଗ

କଂଗ୍ରେସ ୨୮ ଡିସେମ୍ବରରେ ତା'ର ୧୩୬ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ନୂଆଦିଲ୍ଲୀସ୍ଥିତ ସର୍ବଭାରତୀୟ କଂଗ୍ରେସ କମିଟି (ଏଆଇସିସି) ମୁଖ୍ୟାଳୟରେ ବରିଷ୍ଠ ନେତା ଏ.କେ. ଆଣ୍ଟୋନି ଦଳୀୟ ପତାକାକୁ ଉତ୍ତୋଳନ କରିଥିଲେ। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ ତାଙ୍କ ପୁତ୍ର ତଥା ଦଳର ପୂର୍ବତନ ସଭାପତି ରାହୁଲ ଗାନ୍ଧୀ ଏହି କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହିବାକୁ ନେଇ ବିଭିନ୍ନ ଆଡୁ ପ୍ରଶ୍ନ ଉଠିଛି। କଂଗ୍ରେସ ଦଳର ପ୍ରତିଷ୍ଠା ଦିବସ ପୂର୍ବଦିନ ରାହୁଲ ଇଟାଲୀ ଯାଇଥିଲେ। ସୋନିଆ ଓ ରାହୁଲ ହୁଏତ ସମଗ୍ର ଦେଶକୁ ବିଶେଷକରି କଂଗ୍ରେସକର୍ମୀଙ୍କୁ ଏକ ବାର୍ତ୍ତା ଦେବାକୁ ଚେଷ୍ଟା କରିଛନ୍ତି। ପ୍ରତିଷ୍ଠା ଦିବସକୁ ସେମାନେ ଭୁଲିଯାଇଥିବେ ଚିନ୍ତା କରିବା ଭୁଲ ହେବ। ଯଦି ତା' ନ ହୁଏ, ତେବେ ବୁଝିବାକୁ ହେବ ଯେ ଗାନ୍ଧୀ ପରିବାରକୁ ବାଦ୍ ଦେଇ କଂଗ୍ରେସ ନେତୃବୃନ୍ଦ ଯଦି ନିଜର ପାଇଁ ଆଲୋଚିତ କରିପାରିବେ ତେବେ ସୋନିଆ-ରାହୁଲଙ୍କ କୌଣସି ଆପତ୍ତି ନାହିଁ। କିନ୍ତୁ କଂଗ୍ରେସରେ ବିଦ୍ରୋହର ସ୍ୱର ଉତ୍ତୋଳନ କରିଥିବା ଅଧିକାଂଶ ନେତାଙ୍କର ନିଜସ୍ୱ ଏକ ସୁରକ୍ଷିତ ଲୋକ ସଭା ନିର୍ବାଚନମଣ୍ଡଳୀ ନାହିଁ। ସେମାନେ ହେଉଛନ୍ତି ମୁଖ୍ୟତଃ ରାଜ୍ୟ ସଭା ଆସନ ଅକ୍ତିଆର କରିଥିବା ହିରୋ। ତେବେ କଂଗ୍ରେସ ପକ୍ଷରୁ ସଫେଇ ଦିଆଯାଇଛି ଯେ, ରାହୁଲଙ୍କ ଆଈମା ଇଟାଲୀର ମିଲାନ୍‌ରେ ରହୁଥିବାରୁ ତାଙ୍କୁ ଦେଖିବା ପାଇଁ ବ୍ୟକ୍ତିଗତ କାର୍ଯ୍ୟରେ ସେ ସେଠାକୁ ଯାଇଛନ୍ତି। ଅନ୍ୟପକ୍ଷରେ କେତେକେ କହୁଛନ୍ତି ଯେ, କଂଗ୍ରେସର ପ୍ରିନ୍ସ ନୂଆବର୍ଷ କଟାଇବା ପାଇଁ ଇଟାଲୀ ଯାଇଛନ୍ତି। ସୋସିଆଲ ମିଡିଆରେ ରାହୁଲଙ୍କୁ କଟାକ୍ଷ କରାଯାଇ ମନ୍ତବ୍ୟ ଦିଆଯାଉଛି। କୁହାଯାଉଛି ରାଜନୀତି ପ୍ରତି ରାହୁଲ ଆଉ ତତ୍ପର ନ ଥିବାରୁ ବ୍ୟକ୍ତିଗତ କାର୍ଯ୍ୟରେ ସମୟ ବିନିଯୋଗ କରୁଛନ୍ତି। ଯଦି ସୋସିଆଲ ମିଡିଆ କଥା ସତ୍ୟ ହୋଇଥାଏ ସେଥିରେ ଦେଶବାସୀଙ୍କର କୌଣସି ଆପତ୍ତି ରହିବା କଥା ନୁହେଁ। ଏହାବ୍ୟତୀତ ରାହୁଲଙ୍କ ତଥାକଥିତ ଖାମଖିଆଲ ମନୋଭାବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ ସ୍ୱାଗତଯୋଗ୍ୟ ହେବା କଥା। ଆଜିର ସରକାର କୌଣସି ରାଜନୈତିକ ବିରୋଧର ସମ୍ମୁଖୀନ ହେଉନାହିଁ। ହୁଏତ ସେଥିପାଇଁ ମନଇଚ୍ଛା ଆଇନ ପ୍ରଣୟନ କରିବା ଫଳରେ ଦେଶବ୍ୟାପୀ ଅଶାନ୍ତି କ୍ରମଶଃ ସୃଷ୍ଟି ହେଉଛି।

ପୁରୁଣା ଜାତୀୟ ଦଳ ଭାବେ କଂଗ୍ରେସ ଏବେ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଛି। ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନରେ ପାର୍ଲାମେଣ୍ଟରେ ବିରୋଧୀ ଆସନରେ ବସିବା ପାଇଁ ସର୍ବନିମ୍ନ ଯେତିକି ଆସନ ଦରକାର ତାହା ସେହି ଦଳ ପାଇପାରିଲା ନାହିଁ। ସଦ୍ୟ ଘଟଣା ଦେଖିଲେ ବିହାର ବିଧାନସଭା ନିର୍ବାଚନରେ କଂଗ୍ରେସର ନୈରାଶ୍ୟ ପ୍ରଦର୍ଶନ ଯୋଗୁ ନିର୍ବାଚନ ପୂର୍ବର ମେଣ୍ଟରେ ଥିବା ସହଯୋଗୀ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଶାସନ ଗାଦିରେ ବସିପାରିଲା ନାହିଁ। ଓଡ଼ିଆରେ ଢଗ ଅଛି- 'ଯେଉଁ ଡାଳକୁ ଧରିଲେ, ସେହି ଡାଳ ଭାଙ୍ଗିଲା'। କଂଗ୍ରେସ ସ୍ଥିତି ସେହିଭଳି ହୋଇଛି। ତାଙ୍କ ସାଙ୍ଗରେ ଯିଏ ମେଣ୍ଟ ବାନ୍ଧିଲା ସିଏ ମଧ୍ୟ ବୁଡ଼ିଲା। ଏଥିରୁ ବୁଝିବାକୁ ହେବ ଯେ, କଂଗ୍ରେସ ଏକ ମୃତ ଘୋଡ଼ା। ଛାଟ ମାରିଲେ ମଧ୍ୟ ଦୌଡ଼ିପାରିବ ନାହିଁ। ଅଦ୍ୟାବଧି କଂଗ୍ରେସ ଜଣେ ପୂର୍ଣ୍ଣକାଳୀନ ସଭାପତି ବାଛିବାରେ ସକ୍ଷମ ହୋଇପାରୁ ନାହିଁ। ଦଳରେ ଆଭ୍ୟନ୍ତରୀଣ ବିଶୃଙ୍ଖଳା ଦେଖା ଦେଉଥିବାରୁ ଜଣେ ପରେ ଜଣେ ନେତା କଂଗ୍ରେସ ଛାଡୁଛନ୍ତି। ନେତୃତ୍ୱ ନେବାରେ ବରିଷ୍ଠ ନା ଯୁବବର୍ଗଙ୍କୁ ଗୁରୁତ୍ୱ ଦିଆଯିବ, ସେନେଇ ସ୍ପଷ୍ଟ ବାର୍ତ୍ତା ଦଳୀୟ କର୍ମୀଙ୍କ ନିକଟକୁ ଯାଇପାରୁନାହିଁ। ଅନ୍ୟପଟେ ଜନସାଧାରଣ ବାରମ୍ବାର କଂଗ୍ରେସକୁ ପ୍ରତ୍ୟାଖ୍ୟାନ କରିଚାଲିଛନ୍ତି। ଦଳୀୟ କନ୍ଦଳ ବିଷୟରେ ଅନେକ ଚର୍ଚ୍ଚା ହେଉଛି।

୨୮ ଡିସେମ୍ବରରେ ଏଆଇସିସି ପକ୍ଷରୁ ତା'ର ସଦସ୍ୟମାନଙ୍କୁ 'ତ୍ରିରଙ୍ଗା ଯାତ୍ରା' ଓ ଅନ୍ୟାନ୍ୟ ଅଭିନବ ଅଭିଯାନ କରିବା ଲାଗି କୁହାଯାଇଛି। କେବଳ ପରାମର୍ଶ, ହାଇକମାଣ୍ଡଙ୍କ ନିର୍ଦ୍ଦେଶରେ ଦଳ ସୁଦୃଢ଼ ହୋଇ ନ ଥାଏ। ଜନପ୍ରିୟତା ପାଇବାକୁ ହେଲେ ଲୋକଙ୍କ ସହ ନିରନ୍ତର ମିଶି କାମ କରିବାକୁ ପଡ଼େ। ସେଥିପାଇଁ ଯେଉଁ ନେତୃତ୍ୱ ଏବଂ ସେହି ନେତୃତ୍ୱର ଯେଉଁ ଚରିତ୍ରର ଆବଶ୍ୟକତା ରହିଛି, ତାହାର କୌଣସି ଆଭାସ କଂଗ୍ରେସରେ ମିଳୁନାହିଁ। ପୃଥିବୀବ୍ୟାପୀ ଗଣତାନ୍ତ୍ରିକ ଦେଶଗୁଡ଼ିକରେ ଦେଖିବାକୁ ମିଳେ ଯେ, କ୍ଷମତା ହରାଇବା ପରେ ମଧ୍ୟ ଅନେକ ରାଜନୈତିକ ଦଳ ଏବଂ ନେତା ନିଜର କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଚକ୍ଷୁରେ ରହିବା ସହିତ ସଙ୍ଗଠନକୁ ବଞ୍ଚାଇକରି ରଖିପାରିଛନ୍ତି। ସେହି ଦିଗରେ ଭାରତୀୟ ଜାତୀୟ କଂଗ୍ରେସର ରେକର୍ଡ ଅତ୍ୟନ୍ତ ଖରାପ। କ୍ଷମତାରେ ଥିବାବେଳେ ସବୁ ଦଳ ପାଇଁ ଲୋକବଳ, ବାହୁବଳ ଏବଂ ଅର୍ଥବଳ ବନ୍ୟା ଭଳି ମାଡ଼ିଆସେ। କ୍ଷମତାରୁ ଯିବା ପରେ ବାସ୍ତବ ସାଙ୍ଗଠନିକ ଶକ୍ତି କେତେ ଅଛି ପ୍ରମାଣିତ ହୁଏ। ଉଦାହରଣ ଭାବେ ଭାଜପାକୁ ଦେଖାଯାଇପାରେ। ଗତ ଶତାବ୍ଦୀର ୮୦ ଦଶନ୍ଧିରେ ଭାଜପାର ମାତ୍ର ଦୁଇଜଣ ସଦସ୍ୟ ଲୋକ ସଭାରେ ଥିବାବେଳେ ୧୯୯୮ରେ ସଂଖ୍ୟାଲଘୁ ସରକାର ଗଢ଼ିପାରିଥିଲା। ତାହା ଥିଲା ବାଜପେୟୀଙ୍କ ଭାଜପା ସରକାର। ୨୦୦୪ରେ ବାଜପେୟୀ ସରକାରଙ୍କ ପତନ ପରେ ଭାଜପାର ଶକ୍ତି ୧୦ ବର୍ଷ ପର୍ଯ୍ୟନ୍ତ ହ୍ରାସ ପାଇଥିଲା। ସେହି ଦଶନ୍ଧିରେ ଆଡ୍‌ଭାନୀଙ୍କ ନେତୃତ୍ୱକୁ ଦେଶବାସୀ ସ୍ୱୀକାର କଲେ ନାହିଁ। ୨୦୧୩ ମସିହାରେ ଯେତେବେଳେ ଭାଜପା ଏକ ନୂଆ ମୁଖ ଭାବେ ନରେନ୍ଦ୍ର ମୋଦିଙ୍କୁ ଆଣିଲା ସେତେବେଳେ ଭୋଟର ତାହାକୁ ସ୍ୱୀକାର କଲେ। କଂଗ୍ରେସର ସମସ୍ୟା ହେଲା ଯେ ଏକ ଦଶନ୍ଧି ମଧ୍ୟରେ କୌଣସି ନୂଆ ଚିନ୍ତାଧାରା ବା ନେତୃତ୍ୱ ଆଣିପାରୁ ନାହିଁ। ସେଥିପାଇଁ ତାହାର ପ୍ରବେଶ ଦେଶର ହୃଦୟ ଭିତରକୁ ହୋଇପାରୁ ନାହିଁ। କଂଗ୍ରେସବାଲା ସାଧାରଣରେ ଜିତିଲା ବେଳକୁ ନିଜର ବାହାଦୁରି ଦେଖାନ୍ତି। ହାରିଲେ ତାହା ଗାନ୍ଧୀ ପରିବାର ଦୋଷ ବୋଲି କୁହନ୍ତି। ଏହିଭଳି ଅନେକ ମୌଳିକ ଦୁର୍ବଳତା କଂଗ୍ରେସକୁ ପୁନର୍ଜୀବିତ ହେବାକୁ ଦେଉନାହିଁ। କଂଗ୍ରେସ ଯେତେଶୀଘ୍ର ନିପାତ ହୋଇଯିବ, ଦେଶ ପାଇଁ ସେତିକି ଭଲ। ଇତିହାସକୁ ଦେଖିଲେ ମଧ୍ୟବିତ୍ତ ଏବଂ ବୁଦ୍ଧିଜୀବୀ ସବୁବେଳେ ସମାଜକୁ କ୍ଷତି ପହଞ୍ଚାଇ ଥାଆନ୍ତି। ଧନୀଙ୍କ ପ୍ରତି ହିଂସା ଏବଂ ଗରିବଙ୍କ ପ୍ରତି ଘୃଣା କରୁଥିବା ଏହି ବର୍ଗ ଯେତେବେଳେ ଆନ୍ଦୋଳନ କରେ ତାହାର ପରବର୍ତ୍ତୀ ଫଳସ୍ୱରୂପ ଜଣେ ଅଗଣତାନ୍ତ୍ରିକ ଏକଚ୍ଛତ୍ରବାଦୀ ଶାସକ ସୃଷ୍ଟି ହୋଇଥାଏ। ଏହାର ଏକ ସୁନ୍ଦର ଉଦାହରଣ ଆରବ ସ୍ପ୍ରିଙ୍ଗ୍ ବିପ୍ଳବରୁ ଦେଖାଦେଇଥିଲା। ଯେତେବେଳେ ଚାଷୀ, ମୂଲିଆ ଏବଂ ଖଟିଖିଆଙ୍କ ଦ୍ୱାରା ବିପ୍ଳବ ଆସିଛି ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯାଇଛି। ସେହି ନୂଆ ବ୍ୟବସ୍ଥା ଲୋକାଭିମୁଖୀ ଏବଂ ଗଣତାନ୍ତ୍ରିକ ହେବାର ସବୁବେଳେ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି।

ଯେହେତୁ କଂଗ୍ରେସ ଚରିତ୍ରରେ ପରିବର୍ତ୍ତନ ଆଣିବାର କୌଣସି ଉଦାହରଣ ନାହିଁ, ସେଥିପାଇଁ ସେହି ଦଳର ଅନ୍ତ ଭାରତକୁ ଏକ ନୂଆ ମାର୍ଗ ଦେଖାଇବ।

# ଶ୍ରେଷ୍ଠତା ଲକ୍ଷ୍ୟରେ ଭାରତ



ଡ. ଚିତ୍ତରଂଜନ ମିଶ୍ର

ଗ୍ଲୋବାଲ କମ୍ପାନୀମାନେ ସେମାନଙ୍କର ଉଦ୍ୟମ ବଳବତ୍ତର କରି 'ଚାଇନା ପ୍ଲସ୍ ୱାନ୍' ଷ୍ଟ୍ରାଟେଜିକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଲଞ୍ଚ ପ୍ରଦାନ କରିଛନ୍ତି। କୋଭିଡ-୧୯ ଜନିତ ବ୍ୟାଘାତ ଏବଂ ଆମେରିକା-ଚାଇନା ବାଣିଜ୍ୟିକ ଉଦ୍‌ବେଗ ମଧ୍ୟରେ ସେମାନେ ସେମାନଙ୍କର ସପ୍ଲାଇ ଚେନ୍‌କୁ ବିବିଧୀକରଣ କରିବାକୁ ଦୃଢ଼ପ୍ରତିଜ୍ଞ ହୋଇ ଏ ଦିଗରେ ବହୁବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଭଳି ଏକ ପରିସ୍ଥିତି ଭାରତକୁ ଏକ ଦ୍ୱିତୀୟ ସୁଯୋଗ ପ୍ରଦାନ କରିଛି, ଯାହାଫଳରେ କି ଭାରତ ଗ୍ଲୋବାଲ ମାନୁଫ୍ୟାକ୍‌ଚରିଂର ଏକ କେନ୍ଦ୍ରସ୍ଥଳ ଭାବେ ଉଦ୍‌ଭାସିତ ହୋଇପାରିବ। ଅପରପକ୍ଷରେ 'ସର୍ଭିସେସ୍ ଆଉଟସୋର୍ସିଂ ୱେଭ' ବା ଅନ୍ୟ ଅନୁଷ୍ଠାନର ସହାୟତା ମାଧ୍ୟମରେ ସେବା ପ୍ରଦାନ କ୍ଷେତ୍ରରେ ଭାରତ ଏକ ଅପୂର୍ବ ସୁଯୋଗର ପ୍ରବାହକୁ ନିଜ ହାତ ମୁଠାକୁ ଆଣିବାରେ ସଫଳ ହୋଇପାରିଛି ଏବଂ 'ବ୍ୟାକ୍ ଅଫିସ ଅଫ୍ ଦି ୱାର୍ଲ୍ଡ'ର ଅଦ୍ୱିତୀୟ ମାନ୍ୟତା ଲାଭ କରିପାରିଛି। ଏବେ ଭାରତ ଯଦି ମାନୁଫ୍ୟାକ୍‌ଚରିଂ ସେକ୍ଟରର ଅଭିବୃଦ୍ଧିରେ ନିଜର ପାରିବାପଣିଆକୁ ପର୍ଯ୍ୟାୟକ୍ରମେ ସ୍ୱତଃସିଦ୍ଧ କରିପାରିବ ତା'ହେଲେ ଦେଶରେ ଅଜସ୍ର ଚାକିରି ସୃଷ୍ଟି ହେବା ସହ ସନ୍ତୁଳିତ ଅଭିବୃଦ୍ଧି ମଧ୍ୟ ସମ୍ଭବପର ହୋଇପାରିବ।

ଏଠାରେ ଏକ ଟ୍ରିଲିଅନ ଡଲାରର ପ୍ରଶ୍ନ ମୁଣ୍ଡ ଟେକି ଉଠୁଛି। ଭାରତ କ'ଣ ସତରେ ଚାଇନା ସହ ସମକାଳୀନ ଭାବେ ନିଜର ନିର୍ଭରଶୀଳତାକୁ ହ୍ରାସ କରାଇ ଏକ 'ପ୍ଲସ୍ ୱାନ୍ ଲକ୍ଷ୍ୟସ୍ଥଳ' ଭାବେ ସାବ୍ୟସ୍ତ ହୋଇପାରିବ? ୨୦୧୫ରୁ ୨୦୧୯ ମଧ୍ୟରେ ବିଶ୍ୱର ସମସ୍ତ ଉତ୍ପାଦିତ ବସ୍ତୁର ରପ୍ତାନିର ୧୬ ପ୍ରତିଶତ ଏବଂ ଆମେରିକା ଓ ୟୁରୋପୀୟ ୟୁନିୟନ ଯେତେ ଉତ୍ପାଦିତ ବସ୍ତୁ ଆମଦାନୀ କରିଥିଲେ ତା'ର ୫ଭାଗ ଚାଇନା ହିଁ ଯୋଗାଇଥିଲା। ଏହା ଏକ ବିରାଟ ପର୍ବତ, ଯାହାକୁ ଚଢ଼ିବା ଅତ୍ୟନ୍ତ କାଠିକର ପାଠ ହେବ। ଚତୁର୍ଦ୍ଦିଗରୁ ଦ୍ୱିଗୁଣିତ ଓ ପ୍ରବଳ ଉଦ୍ୟମ ଦ୍ୱାରା ଏହା ସମ୍ଭବପର ହୋଇପାରିବ ବୋଲି କ୍ରେଡିଟ ରେଟିଂ ଇନ୍‌ଫରମେଶନ ସର୍ଭିସେସ୍ ଅଫ୍ ଇଣ୍ଡିଆ ଲିମିଟେଡ (କ୍ରିସିଲ୍) ଦ୍ୱାରା କରାଯାଇଥିବା ଅନୁଧ୍ୟାନରୁ ଏହା ଜଣାପଡ଼ିଛି।

ଗତ ତିନି ଦଶନ୍ଧି ଧରି ଭାରତର ମାନୁଫ୍ୟାକଚରିଂ ସେକ୍ଟରର ମୋଟ ଘରୋଇ ଉତ୍ପାଦ(ଜିଡିପି)ର ପ୍ରାୟ ୧୫ ପ୍ରତିଶତ ପାଖାପାଖି ନିଶ୍ଚଳ, ନିଷ୍କ୍ରିୟ ଓ ଗତିଶୂନ୍ୟ ହୋଇ ବସି ରହିଛି। ଫଳସ୍ୱରୂପ ଜିଡିପିକୁ ପଣ୍ୟଦ୍ରବ୍ୟ ରପ୍ତାନିର ଅବଦାନ ହ୍ରାସ ପାଇ ୧୨% ପାଖାପାଖି ପଡ଼ିରହିଛି। ତୁଳନାତ୍ମକ ଭାବେ ଚାଇନାର ସ୍ଥିତି ସେହି ତୁଳନାରେ ଯଥାକ୍ରମେ ୩୦ରୁ ୨୦ ପ୍ରତିଶତ ରହିଛି ଏବଂ ଭାରତ ତୁଳନାରେ ଏହା ପ୍ରାୟ ୫ଗୁଣ ଅଧିକ ଅର୍ଥନୀତି ସମୃଦ୍ଧ ରାଷ୍ଟ୍ର ଭାବେ ପ୍ରତିପାଦିତ ହୋଇପାରିଛି। ଏପରିକି ଭିଏତ୍‌ନାମ ମଧ୍ୟ ଭାରତର ଗତି ତୁଳନାରେ ଅଧିକ ଦ୍ରୁତତର ଧାବମାନ ହୋଇ ମାନୁଫ୍ୟାକଚରିଂର କେନ୍ଦ୍ରସ୍ଥଳ ଭାବେ ଉଦ୍‌ଭାସିତ ହୋଇପାରିଛି। ମାନୁଫ୍ୟାକଚରିଂ କ୍ଷେତ୍ରରେ ପ୍ରଚଣ୍ଡ ସୁଯୋଗ ଓ ସମ୍ଭାବନା ଭାରତ ପାଇଁ ଏକ ବିଶାଳ ସିଂହଦ୍ୱାର ଉନ୍ମୋଚନ କରିଦେବ। ହ୍ୟୁଲେଟ ପାକାର୍ଡ (ଏଚ୍‌ପି) ପରି ବୃହତ୍ ଟେକ୍ନୋଲୋଜି କମ୍ପାନୀମାନେ ସେମାନଙ୍କର ସପ୍ଲାଇ ଚେନ୍‌କୁ ବିବିଧୀକରଣ କରିବା ପାଇଁ ନାନାବିଧ ପଦକ୍ଷେପ ନେଉଛନ୍ତି। ଏହାର ପ୍ରମୁଖ କାରଣ ହେଲା ଆମେରିକାରେ ପ୍ରଚଳିତ ଥିବା ଆମଦାନୀ ବା ରପ୍ତାନି ଶୁଳ୍କର ପ୍ରଭାବକୁ ହ୍ରାସ କରାଇବା, ଯାହାକି ସେମାନଙ୍କର ୨୦୧୯ର ବାର୍ଷିକ ଅଧିବେଶନର ଆହ୍ୱାନ ଥିଲା। ଗତ ଦୁଇ ବର୍ଷ ମଧ୍ୟରେ ଆମେରିକା ଚାଇନାରୁ ହେଉଥିବା ଆମଦାନୀ ଉପରେ ୫୦୦ ବିଲିୟନ ଡଲାର ମୂଲ୍ୟର ଶୁଳ୍କ ଲଗାଇ ଚାଇନା ଗାଲରେ ଏକ ଶକ୍ତ ଚାପୁଡ଼ା ମାରିଲା ପରି କାର୍ଯ୍ୟ କରିଛି। ୨୦୧୯ ରେ ବିଶ୍ୱ ବ୍ୟାଙ୍କର 'ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସ' ର୍‍ୟାଙ୍କିଙ୍ଗରେ ଭାରତ ୧୪ଟି ସୋପାନ ଉପରକୁ ଉଠି ୬୩ ତମ ସ୍ଥାନ ଅଧିକାର କରିଛି। ଗୁଡ୍ସ ଆଣ୍ଡ ସର୍ଭିସେସ୍ ଟ୍ୟାକ୍ସ (ଜିଏସ୍‌ଟି) ଏବଂ ପରିବେଶ ସମ୍ବନ୍ଧୀୟ ଅନୁମତିକୁ ତ୍ୱରାନ୍ୱିତ କରିବା ଭଳି ଢାଞ୍ଚା ସମ୍ବନ୍ଧୀୟ ସଂସ୍କାର ବ୍ୟବସ୍ଥାର ପ୍ରଣୟନ କାରଣରୁ ଏହା ସମ୍ଭବପର ହୋଇପାରିଲା। ତଥାପି ଭାରତ ଦକ୍ଷିଣ କୋରିଆ ଓ ଚାଇନା ଭଳି ଦେଶଠାରୁ ଏ କ୍ଷେତ୍ରରେ ବହୁ ପଛରେ ପଡ଼ିରହିଛି।

ସମସ୍ତ ସୁଯୋଗ ଓ ସମ୍ଭାବନାକୁ ହାତମୁଠାକୁ ଆଣିବା ପାଇଁ କ୍ରିସିଲ ରିସର୍ଚ୍ଚ ଭାରତବର୍ଷର ପ୍ରତିଯୋଗିତାମୂଳକ ଶକ୍ତି ଓ ଦୁର୍ବଳତାକୁ ତନ୍ନ ତନ୍ନ କରି ବିଶ୍ଳେଷଣ କରି ଶୂନ୍ୟ ସ୍ଥାନକୁ ଠିକ୍ ଭାବେ ଚିହ୍ନଟ କରିଛି। କେଉଁସବୁ ସେକ୍ଟରକୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସ୍ଥଳ ଭାବେ ସ୍ଥିରୀକୃତ କରାଯାଇପାରିବ ତାହା ମଧ୍ୟ ନିର୍ଣ୍ଣୟ କରିପାରିଛି। ଶ୍ରମ, ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ ଭାରତ ଅଣ ପ୍ରତିଯୋଗିତାମୂଳକ ରହିଅଛି। ନିକଟ ଅତୀତରେ ୪୪ଟି ଶ୍ରମ ଆଇନର ସମ୍ମିଶ୍ରଣ ହୋଇ ୪ଟି କୋଡ୍‌କୁ ପରିବର୍ତ୍ତିତ ହେବା ନିଶ୍ଚିତ ରୂପେ ଏକ ସ୍ୱାଗତଯୋଗ୍ୟ ସଂସ୍କାର ପ୍ରକ୍ରିୟା। ଠିକ୍ ସେହିପରି ମାନୁଫ୍ୟାକଚରିଂ ଭିତ୍ତିଭୂମିର ତୁରନ୍ତ ସମ୍ପ୍ରସାରଣ ହେଲେ ତାହା ପୁଞ୍ଜି ଲଗାଣକୁ ବହୁଳ ଭାବେ ଆକର୍ଷିତ କରିବ। ଜମିଜମା କ୍ଷେତ୍ରରେ ସଂସ୍କାର ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସିଦ୍ଧାନ୍ତମୂଳକ। ଭାରତ ସରକାର ଭିଏତ୍‌ନାମର ପରି ବଡ଼ ବଡ଼ ଜମିଜମାକୁ ଲିଜ୍ ସୂତ୍ରରେ ନେଇ ବନ୍ଦୋବସ୍ତ କରିବା ସହ ପୁନଃ ଭାଗବଣ୍ଟନ ଓ ବର୍ଗୀକରଣ କରି ଭଡା, ସବ୍-କଣ୍ଟ୍ରାକ୍ଟ ଏବଂ ବନ୍ଧକ ମଧ୍ୟ ଦେଇପାରିବେ।

ଭାରତ ଗୋଟିଏ ଚୁକ୍ତିପତ୍ରକୁ ରୂପାୟିତ କରିବା ପାଇଁ ୧୪୪୦ ଦିନ ନେଉଥିଲା ବେଳେ ସିଙ୍ଗାପୁର ୧୫୦ ଦିନ ନେଇଥାଏ। ଏକାଧିକ କୋର୍ଟ କେସ୍ ଅମୀମାଂସିତ ବା ବିଚାରାଧୀନ ରହିଥିବା କାରଣରୁ ଏଭଳି ଘଟଣା ଭାରତରେ ଘଟିଥାଏ। 'ଇଜ୍-ଅଫ୍-ଡୁଇଙ୍ଗ-ବିଜ୍‌ନେସ' ପାଇଁ ଏହି ସମୟ ସୀମାକୁ ହ୍ରାସ କରାଯିବା ଏକାନ୍ତ ଅପରିହାର୍ଯ୍ୟ। ପବ୍ଲିକ ଡୋମେନ୍ ବା ସର୍ବସାଧାରଣ ଜନତାଙ୍କ ନିୟନ୍ତ୍ରଣ ବା ପ୍ରଭାବର ପରିସର ମଧ୍ୟରେ ଥିବା ନାନାବିଧ ଡକୁମେଣ୍ଟକୁ ତନ୍ନ ତନ୍ନ ଅନୁଧ୍ୟାନ କରି କ୍ରିସିଲ୍ ରିସର୍ଚ୍ଚ ଏହି ଉପସଂହାରରେ ପହଞ୍ଚିଛି କି ଏହି ପାରାମିଟରରେ ଭାରତର ସ୍ଥାନ ୬୩ ଥିଲାବେଳେ ଚାଇନା ୩୧ ଓ ଦକ୍ଷିଣ କୋରିଆ ତୃତୀୟ ସ୍ଥାନରେ ଅଛି। ୨୦୧୯ରେ ହୋଇଥିବା ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରକାଶ କରିଛି କି 'କଣ୍ଟ୍ରାକ୍ଟ ଏନଫୋର୍ସମେଣ୍ଟ' ବା ଚୁକ୍ତିପତ୍ରର ପ୍ରବର୍ତ୍ତନ ଏବଂ 'ଡିସ୍‌ପୋଜାଲ ରିଜୋଲ୍ୟୁଶନ' ବା ନିଜ ଅଧିକାରରେ ଥିବା ବସ୍ତୁ ଇତ୍ୟାଦି ଉପରୁ ସନ୍ଦେହର ଦୂରୀକରଣ ଭାରତବର୍ଷରେ 'ଇଜ୍-ଅଫ-ଡୁଇଙ୍ଗ-ବିଜିନେସ୍' କ୍ଷେତ୍ରରେ ଏକକ ବୃହତ୍ତମ ପ୍ରତିବନ୍ଧକ ହୋଇ ଠିଆ ହୋଇଛି।

କେନ୍ଦ୍ର ସରକାର ଦୀର୍ଘସୂତ୍ରୀ ବ୍ୟବସ୍ଥା ମାଧ୍ୟମରେ ଟିକସ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ପ୍ରୋତ୍ସାହନ ଅର୍ଥରାଶି ବା ରିହାତି ପ୍ରଦାନ କରି ନୂଆ ନୂଆ ସେକ୍ଟର ଯଥା- ମୋବାଇଲ ଫୋନ୍, ଦେଶରକ୍ଷା ସାମଗ୍ରୀ ଏବଂ ଲିଥିୟମ ଆୟନ୍ ବ୍ୟାଟେରି କ୍ଷେତ୍ରରେ ମାନୁଫ୍ୟାକଚରିଂ ଇକୋସିଷ୍ଟମ ଗଢ଼ିତୋଳିବା ଉଚିତ। ତତ୍‌ସହ ନିଜର ଅନୁମୋଦିତ ଶକ୍ତି ଥିବା ସେକ୍ଟର ଯଥା- ଟେକ୍ସଟାଇଲ, ଚମଡ଼ା, ଅଟୋ ମୋବାଇଲ ସରଞ୍ଜାମ ଏବଂ ଫାର୍ମାସ୍ୟୁଟିକାଲ ଆଦି କ୍ଷେତ୍ରରେ ଅଧିକରୁ ଅଧିକ ଗୁରୁତ୍ୱ ପ୍ରଦାନ କରିବା ଉଚିତ ହେବ।

ରେଡିମେଡ୍ ପୋଷାକ ପରିଚ୍ଛଦ କ୍ଷେତ୍ରରେ ଭାରତ ବାଂଲାଦେଶ ଓ ଭିଏତ୍‌ନାମ ପାଖରେ ହାର୍ ମାନିଯାଇଛି ଓ ନିଜକୁ ସମର୍ପଣ କରିଦେଇଛି। ଏହାର ପ୍ରମୁଖ କାରଣ ହେଲା ଯେ, ଏହି ଦୁଇ ଦେଶ ଫ୍ରି ଟ୍ରେଡ୍ ଏଗ୍ରିମେଣ୍ଟ (ଏଫ୍‌ଟିଏ) ବା ମୁକ୍ତ ବାଣିଜ୍ୟିକ ରାଜିନାମା ଉପଭୋଗ କରୁଛନ୍ତି। ଏଣୁ ଉଭୟ ରେଡିମେଡ ପୋଷାକ ପରିଚ୍ଛଦ ଓ ଚମଡା କ୍ଷେତ୍ରରେ ଭାରତ ଫ୍ରି ଟ୍ରେଡ୍ ଏଗ୍ରିମେଣ୍ଟ ବା ମୁକ୍ତ ବାଣିଜ୍ୟିକ ରାଜିନାମାର ଅନ୍ତର୍ଭୁକ୍ତ ହେବା ନିତାନ୍ତ ଆବଶ୍ୟକ। ପୁନଶ୍ଚ 'ମର୍କାଣ୍ଟାଇଜ ଏକ୍ସପୋର୍ଟ ଫ୍ରମ୍ ଇଣ୍ଡିଆ ସ୍କିମ୍' ମାଧ୍ୟମରେ ପଣ୍ୟଦ୍ରବ୍ୟର ରପ୍ତାନି ପାଇଁ ଭାରତ ସମ୍ମୁଖୀନ ହେଉଥିବା ବହୁବିଧ ସମସ୍ୟାର ସମାଧାନ ପାଇଁ ପଥ ସୁଗମ କରିବା ଉଚିତ।

କୋଭିଡ-୧୯ ମହାମାରୀର ଆବିର୍ଭାବ ପରେ ବିଶ୍ୱର ବହୁ ବଡ଼ ବଡ଼ ଫାର୍ମାସ୍ୟୁଟିକାଲ କମ୍ପାନୀ ନିଜର ସପ୍ଲାଇ ଚେନ୍‌କୁ ସୁରକ୍ଷିତ କରି ରଖୁଛନ୍ତି ଏବଂ ଚାଇନା ଉପରେ ନିର୍ଭରଶୀଳତାକୁ ହ୍ରାସ କରାଉଛନ୍ତି। ଚାଇନାର ବହୁଳ ଉତ୍ପାଦନ ଧାରା କାରଣରୁ ଚାଇନା ଓ ଭାରତରେ ପ୍ରସ୍ତୁତ ହେଉଥିବା ଔଷଧର ଆକ୍ଟିଭ ଫାର୍ମାସ୍ୟୁଟିକାଲ ଇନ୍‌ଗ୍ରେଡିଏଣ୍ଟ (ଏପିଆଇ) ଓ ମଧ୍ୟବର୍ତ୍ତୀ ପଦାର୍ଥଗୁଡ଼ିକ (ଇଣ୍ଟରମେଡିଏଟ)ର ମୂଲ୍ୟରେ ୨୫-୩୦ ପ୍ରତିଶତ ପାର୍ଥକ୍ୟ ରହୁଛି। ଅଧିକ ଦୃଢ଼ ନିଶ୍ଚିତ ହେବାପାଇଁ କେନ୍ଦ୍ର ସରକାର ଦେଶରେ ବୃହତ୍ ଡ୍ରଗ ପାର୍କ ନିର୍ମାଣ କରିବା ପାଇଁ ୩୦୦୦କୋଟି ଟଙ୍କାର କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି। କେନ୍ଦ୍ର ସରକାର ପୁନଶ୍ଚ ୭ ହଜାର କୋଟି ଟଙ୍କାର ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ ଯୋଜନା ମାଧ୍ୟମରେ ଦେଶରେ ୫୩ଟି ଏପିଆଇର ପ୍ରସ୍ତୁତି ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି, ଯାହାକି ଅଧିକ ଆମଦାନୀ ଉପରେ ନିର୍ଭର କରିବ। ଏ ସମସ୍ତ କାର୍ଯ୍ୟକ୍ରମ ନିଶ୍ଚିତରୂପେ ଧନ୍ୟବାଦାର୍ହ। ପରନ୍ତୁ ଡ୍ରଗ୍ ନିର୍ମାତାମାନେ ରାସାୟନିକ ରପ୍ତାନିକାରୀଙ୍କ ପରି ଅଧିକ ଆଣ୍ଟି-ଡମ୍ପିଂ ଡ୍ୟୁଟି ଓ ଷ୍ଟ୍ରାଟେଜିକ୍ ମାନୁଫ୍ୟାକଚରିଂ ଇନ୍‌ସେନ୍‌ଟିଭ୍ ଆଶା କରୁଛନ୍ତି। ଏ କଥାକୁ ମଧ୍ୟ ଆମକୁ ଲକ୍ଷ୍ୟ ରଖିବାକୁ ପଡ଼ିବ।

ବି-୩, ଏଚ୍‌ଆଇଜି କଲୋନୀ, ବରମୁଣ୍ଡା ହାଉସିଂ ବୋର୍ଡ, ଭୁବନେଶ୍ୱର, ମୋ- ୯୩୩୮୨୦୪୯୯୩

# ଆଦିବାସୀ ଜୀବନଶୈଳୀରେ କୃଷି



ସାରଦା ପ୍ରସାଦ କର

ଓଡ଼ିଶାରେ କୃଷିଜୀବୀ ଆଦିବାସୀ କହିଲେ ଡଙ୍ଗରିଆ କନ୍ଧ ଜନଜାତିଙ୍କୁ ବୁଝାଏ। ପାହାଡ଼ ପାଦଦେଶର ଗଡ଼ାଣିଆ ଅଞ୍ଚଳରେ ସେମାନେ ଧାନ, ଡାଲି ଜାତୀୟ ଶସ୍ୟ ଓ ପନିପରିବା ଇତ୍ୟାଦି ଚାଷ କରନ୍ତି। ସେମାନେ ସାଧାରଣତଃ ଜୈବିକ ସାର ପ୍ରୟୋଗ କରିବା ସହ ଆୟ ଓ ବ୍ୟୟକୁ ଧ୍ୟାନ ଦେଇଥାନ୍ତି। ସେଣ୍ଟର୍ ଫର୍ ଇଣ୍ଟିଗ୍ରେଟେଡ୍ ରୁରାଲ୍ ଆଣ୍ଡ ଟ୍ରାଇବାଲ୍ ଡେଭ୍‌ଲପ୍‌ମେଣ୍ଟ (ସି.ଆଇ.ଆର୍.ଟି.ଡି.) ଭଳି ଆଞ୍ଚଳିକ ଅଣଲାଭକାରୀ ସଂସ୍ଥା ଜୈବିକ ଚାଷ ଓ ଚାଷୀଙ୍କ ଦ୍ୱାରା ପ୍ରସ୍ତୁତ ସିଡ୍ ବ୍ୟାଙ୍କ୍‌କୁ ପ୍ରୋତ୍ସାହନ ଦେଇଆସୁଛି। ସେମାନଙ୍କ ଜିରୋ ବଜେଟ୍ ନାଚୁରାଲ୍ ଫାର୍ମିଂକୁ ଓଡ଼ିଶାର ଅନ୍ୟ ଚାଷୀମାନେ ଅନୁସରଣ କଲେ ଅସୁବିଧା ନାହିଁ।

ଚାଷୀମାନଙ୍କ ଭିତରେ ମୁଣ୍ଡା ଓ ଓରାମ୍ ଆଦିବାସୀ ଚାଷରେ ଜୈବ ସାର ଏବଂ କୀଟନାଶକ ବ୍ୟବହାର କରନ୍ତି। ମହୁଆ ଯେଉଁଥିରେ ପ୍ରଚୁର ପ୍ରାକୃତିକ ଉପାଦାନ ଥାଏ ଏବଂ ଏହା ପ୍ରାକୃତିକ ଭାବେ ଉକ୍ତ ଅଞ୍ଚଳରୁ ପର୍ଯ୍ୟାପ୍ତ ମିଳିଥାଏ, ସେଥିରୁ ସେମାନେ ସାର ଓ କୀଟନାଶକ ଉତ୍ପନ୍ନ କରି ଚାଷରେ ବିନିଯୋଗ କରନ୍ତି। ଫଳସ୍ୱରୂପ ଆଗରୁ ଗୋଟିଏ ଏକର ଜମିରୁ ଦୁଇ କୁଇଣ୍ଟାଲ ରାଗି ବା ଫିଙ୍ଗର୍ ମିଲେଟ୍ ବାହାରୁ ଥିବାବେଳେ ଏବେ ୧୨ କୁଇଣ୍ଟାଲ ଉତ୍ପାଦନ ହେଉଛି।

ପାଉଡ଼ିଭୂୟାଁ ଜନଜାତି ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର ଓ ଅନୁଗୁଳ ଜିଲାରେ ବସବାସ କରିଥାନ୍ତି। ଝାଡୁ ତିଆରି କରିବା, ମଶିଣା ବୁଣିବା, ବେତବୁଣା କାର୍ଯ୍ୟ, ଲିଚୁ ଚାଷ, ଟସର ଚାଷ ଓ ପୋଡୁ ଚାଷ ସେମାନେ କରିଥାନ୍ତି। ସେମାନେ ଗୋଟିଏ ଗୃହର ୩ ଭାଗରୁ ଗୋଟିଏ ଆଭ୍ୟନ୍ତରୀଣ ଭାଗ ଶସ୍ୟ ମହଜୁଦ ନିମନ୍ତେ ବ୍ୟବହାର କରନ୍ତି। ଏଠାରେ ପୋଡୁ ଚାଷ ପ୍ରଣାଳୀ ବହୁଳ ପ୍ରଚଳିତ,ଯେଉଁ ଜମିକୁ (ବିରିଙ୍ଗା) କୁହାଯାଏ। ମିଶ୍ର ଚାଷ ପଦ୍ଧତିରେ ଡାଲି, ବାଜରା ଚାଷ ସହ ସେମାନେ ଗାଈ, ମଇଁଷି, ଛେଳି, ମେଣ୍ଢା, କୁକୁଡ଼ା ଓ ବତକ ଆଦି ପାଳନ କରିଥାନ୍ତି। ପାଉଡ଼ିଭୂୟାଁଙ୍କ ବ୍ୟତୀତ ଅନ୍ୟ ଏକ ଜନଜାତି ସଂପ୍ରଦାୟ ପାହାଡ଼ି ଖରିଆମାନେ ମୟୂରଭଞ୍ଜ ଜିଲାର ଯଶିପୁର ଓ କରଞ୍ଜିଆ ବ୍ଲକ୍‌ରେ ବସବାସ କରନ୍ତି। ମହୁ ସଂଗ୍ରହ ଓ ପ୍ରକ୍ରିୟାକରଣ, କିସ୍‌ମିସ୍, ଆରାରୁଟ୍, ଝାଡୁ, ମଶିଣା, ଖଳିପତ୍ର ତିଆରି ସହ ଖାଦ୍ୟ ସଂଗ୍ରହ, ଶିକାର ଓ ଚାଷ କରିବା ଏମାନଙ୍କର ମୁଖ୍ୟ ପେସା।

ମାଲକାନଗିରିର ବଣ୍ଡା ଜନଜାତି ଯାହା ଦେଶର ୭୫ଗୋଟି ନିର୍ଦ୍ଦିଷ୍ଟ କ୍ଷତିଗ୍ରସ୍ତ ଆଦିବାସୀ ଶ୍ରେଣୀ (ପାର୍ଟିକୁଲାର୍ ଭଲନରେବୁଲ୍ ଟ୍ରାଇବାଲ୍ ଗ୍ରୁପ୍) ମଧ୍ୟରେ ପରିଗଣିତ ଯୁଗେ ଯୁଗେ ଡଙ୍ଗର ଚାଷ ମାଧ୍ୟମରେ ଖାଦ୍ୟ ନିରାପତ୍ତାକୁ ନିଶ୍ଚିତ କରିଆସିଛି। ୨୦୧୮ର ଆକଳନ ଅନୁସାରେ ୦.୧୩ ମିଲିୟନ୍ ସମୁଦାୟ ବଣ୍ଡା ଘାଟି ଜନଜାତିଙ୍କୁ ରାଜ୍ୟ ସରକାରଙ୍କ ଓପେଲିପ୍ ଓ ଆନ୍ତର୍ଜାତିକ ସଂସ୍ଥା ଆଇ.ଏଫ୍.ଏ.ଡି.ର ଯୁଗ୍ମ ପରିଚାଳନା ମାଧ୍ୟମରେ କୃଷିର ବିକାଶ କରାଯାଉଛି। ମୌସୁମୀର ପ୍ରଥମ ବର୍ଷା ସହ ଏହି ବଣ୍ଡାମାନେ ଚାଷକାର୍ଯ୍ୟ ଆରମ୍ଭ କରନ୍ତି ଏବଂ ନଭେମ୍ବରଠାରୁ ଜାନୁୟାରୀ ମଧ୍ୟରେ ଅମଳ କରନ୍ତି। 'ବୁହି ପରବୋର' ପରି ଧର୍ମୀୟ ପାଳନ ଅବସରରେ ମାଟି ମା' ଓ ପୂର୍ବପୁରୁଷଙ୍କୁ ଉତ୍ସର୍ଗ କରନ୍ତି। ସେମାନଙ୍କ ଧାରଣା ଯେ, ମାଟି ମା' ଓ ପୂର୍ବପୁରୁଷଙ୍କ ଯୋଗୁ ଧରଣୀ ଶସ୍ୟ-ଶ୍ୟାମଳା ହେଉଛି। 'ପୋଡୁ'ଚାଷ ଯେଉଁଥିରେ ଛୋଟ ଅନାବନା ଗଛ କାଟି ଏବଂ ପୋଡ଼ି ସେମାନେ ଜମିକୁ ଚାଷଯୋଗ୍ୟ କରନ୍ତି। ପ୍ରତ୍ୟେକ ଚାଷ ପରେ ସେମାନେ ଜମିକୁ ତିନିବର୍ଷ ପାଇଁ ଖାଲି ଛାଡ଼ିଦିଅନ୍ତି। ଯାହାଫଳରେ ପ୍ରାକୃତିକ ଭାବେ ମାଟିରେ ଗଛବୁଦା ସବୁ ଉଠିଥାନ୍ତି। ପୁଣି ତିନି ବର୍ଷ ପରେ ସେହି ଜାଗାରେ ଜୈବିକ ପାଉଁଶ ପ୍ରୟୋଗ କରି ପୋଡୁଚାଷ କରନ୍ତି। ହଳଦ୍ୱାରା ଚାଷ କରି ମାଟିକୁ ହୁଗୁଳା କରି କ୍ଷୟ ପରିବର୍ତ୍ତେ ସେମାନେ ମାଟିକୁ ଖୋଳି ବିହନ ଶଯ୍ୟା ତିଆରି କରନ୍ତି। ଧାନ ସହ ମକା ଓ ତୈଳବୀଜ ବୁଣିବା ଏକାଥରେ କରାଯାଏ।

ଭାରତରେ ସମୁଦାୟ ୬୨ ଗୋଟି ବିଭିନ୍ନ ଜନଜାତିଙ୍କୁ ସ୍ୱୀକୃତି ମିଳିଛି। ଏଥିମଧ୍ୟରେ ସର୍ବପ୍ରାଚୀନ ତଥା ବୃହତ୍ତମ ଜନଜାତି ସାନ୍ତାଳ ସଂପ୍ରଦାୟ ଅନ୍ତର୍ଭୁକ୍ତ। ଏମାନେ ଓଡ଼ିଶା ସହ ଆସାମ, ଛତିଶଗଡ଼, ଝାଡ଼ଖଣ୍ଡ, ବିହାର ଓ ପଶ୍ଚିମବଙ୍ଗ ଅଞ୍ଚଳରେ ଦେଖାଯାଆନ୍ତି। ଏମାନେ ମଧ୍ୟ ପର୍ଯ୍ୟାୟକ୍ରମ ଚାଷ ବା ସିଫ୍ଟିଂ କଲ୍ଟିଭେସନ୍‌କୁ ଆପଣେଇଛନ୍ତି। ଓଡ଼ିଶା ଓ ଆନ୍ଧ୍ରରେ ଏଭଳି ଚାଷକୁ ପୋଡୁଚାଷ, କେରଳରେ 'ଓନାମ୍' ଓ ଆସାମରେ 'ଝୁମ' ବୋଲି କୁହାଯାଏ। ଏହି ପ୍ରାଚୀନ ପଦ୍ଧତି ଚାଷ ଏସିଆ, ଆଫ୍ରିକା ଓ ଦକ୍ଷିଣ ଆମେରିକାରେ ପ୍ରଚଳିତ। ଦକ୍ଷିଣ-ପୂର୍ବ ଏସିଆରେ ଏହି ଚାଷକୁ 'ଲେଡିଂ' କୁହାଯାଏ। କେନ୍ଦ୍ର-ଆମେରିକାରେ 'ମିଲପା', ଆଫ୍ରିକାରେ 'ଟାଭି' ବା ଚିଟେମେନ୍ ଓ ଶ୍ରୀଲଙ୍କାରେ 'ଚେନ୍ନା' ପଦ୍ଧତି କୁହାଯାଏ। ମୁଣ୍ଡା ଜନଜାତି ଶ୍ରେଣୀ ଅନ୍ତର୍ଭୁକ୍ତ ପାଖାପାଖି ୧୦ ହଜାର ଜୁଆଙ୍ଗ ଆଦିବାସୀମାନେ ଓଡ଼ିଶାର କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ ଓ ଯାଜପୁର ଜିଲାରେ ଦେଖାଯାଆନ୍ତି। ବଣ କନ୍ଦାମୂଳ ଓ ଆମ୍ବ ଟାକୁଆ ଖାଇବା ସହ ସେମାନେ ଘର ପାଖରେ ଅଳ୍ପ କିଛି ମକା ଚାଷ କରନ୍ତି।

ଆଦିବାସୀମାନେ ପାରମ୍ପରିକ ଚାଷ ବ୍ୟତୀତ ନୂତନ ପଦ୍ଧତିରେ ଚାଷ ଆରମ୍ଭ କଲେଣି। ଏଥିମଧ୍ୟରେ ସୌଖୀନ୍ ଫୁଲ ଓ ଔଷଧୀୟ ବୃକ୍ଷ ଯଥା ଘିକୁଆଁରୀ, ସଦାବିହାରୀ, ଥାଲକୁଡି ଆଦି ଅନ୍ତର୍ଭୁକ୍ତ। ଗଞ୍ଜାମରେ ରାସ୍ତାକଡ଼ରେ ଫୁଟିଥିବା କିଆଫୁଲରୁ ଅଞ୍ଚଳର ଲୋକମାନେ ଅତର ପ୍ରସ୍ତୁତ କରନ୍ତି। ସେହିଭଳି ଗବ ମଞ୍ଜି (ଜାଟ୍ରୋଫା)ରୁ ଜୈବ ଇନ୍ଧନ ପ୍ରସ୍ତୁତ କରାଯାଇ ଆର୍ଥିକ ଲାଭବାନ ହୋଇପାରୁଛନ୍ତି ଚାଷୀ। ତେବେ ଆଦିବାସୀମାନଙ୍କୁ ଏଭଳି କୃଷିଭିତ୍ତିକ ଶିଳ୍ପରେ ନିଯୁକ୍ତ କରି ସରକାର ସାମାଜିକ ମାନଦଣ୍ଡରେ ଉନ୍ନତି ଆଣିବା ସହ ବେକାରି ଉପରେ ଲଗାମ ଲଗାଇପାରନ୍ତେ। ଛତୁଚାଷ, ମହୁ ଚାଷ, ଫଳବଗିଚା ଓ ଫୁଲଚାଷ ସ୍ୱଳ୍ପ ସ୍ଥାନ ଓ ଅଳ୍ପ ପୁଞ୍ଜିରେ ହୋଇପାରୁଥିବାବେଳେ ସରକାରୀ ପରିଚାଳିତ ଓମ୍‌ଫେଡ୍ /ଓପୋଲଫେଡ୍ ପରି ସଂସ୍ଥା ଆଗକୁ ଆସି ଆଦିବାସୀ ଚାଷର ଉତ୍ପାଦ ଓ ବିକ୍ରିକୁ ବ୍ୟାପକ କରିପାରନ୍ତା। ସରକାରଙ୍କ ଜନଜାତି କଲ୍ୟାଣ ବୋର୍ଡ ଓ ଖଦି ନିଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ତୈଳବୀଜ ଚାଷ, ହଳଦୀ ପ୍ରକ୍ରିୟାକରଣ, ମହୁ ଚାଷ ଓ ଫୁଲଝାଡୁ ତିଆରି ଇତ୍ୟାଦି କାର୍ଯ୍ୟକ୍ରମ ବ୍ୟାପକ କରିବାର ଆବଶ୍ୟକତା ରହିଛି।

ରାଜ୍ୟରେ ଅଜାଙ୍କ ସମୟରେ ୩ ପ୍ରତିଶତ ଆଉ ନାତି ସମୟରେ ସେହି ୩ ପ୍ରତିଶତ ଜଳସେଚିତ ଅଞ୍ଚଳ। ତେବେ ଆଦିବାସୀଟିଏ ମୁଣ୍ଡବାଡ଼େଇବ ନା ବର୍ଷା ପାଇଁ ଯଜ୍ଞ କରିବ! ଅଧିକ ଅର୍ଥ ଆୟକାରୀ କନ୍ଦମୂଳ, ଦେଶୀଆଳୁ, କପା, ହରଡ଼ ସହ ମିଶ୍ର ଚାଷ ହିସାବରେ ଛେଳି, କୁକୁଡ଼ା ଓ ଗୋପାଳନ କରି ଆଦିବାସୀଟିଏ ଲାଭବାନ ହୋଇପାରିବ। କେନ୍ଦ୍ର ସରକାରଙ୍କ କୃଷି ଆଇନ ବିରୋଧରେ ଚାଷୀମାନଙ୍କର ବିଶାଳ ରଣହୁଙ୍କାର ପରିପ୍ରେକ୍ଷୀରେ କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୁଙ୍କ ସରକାରକୁ ତାଚ୍ଛଲ୍ୟରେ ଆଦିବାସୀ ଚାଷୀର ଯାଏ କେତେ ଆସେ କେତେ!

ପୁରୁଣା ଭୁବନେଶ୍ୱର
ମୋ:୮୨୪୯୮୨୭୧୪୮

## ଏଇ ଭାରତରେ

ବୟସ ୨୨, କିନ୍ତୁ ବତାସ ପୀଡିତ ଲୋକମାନଙ୍କ ପୁନଃ ଥଇଥାନ ଲାଗି ନିଜକୁ ସମର୍ପଣ କରିଛନ୍ତି କୋଲକାତାର ଆୟୁଷ ସାରଦା। ସେ ନିଜସ୍ୱ ଉଦ୍ୟମରେ ସୁନ୍ଦରବନରେ ଥିବା ଗାଁଗୁଡ଼ିକରେ ଲୋକମାନଙ୍କୁ ସଶକ୍ତ କରିବାରେ ଲାଗିଛନ୍ତି। ଏବେ ସୁଦ୍ଧା ୫୦ଟି ପରିବାରକୁ ସେମାନଙ୍କ ଜୀବନ ଜୀବିକାର ବାଟ ଦେଖାଇଛନ୍ତି। ଆୟୁଷ ଅମ୍ଫନ ବାତ୍ୟା ପରେ କ୍ଷତିଗ୍ରସ୍ତ ଏହି ଲୋକମାନଙ୍କୁ ମହୁଚାଷ ଓ ସୁନ୍ଦରବନରୁ ମହୁ ସଂଗ୍ରହ କରାଇବାରେ ସକ୍ଷମ ହୋଇଛନ୍ତି। ମହୁ ମାର୍କେଟିଂରେ ସେମାନଙ୍କୁ ମଧ୍ୟ ସାହାଯ୍ୟ କରୁଛନ୍ତି। ୫୦ଟି ପରିବାର ମାସକୁ ୧୨୦୦ ବୋତଲ ପ୍ରାୟ ୫୦୦ କେଜି ମହୁ ବିକ୍ରି କରୁଛନ୍ତି। ମହୁର ପ୍ୟାକେଜିଂ ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି। ପ୍ରଥମେ ୧୦ଟି ପରିବାର ଏହି କାର୍ଯ୍ୟରେ ନିୟୋଜିତ ହେବା ପରେ ଏବେ ୫୦ଟି ପରିବାର ଏହି ଅଭିଯାନରେ ଯୋଡି ହୋଇସାରିଲେଣି। ବାତ୍ୟା ପୂର୍ବରୁ ଏମାନଙ୍କର ହାରାହାରି ଆୟ ୨,୫୦୦ ଟଙ୍କା ଥିଲା ଓ ଏବେ ଏହା ୧୦,୦୦୦ ଟଙ୍କାକୁ ବୃଦ୍ଧିପାଇଛି। ମେ ୨୦୨୦ରେ ଅମ୍ଫନ ବାତ୍ୟା ସୁନ୍ଦରବନ ଅଞ୍ଚଳରେ ଧ୍ୱଂସ ରଚିବା ପରେ ସେଠାକାର ଲୋକେ ସବୁ ହରାଇଥିଲେ। ପରେ ସେଠାକାର ଏକ ଗାଁକୁ ଆୟୁଷ ରିଲିଫ କାର୍ଯ୍ୟରେ ଯାଇ ଲୋକମାନଙ୍କ ଦୁଃଖ ଦେଖି ସେମାନଙ୍କୁ ରୋଜଗାର ଯୋଗାଇ ଦେବାର ନିଷ୍ପତ୍ତି ନେଇଥିଲେ। 'ସୁଇଟ୍‌ନେସ ଅଫ୍ ଏର୍ଥ' ନାମକ ସଂସ୍ଥା ଗଠନ କରି ସେ ଏହି କାର୍ଯ୍ୟ କରୁଛନ୍ତି। ଏହି ସଂସ୍ଥାରେ ଏବେ ୧୦୦ ଜଣ ସ୍ୱେଚ୍ଛାସେବୀ ରହିଛନ୍ତି। ସେମାନେ ଏହି ଅଞ୍ଚଳରେ ୧୨୫୦ଟି ଘର ମରାମତି ମଧ୍ୟ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଡିସେମ୍ବର ୧୯୯୫

- ବିଶ୍ୱଜନମତକୁ ପୁଣିଥରେ ଉପେକ୍ଷା କରି ଫ୍ରାନ୍ସ ୫ମ ଥର ପାଇଁ ଦକ୍ଷିଣ-ପ୍ରଶାନ୍ତ ମହାସାଗରରେ ଆଣବିକ ପରୀକ୍ଷା କରିଛି।
- ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ଯୋଜନା ବୋର୍ଡର ଅଧ୍ୟକ୍ଷା ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କୁ ସମ୍ମାନଜନକ ରାଜ୍ୟସ୍ତରୀୟ 'ଲିଙ୍ଗରାଜ ପୁରସ୍କାର' ପ୍ରଦାନ।

## ଚିରନ୍ତନୀ

ଶୀତଳ ବାରି ଝରଇ ଭାଲେ
ଧରି ଚିବୁକ ଚୁମଇ ଗାଲେ,
ଶୀକର ବାଆ ବକ୍ଷୁ କାଢ଼େ ଅଞ୍ଚଳ
ଆର୍ଦ୍ରତବ ବାହୁଯୁଗଳ କୁନ୍ତଳ।
-(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | D | 8 | | | | A | | | | 3 | 2 | |
| | | A | 4 | 6 | | | | C | | | 9 | 7 | | |
| 1 | 5 | 4 | | B | | | 0 | | | | C | | | |
| | 8 | | | | 0 | | | | | E | | | | B |
| | 3 | 9 | | | 5 | 4 | | | | | | | 6 | |
| | 1 | | C | | | 9 | | | | | 5 | | B | E |
| | E | B | | D | 3 | 7 | | | | | | | A | 2 |
| | | | | | | C | 8 | | | D | | | | 9 |
| | C | | E | | B | | | | | 4 | | | | 5 |
| | D | 5 | | 9 | 2 | | | | B | | A | | 3 | 1 |
| | 0 | | B | 5 | | | 1 | | | 8 | | | | A |
| | | | 1 | | 8 | D | E | | | | | B | 4 | |
| | | | | A | | 3 | | | 4 | 7 | | | E | |
| | 9 | E | 6 | 0 | | | C | | | | 2 | | | |
| | 4 | 6 | | 3 | C | | | | | | | 0 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 5 | D | C | 2 | 8 | E | 9 | 6 | 7 | 1 | B | 0 | 4 | 3 |
| E | C | 8 | 4 | 9 | 7 | 3 | B | 2 | 0 | 5 | A | 6 | D | 1 |
| 9 | B | 4 | 1 | A | 5 | D | C | 0 | 3 | E | 6 | 2 | 8 | 7 |
| 1 | 2 | 3 | E | 0 | 6 | 5 | 8 | 7 | D | 9 | 4 | C | A | B |
| 7 | 6 | 0 | 3 | B | D | A | 4 | 1 | C | 2 | 8 | 5 | E | 9 |
| 2 | 1 | 6 | A | 8 | 3 | 4 | 7 | C | B | 0 | 5 | E | 9 | D |
| B | E | 7 | 5 | C | 4 | 6 | 3 | D | 2 | A | 9 | 1 | 0 | 8 |
| 8 | A | 5 | 9 | D | 0 | 2 | E | B | 4 | 3 | 1 | 7 | 6 | C |
| 3 | D | 9 | 6 | 7 | 1 | 0 | 5 | A | 8 | C | E | B | 2 | 4 |
| 0 | 4 | C | 2 | E | B | 9 | 1 | 8 | 6 | D | 7 | A | 3 | 5 |
| 6 | 7 | B | 0 | 5 | 2 | 1 | D | E | 9 | 8 | 3 | 4 | C | A |
| 4 | 3 | A | D | 6 | C | 7 | 2 | 9 | 5 | B | 0 | 8 | 1 | E |
| C | 0 | 2 | 7 | 3 | E | 8 | A | 5 | 1 | 4 | D | 9 | B | 6 |
| 5 | 9 | 1 | 8 | 4 | A | B | 0 | 3 | E | 6 | C | D | 7 | 2 |
| D | 8 | E | B | 1 | 9 | C | 6 | 4 | A | 7 | 2 | 3 | 5 | 0 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବାର୍ଦ୍ଧକ୍ୟ ଭତ୍ତା ସମୁଦ୍ରକୁ ଶଙ୍ଖେ

ମହାଶୟ,

ରାଜ୍ୟ ସରକାର ବରିଷ୍ଠ ନାଗରିକମାନଙ୍କୁ ୫୦୦ଟଙ୍କା ଲେଖାଏ ଭତ୍ତା ଦେଉଛନ୍ତି। ଆଗେ ତିନିଶ' ମିଳୁଥିଲା, ଏବେ ପାଞ୍ଚ ଶହ ଟଙ୍କା ମିଳୁଛି। ମୁଁ ବି ଜଣେ ବୃଦ୍ଧ ବ୍ୟକ୍ତି ଭାବରେ ମାସିକ ୫୦୦ଟଙ୍କା ପେନ୍‌ସନ ପାଉଛି। ବୁଢ଼ୀବୁଢ଼ାମାନଙ୍କ ପାଇଁ ମାସିକ ୫୦୦ଟଙ୍କା ପେନ୍‌ସନ ପ୍ରଧାନ ସମ୍ବଳ ହେଲେ ମଧ୍ୟ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ ନୁହେଁ କି। ଆଜିକାର ମହଙ୍ଗା ଯୁଗରେ ପାଞ୍ଚ ଶହ ଟଙ୍କା ପଚାଶ ଟଙ୍କା ସହ ସମାନ। କୌଣସି ମତେ ଜୀବନ ଧାରଣ କରିବା ସମ୍ଭବ ନୁହେଁ ପାଞ୍ଚଶହ ଟଙ୍କାରେ। ବହୁ ବୁଢ଼ୀବୁଢ଼ା ଔଷଧ ଉପରେ ନିର୍ଭର କରି ଚଳିଥାନ୍ତି। ପାଞ୍ଚ ଶହ ଟଙ୍କାରେ ଏମାନେ କେତେ ଔଷଧ କିଣିବେ ଏବଂ କ'ଣ ଖାଇ ବଞ୍ଚିବେ। ବୁଢ଼ୀବୁଢ଼ାମାନଙ୍କୁ ଭତ୍ତା ବାବଦରେ ପାଞ୍ଚ ଶହ ଟଙ୍କା ଦେବା ଆଦୌ ଠିକ୍ ନୁହେଁ। ସେମାନଙ୍କ ପେଟକୁ ଅନ୍ନ ଦେବା ଭଳି ଭତ୍ତାର ପରିମାଣ ବଢ଼ାଇବା ଉଚିତ।

-ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୯ ଡିସେମ୍ବର, ୨୦୨୦



**ସିଂହଦ୍ୱାରଠାରେ ଲିଙ୍ଗରାଜଙ୍କୁ ଦର୍ଶନ କଲେ ମନ୍ତ୍ରୀ**

ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ.): ରବିବାରଠାରୁ ଖୋଲିଛି ଶ୍ରୀଲିଙ୍ଗରାଜଙ୍କ ମନ୍ଦିର। ପ୍ରଥମେ ଦେଖିବାକୁ ସୁଯୋଗ ପାଇଛନ୍ତି ସେବାୟତ ଓ ତାଙ୍କ ପରିବାର ସଦସ୍ୟ। ସୋମବାର ମହାସୁଆର ସେବାୟତ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସିଂହଦ୍ୱାରଠାରେ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିବା ସହ ଦୀପଦାନ କରିଥିଲେ। ଅନ୍ୟପଟେ କେତେଜଣ ସେବାୟତ ଏବଂ ପୋଲିସ କର୍ମଚାରୀ ମୁହଁରେ ମାସ୍କ ପିନ୍ଧି ନ ଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ କହିଛନ୍ତି, ଯେଉଁ ସେବାୟତ ମାସ୍କ ପିନ୍ଧୁ ନାହାନ୍ତି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଂକ୍ଷେପରେ

### କଟୁରି ଦେଖାଇ ଲୁଟ୍ ଘଟଣା, ୪ ଗିରଫ

ବାଲିଅନ୍ତା,୨୮।୧୨(ଡି.ଏନ୍.ଏ.): ବାଲିଅନ୍ତା ଥାନା ଅଧୀନ ବେଣ୍ଟପୁରର କେନାଲ ବନ୍ଧ ରାସ୍ତାରେ ଗତ ୨୩ତାରିଖରେ ଜଣେ ଅର୍ଥଲଗାଣକାରୀ କର୍ମଚାରୀଙ୍କୁ କଟୁରି ଦେଖାଇ ଲୁଟ୍ ଘଟଣାରେ ପୋଲିସ ସୋମବାର ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ବେଣ୍ଟପୁର ଅଞ୍ଚଳର ସମୀର ଭୋଇ, ରାକେଶ ଭୋଇ, ରାଜେନ୍ଦ୍ର ଭୋଇ ଓ ବାଲିପାଟଣା ଥାନା ଅଧୀନ ମାର୍ଥାପୁର ଅଞ୍ଚଳର ସନ୍ତୋଷ ବେହେରା। ପୋଲିସ ଏମାନଙ୍କ ନିକଟରୁ ନଗଦ ୧୦ହଜାର ଟଙ୍କା, ବ୍ୟବହୃତ କଟୁରି ଓ ସ୍କୁଟି ଗାଡ଼ି ଜବତ କରିଛି। ଗତ ୨୩ତାରିଖରେ ଏକ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାର କର୍ମଚାରୀ ତ୍ରିନାଥ ସ୍ୱାଇଁ ବେଣ୍ଟପୁର ଗ୍ରାମରୁ କିସ୍ତି ଟଙ୍କା ଆଦାୟ କରି ଫେରୁଥିଲେ। କେନାଲ ବନ୍ଧ ନିକଟରେ ରାଜେନ୍ଦ୍ର ଫୋନ କରି ଅନ୍ୟ ୩ଜଣଙ୍କୁ ଜଣାଇଥିଲେ। ୩ ଜଣ ସ୍କୁଟିରେ ଆସିବା ପରେ ୪ଜଣ ମିଶି ତ୍ରିନାଥଙ୍କୁ କଟୁରି ଦେଖାଇ ଅଟକାଇ ମାଡ଼ମାରି ତାଙ୍କଠାରୁ ୧୯ହଜାରରୁ ଊର୍ଦ୍ଧ୍ୱ ଟଙ୍କା ସହ ବ୍ୟାଗ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ ବୋଲି ଥାନାଧିକାରୀ ପ୍ରଦୀପ କୁମାର ରାଉତ କହିଛନ୍ତି। ତେବେ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ମାମଲା ଥିବା ଜଣାପଡ଼ିଛି।

### ବ୍ରହ୍ମଗିରିରେ ହେବ ହାଇଲେଭଲ ବ୍ରିଜ୍, କଣ୍ଟ୍ରୋଲ ଷ୍ଟ୍ରକ୍ଚର

ଭୁବନେଶ୍ୱର,୨୮।୧୨(ବ୍ୟୁରୋ): ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମାଳିସାହିଠାରେ ଏକ ହାଇଲେଭଲ ସେତୁ ନିର୍ମାଣ ଲାଗି ନିଷ୍ପତ୍ତି ହୋଇଛି। ପୂର୍ବରୁ ନାବାର୍ଡ ସହାୟତାରେ ଏହି ସ୍ଥାନରେ ଏକ ସେତୁ ନିର୍ମାଣ ଆରମ୍ଭ ହୋଇ ଦୀର୍ଘଦିନ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। ଫଳରେ ଲୋକେ ଗମନାଗମନରେ ଅସୁବିଧା ହେଉଛି। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ଅର୍ଦ୍ଧନିର୍ମିତ ସେତୁର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ସେହିପରି ବ୍ରହ୍ମଗିରି ବ୍ଲକ୍‌ର ନରସିଂହ ପାଟଣା, ଜଗନ୍ନାଥ ପାଟଣା, ବଳଭଦ୍ର ପାଟଣା ଓ ବରୁଡି ମଉଜାର ପ୍ରାୟ ୨୫୦୦ ହେକ୍ଟର ଚାଷ ଜମିକୁ ନିରନ୍ତର ଜଳସେଚନ ତଥା ଲୁଣା ପାଣି ପ୍ରଭାବରୁ ମୁକ୍ତକରି ଚାଷ ଜମି ପାଇଁ ଜଳସେଚନ କରିବା ଉଦ୍ଦେଶ୍ୟରେ ସୁନାମୁଖୀ ନଦୀ ଉପରେ ଏକ କଣ୍ଟ୍ରୋଲ୍ ଷ୍ଟ୍ରକଚର ନିର୍ମାଣ ପାଇଁ ମଧ୍ୟ ବିଧିବଦ୍ଧ ନିଷ୍ପତ୍ତି ନିଆଯାଇଛି। ଦୀର୍ଘଦିନ ଧରି ସୁନାମୁଖୀ ନଦୀ ଉପରେ ଏକ କଣ୍ଟ୍ରୋଲ୍ ଷ୍ଟ୍ରକଚର ନିର୍ମାଣ କରିବା ଉପରେ ଜନସାଧାରଣ ଦାବି କରି ଆସୁଥିଲେ। ବୈଠକରେ ଜଳସେଚନ ବିଭାଗ ସଚିବ ଅନୁ ଗର୍ଗଙ୍କ ଉପସ୍ଥିତି ଥିଲେ।

# ଖୁବ୍‌ଶୀଘ୍ର ଖୋଲିବ ରାଜ୍ୟ ସଂଗ୍ରହାଳୟ

ଭୁବନେଶ୍ୱର,୨୮।୧୨(ବ୍ୟୁରୋ)

■ଏଥିସହ ଆରମ୍ଭ ହେବ ଭର୍ଚୁଆଲ୍ ଟୁର୍

■ଆଜି ୬୩ତମ ପ୍ରତିଷ୍ଠା ଦିବସ

ଖୁବ୍‌ଶୀଘ୍ର ଖୋଲିବ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ। କରୋନା ସଂକ୍ରମଣ ଲାଗି ଦୀର୍ଘ ୯ମାସ ଧରି ବନ୍ଦ ରହିଥିବା ରାଜ୍ୟ ସଂଗ୍ରହାଳୟକୁ ସର୍ବସାଧାରଣଙ୍କ ପାଇଁ ଖୋଲାଯିବ। କୋଭିଡ୍ କଟକଣା ମଧ୍ୟରେ ଜାନୁୟାରୀ ୧ ପରେ ସଂଗ୍ରହାଳୟ ଖୋଲିବାକୁ ପଦକ୍ଷେପ ନିଆଯିବ ବୋଲି ସୂଚନା ମିଳିଛି। ଏଥିସହ ପ୍ରଥମଥର ପାଇଁ ରାଜ୍ୟ ସଂଗ୍ରହାଳୟ ମଧ୍ୟରେ ଦର୍ଶକଙ୍କ ପାଇଁ ଭର୍ଚୁଆଲ୍ ଟୁର୍ ଆରମ୍ଭ କରାଯିବ। ପ୍ରଥମ ପର୍ଯ୍ୟାୟରେ ପ୍ରତ୍ନତତ୍ତ୍ୱ ବିଭାଗ ଗ୍ୟାଲେରିର ଭର୍ଚୁଆଲ୍ ଟୁର୍‌ର ଉଦ୍‌ଘାଟନ କରାଯିବ। ସଂଗ୍ରହାଳୟର ୱେବ୍‌ସାଇଟ୍‌କୁ ଯାଇ ଦର୍ଶକମାନେ ପ୍ରତ୍ନତାତ୍ତ୍ୱିକ ଏବଂ ବ୍ରୋଞ୍ଜ୍ ଗ୍ୟାଲେରିର ଭର୍ଚୁଆଲ୍ ଟୁର୍ କରିପାରବେ। ସଂଗ୍ରହାଳୟକୁ ନ ଆସି ପର୍ଯ୍ୟଟକମାନେ ଘରେ ବସି ମୋବାଇଲ୍ ଫୋନ୍‌ରେ ରାଜ୍ୟ ସଂଗ୍ରହାଳୟରେ ରହିଥିବା ପୁରାତନ କୀର୍ତ୍ତିରାଜି, ପ୍ରତ୍ନତାତ୍ତ୍ୱିକ ମୂର୍ତ୍ତି ସମୂହ, ବୌଦ୍ଧ ଓ ଜୈନଙ୍କ କୀର୍ତ୍ତିରାଜି ଆଦି ଦେଖିପାରିବେ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ଅଧୀନରେ ଥିବା ଏହି ସଂଗ୍ରହାଳୟ ମଙ୍ଗଳବାର ଏହାର ୬୩ତମ ପ୍ରତିଷ୍ଠା ଦିବସ ପାଳନ କରିବ। କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରଥମଥର ପାଇଁ ସଂଗ୍ରହାଳୟର ପ୍ରତିଷ୍ଠା ଦିବସକୁ ଭର୍ଚୁଆଲ୍ ମାଧ୍ୟମରେ ପାଳନ କରାଯିବ। କାର୍ଯ୍ୟକ୍ରମର ସିଧାପ୍ରସାରଣ ଫେସ୍‌ବୁକ୍ ଏବଂ ୟୁଟ୍ୟୁବ୍ ମାଧ୍ୟମରେ କରାଯିବ। ଲୋକାର୍ପିତ ହେବାକୁ ଥିବା ପ୍ରତ୍ନତାତ୍ତ୍ୱିକ ଗ୍ୟାଲେରିରେ ରାଜ୍ୟ ପ୍ରତ୍ନତାତ୍ତ୍ୱିକ ଉତ୍‌ଖନନ ଏବଂ ସେଠାରୁ ମିଳିଥିବା ପ୍ରାଚୀନ ସାମଗ୍ରୀ ସହ ତଥ୍ୟ ରହିବ। ଏହାସହିତ ପ୍ରତିଷ୍ଠା ଦିବସ ଅବସରରେ ଖ୍ରୀଷ୍ଟାବ୍ଦ ପ୍ରଥମରୁ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରାଚୀନ ସ୍ୱର୍ଣ୍ଣ ମୁଦ୍ରାର ଏକ ପ୍ରଦର୍ଶନୀ କରାଯିବ। ସଂଗ୍ରହାଳୟର ମୁକ୍ତ ଉଦ୍ୟାନରେ ପୂର୍ବରୁ ଏକାଧିକ ଔଷଧୀୟ ବୃକ୍ଷ ରୋପଣ କରାଯାଇଥିବାବେଳେ ପ୍ରତିଷ୍ଠା ଦିବସରେ ରୁଦ୍ରାକ୍ଷବୃକ୍ଷ ଲଗାଯିବ। ସଂଗ୍ରହାଳୟ କୋଠା ଓ ପରିସର ଆଲୋକୀକରଣ ଏବଂ ସଂଗ୍ରହାଳୟ ସମ୍ମୁଖ ଓ ଆଭ୍ୟନ୍ତରୀଣ ଫାଉଣ୍ଟେନ୍‌ର ଉଦ୍‌ଘାଟନ କରାଯିବ। 'ଓଡ଼ିଶାରେ ବୁଦ୍ଧିଜିମ୍' ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।



ଭୁବନେଶ୍ୱରସ୍ଥିତ ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ପରିସର ଉତ୍କଳ ରଙ୍ଗମଞ୍ଚରେ ସଂସ୍କୃତି ବିଭାଗ ଓ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଚାଲିଥିବା ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବରେ ସୋମବାର ଶିଳ୍ପୀ ଜ୍ୟୋତିର୍ମୟୀ ମହାନ୍ତି ନୃତ୍ୟ ପରିବେଷଣ କରୁଛନ୍ତି।

## ବାପା ଆର୍‌ଟିଆଇରେ ତଥ୍ୟ ମାଗିବାରୁ ଝିଅ ଚାକିରି ଗଲା

ଭୁବନେଶ୍ୱର,୨୮।୧୨(ବ୍ୟୁରୋ)

**ଡିଏଫ୍‌ଓଙ୍କ ବିରୋଧରେ ଓଏଚ୍‌ଆର୍‌ସିରେ ଅଭିଯୋଗ**

ମହାନଦୀ ବନ୍ୟପ୍ରାଣୀ ବିଭାଗ ନୟାଗଡ଼କୁ ଆର୍‌ଟିଆଇ ସହାୟତାରେ ଜଣେ ବ୍ୟକ୍ତି ତଥ୍ୟ ମାଗିବାରୁ ତାଙ୍କ ଝିଅଙ୍କୁ ଚାକିରି ହରାଇବାକୁ ପଡ଼ିଛି। କୋଭିଡ୍ ବାହାନାରେ ଚାକିରିରୁ ବାହାର କରିଦିଆଯାଇଛି। ଏନେଇ ଚାକିରି ହରାଇଥିବା ମହିଳା ଜଣକ ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତାଙ୍କ ବିରୋଧରେ ସୋମବାର ଓଡ଼ିଶା ମାନବାଧିକାର କମିଶନ(ଓଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏଥିସହ ଏ ସଂକ୍ରାନ୍ତ ଅଡିଓ ଓଏଚ୍‌ଆର୍‌ସିଙ୍କୁ ଦେଇଛନ୍ତି।

ମହିଳା ଜଣକ ହେଲେ ନୟାଗଡ଼ ଜିଲା ଦଶପଲ୍ଲା ଅଞ୍ଚଳର ସୁରଭି ନନ୍ଦ। ସୁରଭି ୨୦୧୫ରୁ ଉକ୍ତ ବିଭାଗରେ ଦୈନିକ ବେତନପ୍ରାପ୍ତ ଡାଟା ଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ, ଜୁନ୍ ୩୧ ଲକ୍‌ଡାଉନ ସମୟରେ ବିନା ନୋଟିସରେ ତାଙ୍କୁ ଅଫିସ ଆସିବାକୁ ମନା କରାଗଲା। ତାଙ୍କ ସମେତ ୩ଜଣଙ୍କୁ ଚାକିରିରୁ ବାହାର କରି ଦିଆଯାଇଥିଲା। ୭ଦିନ ପରେ ଅନ୍ୟଦୁଇଜଣଙ୍କୁ ଚାକିରିରେ ରଖାଯାଇଥିଲେ ମଧ୍ୟ ସୁରଭିଙ୍କୁ ଡକାଗଲା ନାହିଁ। ଚାକିରି ସମ୍ପର୍କରେ ବୁଝାଶୁଝା ପାଇଁ ସେ ଅଫିସକୁ ଯାଇଥିବାବେଳେ ଜଣେ ଉପରିସ୍ଥ କର୍ମଚାରୀ ସେଠାକୁ ନ ଆସିବା ପାଇଁ ତାଗିଦ୍ କରିବା ସହ ତାଙ୍କ ଫୋନ୍ ନମ୍ବରକୁ ବ୍ଲକ୍ କରିଦେଇଥିଲେ। ଏହାର କାରଣ ମଧ୍ୟ ସୁରଭି ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ସୁରଭିଙ୍କ ପିତା ସତ୍ୟନାରାୟଣ ନନ୍ଦ ଜଣେ ସାମାଜିକ କର୍ମୀ। ସେ କିଛି ମାସ ତଳେ ସତ୍ୟନାରାୟଣ ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବିଭାଗକୁ ମଧ୍ୟ ତଥ୍ୟ ମାଗିଥିଲେ। ଏହାପରେ ଡିଏଫ୍‌ଓ ହର୍ଷବର୍ଦ୍ଧନ ତାଙ୍କୁ ବାରମ୍ବାର ତାଗିଦ୍ କରି ବାପାଙ୍କୁ ଏସବୁରୁ ନିବୃତ୍ତ ରହିବାକୁ ଚାପ ପକାଉଥିଲେ। ତେବେ ତାଙ୍କୁ ଟାର୍ଗେଟ୍ କରି ଚାକିରିରୁ ବାହାର କରିଦିଆଯିବା ନିହାତି ଅମାନବୀୟ। ତେଣୁ ନ୍ୟାୟ ଦେବାକୁ ସେ କମିଶନଙ୍କୁ ନିବେଦନ କରିଛନ୍ତି। ଏପଟେ ଡିଏଫ୍‌ଓ ହର୍ଷବର୍ଦ୍ଧନ କହିଛନ୍ତି, ମୋ ନାମରେ ଏହା ଏକ ମିଥ୍ୟା ଅଭିଯୋଗ। ଅଫିସରେ ଜଣେ ମାତ୍ର ଡାଟା ଏଣ୍ଟ୍ରି ଅପରେଟର ପୋଷ୍ଟ ପାଇଁ ଆଲଟ୍‌ମେଣ୍ଟ ଥିବାବେଳେ ମୋ ପୂର୍ବରୁ ଯିଏ ଥିଲେ ସେ ଅନ୍ୟ ହେଡ୍‌ରୁ ଟଙ୍କା ଦେଇ ୭ଜଣଙ୍କୁ ରଖିଥିଲେ। ତେଣୁ ପର୍ଯ୍ୟାୟକ୍ରମେ ୬ଜଣଙ୍କୁ ବାହାର କରାଯାଇଥିଲା। ଏହା କୌଣସି ଆକ୍ରୋଶମୂଳକ ନୁହେଁ। ଆର୍‌ଟିଆଇରେ ତଥ୍ୟ ମାଗିବା ସମସ୍ତଙ୍କ ଅଧିକାର। ଏଥିରେ ମୁଁ କାହାକୁ ବାଧା ଦେଇନାହିଁ ବୋଲି ସେ କହିଛନ୍ତି।

## ରେଳଧାରଣା ନିକଟରୁ ଗଳିତ ମୃତଦେହ ଜବତ

ଭୁବନେଶ୍ୱର,୨୮।୧୨(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଏକ ହୋଟେଲ ପାର୍ଶ୍ୱ ରେଳ ଧାରଣା ନିକଟ ପରିତ୍ୟକ୍ତ ସ୍ଥାନରୁ ଜଣେ ବୃଦ୍ଧଙ୍କ ଗଳିତ ମୃତଦେହ ଜବତ କରିଛି ପୋଲିସ। ମୃତ ବ୍ୟକ୍ତିଜଣକ ହେଲେ ପୁରୀ ଜିଲା ନିମାପଡା ଥାନା ଅଣ୍ଡିଆ ଗ୍ରାମର ଟି.ଗଣେଷ(୬୨)। ସପ୍ତାହେ ହେବ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରୁଛି। ସେ ଏକ ଟିଶାର୍ଟ ଓ ଜିନ୍ ପ୍ୟାଣ୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି। ବେକରେ ଦାଗ ଓ ଶରୀରରେ ଏକାଧିକ ସ୍ଥାନରେ କ୍ଷତ ଚିହ୍ନ ରହିଥିବାରୁ ତାଙ୍କୁ କିଏ ହତ୍ୟା କରି ଏଠାରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ୍‌ର ପ୍ରାଥମିକ ତଦନ୍ତରୁ ମିଳିଥିବା ସୂଚନା ମୁତାବକ, ଗଣେଷ ମାସେ ତଳେ ଘରୁ ରାଗି କୋରାପୁଟ ଚାଲି ଯାଇଥିଲେ। ସେଠାରେ କିଛିଦିନ ରହିବା ପରେ ଭୁବନେଶ୍ୱର ଆସିଥିଲେ। ସପ୍ତାହେ ତଳେ ସେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିଲେ। ସୋମବାର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଦେଇ ଯାଇଥିବା ରେଳ ଲାଇନ୍ ନିକଟରେ ଏକ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଯୁବକ ପୋଲିସକୁ ଖବର କରିଥିଲେ। ତେବେ ପୋଲିସ ଘଟଣା ସଂକ୍ରାନ୍ତରେ ପରିବାର ଲୋକଙ୍କୁ ଖବର ଦେଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।

## ୯ ବରିଷ୍ଠ ଚିତ୍ରଶିଳ୍ପୀ ସମ୍ବର୍ଦ୍ଧିତ



କାର୍ଯ୍ୟକ୍ରମରେ ଅତିଥିମାନେ ସମ୍ମାନ ପ୍ରଦାନ କରୁଛନ୍ତି।

ପୁରୁଣା ଭୁବନେଶ୍ୱର, ୨୮।୧୨(ଡି.ଏନ୍.ଏ.)

ଧଉଳି ଚାରୁକଳା ମହାବିଦ୍ୟାଳୟ ଓ ଅନିଲା ଆର୍ଟ ଫାଉଣ୍ଡେଶନ ପକ୍ଷରୁ ଶାନ୍ତିସ୍ତୁପଠାରେ ରାଜ୍ୟସ୍ତରୀୟ ଜଳରଙ୍ଗ ଚିତ୍ର ଶିବିର 'ସ୍ୟାଡୋ ଅଫ୍ ହେରିଟେଜ୍' ଓ ଶିଳ୍ପୀ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀର କାର୍ଯ୍ୟକାରୀ ସଦସ୍ୟା ଡ. ଶୁଭଶ୍ରୀ ଲେଙ୍କା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଶିଷ୍ଟ ଚିତ୍ରଶିଳ୍ପୀ ଜଗଦିଶ ଚନ୍ଦ୍ର କାନୁନଗୋଙ୍କୁ କଳା ମଉଡ଼ମଣି ସମ୍ମାନ, ବିନୋଦ ମହାରଣାଙ୍କୁ କଳା ଶିରୋମଣି ସମ୍ମାନ, ଶରତ ରଥଙ୍କୁ ମରଣୋତ୍ତର ଭାବେ କଳା ଚୁଡ଼ାମଣି ସମ୍ମାନ, ବୃନ୍ଦାବନ ମହାରଣାଙ୍କୁ ଚିତ୍ର ମନ୍ଦାକିନୀ ସମ୍ମାନ, ଅଲେଖ ଚରଣ ସାହୁଙ୍କୁ ଯଶସ୍ୱୀ କଳା ଐତିହାସିକ ସମ୍ମାନ, ଝୁନେନ୍ଦ୍ର ପଟ୍ଟନାୟକଙ୍କୁ ଚିତ୍ରଯୋଗୀ ସମ୍ମାନ, ଗୌରାଙ୍ଗ ବାରିକିଙ୍କୁ ଚିତ୍ର ବସନ୍ତ ସମ୍ମାନ ପ୍ରଦାନ କରାଯାଇଥିଲା। ମଞ୍ଚଶିଳ୍ପୀ ସଂଗ୍ରାମ ମହାରଣାଙ୍କୁ ଅଭିନ୍ନ ମଞ୍ଚଶିଳ୍ପୀ ପ୍ରତିଭା ସମ୍ମାନ ଓ ଚିତ୍ରଶିଳ୍ପୀ ପଞ୍ଚାନନ ସାମଲଙ୍କୁ ଅନିଲା କଳା ଗୌରବ ସମ୍ମାନ ମିଳିଥିଲା। ମହାବିଦ୍ୟାଳୟ କାର୍ଯ୍ୟକାରୀ ସଭାପତି ହୃଷିକେଶ ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ଅଧ୍ୟକ୍ଷ ପଞ୍ଚାନନ ସାମଲ , ସମ୍ପାଦକ ମିହିରକାନ୍ତ ପ୍ରହରାଜ, ଅଧ୍ୟାପିକା ମଧୁସ୍ମିତା ଦାସ ଓ ଫାଉଣ୍ଡେଶନପ୍ରତିଷ୍ଠାତା ଶଶଧର ପତି ଉପସ୍ଥିତ ଥିଲେ।

## କୋଭିଡ୍ ମୁକାବିଲାରେ ବ୍ୟାଙ୍କ ଭୂମିକାକୁ ପ୍ରଶଂସା

ଭୁବନେଶ୍ୱର,୨୮।୧୨(ବ୍ୟୁରୋ)

**୧୬୧ତମ ବ୍ୟାଙ୍କର୍ସ କମିଟି ବୈଠକ**

ରାଜ୍ୟର ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ସର୍ବଦା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛନ୍ତି । କରୋନା ମହାମାରୀ ମୁକାବିଲାରେ ରାଜ୍ୟର ଆର୍ଥିକ କ୍ଷେତ୍ରକୁ ମଜଭୁତ କରିବାରେ ବ୍ୟାଙ୍କଗୁଡ଼ିକ ନିରବଚ୍ଛିନ୍ନ ସେବା ଯୋଗାଇ ଆସିଛନ୍ତି ବୋଲି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ମତବ୍ୟକ୍ତ କରିଛନ୍ତି । ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ୧୬୧ତମ ବୈଠକରେ ଯୋଗଦେଇ ନିରଞ୍ଜନ କହିଛନ୍ତି, କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏହି ୩ଟି ମୁଖ୍ୟକ୍ଷେତ୍ରକୁ ବ୍ୟାଙ୍କଗୁଡ଼ିକ ଅଗ୍ରାଧିକାର ଭିତ୍ତିରେ ଋଣ ଯୋଗାଇଦେବା ଜରୁରୀ । ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି, ରାଜ୍ୟର ଆର୍ଥିକ ପୁନରୁଦ୍ଧାର ପାଇଁ ବ୍ୟାଙ୍କଗୁଡ଼ିକ ଅର୍ଥ ଯୋଗାଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛନ୍ତି। ଜନସାଧାରଣଙ୍କୁ ସହଯୋଗ କରିବାକୁ ବ୍ୟାଙ୍କଗୁଡ଼ିକ ସମୟୋପଯୋଗୀ କର୍ତ୍ତବ୍ୟ କରିଛନ୍ତି। କୃଷି ଉତ୍ପାଦନ କମିଶନର ରାଜକୁମାର ଶର୍ମା କୃଷି କ୍ଷେତ୍ରରେ ହିତାଧିକାରୀ ଏବଂ ଭାଗଚାଷୀଙ୍କୁ ଚିହ୍ନଟ କରି ଋଣ ଯୋଗାଇ ଦେବା ପାଇଁ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦେଇଛନ୍ତି । ସେହିପରି କୃଷି ବିଭାଗ ସଚିବ ସୌରଭ ଗର୍ଗ କହିଛନ୍ତି, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଏବଂ ବଳରାମ ଯୋଜନାରେ ଚାଷୀଙ୍କୁ ଋଣ ସହାୟତା ଯୋଗାଇ ଦେବା ପାଇଁ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀମାନେ ଦୃଷ୍ଟି ଦିଅନ୍ତୁ। ମୁଖ୍ୟମନ୍ତ୍ରୀ ଗତ ୨୨ ତାରିଖରେ ଦେଇଥିବା ପରାମର୍ଶ ଆଧାରରେ ବ୍ୟାଙ୍କର୍ସମାନେ କାର୍ଯ୍ୟ କରିବେ ବୋଲି ଅର୍ଥ ସଚିବ ଏ. କେ. ମୀନା ଆଶା ପ୍ରକାଶ କରିଛନ୍ତି। ଏମ୍‌ଏସ୍‌ଏମ୍‌ଇ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି, ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ରାଜ୍ୟ କିଛି ସଫଳତା ପାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ଲକ୍ଷ୍ୟ ହାସଲ ହୋଇନାହିଁ । ଦକ୍ଷିଣାଞ୍ଚଳର ଜିଲାଗୁଡ଼ିକୁ ବ୍ୟାଙ୍କଗୁଡ଼ିକ ବିଶେଷଭାବେ ଦୃଷ୍ଟି ଦେବା ଦରକାର। ଏହାସହ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ଅଧିକ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ବ୍ୟାଙ୍କଗୁଡ଼ିକ ଦୃଷ୍ଟି ଆକର୍ଷଣ କରିଛନ୍ତି। ମିଶନ ଶକ୍ତି ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ କହିଛନ୍ତି, ଗ୍ରାମ୍ୟ ଅର୍ଥନୀତିର ବିକାଶରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ସକ୍ରିୟ କାର୍ଯ୍ୟ କରିଆସୁଛନ୍ତି । ଯେପରି ଏ କ୍ଷେତ୍ରରେ ଅଧିକ ମହିଳା ସାମିଲ ହେବେ, ସେ ଦିଗରେ ବ୍ୟାଙ୍କଗୁଡ଼ିକ ଋଣ ପ୍ରଦାନ କରନ୍ତୁ । ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ସଚିବ ଆର୍. ରଘୁ ପ୍ରସାଦ କହିଛନ୍ତି, ବାର୍ଷିକ ଋଣ ଯୋଜନାର ଅର୍ଥ ଠିକ୍ ଭାବେ ବିତରଣ ହେବା ତଥା କିଷାନ କ୍ରେଡିଟ୍ କାର୍ଡ ଯୋଗାଣ ଏବଂ ହିତାଧିକାରୀଙ୍କୁ ଋଣ ଯୋଗାଣ କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ଅଗ୍ରାଧିକାର ଦେବା ଆବଶ୍ୟକ ।

## 'ଏଥର ଆମ ଲକ୍ଷ୍ୟ ଜିରୋଏଫ୍ ପ୍ଲସ'

କଟକ ଅଫିସ,୨୮।୧୨

**ସ୍କୋଚ ସ୍ୱର୍ଣ୍ଣ ଆୱାର୍ଡ ପାଇଁ ଜିଲାପାଳଙ୍କୁ ସମ୍ବର୍ଦ୍ଧନା**

କଟକ ଜିଲାରେ ମିଶନ ଜିରୋଏଫ୍‌ର ସଫଳ ରୂପାୟନ ପାଇଁ ଜିଲା ପ୍ରଶାସନକୁ ଜାତୀୟସ୍ତରରେ 'ସ୍କୋଚ ସ୍ୱର୍ଣ୍ଣ ଆୱାର୍ଡ' ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସୋମବାର ରେଭେନ୍‌ଶା କଲିଜିଏଟ୍ ସ୍କୁଲରେ ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ନିଜସ୍ୱ ଚିନ୍ତାର ଯୋଜନା 'ଜିରୋଏଫ୍' ପାଇଁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ, କଟକ ଜିଲାରେ ଜିଲାପାଳ ଭାବେ ଦାୟିତ୍ୱ ନେବା ପରେ ଚୟନୀ ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଥିଲେ। ମାଟ୍ରିକ ପରୀକ୍ଷାରେ ଶତପ୍ରତିଶତ ହାରରେ ପିଲାଙ୍କୁ ପାସ୍ କରାଇବା ପାଇଁ ମିଶନ ଜିରୋଏଫ କାର୍ଯ୍ୟକ୍ରମକୁ ଚୟନୀ ଆରମ୍ଭ କରିଥିଲେ। ଯାହା ପରବର୍ତ୍ତୀ ସମୟରେ ଅନ୍ୟ ଜିଲା ପାଇଁ ଦୃଷ୍ଟାନ୍ତ ପାଲଟିଥିଲା। ଏହି ସମ୍ବର୍ଦ୍ଧନା ଉତ୍ସବରେ ଜିଲାପାଳ ଚୟନୀ କହିଥିଲେ, ଏଥର ଆମର ଲକ୍ଷ୍ୟ ଜିରୋଏଫ୍ ନୁହେଁ 'ଜିରୋଏଫ୍ ପ୍ଲସ'। ଏହି ଯୋଜନାକୁ ଆମକୁ ଆହୁରି ବ୍ୟାପକ କରିବାକୁ ହେବ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ରେଭେନ୍‌ଶା କଲିଜିଏଟ୍ ସ୍କୁଲର ପ୍ରଧାନଶିକ୍ଷକ ଅନୁସ୍ମିତା ସ୍ୱାଇଁ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅକ୍ଷୟ କୁମାର ଷଡ଼ଙ୍ଗୀ, ଲୋପାମୁଦ୍ରା ମିଶ୍ର ଓ ରଶ୍ମିତା ମିଶ୍ରଙ୍କ ସମେତ ଅନେକ ଶିକ୍ଷାବିତ୍ ଉପସ୍ଥିତ ଥିଲେ।





କାର୍ଯ୍ୟକ୍ରମରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ସରକାରୀ ସ୍କୁଲ ପିଲାଙ୍କ ପାଇଁ ସଂରକ୍ଷଣ ନିଷ୍ପତ୍ତିକୁ ସ୍ୱାଗତ

ଭୁବନେଶ୍ୱର, ୨୮।୧୨(ବ୍ୟୁରୋ)

ସରକାରୀ ସ୍କୁଲରେ ପଢ଼ିଲେ ମିଳିବ ସଂରକ୍ଷଣ। ସରକାରୀ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂ କଲେଜ ନାମଲେଖାରେ ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି ରାଜ୍ୟ ସରକାର। ଆଗାମୀ ଶିକ୍ଷାବର୍ଷଠାରୁ ଲାଗୁ ହେବ। ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହି ପ୍ରସ୍ତାବ ପାରିତ ହୋଇଥିବାବେଳେ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ସବୁ ମହଲରେ ସ୍ୱାଗତ କରାଯାଇଛି। ଏହାଦ୍ୱାରା ଅଭିଭାବକମାନେ ନିଜ ପିଲାଙ୍କୁ ସରକାରୀ ସ୍କୁଲରେ ପାଠ ପଢ଼ାଇବା ପାଇଁ ଇଚ୍ଛା ପ୍ରକାଶ କରିବେ ଓ ପିଲାମାନଙ୍କର ମଧ୍ୟ ପାଠପଢ଼ା ପ୍ରତି ଆହୁରି ମନୋବଳ ବୃଦ୍ଧି ପାଇବ ବୋଲି ମତ ପ୍ରକାଶ ପାଇଛି।



ଭୁବନେଶ୍ୱର ୟୁନିଟ୍-୮ ବାଳକ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଓ ଛାତ୍ରମାନେ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ ଜଣାଇ ଖୁସି ବ୍ୟକ୍ତ କରୁଛନ୍ତି।

### ଏମାନେ କ'ଣ କୁହନ୍ତି...



"ସରକାରୀ ସ୍କୁଲର ଛାତ୍ରୀଛାତ୍ରଙ୍କୁ ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ସଂରକ୍ଷଣ ବ୍ୟବସ୍ଥା ଏକ ଐତିହାସିକ ନିଷ୍ପତ୍ତି। ଆଧୁନିକ ଶିକ୍ଷା ସୁଯୋଗରୁ ବଞ୍ଚିତ ଗରିବ ମେଧାବୀ ଛାତ୍ରୀଛାତ୍ରମାନେ ନିଶ୍ଚିତ ଉପକୃତ ହେବେ। ତେବେ ସରକାର କେତେ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ସଂରକ୍ଷଣ ସୁବିଧା ଦେଇପାରିବେ, ଓଡ଼ିଶା ବାହାର ଶିକ୍ଷାନୁଷ୍ଠାନରେ ସଂରକ୍ଷଣ ବ୍ୟସ୍ଥା କରିପାରିବେ କି ତାହା ଏବେ ପ୍ରଶ୍ନବାଚୀ। ତେଣୁ ଏହା ଏକ ସ୍ୱଳ୍ପମିଆଦୀ ଯୋଜନା କିମ୍ବା ସମାଧାନ ହୋଇପାରେ। କିନ୍ତୁ ଦୀର୍ଘମିଆଦୀ ବ୍ୟବସ୍ଥା ପାଇଁ ସରକାର ବିଦ୍ୟାଳୟ ସ୍ତରରୁ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଆଧୁନିକ ଶିକ୍ଷା ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ।

**– ବିପ୍ଳବ ପ୍ରକାଶ ମହାନ୍ତି, ଆବାହକ, ଓଡ଼ିଶା ବୈଷୟିକ ଓ ବୃତ୍ତିଗତ ଛାତ୍ର ସଂଘ**



"କ୍ୟାବିନେଟ୍‌ର ନିଷ୍ପତ୍ତିକୁ ସ୍ୱାଗତ କରୁଛି। ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରି ୩ମାସ ମଧ୍ୟରେ ଏକ ରିପୋର୍ଟ ଦେବାପାଇଁ ସରକାର କହିଛନ୍ତି। ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ଏହି ବିକାଶ ଦେଖି ଖୁସି ଲାଗୁଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ଆଶା କରୁଛୁ ଓଡ଼ିଶାରେ ସର୍ବୋତ୍ତମ ଶିକ୍ଷା ବ୍ୟବସ୍ଥା ପାଇଁ ଉକ୍ତ କମିଟି ଗ୍ରାଉଣ୍ଡ୍ ଜିରୋରୁ ଗୁରୁତ୍ୱ ଦେବେ।

**– ବାସୁଦେବ ଭଟ୍ଟ, ଅଧ୍ୟକ୍ଷ, ଓଡ଼ିଶା ଅଭିଭାବକ ମହାସଂଘ**



"ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଏହା ଏକ ଭଲ ସୁଯୋଗ। ସରକାରୀ ସ୍କୁଲ ପିଲାମାନେ ପାଠପଢ଼ାରେ ଭଲ ଥିଲେ ମଧ୍ୟ କୌଣସି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। କାରଣ ସେମାନେ ଏହି ପ୍ରତିଯୋଗିତା ପାଇଁ ଦିଆଯାଉଥିବା କୋଚିଂ କ୍ଲାସ୍ ଲାଗି ଖର୍ଚ୍ଚ ବହନ କରିପାରନ୍ତି ନାହିଁ। ଫଳରେ ଘରୋଇ ସ୍କୁଲର ପିଲାଙ୍କଠାରୁ ଏମାନେ କିଛି ପରିମାଣରେ ପଛରେ ପଡ଼ିଯାଆନ୍ତି। ବର୍ତ୍ତମାନ ସରକାର ଯେଉଁ ସୁଯୋଗ ଦେଲେ, ତାହା ସେମାନଙ୍କର ସଫଳତା ପାଇଁ ଏକ ପଥ ଖୋଲିଗଲା।

**– ସୋନାମିକା ରାୟ, ପ୍ରଧାନଶିକ୍ଷୟିତ୍ରୀ, କ୍ୟାପିଟାଲ ହାଇସ୍କୁଲ**



"ସରକାରଙ୍କ ଏଭଳି ନିଷ୍ପତ୍ତି ନିଶ୍ଚିତ ଭାବେ ଆମ ସ୍ୱପ୍ନକୁ ପୂରଣ କରିବାରେ ସହାୟକ ହେବ। ସରକାରୀ ସ୍କୁଲରେ ପାଠପଢ଼ିବାକୁ ଆଗ୍ରହ ବଢ଼ିବ। ପିଲାମାନେ କୋଚିଂର ସୁବିଧା ପାଇପାରୁ ନ ଥିବାରୁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ପଛରେ ପଡ଼ନ୍ତି। ତେଣୁ ସରକାରୀ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ସରକାର ନେଇଥିବା ନିଷ୍ପତ୍ତି ଐତିହାସିକ ପଦକ୍ଷେପ।

**– ଅର୍ଚ୍ଚନା ଦାସ, ଛାତ୍ରୀ**



"ଆମକୁ ଭଲ ସୁଯୋଗ ମିଳିବ। ଆଗରୁ ସିବିଏସ୍‌ଇ, ଆଇସିଏସ୍‌ଇ ପିଲାଙ୍କୁ ଇଞ୍ଜିନିୟରିଂ ଓ ମେଡିକାଲ କ୍ରାକ୍ କରିବା ସହଜ ହେଉଥିଲା। କାରଣ ସେମାନଙ୍କ ପାଠ୍ୟକ୍ରମ ସେହିଭଳି ରହିଛି। କିନ୍ତୁ ସରକାରୀ ସ୍କୁଲର ପିଲା ଯେତେ ମେଧାବୀ ଥିଲେ ବି ଏ କ୍ଷେତ୍ରରେ ପଛରେ ପଡ଼ିଯାଆନ୍ତି। ତେଣୁ ସରକାରଙ୍କ ଏହି ପଦକ୍ଷେପ ଆମକୁ ଏକ ନୂଆ ରାସ୍ତା ଦେଖାଇଛି। ସେଥିପାଇଁ ସରକାରଙ୍କୁ ମୁଁ ଧନ୍ୟବାଦ ଜଣାଉଛି।

**–ନନ୍ଦିନୀ ନାୟକ, ଛାତ୍ରୀ**

# BUSINESS POWERLIST

ବର୍ଷ ୨୦୨୦
କରୋନା ଯୋଗୁ ସୃଷ୍ଟି ହୋଇଥିବା ପ୍ରତିକୂଳ ପରିସ୍ଥିତି ନିଯୁକ୍ତି ଏବଂ ଅର୍ଥନୀତିକୁ ପ୍ରଭାବିତ କରିଛି। ସେହି ପରିସ୍ଥିତିରୁ ବାହାରି ରାଜ୍ୟର ଅର୍ଥନୀତି ଏବଂ ନିଯୁକ୍ତି କ୍ଷେତ୍ରରେ ଦୃଢ଼ ସହଭାଗିତା ଦେଇ ବିକାଶର ଧାରାକୁ ପୁନର୍ବାର ଆରମ୍ଭ କରିବାରେ ଓଡ଼ିଶାର ଯେଉଁ ଘରୋଇ ଉଦ୍ୟୋଗୀମାନେ ଆଗରେ ରହିଛନ୍ତି, ସେମାନଙ୍କୁ ନେଇ ପ୍ରସ୍ତୁତ ହୋଇଛି ବିଜ୍‌ନେସ୍ ପାୱାର ଲିଷ୍ଟ। ଏହି ତାଲିକାରେ କ୍ରମାଙ୍କ ଅନୁସାରେ ପ୍ରସ୍ତୁତ କରାଯାଇନାହିଁ।



**ମିତେଶ ଖୁମ୍‌ଜୀ**
ଖୁମ୍‌ଜୀ ଜୁଏଲର୍ସ

**ଜୟପ୍ରକାଶ ଦିଦ୍‌ୱାନିଆ**
ଭାରତ ମୋଟର୍ସ

**ବିଜୟ ସାହୁ**
ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ

**ସୋଫିଆ ଫିରଦୋଶ**
ମେଟ୍ରୋ ବିଲ୍‌ଡର

**ବିଶାଲ ଧାୱନ**
କିଆ ମୋଟର୍ସ

**ରାଜୀନ୍ଦର ସିଂ**
କଳାମନ୍ଦିର

**ଜେ.କେ. ମହାନ୍ତି**
ସ୍ୱସ୍ତି ଗ୍ରୁପ୍

**ଅଚ୍ୟୁତ ସାମନ୍ତ**
କିଟ୍ ବିଶ୍ୱବିଦ୍ୟାଳୟ



**ଶ୍ରୀକୁମାର ମିଶ୍ର**
ମିଲ୍କ ମନ୍ତ୍ରା

**ବ୍ରହ୍ମାନନ୍ଦ ମେହେର**
ଅରୁନ୍ଧତୀ ଜୁଏଲର୍ସ

**ମନୋଜ ନାୟକ**
ସୋଆ ୟୁନିଭର୍ସିଟି

**ଅବିନାଶ ସିଂଘାଣିଆ**
ସ୍ୱାଏ ଅଟୋମୋବାଇଲ

**ପଲ୍ଲୀ ପଟ୍ଟନାୟକ**
ମଦର୍ସ ପବ୍ଲିକ୍ ସ୍କୁଲ

**ରାଜନ ଗୁଗନାନି**
ଗୁଗନାନି ଅଟୋକାର୍ସ

**ମୁକ୍ତିକାନ୍ତ ମିଶ୍ର**
ସେଞ୍ଚୁରିଆନ୍ ୟୁନିଭର୍ସିଟି

**ବଦ୍ରିନାରାୟଣ ସାମନ୍ତରାୟ**
ତୃପ୍ତି ଫୋର୍ଡ



**ସିକତା ଦାଶ**
ତକ୍ଷଶୀଳା ସ୍କୁଲ

**ଶରତ ସାହୁ**
ରୁଚି ମସଲା

**ରାଜୀବ ଦୁବେ**
ରୋହନ ହିରୋ

**ଦିଲ୍ଲୀପ ରାୟ**
ମେ ଫେୟାର ହୋଟେଲ୍ସ

**ସଂଜୟ ହଂସ**
ଲାଲ୍‌ଚନ୍ଦ ଜୁଏଲର୍ସ

**ଏ.ବି. ସିଂ**
ଆକାଶ ଇନ୍‌ଷ୍ଟିଚ୍ୟୁଟ୍, ଭୁବନେଶ୍ୱର

**ଦେବଜ୍ୟୋତି ପଟ୍ଟନାୟକ**
ଜ୍ୟୋତି ମୋଟର୍ସ

**ମାନିକ ହଂସ**
ତନିଷ୍କ

**ବିଶ୍ୱଜିତ୍ ପଟ୍ଟନାୟକ**
ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ



**ନିଶୀଥ ନନ୍ଦ**
ସମଷ୍ଟି ବିଲ୍‌ଡର

**ପ୍ରକାଶ ବିଶ୍ୱାଳ**
ରାଜ୍ ଇଲେକ୍ଟ୍ରୋନିକ୍ସ

**ସଞ୍ଜୀବ ପାତ୍ର**
ସାଣ୍ଡି ଟାୱାର ହୋଟେଲ୍ସ

**ସିଦ୍ଧାର୍ଥ ଗର୍ଗ**
ରେନଲ୍ଟ ଭୁବନେଶ୍ୱର

**ସୌନକ ପାରିକ**
ଉତ୍କଳ ହ୍ୟୁଣ୍ଡାଇ

**ସୁବ୍ରତ ଜେନା**
ଅଶ୍ୱିନୀ ହସ୍‌ପିଟାଲ

**କୈଳାସ ଚନ୍ଦ୍ର ପାତ୍ର**
ପାତ୍ର ଇଲେକ୍ଟ୍ରୋନିକ୍ସ

**ସୁନୀଲ ତନେଜା**
ଏସ୍ପିରିଟ୍ ଟୟୋଟା

**ଦେବରାଜ ରଥ**
ସେଣ୍ଟ୍ରା ଭିଜନ୍



**କମଲ ଅଗ୍ରୱାଲ**
ପିଜିଏଲ୍ ହୋଣ୍ଡା

**ସୁଶାନ୍ତ ପଣ୍ଡା**
ଭାରତ ମସଲା

**ପ୍ରଦୀପ ଅଗ୍ରୱାଲ**
ଜେଏମ୍‌କି ହିରୋ

**ଜଗଦୀଶ ନାୟକ**
ଡିଏନ୍ ଗ୍ରୁପ୍

**ଦୁର୍ଗାପ୍ରସାଦ ରଥ**
ଓଡ଼ିଶା ଫୋର୍ଡ

**ପ୍ରିୟବ୍ରତ ଧୀର**
ସର୍ଗ ହସ୍‌ପିଟାଲ

**ଆଦିତ୍ୟ ପାତ୍ର**
ହାଇୱେ ହୋଣ୍ଡା

**ରାଜେଶ ଗୁପ୍ତା**
ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ

**ଶିବ ପ୍ରସାଦ ପଣ୍ଡା**
ପଣ୍ଡା ଟ୍ରାଭେଲ ମାର୍ଟ



**ସତ୍ୟବ୍ରତ ମୀନକେତନ**
ଓଡିଏମ୍ ସ୍କୁଲ

**ତାରା ପଟ୍ଟନାୟକ**
ଫାଲକନ୍ ମେରାଇନ୍

**ଅର୍ଣ୍ଣଦୀପ ସିଂ**
ସନି ମୋଟର୍ସ

**ଅବିନାଶ ସାମଲ**
ଏମ୍‌କି ମୋଟର୍ସ

**ସଞ୍ଜୀବ ରାଉତ**
ସି.ଭି. ରମଣ ବିଶ୍ୱବିଦ୍ୟାଳୟ

**ଯୁଗଳ ଅଗ୍ରୱାଲ**
ଆଲିଶାନ୍

**ରବୀନ୍ଦ୍ର ଲେଙ୍କା**
ଜୟରାମ ଲେଙ୍କା ଆଣ୍ଡ ସନ୍ସ

**ସାତ୍ୱିକ ସ୍ୱାଇଁ**
ଓସ୍‌ମେ

**ପୁରୁଷୋତ୍ତମ ବୁଦ୍ଧରାଜ**
ନାରାୟଣୀ ମୋଟର୍ସ

**ମଣ୍ଡିରୁ ୧୧୯ କୁଇଣ୍ଟାଲ ଧାନ ସଂଗ୍ରହ**

କଣ୍ଟାପଡା, ୨୮।୧୨(ଡି.ଏନ୍.ଏ.): କଣ୍ଟାପଡା ସେବା ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ମଣ୍ଡିରେ ସୋମବାର ଧାନକିଣା ଆରମ୍ଭ ହୋଇଛି। ପ୍ରଥମ ଦିନରେ ସମିତି ପକ୍ଷରୁ ୪ ଜଣ ଚାଷୀଙ୍କଠାରୁ ୧୧୯ କୁଇଣ୍ଟାଲ ଧାନକିଣା ଯାଇଥିବା ଜଣାପଡିଛି। ସେବା ସମବାୟ ସମିତି ସଭାପତି କୈଳାସ ମହାରଣା ମଣ୍ଡି ଉଦ୍‌ଘାଟନ କରିଥିବାବେଳେ ଉମାକାନ୍ତ କର, ଯୋଗାଣ ଅନୁନିରୀକ୍ଷକ ନସିମା ବେଗମ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସମିତି ସମ୍ପାଦକ ଶିବନାରାୟଣ ମହାନ୍ତି ମଣ୍ଡି ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପାର ପ୍ରତିବାଦ

**କଟକ ସଦର,୨୮।୧୨(ଡି.ଏନ୍.ଏ.):** ପ୍ରଧାନମନ୍ତ୍ରୀ ଆବାସ ଓ ଇନ୍ଦିରାଆବାସ କାନ୍ଥରେ ବିଜୁ ପକ୍କାଘର ଷ୍ଟିକର ଲଗାଇବା ପ୍ରତିବାଦରେ ଭାଜପା ପକ୍ଷରୁ ସୋମବାର କଟକ ସଦର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇଥିଲା। କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ସରକାର ହଡପ କରୁଥିବା ଅଭିଯୋଗ କରି ଭାଜପା ନେତା ଦିଲୀପ ମଲ୍ଲିକଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଏହାର ନିନ୍ଦା କରିଥିଲେ। ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ଆବାସରେ ଷ୍ଟିକର ଲଗାଇଲେ ଦଳର କର୍ମୀମାନେ ଏହି ବ୍ଲକର ୨୩ଟି ପଞ୍ଚାୟତରେ ବୁଲି ବୁଲି ଚିରିବେ ବୋଲି ଶପଥ ନେଇଥିଲେ। ବ୍ଲକ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାପତ୍ରର କପିକୁ ଜଳାଯାଇଥିଲା। ପରେ ବିଡିଓ ରାଜୀବ ଲୋଚନ ପରିଡାଙ୍କୁ ଏକ ଦାବିପତ୍ର ଦିଆଯାଇ ଷ୍ଟିକର ଲଗାଇବା ବନ୍ଦ କରିବାକୁ ଦାବି କରାଯାଇଥିଲା। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ହୃଷୀକେଶ ଜେନା, ଗୋକୁଳ ଚନ୍ଦ୍ର ପ୍ରଧାନ, ନିର୍ମଳ ଦାସ, ପୀୟୂଷ ପରିଡା, ଚିତ୍ତରଞ୍ଜନ ସାହୁ, ପ୍ରଦୀପ ବେହେରା, ସବିତା ଦାସ, ସରୋଜ ସାସମଲ ଓ ଦେବେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ।

### ଏଆଇଡିଏସ୍‌ଓର ୬୭ତମ ପ୍ରତିଷ୍ଠା ଦିବସ

କଟକ ଅଫିସ, ୨୮।୧୨- ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ ଅର୍ଗାନାଇଜେଶନ୍ (ଏଆଇଡିଏସ୍‌ଓ)ର ୬୭ତମ ପ୍ରତିଷ୍ଠା ଦିବସ କଟକ କଲେଜ ଛକଠାରେ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଚାଷୀ ଆନ୍ଦୋଳନର ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହାପରେ ସଙ୍ଗଠନର କଟକ ଜିଲା କମିଟି ପକ୍ଷରୁ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଙ୍ଗଠନର ଜିଲା ସମ୍ପାଦକ ବିନୋଦ ସେଠୀ ଯୋଗଦେଇ କହିଥିଲେ, କୃଷି କ୍ଷେତ୍ରକୁ ପୁଞ୍ଜିପତିମାନଙ୍କୁ ସମ୍ପୂର୍ଣ୍ଣ ଭାବେ ଟେକିଦେବା ପାଇଁ କେନ୍ଦ୍ର ସରକାର ଚାଷୀ ବିରୋଧୀ ୩ଟି କୃଷି ଆଇନ ଆଣିଛନ୍ତି। ଏହି ଆଇନକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦାବିରେ ଦୀର୍ଘ ୩୩ଦିନ ଧରି ଦିଲ୍ଲୀ ସୀମାରେ ଚାଷୀମାନେ ଆନ୍ଦୋଳନ କରୁଛନ୍ତି । ହେଲେ ଚାଷୀମାନଙ୍କ ଦାବିକୁ ସରକାର ମାନିନେବା ପରିବର୍ତ୍ତେ ଏହା ପ୍ରତି ସମ୍ପୂର୍ଣ୍ଣ ବିମୁଖତା ପ୍ରଦର୍ଶନ କରୁଛନ୍ତି। ଏଣୁ ଛାତ୍ରସମାଜ ଚାଷୀ ଆନ୍ଦୋଳନକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଆଗେଇ ଆସିବାକୁ ସେଠୀ ଆହ୍ୱାନ ଦେଇଥିଲେ। ସଙ୍ଗଠନର ଜିଲା ସଭାପତି ଭାଗ୍ୟରବି ଦାସ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ।

### ଲୋକଙ୍କ ସହ ସମ୍ପର୍କ ରଖିଲେ ଦଳ କ୍ଷମତାକୁ ଫେରିବ

**କଟକ ସଦର/ ଆଠଗଡ଼ ୨୮।୧୨(ଡି.ଏନ୍.ଏ./ ସ୍ୱ.ପ୍ର.):** କଟକ ସଦର କଂଗ୍ରେସ ପକ୍ଷରୁ ସୋମବାର ସ୍ଥାନୀୟ ଗୋପାଳପୁରଠାରେ ଦଳର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅନିଲ ବେଉରା, ଜନାର୍ଦ୍ଦନ ପରିଡା, ପ୍ରଶାନ୍ତ ମହାନ୍ତି, ପରମାନନ୍ଦ ମଲ୍ଲିକ, ସେକ୍ କମଲଉଦ୍ଦିନ, ତୁଷାର ମହାପାତ୍ର, ସନ୍ତୋଷ ଲେଙ୍କା ଓ ଲିଟନ ବେହେରା ପ୍ରମୁଖ ଯୋଗଦେଇ ଦଳର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି କୁରାଙ୍ଗପ୍ରଧାନ ପଞ୍ଚାୟତରେ ବାବାଜୀ ଚରଣ ମହାନ୍ତି, ମହମ୍ମଦ ସୟିଦ, ସତ୍ୟରଞ୍ଜନ ମହାନ୍ତି, ରଶ୍ମିତା ପ୍ରଧାନ ଓ ଅରୁଣ ମହାନ୍ତି ପ୍ରମୁଖ କଂଗ୍ରେସର ପ୍ରତିଷ୍ଠା ଦିବସ ପାଳନ କରିଥିଲେ। ସେହିପରି ଆଠଗଡ଼ କଂଗ୍ରେସ କାର୍ଯ୍ୟାଳୟରେ ଦଳର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଏଥିରେ ଅଧକ୍ଷତା କରି କହିଥିଲେ, ସାଧାରଣ ଲୋକଙ୍କ ସହ ନିରନ୍ତର ସମ୍ପର୍କ ରଖିଲେ ଭବିଷ୍ୟତରେ ଦଳ ପୁନର୍ବାର କ୍ଷମତାକୁ ଫେରିବ। ଏହି ସମାରୋହରେ ପୂର୍ବତନ ରାଜ୍ୟସଭା ସଦସ୍ୟ ସୁବାସ ମହାନ୍ତି ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଶେଷରେ କର୍ମୀମାନେ ବାଇକ୍ ଶୋଭଯାତ୍ରାରେ ଯାଇ ଆଠଗଡ଼ ସହର ପରିକ୍ରମା କରିଥିଲେ।

### ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ଶ୍ରାଦ୍ଧବାର୍ଷିକୀ

**କଟକ ଅଫିସ, ୨୮।୧୨:** ସମାଜ ସଂସ୍କାରକ, ପ୍ୟାରୀମୋହନ ଏକାଡେମୀର ପ୍ରତିଷ୍ଠାତା ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ଶ୍ରାଦ୍ଧବାର୍ଷିକ ସୋମବାର ଏକାଡେମୀ ପରିସରରେ ପାଳିତ ହୋଇଯାଇଛି। ପ୍ୟାରୀମୋହନ ଏକାଡେମୀ ପୁରାତନ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ମୁଖ୍ୟବକ୍ତା ପ୍ରଧାପକ ଡ. ପ୍ରୀତିଶ ଆଚାର୍ଯ୍ୟ, ମୁଖ୍ୟଅତିଥି ଭାବେ ନିରଞ୍ଜନ ରଥ, ଶିକ୍ଷକ ହୃଷୀକେଶ ସାହୁ ଯୋଗଦେଇଥିଲେ।

# ଧାନ ଖାଇଲେ, ପରିବା ନଷ୍ଟ କଲେ

**ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳରେ ପୁଣି ହାତୀ ଉପଦ୍ରବ**

- କରଜ ଟଙ୍କା ଶୁଝିବାକୁ ନେଇ ଚାଷୀ ଚିନ୍ତିତ
- ହାତୀ ଘଉଡ଼ାଇବା ପାଇଁ କର୍ମଚାରୀ ଅଭାବ

**ଚୌଦ୍ୱାର, ୨୮।୧୨(ଡି.ଏନ.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳରେ ରବିବାର ରାତିରେ ପୁଣିଥରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଶନିବାର ରାତିରେ ଏହି ବ୍ଲକ ଅଧୀନ ଦେବୀନଗର ଗ୍ରାମରେ ହାତୀପଲ ବ୍ୟାପକ ଫସଲ ନଷ୍ଟ କରିଥିବାବେଳେ ରବିବାର ରାତିରେ ଶାଳଗାଁ ପଞ୍ଚାୟତର ଦାମୋଦରପୁର ଗ୍ରାମରେ ୩ ଟିକିଆ ହାତୀ ଉପଦ୍ରବ କରିଛନ୍ତି। ରବିବାର ରାତି ପ୍ରାୟ ୨ଟାରେ ଦାମୋଦରପୁର ଗ୍ରାମର ଫୁଲ ପ୍ରଧାନଙ୍କ ଖଳାରେ ହାତୀ ପଶି ଅମଳ ହୋଇ ରଖାଯାଇଥିବା ଧାନ ଖାଇବା ସହ ନଷ୍ଟ କରିଥିଲେ। ସେହିପରି ଆଉ କେତେଜଣ ଚାଷୀଙ୍କ ଅମଳ ଫସଲ ନଷ୍ଟ କରିବା ସହିତ ବସ୍ତା ଭିତରେ ରଖା ଯାଇଥିବା ଧାନକୁ ଫିଙ୍ଗି ଦେଇଛନ୍ତି। କେତେକ ଚାଷୀ କରଜରେ ଟଙ୍କା ଆଣି ଧାନଚାଷ କରିଥିଲେ। ଏବେ ହାତୀ ଦ୍ୱାରା ଫସଲ ନଷ୍ଟ ହେବା ପରେ କରଜ ଟଙ୍କା କେମିତି ଶୁଝିବେ, ତାହାକୁ ନେଇ ସେମାନେ ଚିନ୍ତାରେ ପଡିଛନ୍ତି। ସେହିପରି ଏହି ଗ୍ରାମର ଶିଶିର ପଣ୍ଡା, ଭରତ ରାଉତ, ଅନୀତା ରାଉତଙ୍କ ସମେତ କେତେଜଣ ଲୋକଙ୍କ ବାଡିବଗିଚାରେ ହାତୀ ପଶି ପନିପରିବା ଓ କଦଳୀ ଗଛ ନଷ୍ଟ କରିବା ପରେ ପାହାନ୍ତାରେ ଜଙ୍ଗଲ ଆଡେ ପଳାଇଛନ୍ତି। ଖବରପାଇ ଚୌଦ୍ୱାର ଫରେଷ୍ଟର ପୁରୁଷୋତ୍ତମ ସାହୁ ବନକର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଥିବା ଜଣାପଡିଛି। ରବିବାର ସ୍ଥାନୀୟ ଦେବୀନଗର ଗ୍ରାମରୁ ୧୬ ଟିକିଆ ହାତୀପଲଙ୍କୁ ସାରକୋଳି ଜଙ୍ଗଲ ମୁହାଁ କରାଯାଇଥିବା ବନବିଭାଗ ସ୍ପଷ୍ଟ କରିଥିବାବେଳେ ଉକ୍ତ ଘଟଣାକୁ ନେଇ ବିଭାଗ ହାତୀଙ୍କ ଗତିପଥ ଉପରେ କେତେ ନଜର ରଖୁଛି ତାହା ଆଲୋଚନାର ବିଷୟ ପାଲଟିଛି।

ଅନ୍ୟପକ୍ଷରେ ଡାଳିଯୋଡା ସଂରକ୍ଷିତ ଜଙ୍ଗଲରେ ୧୭ ହାତୀ ଥିବାବେଳେ ଏବେ ଚନ୍ଦକାରୁ ୨୫ ଓ କପିଳାସ ଜଙ୍ଗଲରୁ ୧୯ ହାତୀ ଆସି ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳରେ ରହିଥିବା ଜଣାପଡିଛି। ଏହି ହାତୀପଲକୁ ଘଉଡାଇବା ପାଇଁ ବନକର୍ମଚାରୀ ଓ ସ୍ଥାନୀୟ ଗ୍ରାମବାସୀ ସବୁପ୍ରକାର ଉଦ୍ୟମ କରିଥିଲେ ମଧ ସେମାନଙ୍କୁ ସମ୍ପୂର୍ଣ୍ଣଭାବେ ବିଦା କରିବାରେ ସଫଳ ହୋଇପାରୁନାହିଁ। ଏ ସମ୍ପର୍କରେ ଫରେଷ୍ଟର ସାହୁ କହିଛନ୍ତି, ହାତୀ ଘଉଡାଇବା ପାଇଁ କର୍ମଚାରୀଙ୍କ ଅଭାବ ରହିଛି। ଫସଲ କ୍ଷୟକ୍ଷତିର ଆକଳନ ପାଇଁ ବନ କର୍ମଚାରୀମାନେ କ୍ଷତିଗ୍ରସ୍ତ ଚାଷୀଙ୍କ ଘରକୁ ଯିବା ସମୟରେ ସେମାନେ ଅନୁପସ୍ଥିତ ରହୁଛନ୍ତି। ଏଥିଯୋଗୁ କ୍ଷୟକ୍ଷତି ଆକଳନରେ ସମସ୍ୟା ସୃଷ୍ଟି ହେଉଛି।

ସୂଚନାଯୋଗ୍ୟ, ଶନିବାର ରାତିରେ ବାଣୀପଦା ପଞ୍ଚାୟତ ଅଧୀନ ଦେବୀନଗର ଗ୍ରାମର ଧାନବିଲରେ ହାତୀପଲ ବ୍ୟାପକ ଫସଲ ନଷ୍ଟ କରିଥିଲେ। ସେହିପରି କିଛିଦିନ ତଳେ ହାତୀ ଆକ୍ରମଣରେ ଉକ୍ତ ଅଞ୍ଚଳର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିଲା। ହାତୀ ଉପଦ୍ରବ ଯୋଗୁ ଲୋକମାନେ ଆତଙ୍କିତ ଅବସ୍ଥାରେ ରହୁଥିବାବେଳେ ବାହାରକୁ ଯିବା ପାଇଁ ନିରାପଦ ମଣୁନାହାନ୍ତି। ଉକ୍ତ ଅଞ୍ଚଳରୁ ହାତୀ ଘଉଡାଇବା ପାଇଁ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ବନବିଭାଗ ନିକଟରେ ଦାବି କରିଛନ୍ତି।



## ଦନ୍ତା ଘର ଭାଙ୍ଗିଦେଲା

**ଟାଙ୍ଗୀ,(କଟକ)୨୮।୧୨(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳରେ ଏକୁଟିଆ ବୁଲୁଥିବା ଏକ ଦନ୍ତାହାତୀର ଉପଦ୍ରବ ଦେଖିବାକୁ ମିଳିଛି। ଏହାକୁ ନେଇ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଡାଳିଯୋଡ଼ା ରେଞ୍ଜ ଅଧୀନ ସଫା ବନାଞ୍ଚଳର କାଳିଆମ୍ବା ଓ ପାଞ୍ଚଭାୟା ପାହାଡ଼ ତଥା ଜଙ୍ଗଲରେ ଏହି ହାତୀ ରହୁଥିବା ଜଣାପଡିଛି। ରବିବାର ଭୋର ସମୟରେ ଏହି ଦନ୍ତା ଶାଳଗାଁ ପଞ୍ଚାୟତ ବମ୍ଫୁରୀ ଗ୍ରାମର ସୀତା ମଳିକଙ୍କ ଘର ଭାଙ୍ଗିବା ସହ ଖାଦ୍ୟ ନଷ୍ଟ କରିଥିବା ବନପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ବନପାଳ ଚନ୍ଦ୍ରଶେଖର ଦାଶ ଘଟଣାସ୍ଥଳ ପରିଦର୍ଶନ କରି ସରକାରୀ ବ୍ୟବସ୍ଥା ଅନୁଯାୟୀ କ୍ଷତିପୂରଣ ପ୍ରଦାନ ନିମନ୍ତେ ପ୍ରତିଶ୍ରୁତି ଦେଇଛନ୍ତି।

## ୫ ବସ୍ତା ଭାଙ୍ଗ ଜବତ, ୩ ଗିରଫ

**କଟକ ଅଫିସ, ୨୮।୧୨:** ଚାଉଳିଆଗଞ୍ଜ ପୋଲିସ ରବିବାର ରାତିରେ ଚଢାଉ କରି ଏକ ଅଟୋରୁ ୫ ବସ୍ତା ଭାଙ୍ଗ ଜବତ କରିଛି। ଏହି ଚୋରା କାରବାରରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ବିହାର ବେଗୁସରାଇ ଜିଲା ଭଗବାନପୁର ଥାନା ଅଧୀନ ସୀମାପୁରର ଅର୍ଜୁନ ପାଶୱାନ, କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ମନ୍ତ୍ରିସାହିର ପ୍ରଭାକର ମନ୍ତ୍ରୀ ଓ ଚାଉଳିଆଗଞ୍ଜ ଥାନା ନେହେରୁପଲ୍ଲୀ ଅଞ୍ଚଳର ଅର୍ଜୁନ କୁମାର ନାୟକ। ପୋଲିସ ସେମାନଙ୍କଠାରୁ ଦୁଇଟି ମୋବାଇଲ ଫୋନ୍, ୩୪ ହଜାର ଟଙ୍କା ଓ ଅଟୋକୁ ଜବତ କରିଥିଲା। ଅର୍ଜୁନ ନିୟମିତ ଭାବେ ବିଭିନ୍ନ ସ୍ଥାନରୁ ଗଞ୍ଜେଇ ଓ ଭାଙ୍ଗ ଆଣି ନେହେରୁପଲ୍ଲୀରେ ବିକ୍ରି କରୁଥିବା ଅଭିଯୋଗ ହୋଇଆସୁଥିଲା। ରବିବାର ରାତିରେ ଭୁବନେଶ୍ୱରରୁ ଏକ ଅଟୋ(ନଂ. ଓଡି୩୩ଏଲ-୨୩୩୩)ରେ ନେହେରୁପଲ୍ଲୀକୁ ଭାଙ୍ଗ ନିଆଯାଉଥିଲା। ଖବରପାଇ ଏସ୍‌ଆଇ ମାନେଶ୍ୱର ପ୍ରଧାନ ପୋଲିସ ଟିମ୍ ସହ ଚଢାଉ କରି ଉକ୍ତ ଗାଡିକୁ ଜବତ କରିଥିଲେ। ପରେ ଗାଡି ତଲାସି କରାଯିବାରୁ ଭାଙ୍ଗବସ୍ତା ଜବତ କରାଯାଇଥିଲା।



କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଠିକା ପାରାମେଡିକାଲ କର୍ମଚାରୀଙ୍କ ବିକ୍ଷୋଭ।

## ପାରାମେଡିକାଲ କର୍ମଚାରୀଙ୍କ ଛଟେଇ ପ୍ରତିବାଦ

**କଟକ ଅଫିସ,୨୮।୧୨**

କରୋନା ଆରମ୍ଭ ସମୟରେ ସରକାର ହସ୍ପିଟାଲଗୁଡିକରେ ବିଭିନ୍ନ ପଦବୀ ପୂରଣ ନିମନ୍ତେ ପାରାମେଡିକାଲ କର୍ମଚାରୀଙ୍କୁ ଠିକାରେ ନିଯୁକ୍ତି ଦେଇଥିଲେ। ରାଜ୍ୟରେ ଏବେ କରୋନାର ପ୍ରକୋପ ଅଛି। କେନ୍ଦ୍ର ସରକାର ମଧ କରୋନା କଟକଣାକୁ ୨୦୨୧ ଜାନୁୟାରୀ ପର୍ଯ୍ୟନ୍ତ ବଢାଇଛନ୍ତି। ଏଭଳି ସମୟରେ ରାଜ୍ୟ ସରକାର ଠିକା ପାରାମେଡିକାଲ କର୍ମଚାରୀଙ୍କ ଛଟେଇ ପାଇଁ ନିଷ୍ପତ୍ତି ନେଇଛନ୍ତି। ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସଂଘର କେତେଜଣ କର୍ମକର୍ତ୍ତା କହିଛନ୍ତି। ଏହି ଅବସରରେ ସୋମବାର ପ୍ରାୟ ୩୦୦ ଠିକା ପାରାମେଡିକାଲ କର୍ମଚାରୀ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ପରେ ଜିଲାପାଳଙ୍କୁ ଭେଟି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଥିଲେ। ଉକ୍ତ ଦାବିପତ୍ରରେ ଛଟେଇ ନିର୍ଦ୍ଦେଶ ପ୍ରତ୍ୟାହାର ନିମନ୍ତେ ଉଲ୍ଲେଖ ରହିଛି। ଏହା ବ୍ୟତୀତ ସଂଘ ପକ୍ଷରୁ ଦର୍ଶାଯାଇଛି, ଏବେ ରାଜ୍ୟରେ ନର୍ସ, ଫାର୍ମାସିଷ୍ଟ, ଲାବ୍ ଟେକ୍ନିସିଆନ, ଏଏନ୍ଏମ୍, ଆଟେଣ୍ଡାଣ୍ଟ ଆଦି ପଦବୀ ଅନେକ ସଂଖ୍ୟାରେ ଖାଲି ପଡିଛି। ତେଣୁ ସରକାର ଏହି ସବୁ ଖାଲି ଥିବା ପଦବୀ ପୂରଣ ନିମନ୍ତେ ଠିକା କର୍ମଚାରୀଙ୍କ ବିଷୟରେ ବିଚାରକୁ ନେବା ଉଚିତ।

## ଭାଜପାର ତହସିଲ କାର୍ଯ୍ୟାଳୟ ଘେରାଉ

**ବାଳକାଟୀ/ବାଲିଅନ୍ତା,୨୮।୧୨(ଡି.ଏନ୍.ଏ.)**

ଭାରତୀୟ ଜନତା ପାର୍ଟି(ଭାଜପା) ଜୟଦେବ ନିର୍ବାଚନମଣ୍ଡଳୀ ପକ୍ଷରୁ ସୋମବାର ୩ଦଫା ଦାବି ନେଇ ବାଲିଅନ୍ତା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ, ଘେରାଉ କରାଯାଇଥିଲା। ଫନୀରେ ଘରଭଙ୍ଗା ସହାୟତାରେ ଅନିୟମିତତା, ତହସିଲ ଅଞ୍ଚଳରେ ଥିବା ବିଲଡରଙ୍କ ଦ୍ୱାରା ସରକାରୀ ଜମି କବ୍‌ଜାର ତଦନ୍ତ ଓ ନଦୀରେ ଥିବା ବାଲିଘାଟରୁ ବେଆଇନ ବାଲି ଚାଲାଣ ରୋକିବା ଆଦି ପ୍ରସଙ୍ଗକୁ ଦଳ ଗୁରୁତ୍ୱ ଦେଇଥିଲା। ଭାଜପାର ପୂର୍ବତନ ବିଧାୟକ ପ୍ରାର୍ଥୀ ନରେନ୍ଦ୍ର ନାଥ ନାୟକଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କରାଯାଇ ତହସିଲଦାର ସରୋଜ ପଣ୍ଡାଙ୍କୁ ଏକ ଦାବିପତ୍ର ଦେଇଥିଲେ। ଫନୀକୁ ଦେଢ଼ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏଯାଏଁ ପ୍ରକୃତ ହିତାଧିକାରୀ ଚୟନ କରାଯାଇ ନାହିଁ। କେତେଜଣ ଚଞ୍ଚକତା କରି ସରକାରୀ ସହାୟତାକୁ ହାତେଇ ନେଇଛନ୍ତି। ଏ ନେଇ ଅଭିଯୋଗସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ସେହିଭଳି ତହସିଲର ବିଭିନ୍ନ ପଞ୍ଚାୟତରେ ଥିବା ଗୋଚର, ନୟନଜୋରି ଓ ଅନାବାଦିକୁ ଜବରଦଖଲକାରୀ ବିଲଡର ପ୍ଲଟିଂ କରି ବିକ୍ରି କରୁଥିବାବେଳେ ସ୍ଥାନୀୟ ରାଜସ୍ୱ ବିଭାଗ ନିଷ୍ପତ୍ତି ନେଉ ନାହାନ୍ତି। ଅନ୍ୟପଟେ ତହସିଲ ଅଧୀନ ବିଭିନ୍ନ ବାଲିଘାଟରୁ ବେଆଇନ ଭାବେ ବାଲିଚାଲାଣ ହେଉଥିବାବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଏହିସବୁ ଦାବିକୁ ନେଇ ବହୁ କର୍ମୀ ତହସିଲ ଆଗରେ ପ୍ଲାକାର୍ଡ ଧରି ବିଭିନ୍ନ ନାରାଦେଇ ବିକ୍ଷୋଭରେ ସାମିଲ ହୋଇଥିଲେ। ଏ ସମ୍ପର୍କରେ ତହସିଲଦାର ପଣ୍ଡା କହିଛନ୍ତି, ମୁଁ ଥିବା ସମୟରେ ସହାୟତା ବଣ୍ଟନ ହୋଇ ନ ଥିବାବେଳେ ବାଲିଘାଟ ଚାଲାଣ ଓ ଗୋଚର ଜମି ହଡ଼ପ ବିଷୟରେ ଖୁବଶୀଘ୍ର ତଦନ୍ତ କରାଯିବ। ବିକ୍ଷୋଭରେ ଦିଲୀପ ସ୍ୱାଇଁ, ଜଗନ୍ନାଥ ବେହେରା, ଜୟନ୍ତ ଗୋସ୍ୱାମୀ ଉପସ୍ଥିତ ଥିଲେ।




ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ହଡ଼ପ କରିବା ପ୍ରତିବାଦରେ ଭୁବନେଶ୍ୱର ଜିଲା ଭାଜପା ପକ୍ଷରୁ ସୋମବାର ଭୁବନେଶ୍ୱର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

## କଟକ ନଗର (ଜିଲା) କଂଗ୍ରେସ ପକ୍ଷରୁ ତ୍ରିରଙ୍ଗା ଯାତ୍ରା

**କଟକ ଅଫିସ, ୨୮।୧୨:** କଟକ ନଗର (ଜିଲା) କଂଗ୍ରେସ କମିଟି ପକ୍ଷରୁ ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଧାୟକ ଇଂ. ମହମ୍ମଦ ମୋକିମ ଓ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ସ୍ୱରାଜ ଆଶ୍ରମଠାରୁ ତ୍ରିରଙ୍ଗା ପଦଯାତ୍ରା ବାହାରି ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିଧାୟକ ମୋକିମ କହିଥିଲେ, କଂଗ୍ରେସ ଦେଶକୁ ସ୍ୱାଧୀନତା ଦେଇଛି। ହେଲେ ଏବେ ଭାଜପା ଶାସନ ଦେଶର ସ୍ୱାଧୀନତା ପ୍ରତି ବିପଦ ସୃଷ୍ଟି କରିଛି। ପୁଞ୍ଜିପତିମାନଙ୍କୁ କୃଷିଠାରୁ ଆରମ୍ଭ କରି ସମସ୍ତ ଲାଭଜନକ ସଂସ୍ଥାକୁ ଟେକି ଦେବାକୁ ଉଦ୍ୟମ କରୁଛି ବୋଲି ମୋକିମ କହିଥିଲେ। ନଗର ସଭାପତି ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅଶୋକ ସାମଲ, ତୃପ୍ତି ଦାସ, ବିକି ଚକ୍ରବର୍ତ୍ତୀ ଓ ଚାରୁଲତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ଜାଗାରେ ସ୍ଥାୟୀ ପଟ୍ଟା ପ୍ରଦାନ ଦାବି

**ବଡ଼ମ୍ବା, ୨୮।୧୨(ଡି.ଏନ୍.ଏ):** ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପିନାଥପୁର ମୌଜାର କିଛି ବ୍ୟକ୍ତି ଦୀର୍ଘ ବର୍ଷ ଧରି ସରକାରୀ ଜାଗାରେ ବସବାସ କରୁଛନ୍ତି। ଆଇନ୍ ଅନୁଯାୟୀ ତଦନ୍ତ କରି ସେମାନଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରିବା ପାଇଁ ସୋମବାର ତହସିଲ୍‌ଦାରରଙ୍କ ନିକଟରେ ଦାବି ହୋଇଛି। ଏହି ପରିପ୍ରେକ୍ଷୀରେ ବଡ଼ମ୍ବା ହାଟସ୍ଥିତ ଆଡ଼ିଆ ମହାଦେବପୀଠରୁ ସୋମବାର ବହୁ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ଆସି ତହସିଲ୍ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସ୍ଥାୟୀ ପଟ୍ଟା ପ୍ରଦାନ ପାଇଁ ଏକ ଦାବିପତ୍ର ଭାରପ୍ରାପ୍ତ ତହସିଲଦାର ସୁରଥ ଚନ୍ଦ୍ର ରାଉତଙ୍କୁ ପ୍ରଦାନ କରିଥିଲେ। ଗୋପିନାଥପୁର ସରପଞ୍ଚ, ସମିତିସଭ୍ୟା, ଗୋବିନ୍ଦ ଚନ୍ଦ୍ର ସାହୁ ଓ ପ୍ରମୋଦ କୁମାର ସୁବୁଦ୍ଧି ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

## ଜିରୋ ନାଇଟ୍ ହେବ ଜିରୋ ଟଲେରାନ୍ସ

**ନିୟମ ଉଲ୍ଲଂଘନ କଲେ ଗଣିବେ ଦଣ୍ଡ**

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ)**

ଚଳିତବର୍ଷ କରୋନା କଟକଣା ଭିତରେ ନୂଆ ବର୍ଷକୁ ସ୍ୱାଗତ କରିବେ ରାଜଧାନୀବାସୀ। ହୋଟେଲ, ରେଷ୍ଟୁରାଣ୍ଟ, କ୍ଲବ୍‌ରେ ଜିରୋ ନାଇଟ୍ ସେଲିବ୍ରେଶନ ବନ୍ଦ ନିର୍ଦ୍ଦେଶ ଥିବାବେଳେ ବିଭିନ୍ନ ପର୍ଯ୍ୟଟନସ୍ଥଳ, ପାର୍କ, ମାର୍କେଟ, ମଲ୍, ହୋଟେଲ ଆଦିରେ ଗହଳି ବଢ଼ିବା ଆଶଙ୍କା ରହିଛି। ଏହାକୁ ନେଇ କମିଶନରେଟ୍ ପୋଲିସର ଚିନ୍ତା ବଢ଼ିଛି। ଜିରୋ ନାଇଟ୍‌କୁ ଜିରୋ ଟଲେରାନ୍ସ କରିବା ପାଇଁ ୧୨ ସ୍ପେଶାଲ ଟିମ୍ ସହ ୧୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ। ରାଜଧାନୀର ବିଭିନ୍ନ ହୋଟେଲ ଓ ବାର୍‌ରେ ପୋଲିସ ଯାଞ୍ଚ କରିବା ସହ ନିୟମ ଉଲ୍ଲଂଘନ କରି ଭିଡ଼ ଜମାଇଲେ ମୋଟା ଅଙ୍କର ଜରିମାନା ଆଦାୟ କରିବ। ଏହା ବ୍ୟତୀତ ରାସ୍ତାରେ ବ୍ଲକିଂ ଓ ଚେକିଂକୁ ମଧ ବ୍ୟାପକ କରାଯିବ। ବିଶେଷକରି ସହରର ପ୍ରବେଶ ପଥରେ କଡ଼ା ଯାଞ୍ଚ ହେବ। ମଦ୍ୟପଙ୍କୁ ଧରିବାକୁ ଅଧିକ ସଂଖ୍ୟକ ବ୍ରେଥ୍ ଆନାଲାଇଜର ବ୍ୟବହାର କରାଯିବ ବୋଲି ଭୁବନେଶ୍ୱର ଡିସିପି ଉମାଶଙ୍କର ଦାସ କହିଛନ୍ତି।

## ‘ଚାଷୀଙ୍କ ଆର୍ଥିକ ସ୍ୱଚ୍ଛଳରେ ରାଜ୍ୟର ବିକାଶ ହେବ’



ନରୁଆ-ମଙ୍ଗଳପୁର ପାଟନାଳୀର ଶିଳାନ୍ୟାସ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।

**ନିଶ୍ଚିନ୍ତକୋଇଲି,୨୮।୧୨(ସ୍ୱ.ପ୍ର.)**

ଚାଷୀଙ୍କ ଆର୍ଥିକ ସ୍ୱଚ୍ଛଳ ହେଲେ ରାଜ୍ୟର ବିକାଶ ହେବ ବୋଲି ସୋମବାର ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ସୋମବାର ନିଶ୍ଚିନ୍ତକୋଇଲି ବ୍ଲକ ଗସ୍ତରେ ଆସି କହିଛନ୍ତି। ଏହି ଅବସରରେ ସେ ଲୁଣା-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳରେ ଜଳସେଚନର ସୁବିଧା ପାଇଁ ଜମରା ପଞ୍ଚାୟତ ବିଷମପଡ଼ା ଗ୍ରାମସ୍ଥିତ ନରୁଆ-ମଙ୍ଗଳପୁର ପାଟନାଳୀର ପୁନରୁଦ୍ଧାର ନିମନ୍ତେ ଶିଳାନ୍ୟାସ କରିଛନ୍ତି। ସେହିପରି ୧ କୋଟି ଟଙ୍କା ବିନିମୟରେ ନିଶ୍ଚିନ୍ତକୋଇଲି ହାଟକୁ ଏକ ଅତ୍ୟାଧୁନିକ ହାଟରେ ପରିଣତ କରିବା ପାଇଁ ଶିଳାନ୍ୟାସ କରାଯାଇଛି। ମନ୍ତ୍ରୀ ଜେନା ହାଟରେ ନବୀକରଣ କାର୍ଯ୍ୟ ସମୀକ୍ଷା କରି ୮୦ ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ରବୀନ୍ଦ୍ର ସେଠୀ, କବିତା ସେନାପତି, ବରିଷ୍ଠ ନାଗରିକ କ୍ଷୀରୋଦ ପଣ୍ଡା, ବିଜୟ ମିଶ୍ର, ବ୍ଲକ ଅଧ୍ୟକ୍ଷା ସବିତା ଓଝା, ସବିତା ମହାନ୍ତି ଓ ସବିତା ସାମଲ ଉପସ୍ଥିତ ଥିଲେ। ଅପରାହ୍ନରେ ଆୟୋଜିତ ନରୁଆ-ମଙ୍ଗଳପୁର ପାଟନାଳୀର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଗିରିଶ ମହାପାତ୍ର, ହିମାଂଶୁ ମହାନ୍ତି, ପତିତପାବନ ସ୍ୱାଇଁ, ଜିତେନ୍ଦ୍ର ମିଶ୍ର, ପ୍ରମୋଦ ସ୍ୱାଇଁ ଓ ରାଜେନ୍ଦ୍ର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ।

## କଲ୍ୟାଣମଣ୍ଡପ ନିର୍ମାଣ ସ୍ଥାନ ପରିବର୍ତ୍ତନକୁ ବିରୋଧ

**ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତବାସୀଙ୍କ ଧାରଣା**

**ଟାଙ୍ଗୀ,(କଟକ)୨୮।୧୨(ଡି.ଏନ୍.ଏ.)**

କଲ୍ୟାଣମଣ୍ଡପ ନିର୍ମାଣରେ ବିଳମ୍ବ ଓ ନିର୍ମାଣ ସ୍ଥାନ ପରିବର୍ତ୍ତନ ହେବା ଘଟଣାକୁ ନେଇ ସୋମବାର ପୂର୍ବାହ୍ନରେ ଶାଳଗାଁ ପଞ୍ଚାୟତବାସୀ ବ୍ଲକ ପରିସରରେ ଧାରଣାରେ ବସିଥିଲେ। ତହସିଲ ପକ୍ଷରୁ ଚିହ୍ନଟ ସ୍ଥାନରେ ତୁରନ୍ତ କଲ୍ୟାଣମଣ୍ଡପ ନିର୍ମାଣ କାମ ଆରମ୍ଭ ପାଇଁ ସେମାନେ ଦାବି କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ୨୦୧୮-୧୯ ଆର୍ଥିକ ବର୍ଷରେ ଚତୁର୍ଦ୍ଦଶ ଅର୍ଥ କମିଶନ ଓ ୪ର୍ଥ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁଦାନରେ ୨୦ଲକ୍ଷ ଟଙ୍କା ବ୍ୟୟ କରାଯାଇ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲା। ଆବଶ୍ୟକ ସରକାରୀ ଜମି ଅଭାବରୁ ପଞ୍ଚାୟତବାସୀଙ୍କ ଅନୁରୋଧକ୍ରମେ ରାଜସ୍ୱ ବିଭାଗ ପକ୍ଷରୁ ପଞ୍ଚାୟତ ମୁଖ୍ୟାଳୟ ନିକଟ ଶାଳଗାଁ ମୌଜା ଖାତା ନଂ. ୧୧୮୫, ପ୍ଲଟ-୩୪୪ ଅନୁଯାୟୀ ୩୦ ଡିସିମିଲ ସରକାରୀ ଜମି ଚିହ୍ନଟ କରାଯାଇଥିଲା। ବିଭିନ୍ନ କାରଣରୁ ନିର୍ମାଣ କାର୍ଯ୍ୟ ବିଳମ୍ବ ହେବା ଦେଖି ବ୍ଲକ ପ୍ରଶାସନ ପକ୍ଷରୁ ଗତ ସେପ୍ଟେମ୍ବର ୨୭ରେ ଚିଠି ନଂ-୩୪୭୬ ଅନୁଯାୟୀ ସରପଞ୍ଚଙ୍କୁ କଡ଼ା ତାଗିଦ କରାଯାଇଥିଲା। ମାତ୍ର ବ୍ଲକ ପ୍ରଶାସନର ତାଗିଦ ପରେ ପଞ୍ଚାୟତ ପକ୍ଷରୁ ନୂତନ ରିଜଲ୍ୟୁଶନ କରାଯାଇ ନିର୍ମାଣସ୍ଥାନ ପରିବର୍ତ୍ତନ ନିମନ୍ତେ ବ୍ଲକ ପ୍ରଶାସନ ନିକଟରେ ଦାବି ହୋଇଥିଲା। ଏପରି ନିଷ୍ପତ୍ତିକୁ ପଞ୍ଚାୟତ ସମିତିସଭ୍ୟ ରମେଶ ବେହେରାଙ୍କ ସମେତ ବହୁ ୱାର୍ଡ ସଭ୍ୟାସଭ୍ୟ ଓ ସ୍ଥାନୀୟ ବାସିନ୍ଦା ବିରୋଧ କରିଥିଲେ। ମାତ୍ର ସରପଞ୍ଚ ନିଜ ଜିଦ୍‌ରେ ଅଟଳ ରହିବାରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବିଡ଼ିଓ ବିନୋଦ କୁମାର ସେନାପତି ସରପଞ୍ଚଙ୍କ ଅନୁପସ୍ଥିତିରେ ତାଙ୍କ ସ୍ୱାମୀ ଓ ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ହେଲେ ସମାଧାନର ରାସ୍ତା ବାହାରି ନ ଥିଲା। ଶେଷରେ ବ୍ଲକ ପ୍ରଶାସନର ନିଷ୍ପତ୍ତିକୁ ସରପଞ୍ଚ ଅଣଦେଖା କରୁଥିବା ବିଷୟ ବିଡିଓ ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରିଥିଲେ। ଏ ସମ୍ପର୍କିତ ଚିଠିର ନକଲ ପାଇଲା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ ମତାମତ ସଂଗ୍ରହ ପାଇଁ ସରପଞ୍ଚ ଲକ୍ଷ୍ମୀପ୍ରିୟା ଜେଠୀଙ୍କୁ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ ପ୍ରତିକ୍ରିୟା ମିଳିପାରିନାହିଁ।

## ସଂକ୍ଷେପରେ

### କ୍ୟାରିବ୍ୟାଗ୍ ଲାଗି ଶପିଂ ମଲ୍ ପକ୍ଷରୁ ବ୍ୟବସ୍ଥା

ଭୁବନେଶ୍ୱର,୨୮।୧୨: ସାମଗ୍ରୀ କ୍ରୟ ପରେ କ୍ରେତାଙ୍କଠାରୁ ପେମେଣ୍ଟ କାଉଣ୍ଟରରେ କ୍ୟାରିବ୍ୟାଗ ବାବଦ ଅର୍ଥ ଆଦାୟ କରିପାରିବେନି ଶପିଂ ମଲ୍। ଜାତୀୟ ଉପଭୋକ୍ତା ଆୟୋଗ ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାରେ ଏକ ଶପିଂ ମଲ୍‌ର ଅପିଲକୁ ଆୟୋଗ ଅଗ୍ରାହ୍ୟ କରିବା ସହ ଉପଭୋକ୍ତାଙ୍କଠାରୁ ଏପରି ପୃଥକ୍ ଆଦାୟ କରାଯାଉଥିବା କ୍ୟାରିବ୍ୟାଗ୍ ମୂଲ୍ୟ ବାବଦକୁ ତାଙ୍କୁ ଏହାର ମାନ ଓ ବଜାର ମୂଲ୍ୟ ମଧ ଜଣାଇବାକୁ ପଡିବ। ସେହିପରି ମଲ୍‌କୁ ସାମଗ୍ରୀ କ୍ରୟ ଲାଗି ଆସୁଥିବା କ୍ରେତାଙ୍କୁ ପ୍ରଥମରୁ ଏ ସମ୍ପର୍କରେ ସୂଚିତ କରିବାକୁ ହେବ। ସାମଗ୍ରୀ କିଣିଲେ ମାଗଣାରେ କ୍ୟାରିବ୍ୟାଗ୍ ଦିଆଯାଏନି ଓ କ୍ୟାରିବ୍ୟାଗ୍‌ର ମୂଲ୍ୟ କେତେ ହୋଇପାରେ। ଏହା ପରେ ସେ ମଲ୍‌ରୁ ସାମଗ୍ରୀ କ୍ରୟ କରିବେ କି ନା ତା'ର ନିଷ୍ପତ୍ତି ନେବେ। ଯଦି ଏହା ସତ୍ତ୍ୱେ ସେ ମଲ୍‌ରୁ ସାମଗ୍ରୀ କ୍ରୟ କରିବାକୁ ଚାହାନ୍ତି, ତେବେ କ୍ରୟ କରିପାରିବେ ବୋଲି କହିଛନ୍ତି ଆୟୋଗ।

### ୧୫୮ ଆପ୍ ବନ୍ଦ କରିବ ଗୁଗୁଲ!

ଭୁବନେଶ୍ୱର,୨୮।୧୨: ବିଭିନ୍ନ ପେଜ୍ ଓ ସାଇଡ୍ ଏପରିକି ନକଲି ଲୋନ୍ ଆପ୍ ଜରିଆ ଜନସାଧାରଣଙ୍କୁ ଲୋନ ଦେବା ଆଳରେ ଠକେଇ କରିବା ଏକ ସହଜ ଉପାୟ ହୋଇଯାଇଛି। ସୋସିଆଲ ମିଡିଆରେ ବିଭିନ୍ନ ଲୋନ୍ ଆପ ମାଧମରେ ଲୋକ ଠକାମୀରେ ଶିକାର ହୋଇଥିବା ସୂଚନା ମିଳିଛି। ଏହି ନକଲି ଆପ୍ ମାଧମରେ ଟଙ୍କା ନେଣଦେଣ ମାମଲାରେ ୟୁଜର ଠକାମୀରେ ଶିକାର ହେଉଥିବା ନେଇ ଅନେକ ମାମଲା ସାମ୍ନାକୁ ଆସିଛି। ଏହି ସବୁ ଆପ୍ କମ୍ପାନୀ ଉପରେ ଲଗାମ ଲଗାଇବାକୁ ତେଲେଙ୍ଗାନା ସରକାର ଅଣ୍ଟା ଭିଡ଼ିଛନ୍ତି। ପ୍ରାଥମିକ ସ୍ତରରେ ଗୁଗଲ ପ୍ଲେଷ୍ଟୋରରେ ଉପଲବ୍ଧ ଏଭଳି ୧୫୮ ଲୋନ୍ ଆପ୍ ବ୍ଲକ୍ କରିବାକୁ ହାଇଦ୍ରାବାଦ ପୋଲିସ ଗୁଗୁଲ କୁ ଚିଠି ମାଧମରେ ସୂଚନା ଦେବା ସହ ଏହି ସବୁ ଆପ ଗୁଡିକୁ ବନ୍ଦ କରିବା ପାଇଁ ଅପିଲ୍ କରିଛି। ସ୍ମାର୍ଟ ମୋବାଇଲ ୟୁଜର ବାରମ୍ବାର ଏଭଳି ଠାକାମୀରେ ଶିକାର ହେବା ଓ ଏନେଇ ଥାନାରେ ମାମଲା ସଂଖ୍ୟା ବୃଦ୍ଧି ପାଇବା ପରେ ପୋଲିସ ଏହି ୧୫୮ ଲୋନ୍ ଆପ୍ ସମ୍ପର୍କରେ ଜାଣିବାକୁ ପାଇଥିଲା। ଠକାମୀରେ ଶିକାର ହୋଇ ଏବେ ଯାଏ ୩ ଜଣ ଆତ୍ମହତ୍ୟା ମଧ କରିସାରିଛନ୍ତି।

# ଚାଳକବିହୀନ ଟ୍ରେନ୍‌ର ଶୁଭାରମ୍ଭ କଲେ ମୋଦି

ଭୁବନେଶ୍ୱର,୨୮।୧୨



ଭାରତରେ ପ୍ରଥମ ଥର ପାଇଁ ଚାଳକବିହୀନ ଟ୍ରେନ୍ ସେବା ଆରମ୍ଭ ହୋଇଛି। ଏହି ଟ୍ରେନ୍ ବିନା ଡ୍ରାଇଭରରେ ସାଧାରଣ ଲୋକ ବା ଯାତ୍ରୀଙ୍କୁ ସେବା ଯୋଗାଇବ ବୋଲି ସୂଚନା ମିଳିଛି। ଦିଲ୍ଲୀ ମେଟ୍ରୋର ମଜେଣ୍ଟା ଲାଇନ, ଯାହା ଜନକପୁରୀ ପଶ୍ଚିମରୁ ବୋଟାନିକାଲ ଗାର୍ଡେନ ପର୍ଯ୍ୟନ୍ତ ରହିଛି। ସୋମବାର ଏକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନୁଷ୍ଠାନିକ ଭାବେ ଏହି ଲାଇନ୍‌ରେ ଦେଶର ପ୍ରଥମ ଚାଳକବିହୀନ ଟ୍ରେନ ସେବାର ଶୁଭାରମ୍ଭ କରିଛନ୍ତି। ସେହିପରି ମୋଦି ଏୟାରପୋର୍ଟ ଏକ୍ସପ୍ରେସ ଲାଇନ ନ୍ୟାଶନାଲ କମନ ମୋବିଲିଟି କାର୍ଡ ସେବାକୁ ମଧ ଏହି ଅବସରରେ ଆରମ୍ଭ କରିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ମଧ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସିଂ ମାଧମରେ ଯୋଗ ଦେଇଥିଲେ। ଏହି ଅବସରରେ ମୋଦି କହିଛନ୍ତି, ଭାରତ ବହୁ ଶୀଘ୍ର ସ୍ମାର୍ଟ ସିଷ୍ଟମ ଆଡ଼କୁ ଆଗଉଛି। ଯାହା ଫଳରେ ଦେଶର ପ୍ରଥମ ଚାଳକବିହୀନ ଟ୍ରେନ୍ ସେବାରୁ ହିଁ ଏହାର ଅଗ୍ରଗତି ସମ୍ପର୍କରେ ସ୍ପଷ୍ଟ ବାରି ହୋଇପଡୁଛି। ସେହିପରି ଅଟଳଜୀଙ୍କ ଉଦ୍ୟମ ଯୋଗୁ ଦେଶରେ ପ୍ରଥମ ମେଟ୍ରୋ ରେଳସେବା ଆରମ୍ଭ ହୋଇଥିଲା। ୨୦୧୪ରେ ଏନ୍‌ଡିଏ ସରକାର ଯେତେବେଳେ କ୍ଷମତାକୁ ଆସିଲା, ସେତେବେଳେ ଦେଶର ୫ଟି ସହରରେ ମେଟ୍ରୋ ରେଳର ବ୍ୟବସ୍ଥା ରହିଥିଲା। ବର୍ତ୍ତମାନ ସମୟରେ ଏହି ସେବା ୧୮ଟି ସହରରେ ପହଞ୍ଚିସାରିଛି। ୨୦୨୫ ମସିହା ସୁଦ୍ଧା ଏହି ସଂଖ୍ୟା ୨୫ଟି ସହରକୁ ଛୁଇଁ ସାରିଥିବ ବୋଲି ମୋଦି ତାଙ୍କ ଅଭିଭାଷଣରେ କହିଥିଲେ। ସେହିପରି ମେକ୍ ଇନ୍ ଇଣ୍ଡିଆ ଅଭିଯାନ ସମ୍ପର୍କରେ ସେ ବିସ୍ତୃତ ଭାବରେ ସୂଚନା ଦେଇ ତା'ର ଅଗ୍ରଗତି ସହ ମେଟ୍ରୋ ସେବାର ଦ୍ରୁତ ବୃଦ୍ଧି ପାଇଁ ମେକ୍ ଇନ୍ ଇଣ୍ଡିଆର ଯଥେଷ୍ଟ ଗୁରୁତ୍ୱ ରହିଛି ବୋଲି କହିଛନ୍ତି। ମେକ୍ ଇନ୍ ଇଣ୍ଡିଆ ଦ୍ୱାରା ଖର୍ଚ୍ଚ ପରିମାଣ ହ୍ରାସ ପାଉଛି। ଫଳରେ ବିଦେଶୀ ଫଣ୍ଡିଂ ସଞ୍ଚୟ ହୋଇପାରୁଛି। ଏହାଦ୍ୱାରା ଭାରତୀୟଙ୍କୁ ଅଧିକ ନିଯୁକ୍ତି ମଧ ମିଳିପାରୁଛି ବୋଲି ସେ ତାଙ୍କ ବକ୍ତବ୍ୟରେ କହିଛନ୍ତି। ସୋମବାର ଟ୍ରାକ୍‌ରେ ଦୌଡ଼ିଥିବା ପ୍ରଥମ ଚାଳକବିହୀନ ମେଟ୍ରୋ ଟ୍ରେନ୍ ସଂପୂର୍ଣ୍ଣ ସ୍ୱୟଂଚାଳିତ ଅଟେ। ଏହାଦ୍ୱାରା ମାନବ ତ୍ରୁଟିକୁ ରୋକା ଯାଇପାରିବ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଦିଲ୍ଲୀ ମଜେଣ୍ଟା ଲାଇନ୍ ଅର୍ଥାତ୍ ଜନକପୁରା ପଶ୍ଚିମରୁ ବୋଟାନିକାଲ ଗାର୍ଡେନ ମଧ୍ୟରେ ରହିଥିବା ୩୭ କିମି ରାସ୍ତା ମଧ୍ୟରେ ଏହି ସେବା ପ୍ରାଥମିକ ପର୍ଯ୍ୟାୟରେ ଆରମ୍ଭ କରାଯାଇଛି। ୨୦୨୧ ମଧ୍ୟଭାଗ ସୁଦ୍ଧା ଏହା ପିଙ୍କ୍ ଲାଇନ ଅର୍ଥାତ୍ ମଜଲିସ ପାର୍କରୁ ଶିବ ବିହାର ୫୭ କିମି ପର୍ଯ୍ୟନ୍ତ ମେଟ୍ରୋ ଲାଇନ୍‌ରେ ଉକ୍ତ ଟ୍ରେନ ମୋଟ ୯୪ କିମି ପର୍ଯ୍ୟନ୍ତି ଗଡ଼ିବ ବୋଲି ଜଣାପଡିଛି।

# ୫୬ ଦିନ ବନ୍ଦ ରହିବ ବ୍ୟାଙ୍କ

ଭୁବନେଶ୍ୱର,୨୮।୧୨

### ଆରବିଆଇ ଛୁଟି ତାଲିକା ପ୍ରକାଶିତ




ବର୍ଷ ୨୦୨୦ ଶେଷ ହେବାକୁ ବସିଛି। ଚଳିତବର୍ଷ ଶେଷ ହେବାକୁ ଆଉ ମାତ୍ର ୩ ଦିନ ବାକି ରହିଥିବା ବେଳେ ୨୦୨୧ ବା ନୂତନବର୍ଷକୁ ସମସ୍ତେ ଅପେକ୍ଷା କରି ରହିଛନ୍ତି। ନୂଆବର୍ଷ ସହ ସାରାବର୍ଷ ୫୬ ଦିନ ବ୍ୟାଙ୍କ ବନ୍ଦ ରହିବ ବୋଲି ଜଣାପଡିଛି। ଏ ସମ୍ପର୍କରେ ଏକ ଛୁଟି ତାଲିକା ବିସ୍ତୃତ ଭାବରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପକ୍ଷରୁ ପ୍ରକାଶ କରାଯାଇଛି। ୨୦୨୧ରେ ବ୍ୟାଙ୍କ କେଉଁ ମାସରେ କେତେ ଦିନ ବନ୍ଦ ରହିବ, ସେହିଭଳି ବିଭିନ୍ନ ରାଜ୍ୟର ପର୍ବପର୍ବାଣି, ଏପରିକି ସପ୍ତାହର ସମସ୍ତ ରବିବାର ସହିତ ଦ୍ୱିତୀୟ ଏବଂ ଚତୁର୍ଥ ଶନିବାର ବ୍ୟାଙ୍କ ବନ୍ଦ ରହିବ ବୋଲି ଆରବିଆଇ ସୂଚନା ଦେଇଛି। ବିଭିନ୍ନ ରାଜ୍ୟର ଆଞ୍ଚଳିକ ପର୍ବପର୍ବାଣିରେ ମଧ ବ୍ୟାଙ୍କ ବନ୍ଦ ରହିବ ବୋଲି ବ୍ୟାଙ୍କଗୁଡ଼ିକୁ ଆରବିଆଇ ପରାମର୍ଶ ଦେଇଛି। ଆରବିଆଇର ଏହି ଛୁଟି ଘୋଷଣା ଅନୁସାରେ ଜାନୁୟାରୀ ମାସରେ ସର୍ବାଧିକ ୮ ଦିନ ବ୍ୟାଙ୍କ ବନ୍ଦ ରହିବ। ସେହିପରି ଫେବୃୟାରୀରେ ୩ ଦିନ, ମାର୍ଚ୍ଚରେ ୪, ଏପ୍ରିଲରେ ୭, ମେ ରେ ୫, ଜୁନରେ ୨, ଜୁଲାଇରେ ୩, ଅଗଷ୍ଟରେ ୬, ସେପ୍ଟେମ୍ବରରେ ୩, ଅକ୍ଟୋବରରେ ୭, ନଭେମ୍ବରରେ ୬ ଏବଂ ଡିସେମ୍ବରରେ ୨ ଦିନ ପାଇଁ ସମସ୍ତ ବ୍ୟାଙ୍କ ବନ୍ଦ ରହିବ ବୋଲି ସୂଚନା ମିଳିଛି। ଏହି ସମସ୍ତ ଛୁଟି ବ୍ୟତୀତ ସପ୍ତାହର ସମସ୍ତ ରବିବାର ସହିତ ଦ୍ୱିତୀୟ ଏବଂ ଚତୁର୍ଥ ଶନିବାର ବ୍ୟାଙ୍କ ବନ୍ଦ ରହିବ ବୋଲି ସୂଚନା ରହିଛି।

# ରେକର୍ଡ ସ୍ତରରେ ଶେୟାର ବଜାର

ଭୁବନେଶ୍ୱର,୨୮।୧୨



ସୋମବାର ଶେୟାର ବଜାର ସବୁଜ ସଙ୍କେତ ସହ ଆରମ୍ଭ ହୋଇଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସୂଚକାଙ୍କ ସୂଚନା ଅନୁଯାୟୀ ସେନ୍‌ସେକ୍ସ ୧୮୦ ଅଙ୍କ ବୃଦ୍ଧି ପାଇ ୪୭,୧୫୩ରେ ଖୋଲିଥିଲା। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ୬୬ ଅଙ୍କ ବୃଦ୍ଧି ପାଇ ୧୩,୮୧୫ ରେ ଆରମ୍ଭ ହୋଇଥିଲା। ଅନ୍ତର୍ଜାତୀୟ ବଜାରରେ କାରବାର ବୃଦ୍ଧି ଯୋଗୁ ଭାରତୀୟ ପୁଞ୍ଜି ବଜାରରେ ମଧ ଏହାର ପ୍ରଭାବ ଦେଖାଦେଇଥିଲା। ଫଳରେ ସୋମବାର ଶେୟାର ବଜାର ପୁଣି ଥରେ ରେକର୍ଡ ସ୍ତରରେ ପହଞ୍ଚିଛି। ଆଜିର କାରବାର ସମୟରେ ସେନ୍‌ସେକ୍ସ ପ୍ରଥମ ଥର ପାଇଁ ୪୭,୩୫୯.୧୪ରେ ପହଞ୍ଚି ଯାଇଥିଲା। ସେହିପରି ନିଫ୍ଟି ମଧ ତା'ର ଅଲ୍‌ଟାଇମ ରେକର୍ଡ ୧୩,୮୬୯.୭୫ରେ ପହଞ୍ଚି ଯାଇଥିଲା। ସକାଳ କାରବାର ଆରମ୍ଭରୁ ସମସ୍ତ ସେକ୍ଟରର ଶେୟାର ପ୍ରାୟତଃ ସବୁଜ ସଙ୍କେତରେ ଚାଲୁ ରହିଥିଲା। ନିଫ୍ଟିରେ ୧୨୧୩ ଶେୟାରର କାରବାର ବୃଦ୍ଧି ପାଇଥିବା ବେଳେ ୨୨୮ଟି ଶେୟାରରେ ହ୍ରାସ ପରିଲକ୍ଷିତ ହୋଇଥିଲା। ସେହିଭଳି ଭାରତୀୟ ମୁଦ୍ରାରେ ମଧ ସାମାନ୍ୟ ହ୍ରାସ ଦେଖାଦେଇଛି। ଫଳରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୭୩.୫୨ରେ ଖୋଲିଥିଲା। ଶେଷଦିନର କାରବାର ଅନୁସାରେ ଏହା ୭୩.୫୪ରେ ଶେୟାର ବଜାର ସବୁଜ ସଙ୍କେତ ସହ ବନ୍ଦ ହୋଇଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସୂଚକାଙ୍କ ଅନୁଯାୟୀ ସେନ୍‌ସେକ୍ସ ୨୯୯ ଅଙ୍କ ବୃଦ୍ଧି ପାଇ ୪୬,୭୪୩ରେ ଖୋଲିଥିଲା। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ୭୧ ଅଙ୍କ ବୃଦ୍ଧି ପାଇ ୧୩,୬୭୨.୧୫ରେ ଆରମ୍ଭ ହୋଇଥିଲା। ସାରାଦିନ ଶେୟାର ବଜାରରେ ଉତ୍ସାହ ଦେଖାଦେଇଥିଲା। ଫଳରେ କାରବାର ଶେଷରେ ସେନ୍‌ସେକ୍ସ ୫୨୯ ଅଙ୍କ ବୃଦ୍ଧି ସହିତ ୪୬,୯୭୩.୫୪ରେ ବନ୍ଦ ହୋଇଥିଲା। ସେହିପରି ନିଫ୍ଟି ୧୪୮ ଅଙ୍କ ବୃଦ୍ଧି ପାଇବା ସହ ୧୩,୭୪୯.୨୫ରେ ବନ୍ଦ ହୋଇଥିବା ସୂଚନା ମିଳିଛି।

## ଓଡ଼ିଶା କୃଷି ଶିଳ୍ପ ନିଗମ ପକ୍ଷରୁ ୧ କୋଟି ସହାୟତା

ଭୁବନେଶ୍ୱର,୨୮।୧୨

ରାଜ୍ୟରେ ଦେଖାଦେଇଥିବା କରୋନା ମହାମାରୀର ମୁକାବିଲା ପାଇଁ ଓଡ଼ିଶା କୃଷି ଶିଳ୍ପ ନିଗମ ୧ କୋଟି ଟଙ୍କାର ସହାୟତା ରାଶି ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ପାଣ୍ଠିକୁ ପ୍ରଦାନ କରିଛି। କୋଭିଡ୍-୧୯ର ସଫଳ ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ପାଣ୍ଠିକୁ ନିଗମର ସିଏସ୍‌ଆର ଫଣ୍ଡରୁ ଏହି ଅର୍ଥ ରାଶି ପ୍ରଦାନ କରାଯାଇଥିବା ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେହିଭଳି ଗତ ମାର୍ଚ୍ଚ ଶେଷ ସପ୍ତାହରେ ନିଗମ ପକ୍ଷରୁ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଥିଲା। ନିଗମ ପକ୍ଷରୁ ଏହାର ପରିଚାଳନା ନିର୍ଦ୍ଦେଶକ ସଦାନନ୍ଦ ନାୟକଙ୍କ ପଦକ୍ଷେପକୁ ପ୍ରଶଂସା କରାଯାଇଛି।

# ୨୦୨୦ରେ ବିଶ୍ୱର ଶ୍ରେଷ୍ଠ ୧୦ ଧନୀ

ଭୁବନେଶ୍ୱର,୨୮।୧୨

କୋଭିଡ୍- ୧୯ କାରଣରୁ ସରକାର ଓ ଦେଶ-ଦେଶ ମଧ୍ୟରେ ଜାରି ହୋଇଥିବା ବିଭିନ୍ନ କଟକଣା କାରଣରୁ ଅନେକ ପ୍ରକାରର ସମସ୍ୟା ସୃଷ୍ଟି ହୋଇଛି। ଏହି ସମସ୍ୟା ମଧ୍ୟରେ ମଧ ନିଜ ସଂସ୍ଥା ଓ କମ୍ପାନୀର ଅଭିବୃଦ୍ଧି ପାଇଁ ସମସ୍ତେ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି। ଫଳରେ ନିଜର ଚେଷ୍ଟା ଓ ବଜାର ଚାହିଦା ସହିତ କରୋନାର ମାନ୍ଦାବସ୍ଥାକୁ ପାର କରି କିଛି ବ୍ୟବସାୟିକ ସଂସ୍ଥା ବା ବ୍ୟକ୍ତି ନିଜର ଉତ୍ତମ ପ୍ରଦର୍ଶନ ବଳରେ ନିଜକୁ ଜଣେ ଶ୍ରେଷ୍ଠ ବ୍ୟବସାୟୀ ଭାବରେ ପରିଗଣିତ କରି ବିଶ୍ୱର ଶ୍ରେଷ୍ଠ ବ୍ୟବସାୟୀର ସ୍ଥାନ ହାସଲ କରିପାରିଛନ୍ତି। ଚଳିତବର୍ଷ (୨୦୨୦) ଶେଷ ସମୟରେ ଅଗ୍ରଣୀ ପତ୍ରିକା (ମାଗାଜିନ) ବ୍ଲୁମ୍‌ବର୍ଗ ବିଲେନିୟର୍ସ ଇଣ୍ଡେକ୍ସ ପକ୍ଷରୁ ବିଶ୍ୱର ଶ୍ରେଷ୍ଠ ୧୦ ବ୍ୟବସାୟୀ ବା ବ୍ୟକ୍ତିଙ୍କ ନାମ ଘୋଷଣା କରାଯାଇଛି। ଏହି ମହାମାରୀ ସମୟରେ ଭଲ କାରବାର ସହ ପ୍ରାୟ ୨୩% ଅଭିବୃଦ୍ଧି କରିଥିବା କିଛି ପ୍ରମୁଖ ବ୍ୟକ୍ତି ବା ସଂସ୍ଥାଙ୍କ ନାମ ବ୍ଲୁମବର୍ଗ ତା'ର ଶ୍ରେଷ୍ଠ ୧୦ ଧନୀ ତାଲିକାରେ ସେମାନଙ୍କ ନାମ ପ୍ରକାଶ କରିଛି। ବିଶ୍ୱର ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ବ୍ୟକ୍ତି ହେଉଛନ୍ତି ଇ-କମର୍ସ ବ୍ୟବସାୟିକ ସଂସ୍ଥା ଆମାଜନ୍‌ର ପ୍ରତିଷ୍ଠାତା ଜେଫ୍ ବେଜସ ୧୮୭.୦ ବିଲିୟନ ଡଲାର ସମ୍ପତ୍ତିର ମାଲିକାନା ହାସଲ କରି ବିଶ୍ୱର ୧ନଂ. ସ୍ଥାନ ହାସଲ କରିଛନ୍ତି। ସେହିଭଳି ଏଲେନ୍ ମସ୍କ ୧୬୭.୦ ବିଲିୟନ ଡଲାର ସମ୍ପତ୍ତିର ମାଲିକାନା ସହ ୨ୟ ସ୍ଥାନରେ ରହିଛନ୍ତି। ୩ୟ ସ୍ଥାନରେ ବିଲ୍ ଗେଟ୍‌ସ (୧୩୧ ବିଲିୟନ ଡଲାର), ୪ର୍ଥ ସ୍ଥାନରେ ବେର୍ଣ୍ଣଡ ଆର୍ଣ୍ଣଡ୍ (୧୧୦ ବିଲିୟନ ଡଲାର) ଏବଂ ଟପ୍ ୫ ରେ ରହିଛନ୍ତି ମାର୍କ ଜୁକରବର୍ଗ (୧୦୫ ବିଲିୟନ ଡଲାର)। ଶ୍ରେଷ୍ଠ ୬ରୁ ୧୦ ଧନୀ ମଧ୍ୟରେ ୱାରେନ୍ ବୁଫେଟ (୮୫.୨ ବିଲିୟନ ଡଲାର), ଲେରୀ ପେଜ (୮୧.୪ ବିଲିୟନ ଡଲାର), ଲାରୀ ଏଲିସନ ( ୭୯.୭ ବିଲିୟନ ଡଲାର), ଷ୍ଟିଭ ବାଲମେର (୭୯.୧ ବିଲିୟନ ଡଲାର) ଏବଂ ସେର୍ଜି ବ୍ରିନୀ (୭୮.୮ ବିଲିୟନ ଡଲାର) ରହିଥିବା ପତ୍ରିକା ତା'ର ସୂଚୀରେ ପ୍ରକାଶ କରିଛି।




ବର୍ଦ୍ଧିତ ବେତନ, ସରକାରୀ ମାନ୍ୟତା ସହ ବିଭିନ୍ନ ଦାବି ନେଇ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ପକ୍ଷରୁ ଭୁବନେଶ୍ୱରସ୍ଥିତ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

## ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ୧୦୦ ମାର୍କ ହେବ ଲିଖିତ ପରୀକ୍ଷା

ଭୁବନେଶ୍ୱର,୨୮।୧୨(ବ୍ୟୁରୋ)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଓଡ଼ିଶା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ (ମହିଳା) ସେବା ସଂଶୋଧନ ରୁଲ୍-୨୦୨୦ କାର୍ଯ୍ୟକାରୀ କରାଯିବ। ଏବେ ଉକ୍ତ ପଦବୀଗୁଡିକ ପୂରଣ କରିବା ପାଇଁ ଓଡିଶା ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ (ମହିଳା) ସେବା ସଂଶୋଧନ ରୁଲ୍-୨୦୧୯ ପ୍ରଚଳିତ କରାଯାଉଛି। ପ୍ରଚଳିତ ରୁଲ୍ ଅନୁଯାୟୀ ଠିକା ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ (ମହିଳା)ଙ୍କୁ ରାଜ୍ୟ ସରକାରଙ୍କ ସାଧାରଣ ସ୍ୱାସ୍ଥ୍ୟ ସେବାରେ ଅନ୍ତର୍ଭୁକ୍ତ କରାଇବା ପାଇଁ ବ୍ୟବସ୍ଥା ରହିଛି। ତେବେ ସଂଶୋଧିତ ରୁଲ୍ କାର୍ଯ୍ୟକାରୀ ହେବା ପରେ ଯେଉଁ ସ୍କିମ୍‌ର ପଦବୀଗୁଡିକ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବ ଏବଂ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ସ୍ୱଚ୍ଛ ପଦ୍ଧତି ଅନୁସରଣ କରି ଅନୁମତି ଦିଆଯାଇଥିବ ସେହି ସବୁ ଠିକା ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀଙ୍କୁ ସରକାର ସାଧାରଣ ସ୍ୱାସ୍ଥ୍ୟ ସେବାରେ ଅନ୍ତର୍ଭୁକ୍ତ କରି ନିୟମିତ କରିବେ ବୋଲି କ୍ୟାବିନେଟ୍‌ରେ ନିଷ୍ପତ୍ତି ହୋଇଛି । ସ୍କିମ୍ ଓ ସୋସାଇଟି ଅଧୀନରେ କାର୍ଯ୍ୟକରୁଥିବା ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ(ମହିଳା) ଯେଉଁମାନଙ୍କର ସମସ୍ତ ଯୋଗ୍ୟତା ଠିକ୍ ଅଛି। ସେମାନଙ୍କ ଆବେଦନର ସର୍ବାଧିକ ବୟସ ସୀମା ଯାହାକି ପୂର୍ବରୁ ୫୦ ବର୍ଷ ଥିଲା ତାହା ୪୫ ବର୍ଷକୁ ହ୍ରାସ କରି ଦିଆଯାଇଛି।

# ନୂଆସାହିରୁ ସ୍ୱାବ୍ ସଂଗ୍ରହ ହେବ

### ପୂର୍ବରୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଥିଲା

**କଣ୍ଟାପଡା, ୨୮।୧୨(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ ପାଟସୁନ୍ଦରପୁର ପଞ୍ଚାୟତ ଅଧୀନ ଖଣ୍ଡସାଇଲୋ ନୂଆସାହିରେ ମଙ୍ଗଳବାର ଲୋକଙ୍କଠାରୁ ସ୍ୱାବ୍ ସଂଗ୍ରହ କରାଯିବ। କଣ୍ଟାପଡା ବ୍ଲକ ନୋଡାଲ ଅଧିକାରୀ ନିବାସ ରାଉତରାୟ, ଅଡଶପୁର ମେଡିକାଲ ଅଫିସର ବାସୁଦେବ ମାରାଣ୍ଡି ଓ କୋଭିଡ୍ ନୋଡାଲ ଅଫିସର ଭରତ ମହାପାତ୍ରଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ସୋମବାର ଉକ୍ତ ଗ୍ରାମରେ ପହଞ୍ଚି ୧୭ଟି ପରିବାରର ସମସ୍ତ ସଦସ୍ୟଙ୍କ ତଥ୍ୟ ସଂଗ୍ରହ କରିଥିଲେ। ପୂର୍ବରୁ ଜଣେ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବାବେଳେ ୧୩ଜଣ ଆକ୍ରାନ୍ତଥିବା ଜଣାପଡିଥିଲା। ମଙ୍ଗଳବାର ଉକ୍ତ ଗ୍ରାମରେ ଏକ ଅସ୍ଥାୟୀ କ୍ୟାମ୍ପ କରାଯାଇ ୭୨ଜଣଙ୍କ ସ୍ୱାବ୍ ସଂଗ୍ରହ ପାଇଁ ସ୍ଥିର କରାଯାଇଥିବା ଜଣାପଡିଛି। ନୂଆସାହିକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଥିବାରୁ ସେଠାକାର କୌଣସି ଲୋକ ଯେପରି ମୌଳିକ ସୁବିଧାରୁ ବଞ୍ଚିତ ନ ହୁଅନ୍ତି ପ୍ରଶାସନ ପକ୍ଷରୁ ସେଥିପ୍ରତି କଡା ନଜର ରହିଛି।

# ପାଠ୍ୟକ୍ରମରେ ସାମିଲ ହେବ ବରପୁତ୍ରଙ୍କ ଜୀବନୀ

ଭୁବନେଶ୍ୱର,୨୮।୧୨(ବ୍ୟୁରୋ)

### କ୍ୟାବିନେଟ୍ ନିଷ୍ପତ୍ତି

■ମାର୍ଚ୍ଚ ୨୩ରୁ ବର୍ଷେ ବ୍ୟାପୀ ପାଳନ ହେବ ଗାନ୍ଧିଜୀ ଓଡ଼ିଶା ଆଗମନ ଶତବାର୍ଷିକୀ

ଗୌରବମୟ ଐତିହ୍ୟ, ପ୍ରାଚୀନକାଳରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ଓଡ଼ିଆ ଜାତିକୁ ନିଜର ପ୍ରତିଭା ବଳରେ ମହୀୟାନ୍ କରିଥିବା ସମସ୍ତ ବରପୁତ୍ରଙ୍କ କାର୍ଯ୍ୟ ଓ ଜୀବନୀର ବିଷୟବସ୍ତୁ ଏକତ୍ରିତ କରାଯାଇ ବିଭିନ୍ନ ପାଠ୍ୟକ୍ରମ ଏବଂ ଅତିରିକ୍ତ ପାଠ୍ୟକ୍ରମରେ ସାମିଲ କରାଯିବ। ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀର ପିଲାମାନଙ୍କ ମଧ୍ୟରେ ଏହି ବିଷୟରେ ଏକ ସ୍ୱତନ୍ତ୍ର ପ୍ରତିଯୋଗିତା କରାଯାଇ ମେଧାବୀ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ପୁରସ୍କାର ଦେବା ସହ ବାର୍ଷିକ ବୃତ୍ତି ପ୍ରଦାନ କରାଯିବ। ଏଥିପାଇଁ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ଶିକ୍ଷାବିତ୍‌ଙ୍କୁ ନେଇ ଏକ କମିଟି ଗଠନ କରାଯିବ। ଏଥିସହିତ ରାଜ୍ୟର ବରପୁତ୍ରମାନଙ୍କୁ ଉତ୍ତରପିଢି ନିକଟରେ ଚିରସ୍ମରଣୀୟ କରିରଖିବା ପାଇଁ ସେମାନଙ୍କ ଜନ୍ମସ୍ଥାନକୁ ଆଦର୍ଶ ଗ୍ରାମରେ ପରିଣତ କରାଯିବ। ସେମାନଙ୍କ ଜନ୍ମ ଓ ତିରୋଧାନ ଦିବସଗୁଡିକୁ ଯଥୋଚିତ ଶ୍ରଦ୍ଧା ଏବଂ ସମ୍ମାନ ସହିତ ପାଳନ କରାଯିବ। ଏହା ସେହି ବରପୁତ୍ରମାନଙ୍କ ପ୍ରତି ଏଜାତିର ବିନମ୍ର ଶ୍ରଦ୍ଧାଞ୍ଜଳି ହେବ। ସଂସ୍କୃତି ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ସୋମବାର କ୍ୟାବିନେଟ୍ ମଞ୍ଜୁରୀ କରିଛି। ଓଡ଼ିଶାର ବରପୁତ୍ରମାନେ ଇତିହାସର ବିଭିନ୍ନ ପର୍ଯ୍ୟାୟରେ ରାଜ୍ୟର କଳା, ସାହିତ୍ୟ ଏବଂ ସଂସ୍କୃତିର ଅନନ୍ୟ ପରିଚୟର ସୁରକ୍ଷା ପାଇଁ ମହତ୍ତ୍ୱପୂର୍ଣ୍ଣ ଅବଦାନ ରଖି ଯାଇଛନ୍ତି। ପାଇକ ବିଦ୍ରୋହଠାରୁ ଆରମ୍ଭ କରି ସ୍ୱାଧୀନତା ସଂଗ୍ରାମ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଏବଂ ଆଧୁନିକ ଓଡ଼ିଶାର ନବନିର୍ମାଣରେ ଅତୁଳନୀୟ ଅବଦାନ ରଖିଥିବା ବରପୁତ୍ରମାନେ ହେଉଛନ୍ତି ପ୍ରେରଣାର ଉତ୍ସ। ଏବେକାର ଡିଜିଟାଲ ଓ ସୋସିଆଲ ମିଡିଆର ଆଗମନ ପରେ ସେମାନଙ୍କ ତ୍ୟାଗପୂତ ଜୀବନୀ ଓ କାର୍ଯ୍ୟ ବିଷୟରେ ପାଠ୍ୟପୁସ୍ତକରେ ଉପଯୁକ୍ତ ଭାବେ ସ୍ଥାନିତ କରିବା ପାଇଁ ସମୀକ୍ଷା କରାଯାଇ ପଦକ୍ଷେପ ନିଆଯିବ ବୋଲି ବୈଠକ ଶେଷରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି।

ମହାତ୍ମା ଗାନ୍ଧୀ ୧୯୨୧ରୁ ୧୯୪୭ ମଧ୍ୟରେ ଓଡ଼ିଶାକୁ ୮ ଥର ଆସିଛନ୍ତି। ଓଡ଼ିଶାରେ ଗାନ୍ଧିଜୀଙ୍କ ପ୍ରଥମ ପଦାର୍ପଣର ୧୦୦ ବର୍ଷ ପୂର୍ତ୍ତିକୁ ସ୍ମରଣୀୟ କରିବା ପାଇଁ ୨୦୨୧ ମାର୍ଚ୍ଚ ୨୩ରୁ ୧ ବର୍ଷ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଶତବାର୍ଷିକ ପାଳନ କରାଯିବ। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ଏହି ପ୍ରସ୍ତାବକୁ ଅନୁମୋଦନ କରିଛି। ୧୯୨୧ ମାର୍ଚ୍ଚ ୨୩ ତାରିଖରେ ମହାତ୍ମା ଗାନ୍ଧୀ ଓଡ଼ିଶା ଆସି କଟକ କାଠଯୋଡି ନଦୀବାଳିରେ ଆୟୋଜିତ ଏକ ଐତିହାସିକ ସମାବେଶରେ ଯୋଗ ଦେଇଥିଲେ। ପଦାର୍ପଣର ୧ ଶହ ବର୍ଷ ପୂର୍ତ୍ତିକୁ ସ୍ମରଣ କରିବା ପାଇଁ ୨୩ ମାର୍ଚ୍ଚ ୨୦୨୧ରୁ ବର୍ଷତମାମ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ମନ୍ତ୍ରୀ ନିରଞ୍ଜନ କହିଛନ୍ତି।

# କୋଭିଡ୍ ସଂଘର୍ଷରେ ବ୍ୟାଙ୍କର ଭୂମିକା ପ୍ରଶଂସନୀୟ

ଭୁବନେଶ୍ୱର,୨୮।୧୨(ବ୍ୟୁରୋ):

### ୧୬୧ତମ ବ୍ୟାଙ୍କର୍ସ କମିଟି ବୈଠକ

ରାଜ୍ୟର ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ସର୍ବଦା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛନ୍ତି । କୋଭିଡ୍-୧୯ ମହାମାରୀ ସହ ଚାଲିଥିବା ସଂଘର୍ଷରେ ରାଜ୍ୟର ଆର୍ଥିକ କ୍ଷେତ୍ରକୁ ମଜଭୁତ କରିବାରେ ବ୍ୟାଙ୍କଗୁଡ଼ିକ ନିରବଚ୍ଛିନ୍ନ ସେବା ଯୋଗାଇ ଆସିଛନ୍ତି ବୋଲି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ମତବ୍ୟକ୍ତ କରିଛନ୍ତି। ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ୧୬୧ତମ ବୈଠକରେ ଯୋଗଦେଇ ନିରଞ୍ଜନ କହିଛନ୍ତି, କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏହି ୩ଟି ମୁଖ୍ୟକ୍ଷେତ୍ରକୁ ବ୍ୟାଙ୍କଗୁଡ଼ିକ ଅଗ୍ରାଧିକାର ଭିତ୍ତିରେ ଋଣ ଯୋଗାଇଦେବା ଜରୁରୀ। ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି, ରାଜ୍ୟର ଆର୍ଥିକ ପୁନରୁଦ୍ଧାର ପାଇଁ ବ୍ୟାଙ୍କଗୁଡ଼ିକ ଅର୍ଥ ଯୋଗାଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛନ୍ତି । କୋଭିଡ୍ ମୁକାବିଲାରେ ଜନସାଧାରଣଙ୍କୁ ସହଯୋଗ କରିବାକୁ ଆଗେଇ ଆସି ବ୍ୟାଙ୍କଗୁଡ଼ିକ ସମୟୋପଯୋଗୀ କର୍ତ୍ତବ୍ୟ କରିଛନ୍ତି । କୃଷି ଉତ୍ପାଦନ କମିଶନର ରାଜକୁମାର ଶର୍ମା କୃଷି କ୍ଷେତ୍ରରେ ହିତାଧିକାରୀ ଏବଂ ଭାଗଚାଷୀଙ୍କୁ ଚିହ୍ନଟ କରି ଋଣ ଯୋଗାଇ ଦେବା ପାଇଁ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ସେହିପରି କୃଷି ବିଭାଗ ସଚିବ ସୌରଭ ଗର୍ଗ କହିଛନ୍ତି, ଶସ୍ୟ ଋଣ ପ୍ରଦାନ କ୍ଷେତ୍ରରେ ରବି ଶସ୍ୟ ଋଣ କ୍ଷେତ୍ରର ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇଥିବାବେଳେ ଆସନ୍ତା ଖରିଫରେ ୨୦୨୧ରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇପାରିବ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଏବଂ ବଳରାମ ଯୋଜନାରେ ଚାଷୀଙ୍କୁ ଋଣ ସହାୟତା ଯୋଗାଇ ଦେବା ପାଇଁ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଦୃଷ୍ଟି ଦେବାକୁ କହିଛନ୍ତି। ଅର୍ଥ ସଚିବ ଏ. କେ. ମୀନା କହିଛନ୍ତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଏବଂ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ଠିକ୍ ସମୟରେ ଋଣ ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ଗତ ୨୨ ତାରିଖରେ ସମସ୍ତ ଜିଲାପାଳ ଏବଂ ବ୍ୟାଙ୍କଗୁଡ଼ିକୁ ଦେଇଥିବା ପରାମର୍ଶ ଆଧାରରେ ବ୍ୟାଙ୍କର୍ସମାନେ କାର୍ଯ୍ୟ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ରଖାଯାଇଥିବା ଋଣ ପ୍ରଦାନ ଲକ୍ଷ୍ୟ ୨୦୨୦ ନଭେମ୍ବର ୩୦ ସୁଦ୍ଧା ୪୫.୬୧ ପ୍ରତିଶତ ପୂରଣ ହୋଇଛି । ନଗଦ ଜମା ଅନୁପାତ କ୍ଷେତ୍ରରେ ୫ ଜିଲା ୬୦ ପ୍ରତିଶତ ଲକ୍ଷ୍ୟ ହାସଲ କରିଥିବାବେଳେ ଅନ୍ୟ ୯ଟି ଜିଲା ୪୦ ପ୍ରତିଶତରୁ କମ୍ ଲକ୍ଷ୍ୟ ହାସଲ କରିଛନ୍ତି। ଏମ୍‌ଏସ୍‌ଏମ୍‌ଇ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି, ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ରାଜ୍ୟ କିଛି ସଫଳତା ପାଇଥିଲେ ମଧ ସମ୍ପୂର୍ଣ୍ଣ ଲକ୍ଷ୍ୟ ହାସଲ ହୋଇନାହିଁ । ଦକ୍ଷିଣାଞ୍ଚଳର ଜିଲାଗୁଡ଼ିକୁ ବ୍ୟାଙ୍କଗୁଡ଼ିକ ବିଶେଷଭାବେ ଦୃଷ୍ଟି ଦେବା ଦରକାର। ଏହାସହ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ଅଧିକ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ବ୍ୟାଙ୍କଗୁଡ଼ିକ ଦୃଷ୍ଟି ଆକର୍ଷଣ କରିଛନ୍ତି। ମିଶନ ଶକ୍ତି ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ ବୈଠକରେ ଉପସ୍ଥିତ ରହି କହିଛନ୍ତି, ଗ୍ରାମ୍ୟ ଅର୍ଥନୀତିର ବିକାଶରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ସକ୍ରିୟ କାର୍ଯ୍ୟ କରିଆସୁଛନ୍ତି । ଏବେ ସେମାନଙ୍କ ସଂଖ୍ୟା ମଧ ବୃଦ୍ଧି ଘଟିଛି । ଯେପରି ଏ କ୍ଷେତ୍ରରେ ଅଧିକ ମହିଳା ସାମିଲ ହେବେ, ସେ ଦିଗରେ ବ୍ୟାଙ୍କଗୁଡ଼ିକ ଋଣ ପ୍ରଦାନ କରନ୍ତୁ। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ସଚିବ ଆର୍. ରଘୁପ୍ରସାଦ କହିଛନ୍ତି, ବାର୍ଷିକ ଋଣ ଯୋଜନାର ଅର୍ଥ ଠିକ୍ ଭାବେ ବିତରଣ ହେବା ତଥା କିଷାନ କ୍ରେଡିଟ୍ କାର୍ଡ ଯୋଗାଣ ଏବଂ ହିତାଧିକାରୀଙ୍କୁ ଋଣ ଯୋଗାଣ କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ଅଗ୍ରାଧିକାର ଦେବା ଆବଶ୍ୟକ ।

# ବଢ଼ିବ ଆଇନଜୀବୀ କଲ୍ୟାଣ ପାଣ୍ଠି ସହାୟତା

ଭୁବନେଶ୍ୱର,୨୮।୧୨(ବ୍ୟୁରୋ)

ରାଜ୍ୟ ସରକାର ଆଇନଜୀବୀମାନଙ୍କୁ ଅଧିବକ୍ତା କଲ୍ୟାଣ ପାଣ୍ଠି ଜରିଆରେ ଅଧିକ ଆର୍ଥିକ ସୁବିଧା ଦେବେ। ଅଧିବକ୍ତା କଲ୍ୟାଣ ପାଣ୍ଠିର ସଦସ୍ୟମାନେ ମୃତ୍ୟୁ, ଅବସର କିମ୍ବା ସ୍ଥାୟୀଭାବେ ଶାରୀରିକ ଅଥବା ମାନସିକ ଅକ୍ଷମତା କାରଣରୁ ସ୍ୱେଚ୍ଛାକୃତ ସେବା ନିବୃତ୍ତ ହେଲେ ପୂର୍ବରୁ ପାଉଥିବା ଆର୍ଥିକ ସୁବିଧା ଠାରୁ ଅଧିକ ପାଇପାରିବେ। ରାଜ୍ୟ ସରକାର ଅଧିବକ୍ତା କଲ୍ୟାଣ ପାଣ୍ଠି ଅଧିନିୟମ ୧୯୮୭ରେ ଥିବା ଅନୁସୂଚୀକୁ ସଂଶୋଧନ କରିବେ। ବିଧି ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଟ୍ରଷ୍ଟ କମିଟିର ସୁପାରିସ କ୍ରମେ ଓ ଅଧିବକ୍ତା କଲ୍ୟାଣ ପାଣ୍ଠିରେ ଥିବା ଅର୍ଥ ରାଶିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ସଂଶୋଧନ କରିବେ।

ରାଜ୍ୟରେ ଶିଳ୍ପାୟନର ଅଭିବୃଦ୍ଧି ତଥା ନିୟାମକ ପର୍ଯ୍ୟବେକ୍ଷଣର ପରିସର ବୃଦ୍ଧି ପାଇଛି। କାର୍ଯ୍ୟ ବୋଝକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡିଶା କାରଖାନା ବାଷ୍ପିତ୍ର ଓ ନିରୀକ୍ଷଣ ସେବା କ୍ୟାଡରର ମୂଳ ପଦବୀ ଆସିଷ୍ଟାଣ୍ଟ ଡାଇରେକ୍ଟର ଅଫ୍ ଫ୍ୟାକ୍ଟ୍ରିଜ ଆଣ୍ଡ ବୟଲର୍ସର ପାହ୍ୟା ଗ୍ରୁପ ବିରୁ ଗ୍ରୁପ ଏକୁ ବୃଦ୍ଧି କରିବା ପାଇଁ ଓଡିଶା କାରଖାନା ବାଷ୍ପିତ୍ର ଓ ନିରୀକ୍ଷଣ ସେବା(ନିଯୁକ୍ତି ଓ ସେବା ସର୍ତ୍ତାବଳୀ) ରୁଲ ୧୯୮୪କୁ ସଂଶୋଧନ କରିଛନ୍ତି। କ୍ୟାବିନେଟ ଏହି ପ୍ରସ୍ତାବକୁ ଅନୁମୋଦନ କରିଛି। ଏହାଦ୍ୱାରା ଖାଲି ପଡିଥିବା ଆସିଷ୍ଟାଣ୍ଟ ଡାଇରେକ୍ଟର ପଦବୀଗୁଡିକ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପୂରଣ କରାଯିବ। ୧୯୭୪ରୁ ୨୦୧୬ ମଧ୍ୟରେ ପ୍ରଣୟନ ହୋଇଥିବା ୨୦୬ ଅନାବଶ୍ୟକ ଅଧିନିୟମଗୁଡିକ ଉଚ୍ଛେଦ ହେବ। ରାଜ୍ୟ ବିଧି ଆୟୋଗ ୨୦୨୦ ଡିସେମ୍ବର ୨୧ ତାରିଖରେ ଉକ୍ତ ଅନାବଶ୍ୟକ ରୁଲ୍‌ଗୁଡିକୁ ଉଚ୍ଛେଦ କରିବାକୁ ସୁପାରିସ କରିଛନ୍ତି। ସରକାର ଏହି ସୁପାରିସକୁ ଗ୍ରହଣ କରିବା ସହ ଓଡ଼ିଶା ରିପିଲିଂ ବିଲ୍ ୨୦୨୦କୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି।

ଓଡ଼ିଶା ଖଣି ଓ ଭୂତତ୍ତ୍ୱ ସେବାର ଭୂତାତ୍ତ୍ୱିକ ସର୍ବେକ୍ଷଣ ଏବଂ ଅନୁସନ୍ଧାନ ୱିଙ୍ଗ ପାଇଁ ଓଡ଼ିଶା ଭୂତାତ୍ତ୍ୱିକ ସେବା କ୍ୟାଡର ନିୟମ( ନଯୁକ୍ତି ଓ ସେବା ସର୍ତ୍ତାବଳୀ) ୨୦୨୦ ପ୍ରଣୟନ କରାଯାଇଛି। କ୍ୟାବିନେଟ ଏହି ପ୍ରସ୍ତାବରେ ମୋହର ମାରିଛି। ଏଣିକି ପୂର୍ବରୁ ଥିବା ଓଡ଼ିଶା ଖଣି ଓ ଭୂବିଜ୍ଞାନ ସେବାର ଭୂତାତ୍ତ୍ୱିକ ସର୍ବେକ୍ଷଣ ଏବଂ ଅନୁସନ୍ଧାନ ୱିଙ୍ଗ ଓଡ଼ିଶା ଭୂତାତ୍ତ୍ୱିକ ସେବା ଭାବେ ପରିଚିତ ହେବ। ଏହାଦ୍ୱାରା ସ୍ଥାୟୀ ଉନ୍ନତ ଭୂତାତ୍ତ୍ୱିକ ଅନୁସନ୍ଧାନ ମାଧ୍ୟମରେ ଖଣିଜ ବିକାଶକୁ ସୁନିଶ୍ଚିତ କରିବା ସହି ରାଜ୍ୟରେ ଖଣିଜ ରାଜସ୍ୱ ଆୟ ବୃଦ୍ଧିରେ ସହାୟକ ହେବ।

# ଭାରତ ପାଇଁ ବଡ଼ ସୁଯୋଗ



ମେଲବୋର୍ନ, ୨୮।୧୨

ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ବକ୍ସିଂ ଡେ' ଟେଷ୍ଟରେ ବିଜୟ ପାଇଁ ଭାରତ ନିକଟରେ ବଡ଼ ସୁଯୋଗ ରହିଛି। ଭାରତ ପ୍ରଥମ ଇନିଂସରେ ୩୨୬ ରନ କରିବାପରେ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୧୩୩ ରନ ମଧ୍ୟରେ ୬ ଉଇକେଟ ହରାଇ ସାରିଛି। ଘରୋଇ ଦଳ ୨ ରନରେ ଅଗ୍ରଣୀ ନେଇଥିବାବେଳେ ହାତରେ ମାତ୍ର ୪ ଉଇକେଟ ବାକି ରହିଛି। ମଙ୍ଗଳବାର ୪ର୍ଥ ଦିବସ ଆରମ୍ଭରେ ଅଷ୍ଟ୍ରେଲିଆକୁ ଶୀଘ୍ର ଅଲ୍‌ଆଉଟ କରିପାରିଲେ ବିଜୟ ଲକ୍ଷ୍ୟ କମ୍ ରହିବ। ଏ କ୍ଷେତ୍ରରେ ଭାରତ ସହଜରେ ଟାର୍ଗେଟରେ ପହଞ୍ଚିବା ସହ ସିରିଜକୁ ୧-୧ ସ୍ଥିତିକୁ ଆଣି ପାରିବ। ତେବେ ୪ର୍ଥ ଦିବସର ପ୍ରଥମ ଏକଘଣ୍ଟା ଖେଳ ଗୁରୁତ୍ୱପୂର୍ଣ୍ଣ ରହିବ।

## ଜାଡେଜାଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ

ଏହି ଟେଷ୍ଟରେ ଭାରତକୁ ସୁବିଧାଜନକ ସ୍ଥିତିରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ରବୀନ୍ଦ୍ର ଜାଡେଜା। ସେ ଉଭୟ ବ୍ୟାଟ୍ ଓ ବଲରେ କମାଲ ଦେଖାଇ ଘରୋଇ ଦଳକୁ ଚିନ୍ତାରେ ପକାଇଛନ୍ତି। ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୨୭୭/୫ରୁ ଖେଳ ଆରମ୍ଭ କରିଥିଲା ଭାରତ। ସକାଳର ବେଶ୍ କିଛି ଓଭର ଘରୋଇ ପେସ୍ ବାହିନୀଙ୍କୁ ସଫଳତାର ମୁକାବିଲା କରିଥିଲେ ଶତକ ହାସଲକାରୀ ଅଜିଙ୍କ୍ୟ ରାହାନେ ଓ ଜାଡେଜା। ତେବେ ରାହାନେଙ୍କ ଦୁର୍ଭାଗ୍ୟଜନକ ରନ୍‌ଆଉଟ ଅଷ୍ଟ୍ରେଲିଆକୁ ପ୍ରତ୍ୟାବର୍ତ୍ତନର ସୁଯୋଗ ଦେଇଥିଲା। ଜାଡେଜା ଶଟ୍ ଖେଳି ଏକ ସିଙ୍ଗଲ୍ ରନ ପାଇଁ ଉଦ୍ୟମ କରିଥିଲେ। ମାତ୍ର ତାହା ରିସ୍କ ରନ୍ ଥିଲା। ରାହାନେ ମନାକରିବା ପରିବର୍ତ୍ତେ ରନ ପାଇଁ ଦୌଡ଼ିଥିଲେ। ମାତ୍ର ସେ କ୍ରିଜରେ ପହଞ୍ଚିବା ପୂର୍ବରୁ ମାର୍ନସ ଲାବୁସ୍କାନଙ୍କ ନିକଟରୁ ଥ୍ରୋ ପାଇ ଉଇକେଟ କିପର ଟିମ୍ ପେନ୍ ଷ୍ଟମ୍ପ ଉଡ଼ାଇ ଦେଇଥିଲେ। ଫଳରେ ଏକ ମୂଲ୍ୟବାନ ଇନିଂସର ଦୁଃଖଦ ସମାପ୍ତି ଘଟିଥିଲା। ଜାଡେଜା ଓ ରାହାନେଙ୍କ ୬ଷ୍ଠ ଉଇକେଟ ଭାଗୀଦାରିରେ ୧୨୧ ରନ ସଂଗ୍ରହ ହୋଇଥିଲା। ୨୨୩ଟି ବଲ୍ ଖେଳିଥିବା ରାହାନେ ୧୨ ଚୌକା ସହ ୧୧୨ ରନ କରିଥିଲେ। ଘରୋଇ ବୋଲରଙ୍କୁ ସଫଳ ମୁକାବିଲା କରି ଜାଡେଜା ହାସଲ କରିଥିଲେ ୧୫ତମ ଟେଷ୍ଟ ଅର୍ଦ୍ଧଶତକ। ମାତ୍ର ସେ ୫୭ ରନ କରି ଆଉଟ ହେବାପରେ ଭାରତୀୟ ଇନିଂସ ଭୁଶୁଡ଼ି ପଡ଼ିଥିଲା। ୨୦ ରନ ମଧ୍ୟରେ ଭାରତ ଶେଷ ୪ଟି ଉଇକେଟ ହରାଇଥିଲା। ଭାରତ ପ୍ରଥମ ଇନିଂସରେ ୩୨୬ ରନ କରିବା ସହ ୧୩୧ ରନରେ ଅଗ୍ରଣୀଲାଭ କରିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ ଓ ନାଥାନ ଲିୟନ ୩ଟି ଲେଖାଏ, କୁମିନ୍ସ ୨ଟି ଏବଂ ହାଜେଲଉଡ୍ ଗୋଟିଏ ଉଇକେଟ ନେଇଥିଲେ। ଯଶପ୍ରୀତ୍ ବୁମ୍ରାଙ୍କ ନେତୃତ୍ୱାଧୀନ ଭାରତୀୟ ବୋଲିଂ ବାହିନୀ ଅଷ୍ଟ୍ରେଲିଆର ଦ୍ୱିତୀୟ ଇନିଂସକୁ ଭଲରେ ଆରମ୍ଭ ହେବାକୁ ଦେଇ ନ ଥିଲେ। ଜୋ ବର୍ନ୍ସଙ୍କୁ ମାତ୍ର ୪ ରନରେ ପ୍ୟାଭିଲିୟନ ପଠାଇ ଏହାର ଶୁଭାରମ୍ଭ କରିଥିଲେ ଉମେଶ ଯାଦବ। ତେବେ ଆହତ ହେବାରୁ ଉମେଶ ମାତ୍ର ୩.୩ ଓଭର ବୋଲିଂ କରି ପଡ଼ିଆ ଛାଡ଼ିଥିଲେ। ବୁମ୍ରା, ମହମ୍ମଦ ସିରାଜ, ରବିଚନ୍ଦ୍ରନ ଅଶ୍ୱିନ ଓ ଜାଡେଜା ସମସ୍ତେ ଚମତ୍କାର ବୋଲିଂ କରି ଘରୋଇ ବ୍ୟାଟ୍ସମ୍ୟାନଙ୍କୁ କାବୁ କରିଥିଲେ। ଫଳରେ ୯୯ ରନରେ ୬ ଉଇକେଟ ହରାଇ ଅଷ୍ଟ୍ରେଲିଆ ବିପଦରେ ପଡ଼ିଥିଲା। ମାଥ୍ୟୁ ୱାଡେ ସର୍ବାଧିକ ୪୦ ରନ କରିଥିବାବେଳେ ଲାବୁସ୍କାନ ୨୮ ରନର ଯୋଗଦାନ ଦେଇଥିଲେ। କାମେରନ ଗ୍ରୀନ୍ ୧୭ ଓ ପ୍ୟାଟ୍ କୁମିନ୍ସ ୧୫ ରନରେ ଅପରାଜିତ ରହିବା ସହ ଅସମାପ୍ତ ୭ମ ଉଇକେଟରେ ୩୪ ରନ ଯୋଗ କରିବାରୁ ଅଷ୍ଟ୍ରେଲିଆ ଦିବସର ଶେଷ ଓଭରରେ ଅଗ୍ରଣୀ ନେବାରେ ସକ୍ଷମ ହୋଇଥିଲା। ସେଟ୍ ବ୍ୟାଟ୍ସମ୍ୟାନ ୱାଡେ ଓ ଅଧିନାୟକ ଟିମ୍ ପେନ୍‌ଙ୍କ ଉଇକେଟ ନେଇ ଜାଡେଜା ଭାରତକୁ ବଡ଼ ସଫଳତା ଦେଇଥିଲେ।

## ରାହାନେଙ୍କ ଶତକ ଗୁରୁତ୍ୱପୂର୍ଣ୍ଣ

ପ୍ରଥମ ଟେଷ୍ଟରେ ବିପର୍ଯ୍ୟୟ ପରେ ମେଲବୋର୍ନରେ ବକ୍ସିଂ ଡେ' ଟେଷ୍ଟରେ ଅଜିଙ୍କ୍ୟ ରାହାନେଙ୍କ ଶତକ ଭାରତୀୟ କ୍ରିକେଟ ଇତିହାସରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଇନିଂସ ବୋଲି କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର ପ୍ରକାଶ କରିଛନ୍ତି। ଆଡିଲେଡ୍‌ରେ ଅନୁଷ୍ଠିତ ପ୍ରଥମ ଟେଷ୍ଟର ଦ୍ୱିତୀୟ ଇନିଂସରେ ଭାରତ ସର୍ବନିମ୍ନ ସ୍କୋର ୩୬ ରନରେ ଅଲ୍‌ଆଉଟ ହେବା ସହ ମ୍ୟାଚକୁ ୮ ଉଇକେଟରେ ହାରିଥିଲା। କାମଚଳା ଅଧିନାୟକ ରାହାନେଙ୍କ ଧୈର୍ଯ୍ୟପୂର୍ଣ୍ଣ ୧୧୨ ରନ ବଳରେ ଭାରତ ଦୃଢ଼ ସ୍ଥିତିରେ ରହିଛି। ତୃତୀୟ ଦିବସ ଶେଷସୁଦ୍ଧା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୧୩୩ ରନ ମଧ୍ୟରେ ୬ ଉଇକେଟ ହରାଇଥିବାରୁ ଭାରତ ସିରିଜ୍‌କୁ ପ୍ରତ୍ୟାବର୍ତ୍ତନ ପାଇଁ ଆଶା ସଞ୍ଚାର ହୋଇଛି। ରାହାନେଙ୍କ ଶତକ ଭାରତୀୟ ଦଳ ପାଇଁ "ସବୁକିଛି ସରି ଯାଇନାହିଁ" ବୋଲି ବାର୍ତ୍ତା ଦେଇଛି ବୋଲି ଗାଭାସ୍କର କହିଛନ୍ତି।

### ବକ୍ସିଂ ଡେ' ଟେଷ୍ଟ ସ୍କୋର ବୋର୍ଡ

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୧୯୫**

**ଭାରତ ପ୍ରଥମ ଇନିଂସ**

ମୟଙ୍କ-ଏଲବିଡବ୍ଲ୍ୟୁ-ଷ୍ଟାର୍କ-୦
ଗିଲ-କ-ପେନ୍-ବୋ-କୁମିନ୍ସ-୪୫
ପୂଜାରା-କ-ପେନ୍-ବୋ-କୁମିନ୍ସ-୧୭
ରାହାନେ-ରନ୍‌ଆଉଟ-୧୧୨
ବିହାରୀ-କ-ସ୍ମିଥ-ବୋ-ଲିୟନ-୨୧
ରିଷଭ-କ-ପେନ୍-ବୋ-ଷ୍ଟାର୍କ-୨୯
ଜାଡେଜା-କ-କୁମିନ୍ସ-ବୋ-ଷ୍ଟାର୍କ-୫୭
ଅଶ୍ୱିନ-କ-ଲିୟନ-ବୋ-ହାଜେଲଉଡ-୧୪
ଉମେଶ-କ-ସ୍ମିଥ-ବୋ-ଲିୟନ-୯
ବୁମ୍ରା-କ-ହେଡ୍-ବୋ-ଲିୟନ-୦
ସିରାଜ-ନଟଆଉଟ-୦
ଅତିରିକ୍ତ-୨୨
ମୋଟ(ଅଲଆଉଟ, ୧୧୫.୧ ଓଭର) ୩୨୬
ଉଇକେଟ ପତନ: ୧/୦, ୨/୬୧, ୩/୬୪, ୪/୧୧୬, ୫/୧୭୩, ୬/୨୯୪, ୭/୩୦୬, ୮/୩୨୫, ୯/୩୨୫।
ବୋଲିଂ(ଅଷ୍ଟ୍ରେଲିଆ)
ଷ୍ଟାର୍କ ୨୬-୫-୭୮-୩
କୁମିନ୍ସ ୨୭-୯-୮୦-୨
ହାଜେଲଉଡ୍ ୨୩-୬-୪୭-୧
ଲିୟନ ୨୭.୧-୪-୭୨-୩
ଗ୍ରୀନ୍ ୧୨-୧-୩୧-୦।

**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ**

ୱାଡେ-ଏଲ୍‌ବିଡବ୍ଲ୍ୟୁ-ଜାଡେଜା-୪୦
ବର୍ନ୍ସ-କ-ପନ୍ତ-ବୋ-ଉମେଶ-୪
ଲାବୁସ୍କାନ-କ-ରାହାନେ-ବୋ-ଅଶ୍ୱିନ-୨୮
ସ୍ମିଥ-ବୋ-ବୁମ୍ରା-୮
ହେଡ୍-କ-ମୟଙ୍କ-ବୋ-ସିରାଜ-୧୭
ଗ୍ରୀନ୍-ନଟଆଉଟ-୧୭
ପେନ୍-କ-ପନ୍ତ-ବୋ-ଜାଡେଜା-୧
କୁମିନ୍ସ-ନଟଆଉଟ-୧୫
ଅତିରିକ୍ତ-୩
ମୋଟ(୬ ଉଇକେଟ, ୬୬ ଓଭର) ୧୩୩
ଉଇକେଟ ପତନ: ୧/୪, ୨/୪୨, ୩/୭୧, ୪/୯୮, ୫/୯୮, ୬/୯୯।
ବୋଲିଂ(ଭାରତ)
ବୁମ୍ରା ୧୭-୪-୩୪-୧
ଉମେଶ ୩.୩-୦-୫-୧
ସିରାଜ ୧୨.୩-୦-୨୩-୧
ଅଶ୍ୱିନ ୨୩-୪-୪୬-୧
ଜାଡେଜା ୧୦-୩-୨୫-୨।

# ଉମେଶ ଯାଦବ ଆହତ



ଉମେଶ ଯାଦବଙ୍କ ଆଘାତ ସ୍ଥାନକୁ ଫିଜିଓ ପରୀକ୍ଷା କରୁଛନ୍ତି।

ମେଲବୋର୍ନ,୨୮।୧୨(ପି.ଟି.)

ଭାରତୀୟ ଦ୍ରୁତ ବୋଲର ଉମେଶ ଯାଦବ ଆହତ ହୋଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଚଳିତ ଦ୍ୱିତୀୟ ଟେଷ୍ଟ ମ୍ୟାଚର ତୃତୀୟ ଦିନରେ କାଫ୍ ମସଲ ଇଞ୍ଜୁରିର ସମ୍ମୁଖୀନ ହୋଇଛନ୍ତି। ଗୋଡ ପେଣ୍ଡାର ମାଂସପେଶୀରେ ସେ ଆଘାତ ପାଇଛନ୍ତି। ୩୩ ବର୍ଷୀୟ ଉମେଶ ନିଜ ଫାଇନାଲ ସ୍ପେଲ୍‌ର ଚତୁର୍ଥ ଓଭର ବୋଲିଂ କରୁଥିବା ବେଳେ ବାମ ଗୋଡରେ ଯନ୍ତ୍ରଣା ଅନୁଭବ କରିଥିଲେ। ଫଳରେ ତାଙ୍କୁ ଡ୍ରେସିଂ ରୁମ୍‌କୁ ନିଆଯାଇଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମେଡିକାଲ ଟିମ୍ ତାଙ୍କର ଦେଖାଶୁଣା କରୁଛି। ଏବେ ତାଙ୍କୁ ସ୍କାନ ପାଇଁ ନିଆଯାଇଛି ବୋଲି କୁହାଯାଇଛି। ଦ୍ୱିତୀୟ ଇନିଂସରେ ନିଜର ଦ୍ୱିତୀୟ ଓଭରରେ ଏକ ପିଚ୍ ଅଫ୍ ବଲରେ ସେ ଜୋ ବର୍ନ୍ସଙ୍କୁ ଆଉଟ କରିଥିଲେ। ଉମେଶ ଆହତ ହୋଇ ପଡିଆ ବାହାରକୁ ଯିବା ପରେ ମହମ୍ମଦ ସିରାଜ ଇନିଂସର ୮ ଓଭରର ବାକି ବଲ ପକାଇଥିଲେ। ଉଲ୍ଲେଖଥାଉ କି, ପୂର୍ବରୁ ଅନ୍ୟତମ ତାରକା ଦ୍ରୁତ ବୋଲର ମହମ୍ମଦ ସାମି ଓ ଈଶାନ୍ତ ଶର୍ମା ଆହତ ହୋଇ ବାଦ୍ ପଡିଛନ୍ତି। ଫଳରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟର ଚିନ୍ତା ବଢ଼ିଛି। ୫ ବୋଲରଙ୍କୁ ନେଇ ପଡିଆକୁ ଭାରତ ଓହ୍ଲାଇବାକୁ ନିଷ୍ପତ୍ତି ନେଇଥିଲା। ଫଳରେ ଉମେଶ ପଡିଆକୁ ଯିବା ପରେ ଭାରତ ସେଭଳି ସମସ୍ୟାର ଶିକାର ହୋଇ ନ ଥିଲା।

## ଖୋର୍ଦ୍ଧା ଜିଲା ଶକ୍ତିଉତ୍ତୋଳନ ସଂଘର ନୂଆ କର୍ମକର୍ତ୍ତା

**ଭୁବନେଶ୍ୱର, ୨୮।୧୨ (କ୍ରୀଡ଼ା ପ୍ରତିନିଧି):** ସ୍ଥାନୀୟ ଉତ୍କଳ କରାଟେ ସ୍କୁଲରେ ଖୋର୍ଦ୍ଧା ଜିଲା ଶକ୍ତିଉତ୍ତୋଳନ ସଂଘର କର୍ମକର୍ତ୍ତା ଚୟନ ହୋଇଯାଇଛି। ରାଜେଶ କୁମାର ପରିଡ଼ା ସଭାପତି ମନୋନୀତ ହୋଇଥିବାବେଳେ ଡ. ହରିପ୍ରସାଦ ପଟ୍ଟନାୟକ ବୈଷୟିକ ନିର୍ଦ୍ଦେଶକ ଏବଂ ଚିତ୍ତରଞ୍ଜନ ସ୍ୱାଇଁ ଉପଦେଷ୍ଟା ମନୋନୀତ ହୋଇଛନ୍ତି। ଡ. ଗୌରୀ ମହାନ୍ତି, ଚନ୍ଦ୍ର ଶେଖର ସାହୁ ଓ ରାନୁ ମହାନ୍ତି ଉପସଭାପତି, ସମରେନ୍ଦ୍ର ରାଉତରାୟ ସମ୍ପାଦକ, ଚିତ୍ତରଞ୍ଜନ ମିଶ୍ର ଓ ଶକ୍ତିରଞ୍ଜନ ବାରିକ ଯୁଗ୍ମ ସମ୍ପାଦକ ହୋଇଛନ୍ତି। ପ୍ରଦୀପ ପାତ୍ର କୋଷାଧ୍ୟକ୍ଷ ଏବଂ ଦେବାଶିଷ ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ସାହୁ, ଜାନକୀ ବଲ୍ଲଭ ମିଶ୍ର ଓ ଅନୁପମା ସ୍ୱାଇଁ କାର୍ଯ୍ୟକାରିଣୀ ସଦସ୍ୟ ମନୋନୀତ ହୋଇଛନ୍ତି। ଜାନୁୟାରୀ ୨୨ ଓ ୨୩ ତାରିଖରେ ଜିଲା ପ୍ରତିଯୋଗିତା ହେବ।

## ଟାଇଟଲରେ ନିଖିଲଙ୍କ ହ୍ୟାଟ୍ରିକ



**ଭୁବନେଶ୍ୱର, ୨୮।୧୨ (କ୍ରୀଡ଼ା ପ୍ରତିନିଧି):** ଏସ୍‌ଆର ଚେସ୍ ସେଣ୍ଟର ଆନୁକୂଲ୍ୟରେ ଆୟୋଜିତ ୨୪ତମ ଅନ୍‌ଲାଇନ୍ ଚେସ୍ ପ୍ରତିଯୋଗିତାରେ ଷ୍ଟିୱାର୍ଟ ସ୍କୁଲର ନିଖିଲ ସାହୁ ଚାମ୍ପିୟନ ହୋଇଛନ୍ତି। ୬ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ନିଖିଲ ୫ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଛି। ଏଥିସହ କ୍ରମାଗତ ୩ ଟୁର୍ନାମେଣ୍ଟ ଜିତି ଟାଇଟଲରେ ହ୍ୟାଟ୍ରିକ କରିଛନ୍ତି ନିଖିଲ। ପୂର୍ବରୁ ସେ ୨୨ ଓ ୨୩ତମ ପ୍ରତିଯୋଗିତାରେ ମଧ୍ୟ ଚାମ୍ପିୟନ ହୋଇଥିଲେ। ଏଥର ହାଇଦ୍ରାବାଦସ୍ଥିତ ସିଷ୍ଟର ନିବେଦିତା ସ୍କୁଲର ଶିବାଂଶ ମିଶ୍ର ୪.୫ ପଏଣ୍ଟ ପାଇ ରନର୍ସଅପ୍ ହୋଇଛନ୍ତି। ସମାନ ପଏଣ୍ଟ ପାଇଥିଲେ ହେଁ ତନ୍ମୟ ତ୍ରିପାଠୀଙ୍କୁ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ୧୩ ବର୍ଷରୁ କମ୍‌ରେ ଓମ୍ ଆଦିତ୍ୟ ଖାଡ଼ଙ୍ଗା, ୧୫ ବର୍ଷରୁ କମ୍ ବିଭାଗରେ ଦକ୍ଷିଣ ଆଫ୍ରିକାରେ ରହୁଥିବା ଧ୍ରୁବ ଚାୱଲା, ୧୧ ବର୍ଷରୁ କମ୍‌ରେ ସ୍କଟଲାଣ୍ଡରେ ବାସ କରୁଥିବା ଶ୍ରୀନିବାସ ରଥ, ଜୀବନ ଜ୍ୟୋତି, ବିକାଶ କୁମାର ଲେଙ୍କା, ୯ ବର୍ଷରୁ କମ୍‌ରେ ଦେବର୍ପିତା ମିଶ୍ର, ଅଭିଜୟ ପତି ଏବଂ ଭେଟେରାନ ବର୍ଗରେ ସଞ୍ଜୟ ପଟ୍ଟନାୟକ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, ଡାକ୍ତର ମାନସ ରଞ୍ଜନ ମିଶ୍ର ଓ କୋଚ୍ ସତ୍ୟଜିତ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଫଲୋଅନ ଏଡ଼ାଇଲା ପାକିସ୍ତାନ

**ମାଉଣ୍ଟ ମାଉଗାନୁଇ,୨୮।୧୨(ଏପି):** ଟପ୍ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ବିଫଳତା ପରେ ନୂଆ ଟେଷ୍ଟ ଅଧିନାୟକ ମହମ୍ମଦ ରିଜ୍ୱାନ ଓ ଫହିମ ଆଶ୍ରଫ ଲଢୁଆ ବ୍ୟାଟିଂ କରି ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚରେ ପାକିସ୍ତାନକୁ ଫଲୋଅନରୁ ବଞ୍ଚାଇଛନ୍ତି। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୧୫୫ ଓଭରରେ ୪୩୧ ରନ କରି ଅଲ୍‌ଆଉଟ ହୋଇଥିଲା। ଜବାବରେ ପାକିସ୍ତାନ ପ୍ରଥମ ଇନିଂସ ଆରମ୍ଭ କରି ସୋମବାର ତୃତୀୟ ଦିନ ଖେଳ ଶେଷସୁଦ୍ଧା ୧୦୨.୨ ଓଭରରେ ୨୩୯ ରନ କରି ଅଲ୍‌ଆଉଟ ହୋଇଛି। ଫଳରେ ପ୍ରଥମ ଇନିଂସରେ ପାକିସ୍ତାନ ୧୯୨ ରନରେ ପଛରେ ରହିଛି। ତେବେ ପାକିସ୍ତାନ ଫଲୋଅନ ଏଡ଼ାଇବାକୁ ସକ୍ଷମ ହୋଇଛି। ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୦/୧ରୁ ଖେଳ ଆରମ୍ଭ କରି ପାକିସ୍ତାନ ସୋମବାର ତୃତୀୟ ସେସନ ଶେଷରେ ଅଲ୍‌ଆଉଟ ହୋଇଥିଲା।

### ସଂକ୍ଷିପ୍ତ ସ୍କୋର

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୧୫୫ ଓଭରରେ ୪୩୧ ରନରେ ଅଲଆଉଟ। ପାକିସ୍ତାନ ପ୍ରଥମ ଇନିଂସରେ ୧୦୨.୨ ଓଭରରେ ୨୩୯ ରନରେ ଅଲଆଉଟ (ଫହିମ ଆଶ୍ରଫ୍- ୯୧, ମହମ୍ମଦ ରିଜ୍ୱାନ- ୭୧, ଆବିଦ ଅଲି-୨୫, ଜେମସନ- ୩/୩୫, ସୌଦି- ୨/୬୯, ବୋଲ୍ଟ- ୨/୭୧, ୱାଗନର- ୨/୫୦)।

## ଆନ୍ତଃ ଜିଲା ଜୁନିୟର କ୍ରିକେଟ ଜାନୁୟାରୀରେ

**ଭୁବନେଶ୍ୱର, ୨୮।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ତୃତୀୟ ଆପେକ୍ସ କାଉନ୍‌ସିଲ ବୈଠକ କଟକସ୍ଥିତ ଓସିଏ କ୍ଲବ କନଫରେନ୍ସ ହଲ୍‌ଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଜେଣ୍ଡା ଅନୁସାରେ ଜି. ସାମଲ ରାଓ (ଝାରସୁଗୁଡ଼ା ଡିସିଏ ଏବଂ ଓସିଏ ସିନିୟର ଅମ୍ପାୟର), ଏସ.ଏସ୍. ମିଶ୍ର ଓ ଶାନ୍ତନୁ ଶତପଥୀ (ଓଡ଼ିଶାର ପୂର୍ବତନ ରଣଜୀ ଟ୍ରଫି କ୍ରିକେଟର)ଙ୍କ ପରଲୋକରେ ଶୋକ ପ୍ରକାଶ କରାଯାଇଥିଲା। ୨୦୧୯-୨୦ ବର୍ଷ ପାଇଁ କାର୍ଯ୍ୟକଳାପ ରିପୋର୍ଟ, କୋଷାଗାର ରିପୋର୍ଟ, ବାର୍ଷିକ ବଜେଟ ଏବଂ ଅଡିଟ୍ ଆକାଉଣ୍ଟ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ବୈଠକରେ କେତୋଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଯଥା ଆନ୍ତଃ ଜିଲା ଜୁନିୟର କ୍ରିକେଟ ଟୁର୍ନାମେଣ୍ଟ ୨୦୨୧ ଜାନୁୟାରୀ ମାସରେ ହେବ। ରାଜ୍ୟସାରା ମହିଳା କ୍ରିକେଟରମାନଙ୍କ ଲାଗି ନିକଟ ଭବିଷ୍ୟତରେ ଏକ ଓପନ୍ ଟ୍ୟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମ କରାଯିବ। ସେଥିରୁ ରେସିଡେନ୍ସିଆଲ କ୍ୟାମ୍ପ ପାଇଁ ୪୦ ମହିଳା କ୍ରିକେଟରଙ୍କୁ ବଛାଯିବ।

### ଓସିଏ ଆପେକ୍ସ କାଉନ୍‌ସିଲ ବୈଠକ

ପ୍ରତ୍ୟେକ ସ୍ୱୀକୃତିପ୍ରାପ୍ତ ଜିଲା ୟୁନିଟ୍‌ରେ ଇଣ୍ଟ୍ରା ସ୍କୁଲ ଟୁର୍ନାମେଣ୍ଟ ଆୟୋଜନ କରାଯିବ। ଏହାପରେ ଓସିଏ ତରଫରୁ ଅନ୍ତଃ ଜିଲା ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ ହେବ। ରେସିଡେନ୍ସିଆଲ ଏକାଡେମୀ ପାଇଁ ଏଥିରୁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ମନୋନୀତ କରାଯିବ। ବୈଠକରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏ.କେ. ସାମନ୍ତ (ଉପସଭାପତି), ସଞ୍ଜୟ ବେହେରା (ସମ୍ପାଦକ), ମେହତାବ ଖାଁ (ଯୁଗ୍ମ ସମ୍ପାଦକ), ବିକାଶ ପ୍ରଧାନ (କୋଷାଧ୍ୟକ୍ଷ), ଶୁଭାଶିଷ ସେନାପତି (ଆପେକ୍ସ କାଉନ୍‌ସିଲ ସଦସ୍ୟ), ଅବକାଶ ଖଟୁଆ( ଆପେକ୍ସ କାଉନ୍‌ସିଲ ସଦସ୍ୟ), ରଶ୍ମିତା ମହାନ୍ତି (ଆପେକ୍ସ କାଉନ୍‌ସିଲ ସଦସ୍ୟା) ଓ ସୁବ୍ରତ କୁମାର ବେହେରା (ସିଇଓ) ପ୍ରମୁଖ ଉପସ୍ଥିତ ଥିଲେ।

## ଆଇସିସି ପୁରସ୍କାର ବିଜେତା

- ବିରାଟ କୋହଲି (ସାର୍ ଗାର୍ଫିଲ୍ଡ ସୋବର୍ସ ଆୱାର୍ଡ ଫର୍ ଆଇସିସି ମେଲ୍ କ୍ରିକେଟର ଅଫ୍ ଦି ଡିକେଡ୍)
- ଏଲିସ୍ ପେରୀ (ରାଚେଲ ହେହୋ-ଫ୍ଲିଣ୍ଟ ଆୱାର୍ଡ ଫର୍ ଆଇସିସି ଫିମେଲ କ୍ରିକେଟର ଅଫ୍ ଦି ଡିକେଡ୍)
- ଷ୍ଟିଭ୍ ସ୍ମିଥ୍ (ଆଇସିସି ମେନ୍ସ ଟେଷ୍ଟ କ୍ରିକେଟର ଅଫ୍ ଦି ଡିକେଡ୍)
- ବିରାଟ କୋହଲି (ଆଇସିସି ମେନ୍ସ ଇଣ୍ଟରନ୍ୟାଶନାଲ ୱାନ୍‌ଡେ କ୍ରିକେଟର ଅଫ୍ ଦି ଡିକେଡ୍)
- ଏଲିସ୍ ପେରୀ (ଆଇସିସି ଓମେନ୍ସ ଇଣ୍ଟରନ୍ୟାଶନାଲ ୱାନ୍‌ଡେ କ୍ରିକେଟର ଅଫ୍ ଦି ଡିକେଡ୍)
- ରଶିଦ ଖାଁ (ଆଇସିସି ମେନ୍ସ ଇଣ୍ଟରନ୍ୟାଶନାଲ ଟି୨୦ କ୍ରିକେଟର ଅଫ୍ ଦି ଡିକେଡ୍)
- ଏଲିସ୍ ପେରୀ (ଆଇସିସି ଓମେନ୍ସ ଇଣ୍ଟରନ୍ୟାଶନାଲ ଟି୨୦ କ୍ରିକେଟର ଅଫ୍ ଦି ଡିକେଡ୍)
- କାଇଲ କୋଏଜର (ଆଇସିସି ମେନ୍ସ ଆସୋସିଏଟ୍ କ୍ରିକେଟର ଅଫ୍ ଦି ଡିକେଡ୍)
- କାଥରିନ୍ ବ୍ରାଇସ୍ (ଆଇସିସି ଓମେନ୍ସ ଆସୋସିଏଟ୍ କ୍ରିକେଟର ଅଫ୍ ଦି ଡିକେଡ୍)
- ଏମ୍.ଏସ୍ ଧୋନୀ (ଆଇସିସି ସ୍ପିରିଟ୍ ଅଫ୍ କ୍ରିକେଟ ଆୱାର୍ଡ ଅଫ୍ ଦି ଡିକେଡ୍)।



ଏଲିସ ପେରୀ

# ଖୋ ଖୋ କୋଚ୍‌ଙ୍କ ହାଇପରଫର୍ମାନ୍ସ କର୍ମଶାଳା

ଭୁବନେଶ୍ୱର, ୨୮।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ରାଜ୍ୟ ଖୋ ଖୋ କୋଚ୍‌ମାନଙ୍କର ଦୁଦିନିଆ ହାଇପରଫର୍ମାନ୍ସ କର୍ମଶାଳା ସୋମବାରଠାରୁ ଆରମ୍ଭ ହୋଇଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବାବିଭାଗ ଏବଂ ଓଡ଼ିଶା ଖୋ ଖୋ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଛି। ଏଥିରେ ରାଜ୍ୟର ୧୬ଟି ଜିଲାର ୩୩ ଜଣ ଖୋଖୋ କୋଚ୍ ଯୋଗ ଦେଇଛନ୍ତି। ତୃଣମୂଳସ୍ତରରେ ଯେପରି ଆଧୁନିକ ସାଇଣ୍ଟିଫିକ୍ ଟ୍ରେନିଂ ପ୍ରଦାନ କରାଯାଇପାରିବ ତାହାକୁ ଲକ୍ଷ୍ୟରେ ରଖି ଏହି କର୍ମଶାଳାର ଆୟୋଜନ କରାଯାଇଛି। ଆସନ୍ତା ଏସିଆନ ଗେମ୍ସରେ ଖୋଖୋ ଖେଳକୁ ସାମିଲ କରାଯିବା ଲାଗି ବିଚାର ଚାଲିଛି। ବିଗତ କିଛିବର୍ଷ ହେଲା ଓଡ଼ିଶା ଜାତୀୟସ୍ତର ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଆସୁଛି। ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ୨୧ ବର୍ଷରୁ କମ୍ ବାଳିକା ବିଭାଗରେ ଓଡ଼ିଶା ଗତ ଦୁଇବର୍ଷ ହେଲା ବ୍ରୋଞ୍ଜ ପଦକ ଜିତିଆସୁଛି। ଗତବର୍ଷ ରାଞ୍ଚିରେ ଅନୁଷ୍ଠିତ ଜାତୀୟ ସବ୍ ଜୁନିୟର ବାଳିକା ଚାମ୍ପିୟନଶିପ୍‌ରେ ଓଡ଼ିଶା ପୂର୍ବଥରର ଚାମ୍ପିୟନ ମହାରାଷ୍ଟ୍ରକୁ ହରାଇ ଦେଇଥିଲା। ଅନ୍ୟପକ୍ଷରେ ଓଡ଼ିଶା ବାଳକ ଦଳ ଜାତୀୟ ସବ୍‌ଜୁନିୟର ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଲାଭ କରିଥିଲା। ହାଇପରଫର୍ମାନ୍ସ କର୍ମଶାଳାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ସଚିବ ବିଶାଲ କୁମାର ଦେବ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସ୍ୱଦେଶୀ ଖେଳର ପ୍ରସାର ଉଦ୍ଦେଶ୍ୟ ରଖି ଏଭଳି କର୍ମଶାଳା ପାଇଁ ଆୟୋଜକଙ୍କ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ କିଛିବର୍ଷ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟକୁ ଗୌରବାନ୍ୱିତ କରିଥିବା ଖୋ ଖୋ ଖେଳାଳିଙ୍କୁ ସେ ସମ୍ବର୍ଦ୍ଧିତ କରିଥିଲେ। ସତ୍ୟଜିତ ସିଂ ଓ ସସ୍ମିତା ନାଥଶର୍ମା ଯଥାକ୍ରମେ ଭାରତୀୟ ପୁରୁଷ ଓ ମହିଳା ଦଳରେ ସାମିଲ ହୋଇ ନେପାଳଠାରେ ଅନୁଷ୍ଠିତ ୨୦୧୯ ସାଫ୍ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ସମ୍ବର୍ଦ୍ଧିତ ହୋଇଥିବା ଅନ୍ୟ ୩ଜଣ ଖେଳାଳିହେଲେ ମନ୍ଦାକିନୀ ମାଝି, ଶୁଭଶ୍ରୀ ସିଂ, ମଧୁସ୍ମିତା ଓଝା ଓ ପାପୁ ମାରାଣ୍ଡି। ମନ୍ଦାକିନୀଙ୍କ ନେତୃତ୍ୱରେ ଓଡ଼ିଶା ୨୦୧୯ ଜାତୀୟ ଚାମ୍ପିୟନଶିପ୍ ଖେଳିଥିଲା। ଶୁଭଶ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ୨୦୧୯ରେ ଜାତୀୟ ସବ୍‌ଜୁନିୟର ଚାମ୍ପିୟନଶିପ୍ ଖେଳିଥିଲା। ମଧୁସ୍ମିତାଙ୍କ ନେତୃତ୍ୱରେ ଓଡ଼ିଶା ଖେଲୋ ଇଣ୍ଡିଆ ୟୁଥଗେମ୍ସ ୨୧ବର୍ଷରୁ କମ୍ ବାଳିକା ଇଭେଣ୍ଟ ଖେଳିଥିଲା। ସେହିପରି ପପୁଙ୍କ ଅଧିନାୟକତ୍ୱରେ ଓଡ଼ିଶା ୨୦୧୯ ଜାତୀୟ ସବ୍ ଜୁନିୟର ବାଳକ ଚାମ୍ପିୟନଶିପ୍ ଖେଳିଥିଲା। ଓଡ଼ିଶା ଖୋଖୋ ଆସୋସିଏଶନ ସଭାପତି ନାରାୟଣ ପାତ୍ର କହିଛନ୍ତି ଓଡ଼ିଶାରେ ଖୋ ଖୋ ଖେଳର ପ୍ରସାର କ୍ଷେତ୍ରରେ କ୍ରୀଡ଼ା ଓ ଯୁବସେବା ବିଭାଗ ସାହାଯ୍ୟ ଓ ସହଯୋଗ ପ୍ରଶଂସନୀୟ। ଆମେରିକାନ କଲେଜ ଅଫ୍ ସ୍ପୋର୍ଟ୍ସ ଆଣ୍ଡ ମେଡିସିନରୁ ସାର୍ଟିଫିକେଟପ୍ରାପ୍ତ ତଥା ହାଇପରଫର୍ମାନ୍ସର ସିନିୟର ପରାମର୍ଶଦାତା ଏକ୍ସରସାଇଜ୍ ଫିଜିଓଲୋଜିଷ୍ଟ ଲ୍ୟୁଟନାଣ୍ଟ କଲୋନେଲ ଏ. ରାଜେଶ (ଅବସରପ୍ରାପ୍ତ)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କର୍ମଶାଳା ଅନୁଷ୍ଠିତ ହେଉଛି। କୋଭିଡ୍-୧୯ର ସମସ୍ତ ପ୍ରୋଟୋକଲ ଏଥିରେ କାର୍ଯ୍ୟକାରୀ କରାଯାଉଛି।




ସମ୍ବର୍ଦ୍ଧିତ ଖେଳାଳିମାନେ ଅତିଥିଙ୍କ ସହ।



ଖୁବଶୀଘ୍ର ବଲିଉଡରେ ଡେବ୍ୟୁ କରିବେ ସାଉଥ ଷ୍ଟାର ରଶ୍ମୀକା ମନ୍ଦନା। ଅପକମିଂ ଫିଲ୍ମ 'ମିଶନ ମଜନୁ'ରେ ସେ ନଜର ଆସିବେ। ପ୍ରଥମ ବଲିଉଡ ଫିଲ୍ମ ରିଲିଜ ହେବା ପୂର୍ବରୁ ସେ ଏବେ ଦ୍ୱିତୀୟ ଫିଲ୍ମରେ ମଧ ସାଇନ କରିଛନ୍ତି। ବିକାଶ ବେହଲଙ୍କ ଆଗାମୀ ଫିଲ୍ମରେ ଲିଡ ରୋଲରେ ଥିବା ରଶ୍ମୀକା ବିଗ୍ ବି ଅମିତାଭ ବଚ୍ଚନଙ୍କ ସହ କାମ କରିବେ । ବର୍ତ୍ତମାନ ପାଇଁ ଏହି ଫିଲ୍ମର ନାଁ 'ଡେଡଲି' ରଖାଯାଇଛି। ୨୦୨୧ ମାର୍ଚ୍ଚରୁ ଏହି ଫିଲ୍ମର ଶୁଟିଂ ଆରମ୍ଭ ହେବ।





# ହାତରେ ନାହିଁ ଫିଙ୍ଗର ପ୍ରିଣ୍ଟ

**ଢାକା:** ସାଧାରଣତଃ ସମସ୍ତଙ୍କ ହାତରେ ଫିଙ୍ଗର ପ୍ରିଣ୍ଟ ରହିଥାଏ। ହେଲେ ବାଂଲାଦେଶରେ ବାସ କରୁଥିବା ଏକ ପରିବାରର କୌଣସି ପୁରୁଷ ସଦସ୍ୟଙ୍କ ହାତରେ ଫିଙ୍ଗର ପ୍ରିଣ୍ଟ ନ ଥିବା ଜାଣିଲେ ଆପଣ ଆଶ୍ଚର୍ଯ୍ୟ ହେବେ। ଜିନ୍‌ଗତ ତ୍ରୁଟି ଯୋଗୁ ଏଭଳି ହେଉଥିବା ଚିକିତ୍ସା ବିଜ୍ଞାନୀମାନେ ମତପୋଷଣ କରିଛନ୍ତି। ଚିକିତ୍ସା ବିଜ୍ଞାନରେ ଏଭଳି ଆନୁବଂଶିକ ସମସ୍ୟାକୁ ଏଡର୍ମେଟୋଗ୍ଲାଫିଆ କୁହାଯାଇଥାଏ। ଉତ୍ତର ବାଂଲାଦେଶର ରାଜଶାହି ଜିଲାରେ ବାସ କରୁଥିବା ଅପୁ ସରକାର ଏବଂ ଅମଲ ସରକାରଙ୍କଠାରେ ଏଭଳି ବିରଳ ବ୍ୟତିକ୍ରମ ଦେଖିବାକୁ ମିଳିଛି। ତାଙ୍କ ବାପା ଏବଂ ବୁଢ଼ାବାପାଙ୍କଠାରେ ମଧ ଏଭଳି ସମସ୍ୟା ରହିଥିଲା। ଅଧିକାଂଶ ସରକାରୀ କାର୍ଯ୍ୟରେ ଫିଙ୍ଗର ପ୍ରିଣ୍ଟକୁ ଗୁରୁତ୍ୱ ଦିଆଯାଉଥିବାବେଳେ ପପୁଙ୍କ ପରିବାର ଏଥିଯୋଗୁ ସମସ୍ୟାରେ ପଡୁଛନ୍ତି। ଏବେ ଅମଲ ଏବଂ ଅପୁଙ୍କ କାହାଣୀ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା



ସ୍ୱାଗତିକା ମହାପାତ୍ର (ଗୁଡୁଲି)
ଟାଙ୍ଗୀବନ୍ତ, ନିୟୁ ଭୁବନେଶ୍ୱର
ଆଜି ତୋର ଜନ୍ମବାର୍ଷିକୀ ଉତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଗ୍ରାମ୍ୟ ଦେବୀ ମା'ମଙ୍ଗଳାଙ୍କ ନିକଟରେ ପ୍ରାର୍ଥନା କରୁ କି ତୋର ଚଲାପଥ କୁସୁମିତ ଓ ଦୀର୍ଘାୟୁ ହେଉ।
—:ଶୁଭେଚ୍ଛାସହ:—
ମମି: ସୌଦାମିନୀ, ବାବା: ସୁବ୍ରତ, ଅଜା, ଆଈ, ଜେଜେ, ଜେଜେମା', ଦାଦା, ଖୁଡ଼ୀ, ମାମୁ, ମାଈ, ଅପା, ପିଇସା, ମୁନା, ମାମାଲୀ, ଲାଡଲୀ, ଶୁଭ, ସୁୟାଂଶୁ ।
ଧ-୧୯୩୮୯

ନାମକରଣ ଶୁଭେଚ୍ଛା



ରଥସାହି, ରେଢ଼ାଖୋଲ
—: ଶୁଭେଚ୍ଛା ସହ :—
ମାତା- ପି. ଜାମିନୀ ବୈଠାରୁ,
ପିତା- ପି. ଜନାର୍ଦ୍ଦନ ବୈଠାରୁ
ଓ ବୈଠାରୁ ପରିବାର ବର୍ଗ ।
ଧ-୧୯୩୯୩



# ମାଳଦ୍ୱୀପରେ ହଂସିକା

**ନୂଆଦିଲ୍ଲୀ:** ବର୍ତ୍ତମାନ ଟ୍ରେଣ୍ଡିଙ୍ଗ୍‌ରେ ଚାଲିଛି ମାଳଦ୍ୱୀପ୍। ସମସ୍ତ ବଲିଉଡ୍ ଏବଂ ଟଲିଉଡ୍ ଅଭିନେତା ଅଭିନେତ୍ରୀ ଛୁଟି କାଟିବାକୁ ଏହି ଜାଗାକୁ ବାଛୁଛନ୍ତି। କିଛି ଦିନ ପୂର୍ବରୁ ସୋନାକ୍ଷୀ ସିହ୍ନା, ମୌନୀ ରୟ, ରକୁଲପ୍ରିତ ସିଂ ଏବଂ ସମନ୍ଥା ଅକିନେନୀ ସେଠାକୁ ବୁଲିବାକୁ ଯାଇଥିଲେ। ଏବେ ଅଭିନେତ୍ରୀ ହଂସିକା ମୋଟୱାନି ମାଳଦ୍ୱୀପରେ ଛୁଟି କାଟୁଛନ୍ତି। ହଂସିକା ବଲିଉଡ୍ ସହିତ ସାଉଥ୍ ଫିଲ୍ମରେ ମଧ ନାଁ କମାଇଛନ୍ତି। କିନ୍ତୁ ଫିଲ୍ମ ବ୍ୟତୀତ ସେ ସୋସିଆଲ ମିଡିଆରେ ମଧ ସକ୍ରିୟ। ନିକଟରେ ହଂସିକା ମାଳଦ୍ୱୀପର କିଛି ଫଟୋ ପୋଷ୍ଟ କରିଛନ୍ତି। ଏହା ଇନ୍‌ଷ୍ଟାରେ ଖୁବ୍ ଭାଇରାଲ ହେବାରେ ଲାଗିଛି। ଏକ ଭିଡିଓରେ ସେ ସମୁଦ୍ର କୂଳରେ ମସ୍ତି କରୁଥିବା ନଜର୍‌କୁ ଆସିଛନ୍ତି। ଭିଡିଓରେ ହଂସିକା ବ୍ଲୁ କଲର୍ ଆଉଟ୍‌ଫିଟ୍ ପିନ୍ଧିଛନ୍ତି। ସୂଚନା ଥାଉ କି, ହଂସିକା ମୁମ୍ବାଇରେ ଏକ ସିନ୍ଧି ପରିବାରରେ ଜନ୍ମଗ୍ରହଣ କରିଥିବା ହସିକା ଛୋଟବେଳୁ ଶିଶୁକଳାକାର ଭାବେ ଅନେକଗୁଡ଼ିଏ ଧାରାବାହିକରେ କାମ କରିଛନ୍ତି। ତାଙ୍କ ଅଭିନୀତ 'ସାକା ଲାକା ବୁମ୍ ବୁମ୍' ସିରିଏଲ ଭାରି ହିଟ୍ ହୋଇଥିଲା। ଏହାପରେ ବଲିଉଡ୍‌ରେ ଶିଶୁ କଳାକାର ଭାବେ 'କୋଇ ମିଲ୍ ଗୟା' ଫିଲ୍ମରେ କାମ କରିଥିଲେ। ପରେ ୧୫ ବର୍ଷ ବୟସରେ ସେ ତେଲୁଗୁ ଫିଲ୍ମରେ ମୁଖ୍ୟ ଭୂମିକାରେ ନଜର ଆସିଥିଲେ।

# ୪୦୦୦ରେ ସୀମିତ 'କଲାଶ'

**ପର୍ବତ ଭିତରେ ସୀମିତ ସେମାନଙ୍କ ଜୀବନ। ଆଧୁନିକତାର ଛାପ ପଡ଼ିନି । ସେଥିପାଇଁ ସୁରକ୍ଷିତ ରହିଛି ପୁରାତନ ସଂସ୍କୃତି, ପରମ୍ପରା। ସହରୀ ସଭ୍ୟତାଠାରୁ ଦୂର ହିନ୍ଦୁକୁଶ ପର୍ବତ ଭିତରେ ନିଜ ଭିତରେ ଜିଉଁଥିବା ଏଭଳି ଏକ ରହସ୍ୟମୟ ବିଲୁପ୍ତପ୍ରାୟ ଜନଜାତି ହେଉଛି 'କଲାଶ'। ପାକିସ୍ତାନ ମାଟିରେ ହିନ୍ଦୁ ସଂସ୍କୃତି ଛାରଖାର ହୋଇଯାଇଥିବାବେଳେ ଏହି ଜନଜାତି ନିକଟରେ ସ୍ପଷ୍ଟ ବାରି ହୋଇପଡ଼େ ସନାତନ ସଂସ୍କୃତିର ଭାବଧାରା । ମାତ୍ର ୪,୦୦୦ ଲୋକସଂଖ୍ୟାରେ ସୀମିତ ଏହି ପାହାଡ଼ି ଜନଜାତିର ସୁରକ୍ଷା ଲାଗି ବିଶ୍ୱମଞ୍ଚରେ ଦାବି ଉଠିଲାଣି ।**



**ନୂଆଦିଲ୍ଲୀ:** ସମୟ ଏବଂ ସାଂସ୍କୃତିକ ପ୍ରଭାବରେ ଅନେକ ଜନଜାତି ବିଲୁପ୍ତ। ପାକିସ୍ତାନର ହିନ୍ଦୁକୁଶ ପାର୍ବତ୍ୟାଞ୍ଚଳରେ ରହୁଥିବା 'କଲାଶ' ଜନଜାତି ଏହି ବର୍ଗର। ମାତ୍ର ୪,୦୦୦ ଜନସଂଖ୍ୟାରେ ସୀମିତ ଏହି ସମ୍ପ୍ରଦାୟ ଆଧୁନିକତାଠାରୁ ନିଜକୁ ଦୂରେଇ ରଖିଛି। ପାର୍ବତ୍ୟଶୃଙ୍ଖଳା ଘେରି ରହିଥିବାରୁ ସେମାନଙ୍କ ମୌଳିକ ସଂସ୍କୃତି ଆଜି ବି ସୁରକ୍ଷିତ ହୋଇ ରହିଛି।

'କଲାଶ' ଜନଜାତିର ପରମ୍ପରା ସହିତ ଅଧିକାଂଶ ସମୟରେ ହିନ୍ଦୁ ସଂସ୍କୃତିକୁ ଯୋଡ଼ାଯାଇଥାଏ। ଆଫଗାନିସ୍ତାନ ସୀମାନ୍ତରେ ବସବାସ କରୁଥିବା ଏହି ଜନଜାତି ପାକିସ୍ତାନର ସବୁଠୁ ସଂଖ୍ୟାଲଘୁ। ଇତିହାସ ସହିତ ଯୋଡ଼ି ହୋଇଥିବା ଏହି ଅଞ୍ଚଳକୁ ଯୋଦ୍ଧା ସିକନ୍ଦର ଅକ୍ତିଆର କରିବା ପରେ ଏହା ଇନ୍ଦିକୋଶ ନାମରେ ପରିଚିତ ହୋଇଥିଲା। ୟୁନାନୀ ଭାଷାରେ ଯାହାର ଅର୍ଥ ହିନ୍ଦୁସ୍ଥାନୀ ପାହାଡ଼। ତେଣୁ 'କଲାଶ' ସମ୍ପ୍ରଦାୟକୁ ମହାନ୍ ସମ୍ରାଟ୍ ସିକନ୍ଦରଙ୍କ ବଂଶଧର ବୋଲି ବିବେଚନା କରାଯାଏ। ଏଭଳି ଏକ ପୁରାତନ ଜନଜାତିକୁ ଦୀର୍ଘଦିନ ଧରି ମାନ୍ୟତା ମିଳି ନ ଥିଲା। ୨୦୧୮ରେ ପାକିସ୍ତାନରେ ହୋଇଥିବା ଜନଗଣନାରେ ଏହି ସମ୍ପ୍ରଦାୟକୁ ପୃଥକ୍ ଜନଜାତି ଭାବେ ସାମିଲ କରାଯାଇଥିଲା। ସମ୍ପ୍ରଦାୟର ମାତ୍ର ୩,୮୦୦ ଜଣ ରହିଥିବା ଜଣାଯାଏ। ତେବେ ବେସରକାରୀସ୍ତରରେ ଏହି ସଂଖ୍ୟା ସାମାନ୍ୟ ଅଧିକ। ଏହି ଜନଜାତି ପରିବାର ଛୋଟ ଛୋଟ ଝାଟିମାଟି ଘରେ ବସବାସ କରୁଛନ୍ତି। ପର୍ବପର୍ବାଣିରେ ମହିଳା-ପୁରୁଷ ମିଶି ମଦ୍ୟପାନ କରିବା ଏଠାକାର ଅଧିବାସୀଙ୍କ ନିଆରା ପରମ୍ପରା। ସ୍ଥାନୀୟ ବାସିନ୍ଦା ନୃତ୍ୟଗୀତ ଏବଂ ସଙ୍ଗୀତକୁ ଜୀବନରେ ବେଶ୍ ପ୍ରାଧାନ୍ୟ ଦେଇଥାନ୍ତି। ବଂଶୀ, ଢୋଲ ବଜାଇବାରେ ସେମାନେ ନିପୁଣ। ପାକିସ୍ତାନ ଏବଂ ଆଫଗାନିସ୍ତାନର ସଂଖ୍ୟାଗରିଷ୍ଠଙ୍କ ଦ୍ୱାରା ଜୀବନ ପ୍ରତି ସବୁବେଳେ ବିପଦ ଆଶଙ୍କା ଥିବାରୁ ସେମାନେ ସବୁବେଳେ ଅସ୍ତ୍ରଶସ୍ତ୍ର ପାଖରେ ରଖିଥାନ୍ତି। 'କଲାଶ' ଜନଜାତି ମାତୃକୈନ୍ଦ୍ରିକ। ମହିଳାମାନେ ପରିବାର ପରିଚାଳନାର ନେତୃତ୍ୱ ନେଇଥାନ୍ତି। ଛେଳି, ମେଣ୍ଢା, ଗୋ-ପାଳନ କରିବାକୁ ସେମାନେ ଗିରିକନ୍ଦରରେ ଦିନତମାମ ବୁଲିଥାନ୍ତି। ଘରେ ଅବସର ସମୟରେ ସୁନ୍ଦର ପର୍ସ, ମାଳି ପ୍ରସ୍ତୁତ କରିଥାନ୍ତି। ମହିଳାଙ୍କ ହାତ ତିଆରି ସାମଗ୍ରୀଗୁଡ଼ିକୁ ପୁରୁଷମାନେ ବିକ୍ରି କରିଥାନ୍ତି। ସମ୍ପ୍ରଦାୟର ମହିଳାଙ୍କ ବେଶଭୂଷା ନିଆରା। ବେକରେ ପଥର ମାଳି, ରଙ୍ଗବେରଙ୍ଗର ଟୋପି ପିନ୍ଧି ସେମାନେ ନିଜକୁ ସଜାଇଥାନ୍ତି। କାମୋସ, ଜୋଶୀ ଏବଂ ଉଚାଓ୍ୱ ସମ୍ପ୍ରଦାୟର ପ୍ରମୁଖ ପର୍ବପର୍ବାଣି। ଡିସେମ୍ବରରେ ୧୪ଦିନ ଧରି ପାଳନ କରାଯାଉଥିବା 'କାମୋସ' ସବୁଠାରୁ ବଡ଼ ପର୍ବ। ଏହି ଅବସରରେ ନିର୍ବାଚନ ହୋଇଥାଏ। ସମ୍ପ୍ରଦାୟରେ ମୁକ୍ତ ବିବାହ ପ୍ରଚଳିତ। ଜଣେ ମହିଳା ଏକାଧିକ ପୁରୁଷଙ୍କୁ ବିବାହ କରିବାରେ କୌଣସି ସମସ୍ୟା ନାହିଁ। ନିଜ ଇଚ୍ଛା ଅନୁଯାୟୀ ଜଣେ ଯୁବତୀ ଯେକୌଣସି ପୁଅ ସହିତ ରହିପାରେ। ପାକିସ୍ତାନ ଭଳି ଦେଶରେ ମହିଳାଙ୍କୁ ମନପସନ୍ଦର ବିବାହ ଲାଗି ଅଦ୍ୟାବଧି ସେତିକି ସ୍ୱାଧୀନତା ମିଳି ନ ଥିବାବେଳେ ଏଭଳି ମାନସିକତାଠାରୁ ଢେର ଆଗରେ 'କଲାଶ'। ତେବେ ମହିଳାଙ୍କ ମାସିକ ଧର୍ମ ପାଳନ ସମୟରେ ଘରେ ରହିବାକୁ ବାରଣ କରାଯାଇଥାଏ। ଏଥିଲାଗି ସୁବ୍ୟବସ୍ଥିତ ସ୍ୱତନ୍ତ୍ର କମ୍ୟୁନିଟି ସେଣ୍ଟର ରହିଛି। ସେଠାରେ ୫ଦିନ ରହିବା ପରେ ମହିଳାମାନେ ଘରକୁ ଆସିଥାନ୍ତି। ପ୍ରତି ମୁହୂର୍ତ୍ତରେ ଜୀବନକୁ ଉପଭୋଗ କରୁଥିବା 'କଲାଶ' ଜନଜାତି ଆଧୁନିକ ମଣିଷ ପାଇଁ ପ୍ରେରଣା। ଏଭଳି ଜନଜାତିର ସୁରକ୍ଷା ପ୍ରତି ବିଶ୍ୱ ସମୁଦାୟ ଆଗକୁ ଆସିବାକୁ ଦାବି ହେଉଛି।

# ପାଠ ପଢ଼ାଉଛନ୍ତି କନଷ୍ଟେବଲ



**ଭୋପାଳ:** ବୃତ୍ତିରେ ଜଣେ ପୋଲିସ କନଷ୍ଟେବଲ କିନ୍ତୁ ଶିକ୍ଷକଭାବେ ତାଙ୍କର ରହିଛି ସ୍ୱତନ୍ତ୍ର ପରିଚୟ। ବିଭିନ୍ନ ବସ୍ତି ଅଞ୍ଚଳରେ ବୁଲି ବୁଲି ସେ ଗରିବ ପିଲାଙ୍କୁ ମାଗଣାରେ ପାଠ ପଢାଇ ଏଭଳି ଏକ ପରିଚୟ ହାସଲ କରିପାରିଛନ୍ତି। କନଷ୍ଟେବଲ ଚାକିରି କରି ଶିକ୍ଷକଭାବେ ପରିଚିତ ହୋଇଥିବା ଏହି ବ୍ୟକ୍ତିତ୍ୱଜଣକ ହେଉଛନ୍ତି ସଞ୍ଜୟ ସାନୱାରେ। ମହାରାଷ୍ଟ୍ରର ଇନ୍ଦୋରରେ ପୋଲିସ ବିଭାଗରେ ଚାକିରି କରଥିବା ସଞ୍ଜୟ ଅଫିସ୍ ସମୟ ପରେ ବିଭିନ୍ନ ବସ୍ତିରେ ପାଠ ପଢାଉଛନ୍ତି। ଯେଉଁ ପିଲାମାନେ ସ୍କୁଲକୁ ଯାଇପାରନ୍ତି ନାହାନ୍ତି ଏବଂ ଯେଉଁମାନଙ୍କର ଅନ୍‌ଲାଇନ୍ କ୍ଲାସ କରିବାର ସୁବିଧା ବି ନାହିଁ ସେମାନଙ୍କ ପାଖରେ ପହଞ୍ଚିଥାନ୍ତି ସଞ୍ଜୟ। କରୋନା ପାଇଁ ସ୍କୁଲ ପୂରା ବନ୍ଦ ରହିଥିବାରୁ ଅନ୍‌ଲାଇନ୍ କ୍ଲାସ କରାଯାଉଛି କିନ୍ତୁ ଗାଁ ଗହଳିର କିଛି ଗରିବ ପିଲାଙ୍କ ପାଖରେ ଅନ୍‌ଲାଇନ୍ ପାଠ ପଢ଼ିବାର ସୁବିଧା ନାହିଁ। ତେଣୁ ସେମାନଙ୍କୁ ପାଠ ପଢ଼ିବାର ସୁଯୋଗ ଦେଇଛନ୍ତି ସଞ୍ଜୟ। ସେ କେବଳ ମାଗଣାରେ ଯେ ପାଠ ପଢାନ୍ତି ତା' ନୁହେଁ, ପାଠପଢା ସହିତ ସେ ମଧ ଅତି ଗରିବ ପିଲାଙ୍କୁ ଖାତା, ବହି, ପେନ୍‌ସିଲ ଆଦି ବିଭିନ୍ନ ଜିନିଷ ଯୋଗାଇ ଦେଇଥାନ୍ତି। ନିଜ ଜୀବନରେ ଅନେକ ଅସୁବିଧାର ସମ୍ମୁଖୀନ ହୋଇ ପାଠ ପଢ଼ିଥିବାରୁ ଏବେ ଗରିବ ପିଲାଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଛନ୍ତି। ଏବେ ତାଙ୍କ ପାଖରେ ପ୍ରଥମରୁ ଦଶମ ଶ୍ରେଣୀର ପ୍ରାୟ ୫୦ ଜଣ ପିଲା ପାଠ ପଢୁଛନ୍ତି ବୋଲି ସେ କହିଛନ୍ତି।

# ୨୦୨୦ର ଶ୍ରେଷ୍ଠ ଭିଡିଓ



**ନୂଆଦିଲ୍ଲୀ:** ଆମେରିକାର ସ୍ମିଥ୍‌ସୋନିଆନ୍ ଚିଡ଼ିଆଖାନା ପକ୍ଷରୁ ୨୦୨୦ର ଶ୍ରେଷ୍ଠ ଭିଡିଓଗୁଡ଼ିକୁ ଶେୟାର କରାଯାଇଛି। ଏହି ଭିଡିଓରେ ଏକ ସ୍ଲଥ୍ ବିୟର ତରଭୁଜ ଖାଇବାରେ ବ୍ୟସ୍ତଠାରୁ ଆରମ୍ଭ କରି ଚିତାବାଘ କ୍ୟାମେରାକୁ ଦେଖି ପୋଜ୍ ଦେଉଥିବା ଦେଖିବାକୁ ମିଳିଛି। ଏହା ଅନେକ ପ୍ରାଣୀପ୍ରେମୀଙ୍କ ମନକୁ ବେଶ୍ ଛୁଇଁଛି। ଭିଡିଓକୁ ୯୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଦେଖିଥିବାବେଳେ ଅନେକ ସୁନ୍ଦର ସୁନ୍ଦର କମେଣ୍ଟ ମଧ ଦେଇଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଅହଲ୍ୟା ମହାନ୍ତି
ଜୟଦୁର୍ଗାନଗର, ଭୁବନେଶ୍ୱର
ଆବିର୍ଭାବ : ୧୩.୦୩.୧୯୪୩
ତିରୋଧାନ : ୧୧.୧୨.୨୦୧୯
ତୁମ ସ୍ମୃତି କେତେ ଥରାଉଛି ଛାତି
ତୁମେ କି ପାରିବ ଜାଣି
ଦିଗହରା ତୁମ ପ୍ରିୟଜନେ, ସାଥି
ତୁମ ପାଖେ ସଦା ଋଣୀ
ମାସ ପରେ ମାସ ଯାଇଅଛି ବିତି
ହୋଇଛି ଏକ ବରଷ
ଶୂନ୍ୟ କୋଠରୀଟି, ଶୂନ୍ୟ ପଡ଼ିଅଛି
ମିଳୁଛି ଖାଲି ଆଭାସ ।
ତୁମର କବି-ନରେଶ, ବାବୁ-ଦୀପା, ମମି-ରାଜେନ୍ଦ୍ର, ହୀରୁ-ଲିଟି, ବର୍ଷ-ପ୍ରଜ୍ଞା, ମୁନା, ଲିପୁନ, ପୁପୁଲ, ରଂଶ, ମଧୁ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୧୯୩୯୪

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



✓ ସଦାଶିବ ନାୟକ
ମହିଲୋ, ପାଳ ପାଟଣା, ଜଗତସିଂହପୁର
ଆବିର୍ଭାବ-୧୮.୦୭.୧୯୪୭
ତିରୋଧାନ-୨୨.୧୨.୨୦୧୮
ଚାହିଁ ଚାହିଁ ଦୁଇବର୍ଷ ବିତିଗଲା । ତୁମର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ । ତୁମର ଆବେଗମୟ ବ୍ୟକ୍ତିତ୍ୱ, ଅନାବିଳ ସ୍ନେହ, ଶ୍ରଦ୍ଧା, ନିସ୍ୱାର୍ଥପରତା, ତ୍ୟାଗ ଆମ ସମସ୍ତଙ୍କ ପାଇଁ ଅବିସ୍ମରଣୀୟ । ତୁମ ସହିତ ସତରେ କଣ ଏ ଜନ୍ମରେ ଆଉ ସାକ୍ଷାତ ହୋଇ ପାରିବ ନାହିଁ , ବିଶ୍ୱାସ ହୋଇ ପାରୁନାହିଁ । ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ : ପତ୍ନୀ-ଶାନ୍ତିଲତା, ଧ୍ରୁବ, ଗୋଲି, କମଳା, ସୁର, ବିମା, ପାପୁ, କୁନୁ,ହାପି, ବାପି, ପୁଷି, ମାମା, ରିଙ୍କୁ, ଖୁସି, ଓମ୍ ଓ ରେନ୍ ।
ଧ-୭୦୦୭୭

# ୪ ଥର ପ୍ରେମରେ ପଡ଼ିଥିଲେ ରତନ ଟାଟା

**ମୁମ୍ବାଇ:** ଟାଟା ଗ୍ରୁପର ପୂର୍ବ ଅଧକ୍ଷ ରତନ ଟାଟା ବିବାହ କରିନାହାନ୍ତି। ହେଲେ ତାଙ୍କ ଜୀବନରେ କୌଣସି ଯୁବତୀ ଆସି ନାହାନ୍ତି ତାହା ଭାବିବା ଭୁଲ। ଥରେ କିମ୍ବା ଦୁଇଥର ନୁହେଁ ବରଂ ଚାରିଥର ସେ ପ୍ରେମରେ ପଡ଼ିଥିଲେ। ହେଲେ ସମୟ ଖରାପ ଥିବା ଯୋଗୁ ସମ୍ପର୍କ ଆଗକୁ ବଢ଼ିପାରି ନ ଥିଲା। ଏହାପରେ ସେ ଆଉ ବିବାହ କରିବେ ନାହିଁ ବୋଲି ନିଶ୍ଚିତ କରିଥିଲେ। ଆଜି ସେ ନିଜର ୮୩ତମ ଜନ୍ମଦିନ ପାଳନ କରୁଥିବା ବେଳେ ଆସନ୍ତୁ ଜାଣିବା ତାଙ୍କ ପ୍ରେମ ଜୀବନ ସହ ଜଡ଼ିତ କିଛି କଥା।



୧୯୩୭ ଡିସେମ୍ବର ୨୮ରେ ସୁରଟରେ ରତନ ଟାଟାଙ୍କ ଜନ୍ମ। ବ୍ୟବସାୟଜଗତରେ ସେ ନିଜର ସ୍ୱତନ୍ତ୍ର ନାମ କରିଥିଲେ ହେଁ ପ୍ରେମରେ ସେ ବିଫଳ। ଏକ ସାକ୍ଷାତକାରରେ ପ୍ରେମଜୀବନକୁ ନେଇ ସେ ଅନେକ ଖୁଲାସା କରିଥିଲେ। ପ୍ରେମ କରିଥିଲେ ହେଁ ଏହାକୁ ବିବାହର ରୂପ ଦେଇପାରି ନ ଥିବାକୁ ନେଇ ସେ ଦୁଃଖ ପ୍ରକାଶ କରିଥିଲେ। ଚାରି ଥର ବିବାହ କରିବାକୁ ନିଷ୍ପତ୍ତି ନେଇଛି। ହେଲେ ସବୁଥର କିଛି ନା କିଛି ଡ଼ର ଯୋଗୁ ଆଗକୁ ବଢ଼ିପାରି ନାହିଁ। ଯେତେବେଳେ ଆମେରିକାରେ କାମ କରୁଥିଲି, ସେତେବେଳେ ବିବାହ କରିବାକୁ ଚାହୁଁଥିଲି। ହେଲେ ଭାରତ ଫେରି ଆସିବା ଯୋଗୁ ବିବାହ କରିପାରିପାରି ନ ଥିଲି। କାରଣ ପ୍ରେମିକା ଭାରତ ଆସିବାକୁ ଚାହୁଁ ନ ଥିଲେ। ସେତେବେଳେ ଭାରତ-ଚାଇନା ମଧ୍ୟରେ ଯୁଦ୍ଧ ହେଉଥିଲା। ଏଣୁ ପ୍ରେମିକାଜଣଙ୍କ ଆମେରିକାରେ ଜଣଙ୍କୁ ବିବାହ କରିନେଇଥିଲେ। ଏବେ ମନେହୁଏ ଯଦି ବିବାହ କରିଥାନ୍ତି ତେବେ ଏତେ ଆଗକୁ ବଢ଼ିପାରି ନ ଥାନ୍ତି। ଆଜିର ଏହି ସ୍ଥିତି ନ ଥାନ୍ତା ବୋଲି ସେ କହିଛନ୍ତି।

# ପ୍ରସବ ପରେ ପରିବାର ବାରଣ

**ବେଜିଂ:** ଶିଶୁ ଜନ୍ମହେବା ପରେ ବିଭିନ୍ନ ସମ୍ପ୍ରଦାୟରେ ଉତ୍ସବ ପାଳନର ଭିନ୍ନ ମାଧମ ରହିଛି। କିନ୍ତୁ କେତେକ ଦେଶରେ ଥିବା ପରମ୍ପରା ବାବଦରେ ଜାଣିଲେ ଆପଣ ଆଶ୍ଚର୍ଯ୍ୟ ହେବେ। ପିଲାକୁ ସମସ୍ୟାରୁ ଦୂରେଇ ରଖିବାକୁ ଅନେକ ଅନ୍ଧବିଶ୍ୱାସ ଏବେ ବି ପ୍ରଚଳିତ। ଚାଇନାରେ ମଧ ଏମିତି କିଛି କଥାକୁ ବିଶ୍ୱାସ କରାଯାଏ। ସେଠାରେ ଶିଶୁ ଜନ୍ମ ପରେ ମା'ଙ୍କୁ ପରିବାରଠାରୁ ୩୦ ଦିନ ଅଲଗା ରହିବାକୁ ପଡିଥାଏ। ଏହି ସମୟରେ ସେମାନେ ବାହାରକୁ ବାହାରି ପାରିବେ ନାହିଁ କିମ୍ବା କଞ୍ଚାଫଳ ଖାଇ ପାରିବେ ନାହିଁ। ସେମାନଙ୍କୁ ଗାଧୋଇବାକୁ ମଧ ବାରଣ କରାଯାଏ। ଚାଇନାବାସୀ ଏହି ମାସକୁ ଜୁଝୁ ୟୁଜି ଭାବେ ଧରିନେଇଥାନ୍ତି। ଚାଇନାର ଏହି ପରମ୍ପରା ୨,୦୦୦ ବର୍ଷରୁ ଅଧିକ ପୁରୁଣା।

SHREE LAXMI UDYAG
Private Company ଦ୍ୱାରା ୭ଦିନ ମଧ୍ୟରେ ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 5% ପର୍ସନାଲ ଲୋନ, ବ୍ୟବସାୟ, କୃଷି, ଗୃହ, ଶିକ୍ଷା ଓ ସମ୍ପତ୍ତି ଇତ୍ୟାଦି ୧ଲକ୍ଷ ଟଙ୍କାରୁ ୧କୋଟି ପର୍ଯ୍ୟନ୍ତ।
M - 9836232487
W - 8902779180

GALLERY TOWER COMPANY
ଦ୍ୱାରା ନିଜର ଖାଲି
ଜମି / ଛାତ / କ୍ଷେତ / ପ୍ଲଟ୍
ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 +
ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଦୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ



A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ALL EDITION - B/W
(Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଅନନ୍ୟା

ଶେଷପାଦରେ ଉପନୀତ ୨୦୨୦। ଚଳିତବର୍ଷ ଚର୍ଚ୍ଚାର ପରିସରକୁ ଆସିଥିବା ଏବଂ ବିଭିନ୍ନ କ୍ଷେତ୍ରରେ ନିଜକୁ ଅନନ୍ୟ ପ୍ରମାଣିତ କରିଥିବା ପ୍ରମୁଖ ମହିଳାଙ୍କ ସମ୍ପର୍କରେ...

## ଜର୍ଜିଆରେ ଚମକିଲେ କୁନି ଝିଅ ଦିବ୍ୟଶ୍ରୀ

ଜର୍ଜିଆରେ ଅନୁଷ୍ଠିତ ୱାର୍ଲଡ ରାଇଜିଂ ଷ୍ଟାର ୨୦୨୦ରେ ୧୨ଟି ଦେଶର ପ୍ରତିଯୋଗୀଙ୍କୁ ପଛରେ ପକାଇ ବେଷ୍ଟ ନ୍ୟାଶନାଲ କଷ୍ଟ୍ୟୁମ ଏବଂ ଟପ୍ ମଡେଲର ମୁକୁଟ ପିନ୍ଧିଛନ୍ତି ପୁରୀର ୫ ବର୍ଷୀୟା ଝିଅ ଦିବ୍ୟଶ୍ରୀ। ଆଉ ସବୁଠୁ ଖୁସିର କଥା ହେଉଛି ତାଙ୍କ ପାଇଁ ଭାରତ ପ୍ରଥମ ଥର ପାଇଁ ଏହି ଅନ୍ତର୍ଜାତୀୟ ପୁରସ୍କାର ପାଇଛି। ଭାରତ ପକ୍ଷରୁ ୪ ରୁ ୭ ବର୍ଷ ବର୍ଗରେ ଭାଗ ନେଇ ସେ ଉକ୍ତ ପ୍ରତିଯୋଗିତାରେ ବିଜୟୀ ହୋଇ ଭାରତ ପାଇଁ ଗୌରବ ଆଣି ପାରିଥିଲେ।



ଦିବ୍ୟଶ୍ରୀ

## ଓଡ଼ିଆ ବୋହୂ ଅମିତା ମିସେସ୍ ୟୁନିଭର୍ସ

ମିସେସ୍ ୟୁନିଭର୍ସ ହୋଇ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ଅମିତା ପଣ୍ଡା। ଚାଇନାରେ ଅନୁଷ୍ଠିତ ୪୨ତମ ମିସେସ୍ ୟୁନିଭର୍ସ-୩ ପ୍ରତିଯୋଗିତାରେ ଅମିତା ବିଜୟିନୀ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ୯୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହା ପୂର୍ବରୁ ଅମିତା ମିସେସ୍ ଇଣ୍ଡିଆ ଗ୍ୟାଲେକ୍ସି, ମିସେସ୍ ସୋସିଆଲ ଆଇକନ୍ ମୁକୁଟ ବିଜୟିନୀ ହୋଇଥିଲେ। ସେ ଜଣେ ସଫ୍ଟୱେର ଇଞ୍ଜିନିୟର ଓ ତାଙ୍କର ଗୋଟିଏ କନ୍ୟା ସନ୍ତାନ ଅଛି। ତାଙ୍କ ସ୍ୱାମୀ ଜଣେ ହୃଦ୍‌ରୋଗ ବିଶେଷଜ୍ଞ।

## ଶୁଭଶ୍ରୀ ଫେମିନା ମିସ୍ ଇଣ୍ଡିଆ ଓଡ଼ିଶା

୨୦୨୦ ବର୍ଷ ପାଇଁ 'ଫେମିନା ମିସ୍ ଇଣ୍ଡିଆ ଓଡ଼ିଶା' ଟାଇଟଲ ଜିତିଛନ୍ତି ବଲାଙ୍ଗୀରର ଶୁଭଶ୍ରୀ ରାୟଗୁରୁ। କୋଭିଡ ସଂକ୍ରମଣ ଲାଗି ଚଳିତ ବର୍ଷ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶର ଶ୍ରେଷ୍ଠ ୩୧ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ଶୁଭଶ୍ରୀ ଓଡ଼ିଶାର ଟାଇଟଲ ହାସଲ କରିଛନ୍ତି। ବଲାଙ୍ଗୀର ଜିଲାରେ ଜନ୍ମିତ ଶୁଭଶ୍ରୀ ପେସାରେ ଜଣେ ଆଇନଜୀବୀ ଏବଂ ଆଙ୍କର।

## ନୌସେନାରେ ଦୁଇ ମହିଳା ଅଧିକାରୀ

ଭାରତୀୟ ନୌସେନାରେ ପ୍ରଥମ ଥର ପାଇଁ ଦୁଇଜଣ ମହିଳା ଅଧିକାରୀ ଯୋଗ ଦେଇଛନ୍ତି। ଏହି ଦୁଇଜଣ ନୌସେନାରେ ହେଲିକପ୍ଟର ବିଭାଗରେ ଅବଜରଭରଭାବେ ନିଯୁକ୍ତି ପାଇଛନ୍ତି। ସେମାନେ ହେଲେ ସବ୍‌ଲ୍ୟୁଟନାଣ୍ଟ କୁମୁଦିନୀ ତ୍ୟାଗୀ ଏବଂ ସବ୍‌ଲ୍ୟୁଟନାଣ୍ଟ ରୀତି ସିଂ। ଏହି ଦୁଇ ଅଧିକାରୀ ଇତିହାସରେ ପ୍ରଥମ ଥର ପାଇଁ ଯୁଦ୍ଧ ପରିସ୍ଥିତିରେ ମହିଳା ଅଫିସରଭାବେ ସାମିଲ ହେବେ।



କୁମୁଦିନୀ ଏବଂ ରୀତି

## ଆଲାଏନ୍ସ ଏୟାର ସିଇଓ ହରପ୍ରୀତ ସିଂ

ଏୟାର ଇଣ୍ଡିଆର ସହଯୋଗୀ କମ୍ପାନୀ ଆଲାଏନ୍ସ ଏୟାରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ହରପ୍ରୀତ ସିଂ ଅବସ୍ଥାପିତ ହୋଇଛନ୍ତି। ଭାରତୀୟ ବିମାନ ଶିଳ୍ପରେ ଏକ କମ୍ପାନୀର ମଙ୍ଗ ସମ୍ଭାଳିବାରେ ସେ ହେଉଛନ୍ତି ପ୍ରଥମ ମହିଳା। ୧୯୮୮ରେ ଏୟାର ଇଣ୍ଡିଆରେ ପ୍ରଥମ ମହିଳା ପାଇଲଟଭାବେ ହରପ୍ରୀତ ଯୋଗଦେଇଥିଲେ।



କମଲା

## ଆମେରିକାର ପ୍ରଥମ ମହିଳା ଉପରାଷ୍ଟ୍ରପତି କମଲା ହାରିସ୍

ଆମେରିକା ନିର୍ବାଚନରେ ଚଳିତ ବର୍ଷ ପ୍ରଥମ ଅଣଶ୍ୱେତାଙ୍ଗ ତଥା ଭାରତୀୟ ବଂଶୋଦ୍ଭବ ମହିଳା ଭାବେ ୫୫ ବର୍ଷିଆ କମଲା ହାରିସ୍ ଉପରାଷ୍ଟ୍ରପତି ନିର୍ବାଚିତ ହୋଇ ଇତିହାସ ସୃଷ୍ଟି କରିଛନ୍ତି। ଏ ସମ୍ପର୍କରେ ସେ କୁହନ୍ତି, 'ଆମେରିକାରେ ଏହି ପଦବୀରେ ପହଞ୍ଚିବାରେ ମୁଁ ପ୍ରଥମ ମହିଳା ହୋଇପାରେ ହେଲେ ଶେଷ ନୁହେଁ।'

## ସର୍ବକନିଷ୍ଠ ଆଇଏଏସ୍ ସିମି କିରଣ

ମାତ୍ର ୨୨ ବର୍ଷ ବୟସରେ ୟୁପିଏସ୍‌ସି ପରୀକ୍ଷାରେ ୩୧ତମ ରାଙ୍କରେ ରହି ସର୍ବକନିଷ୍ଠ ଆଇଏଏସ୍ ଅଧିକାରୀଭାବେ ନୂଆ କୀର୍ତ୍ତି ସ୍ଥାପନ କରିଛନ୍ତି ବାଲେଶ୍ୱର ଜିଲାର ସିମି କିରଣ। ସେ ନିଜର ସ୍କୁଲ ଶିକ୍ଷା ଡିପିଏସ୍ ଭିଲାଇରୁ କରିଥିବା ବେଳେ ଆଇଆଇଟି ମୁମ୍ବାଇରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ୨୦୧୯ରେ ଶିକ୍ଷା ସମାପ୍ତ କରିଥିଲେ। ୨୦୧୯ରେ ସେ ଆଇଏଏସ୍ ପରୀକ୍ଷା ଦେଇ ପ୍ରଥମ ପ୍ରଚେଷ୍ଟାରେ ହିଁ ସଫଳତା ହାସଲ କରିଛନ୍ତି।



ଅମିତା



ହରପ୍ରୀତ



ସିମି

## ଦେଶର ଧନୀ ମହିଳା ରୋଶନୀ ନାଦାର

ଦେଶର ପ୍ରମୁଖ ଆଇଟି କମ୍ପାନୀ ଏଚ୍‌ସିଏଲ୍ ଟେକ୍ନୋଲୋଜିର ନୂଆ ଅଧ୍ୟକ୍ଷଭାବେ ରୋଶନୀ ନାଦାର ମଲହୋତ୍ରା ଅବସ୍ଥାପିତ ହୋଇନ୍ତି। ଭାରତର ସବୁଠାରୁ ଧନୀ ମହିଳାଭାବେ ବିବେଚିତ ୩୮ ବର୍ଷୀୟ ରୋଶନୀ ତାଙ୍କ ବାପା ଶିବ ନାଦାରଙ୍କ ପରେ କମ୍ପାନୀର ଅଧ୍ୟକ୍ଷ ଭାର ସମ୍ଭାଳିଛନ୍ତି। ନୂଆଦିଲ୍ଲୀରେ ଜନ୍ମିତ ରୋଶନୀ ବସନ୍ତ ଭ୍ୟାଲୀ ସ୍କୁଲରେ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ। ଆମେରିକାର ଇଲିନଏସ ସ୍ଥିତ ନର୍ଥ ୱେଷ୍ଟର୍ଣ୍ଣ ୟୁନିଭର୍ସିଟିରୁ ମିଡିଆ ଷ୍ଟଡିଜ୍‌ରେ ସ୍ନାତକ ଡିଗ୍ରୀ, ନର୍ଥ ଇଷ୍ଟର୍ନ ୟୁନିଭର୍ସିଟି କେଲଗ୍ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟରୁ ବିଜନେସ୍ ଆଡମିନିଷ୍ଟ୍ରେସନରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ଫୋବର୍ସ ପକ୍ଷରୁ ୨୦୧୯ରେ ପ୍ରକାଶିତ ବିଶ୍ୱର ୧୦୦ ଶକ୍ତିଶାଳୀ ମହିଳାଙ୍କ ତାଲିକାରେ ସେ ସାମିଲ ଥିଲେ। ଆଇଆଇଏଫ୍‌ଏଲ୍ 'ୱେଲ୍‌ଥ ହୁରୁନ ଇଣ୍ଡିଆ' ତାଲିକାରେ ୩୬,୮୦୦କୋଟି ଟଙ୍କାର ସମ୍ପତ୍ତି ସହ ସେ ଦେଶର ସବୁଠାରୁ ଧନୀଶାଳୀ ମହିଳା ବିବେଚିତ ହୋଇଛନ୍ତି।



ପ୍ରିୟଙ୍କା



ଶୁଭଶ୍ରୀ



ରୋଶନୀ



ବବିତା



ସସ୍ମିତା

## ଜାତୀୟସ୍ତରରେ ଚମକିଲେ ୩ ଓଡ଼ିଆ

ଗୋଆରେ ଅନୁଷ୍ଠିତ 'ଇଣ୍ଡିଆନ ଚାର୍ମିଂ ଫେସ୍ ମିସ୍ ଇଣ୍ଡିଆ-୨୦୨୦'ରେ ୩ ଓଡ଼ିଆ ମଡେଲ ମୁକୁଟ ପିନ୍ଧି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ଜାତୀୟ ପ୍ରଯୋଗିତା ପାଇଁ ମିସ୍ ଇଣ୍ଡିଆ ଗ୍ଲୋବାଲ ୟୁନିଭର୍ସ ଓ ମିସ୍ ଇଣ୍ଡିଆ ଟୁରିଜିମ୍ ବର୍ଗରେ ଓଡ଼ିଶାରୁ ୬ଜଣ ଝିଅ ମନୋନୀତ ହୋଇଥିବା ବେଳେ ଖୋର୍ଦ୍ଧା ଜଟଣୀର ପ୍ରିୟଙ୍କା ମହାପାତ୍ର ମିସ୍ ଇଣ୍ଡିଆ ଟୁରିଜିମ୍ ଟାଇଟଲ୍ ହାସଲ କରିଛନ୍ତି। ଏହି ବର୍ଗରେ ପ୍ରଥମ ରନର୍ସ ଅପ୍ କୋରାପୁଟର ଆଦିବାସୀ ସମ୍ପ୍ରଦାୟର (ସଉରା) ବବିତା ଶବର ଓ ଦ୍ୱିତୀୟ ରନର୍ସ ଅପ୍ ଜଗତ୍‌ସିଂହପୁରର ସସ୍ମିତା ପଣ୍ଡା। ଏହା ସହିତ ପ୍ରିୟଙ୍କା ମିସ୍ ଫ୍ୟାଶନ୍ ଆଇକନ୍, ବବିତା ମିସ୍ ଇଣ୍ଟେଲେକଚୁଆଲ୍ ଓ ସସ୍ମିତା ମିସ୍ ଗ୍ରେସଫୁଲ ସବ୍‌ଟାଇଟଲ୍ ପାଇଛନ୍ତି।



ଦୀପ୍ତିଜ୍ୟୋତି

## ସୁପର ମଡେଲ ଦୀପ୍ତିଜ୍ୟୋତି

ସର୍ବଭାରତୀୟ ସ୍ତରରେ ଆୟୋଜିତ ଆଇଏଡବ୍ଲୁଏ ସୁପର ମଡେଲ ପ୍ରତିଯୋଗିତାରେ ବାଜିମାତ କରିଛନ୍ତି ଢେଙ୍କାନାଳ ଜିଲା ଭୁବନର ଦୀପ୍ତିଜ୍ୟୋତି ପଟ୍ଟନାୟକ। ବମ୍ବେରେ ଆୟୋଜିତ ଏହି ପ୍ରତିଯୋଗିତାରେ ୬ଜଣ ପୁଅ ଏବଂ ୬ ଜଣ ଝିଅଙ୍କୁ ପଛରେ ପକାଇ ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି ଦୀପ୍ତି। ବି-ଟେକ୍ ସାରିବା ପରେ ସେ ଏବେ ଭୁବନେଶ୍ୱରରେ ରହୁଛନ୍ତି। ଭୁବନ ନଟରାଜ କଳାବିକାଶ କେନ୍ଦ୍ରରୁ ନୃତ୍ୟ ପ୍ରଶିକ୍ଷଣ ନେଇ ସେ କଳାନୈପୁଣ୍ୟର ପରିଚୟ ଦେଇଥିଲେ।



ନିରୁପମା

## ମିସେସ୍ ଇଣ୍ଡିଆ- ୨୦୨୦ ନିରୁପମା

ଯାଜପୁରର ଦୁହିତା ତଥା ବଧୂ ନିରୁପମା ମହାନ୍ତି ପୁଣେଠାରେ ଆୟୋଜିତ ଇନ୍‌ଫ୍ଲୋଲେନ୍ସ ଫିଟ୍‌ନେସ୍ କୁଇନ୍ ମିସେସ୍ ଇଣ୍ଡିଆ-୨୦୨୦ ମୁକୁଟ ଜିତି ଓଡ଼ିଶା ପାଇଁ ଗୌରବ ଆଣି ଦେଇଛନ୍ତି। ପୁଣେଠାରେ ଦୁଇଟି କମ୍ପାନୀର ଡାଇରେକ୍ଟର ଭାବେ କାର୍ଯ୍ୟ କରୁଥିବା ନିରୁପମା ପୂର୍ବରୁ ସେ ମିସେସ୍ ମହାରାଷ୍ଟ୍ର ଏବଂ ମିସେସ୍ କନ୍‌ଫିଡେଣ୍ଟ ମୁକୁଟ ମଧ୍ୟ ପିନ୍ଧି ସାରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨୯/୨୦୨୦ Bhubaneswar, Tuesday, December 29/ 2020

# ବେଙ୍ଗାଲୁରୁକୁ ହରାଇଲା ଜାମସେଦପୁର

**ଇଣ୍ଡିଆନ ସୁପରଲିଗ୍**

ଫତୋର୍ଦା, ୨୮।୧୨

ଇଣ୍ଡିଆନ ସୁପରଲିଗ୍‌ର ସୋମବାର ଅନୁଷ୍ଠିତ ମ୍ୟାଚରେ ଜାମସେଦପୁର ଏଫସି ୧-୦ ଗୋଲରେ ବେଙ୍ଗାଲୁରୁ ଏଫସିକୁ ପରାସ୍ତ କରିଛି। ମ୍ୟାଚର ୭୯ତମ ମିନିଟରେ ଷ୍ଟିଫେନ୍ ଏଜେ ସ୍କୋର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଅନିକେତ ଯାଦବ ତାଙ୍କୁ ଗୋଲ ଦେବାରେ ସହାୟକ ହୋଇଥିଲେ। ଏଠାରେ ବିଜୟ ଫଳରେ ଜାମସେଦପୁର ୩ଟି ସ୍ଥାନ ଉପରକୁ ଉଠି ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ପହଞ୍ଚି ଯାଇଛି। ପୂର୍ବରୁ ଦଳ ୬ଷ୍ଠ ସ୍ଥାନରେ ଥିଲା। ଦଳ ୯ ମ୍ୟାଚ ଖେଳି ୩ ବିଜୟ, ୪ ଡ୍ର ଓ ୨ ପରାଜୟ ସହ ୧୩ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ବେଙ୍ଗାଲୁରୁ ୮ ମ୍ୟାଚରୁ ୩ ବିଜୟ, ୩ ଡ୍ର ଓ ୨ ପରାଜୟ ସହ ୧୨ ପଏଣ୍ଟରେ ସ୍ଥିର ରହି ୪ର୍ଥ ସ୍ଥାନକୁ ଖସିଛି।







# ଚିତାସ୍‌ର କ୍ରମାଗତ ଦ୍ୱିତୀୟ ବିଜୟ

**ଓଡ଼ିଶା ଟି୨୦ କ୍ରିକେଟ ଲିଗ୍**

ଭୁବନେଶ୍ୱର, ୨୮।୧୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଏମ୍‌ଜିଏମ୍ ଟି୨୦ କ୍ରିକେଟ ଲିଗ୍‌ର ସୋମବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଓଡ଼ିଶା ଚିତାସ ୬ ଉଇକେଟରେ ଜାଗୁଆର୍ସକୁ ପରାସ୍ତ କରିଛି। ଜାଗୁଆର୍ସ ୨୦ ଓଭରରେ ୫ ଉଇକେଟ ହରାଇ ୧୪୩ ରନ କରିଥିବାବେଳେ ଚିତାସ ୧୮.୫ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ପ୍ରତିଯୋଗିତାରେ ଓଡ଼ିଶା ଚିତାସର ଏହାଥିଲା ଦ୍ୱିତୀୟ ବିଜୟ। ଦଳ ଏହାର ପ୍ରଥମ ମ୍ୟାଚରେ ରବିବାର ୭ ରନରେ ଟାଇଗର୍ସକୁ ପରାସ୍ତ କରିଥିଲା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା ଜାଗୁଆର୍ସ। ପ୍ରାରମ୍ଭିକ ଝଟ୍‌କା ଖାଇଥିଲେ ହେଁ ଦଳ ସୁନୀଲ ସାହୁଙ୍କ ୪୫(୩୪ ବଲ, ୫ ଚୌକା, ୧ ଛକା) ଓ ଗିରିଜା ରାଉତଙ୍କ ଅର୍ଦ୍ଧଶତକ ବଳରେ ସମ୍ମାନଜନକ ସ୍କୋର କରିଥିଲା। ଗିରିଜା ୫୩ ବଲରୁ ୩ ଚୌକା ଓ ୧ ଛକା ସହାୟତାରେ ସର୍ବାଧିକ ୫୧ ରନ କରିଥିଲେ। ସୁନୀଲ ଓ ଗିରିଜା ଦ୍ୱିତୀୟ ଉଇକେଟରେ ୭୧ ରନ ଯୋଗ କରିଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବାପରେ ଜାଗୁଆର୍ସ ଇନିଂସ ଦିଗହରା ହୋଇଯାଇଥିଲା। ପ୍ରତିପକ୍ଷ ଦଳର ରାମଚନ୍ଦ୍ର ବେହେରା ୩ଟି ଏବଂ ମନୋଜ ବାରିକ ୨ଟି ଉଇକେଟ ନେଇଥିଲେ। ୧୪୪ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଚିତାସ ମଧ୍ୟ ଅନୁରୂପଭାବେ ମାତ୍ର ୧ ରନରେ ଓପନର ତଥା ଅଧିନାୟକ ଅନୁରାଗ ଷଡ଼ଙ୍ଗୀଙ୍କ ଉଇକେଟ ହରାଇ ଝଟ୍‌କା ଖାଇଥିଲା। ମାତ୍ର ମାରୋଜୁ ପ୍ରଶାନ୍ତଙ୍କ ଦ୍ରୁତ ୬୦(୪୩ ବଲ, ୨ ଚୌକା, ୪ ଛକା) ଏବଂ ରାମଚନ୍ଦ୍ର ବେହେରାଙ୍କ ୩୬(୩୮ ବଲ, ୫ ଚୌକା) ବଳରେ ଦଳ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଦ୍ୱିତୀୟ ଉଇକେଟରେ ଦୁହେଁ ୮୬ ରନ ଯୋଗକରି ବିଜୟ ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ମିଡିଲ ଅର୍ଡରରେ ସୌରଭ ଗୌଡ଼ ଖାତା ଖୋଲିପାରି ନ ଥିଲେ ହେଁ ଅଭିଷେକ ରାଉତ ୨୫(୧୬ ବଲ, ୩ ଚୌକା, ୧ ଛକା) ଓ ମୋଜାକିର ଖାଁ ୧୫(୧୦ ବଲ, ୧ ଚୌକା, ୧ ଛକା) ରନରେ ଅପରାଜିତ ରହି ଦଳର ବିଜୟକୁ ସହଜ କରିଥିଲେ। ପରାଜିତ ଦଳର ଲଗ୍ନଜିତ ସାମଲ ୨ଟି ଏବଂ ଅଭିଜିତ ବାରିକ ଓ ମନୋଜ କାଶ୍ୟପ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ବିଜୟୀ ଦଳର ରାମଚନ୍ଦ୍ର ବେହେରା ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।


ମ୍ୟାନ୍ ଅଫ୍ ଦି ମ୍ୟାଚ୍ ରାମଚନ୍ଦ୍ର ବେହେରା।


ଓଡ଼ିଶା ଚିତାସ୍ ଓ ଜାଗୁଆର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ଟାଇଗର୍ସକୁ ଜିତାଇଲେ ଅମିନ

ସୋମବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଅମିନ ଖାଁଙ୍କ ବିସ୍ଫୋରକ ଅର୍ଦ୍ଧଶତକ ସହାୟତାରେ ଓଡ଼ିଶା ଟାଇଗର୍ସ ୪ ଉଇକେଟରେ ଲାୟନ୍ସକୁ ପରାସ୍ତ କରିଛି। ଲାୟନ୍ସ ୨୦ ଓଭରରେ ୭ ଉଇକେଟ ହରାଇ ୧୩୨ ରନ କରିଥିବାବେଳେ ଟାଇଗର୍ସ ୧୯.୪ ଓଭରରେ ୬ ଉଇକେଟ ହରାଇ ୧୩୩ ରନ ସଂଗ୍ରହ କରି ନେଇଥିଲା।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଲାୟନ୍ସ ପକ୍ଷରୁ ଦୁଇ ଓପନର ଶୁଭ୍ରଜ୍ୟୋତି ମିଶ୍ର ୨୪, ସ୍ୱସ୍ତିକ ସାମଲ ୨୧ ଓ ରାକେଶ ପଟ୍ଟନାୟକ ୩୩ , ବିକାଶ ରାଉତ ୨୪ ରନରେ ଅପରାଜିତ ରହିଥିଲେ। ବିପକ୍ଷ ଦଳର ରାଜକିଷନ ପଟେଲ ୨ଟି ଏବଂ ହର୍ଷିତ ରାଠୋଡ, ଶେଖର ମାଝି ଓ ବି. ଶିବା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୩୩ ରନ ବିଜୟ ଲକ୍ଷ୍ୟରେ ଟାଇଗର୍ସ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ଅମିନ ଖାଁ ବିସ୍ଫୋରକ ଇନିଂସ ଖେଳି ଦଳକୁ ବିଜୟୀ କରାଇଥିଲେ। ୧୭ ଓଭର ଶେଷ ବେଳକୁ ଟାଇଗର୍ସ ୫ ଉଇକେଟ ହରାଇ ମାତ୍ର ୯୮ ରନ କରିଥିଲା। ମାତ୍ର ନଉତ୍ତମ ଭଞ୍ଜ ବୋଲିଂ କରିଥିବା ୧୮ତମ ଓଭରରୁ ଅମିନ ଖାଁ ୩ ଛକା ସହ ୨୪ ରନ ସଂଗ୍ରହ କରି ମ୍ୟାଚକୁ ନିୟନ୍ତ୍ରଣକୁ ନେଇ ଆସିଥିଲେ। ସେ ୩୪ ବଲ୍‌ରୁ ୫ ଚୌକା ଓ ୫ ଛକା ସହାୟତାରେ ୬୪ ରନ କରି ସେହି ଓଭରରେ ରନ୍‌ଆଉଟ ହୋଇ ଯାଇଥିଲେ। ଲାୟନ୍ସ ଦଳର ରାକେଶ ପଟ୍ଟନାୟକ ୨ଟି ଏବଂ ଆଲୋକ ମଙ୍ଗରାଜ, ଶିବାଶିଷ ସାହୁ ଓ ନଉତ୍ତମ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ଡୁ'ପ୍ଲେସି ୧୯୯: ଦକ୍ଷିଣ ଆଫ୍ରିକା ୬୨୧

**ସେଞ୍ଚୁରିଅନ୍ (ଦକ୍ଷିଣ ଆଫ୍ରିକା), ୨୮।୧୨ (ଏପି):** ସ୍ଥାନୀୟ ସୁପର ସ୍ପୋର୍ଟ ପାର୍କରେ ଚାଲିଥିବା ଶ୍ରୀଲଙ୍କା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟର ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ୨୨୫ରନର ବୃହତ୍ ଅଗ୍ରଣୀ ଲାଭ କରିଛି। ଜବାବରେ ଭ୍ରମଣକାରୀ ଦଳ ସୋମବାର ଖେଳ ଶେଷ ସୁଦ୍ଧା ୨ଉଇକେଟ ବିନିମୟରେ ୬୫ ରନ କରିଛି। କୁଶାଲ ପେରେରା ୩୩ ଓ ଦୀନେଶ ଚାଣ୍ଡିମଲ ୨୧ ରନ କରି ଅପରାଜିତ ରହିଛନ୍ତି। ତେବେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସଠାରୁ ଶ୍ରୀଲଙ୍କା ଆହୁରି ୧୬୦ରନ ପଛରେ ରହିଛି। ଘରୋଇ ଦଳ ତୃତୀୟ ଦିବସରେ ଏହାର ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୧୭/୪ରୁ ଖେଳ ଆରମ୍ଭ କରିଥିଲା। ଦଳ ୬୨୧ ସ୍କୋରରେ ଅଲଆଉଟ ହୋଇଯାଇଥିଲା। ଶ୍ରୀଲଙ୍କା ଦୁର୍ବଳ ବୋଲିଂର ଫାଇଦା ଉଠାଇ ଫାଫ୍ ଡୁପ୍ଲେସି ତାଙ୍କ କ୍ୟାରିୟର ଶ୍ରେଷ୍ଠ ୧୯୯ରନ କରିଥିଲେ। ଏହାଥିଲା ତାଙ୍କର ୧୦ମ ଟେଷ୍ଟ ଶତକ।

### ସଂକ୍ଷିପ୍ତ ସ୍କୋର

**ଶ୍ରୀଲଙ୍କା ପ୍ରଥମ ଇନିଂସ:** ୩୯୬

**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ:** ୬୨୧ (ଫାଫ୍ ଡୁ'ପ୍ଲେସି-୧୯୯, ଡିନ୍ ଏଲ୍‌ଗାର-୯୫, କେଶବ ମହାରାଜ-୭୩, ଟେମ୍ବା ବାଭୁମା-୭୧, ଏଡେନ୍ ମାରକ୍ରାମ୍-୬୮, ୱାନିନ୍ଦୁ ହସରଙ୍ଗା-୪/୧୭୧, ଦାସୁନ ଶାନକା-୨/୯୮)।

**ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ:** ୬୫/୨ (କୁଶାଲ ପେରେରା-୩୩*, ଲୁନ୍‌ଗି ଏନଗିଡି-୨/୨୮)।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଏସ୍‌ଟିଏଫ୍‌ର ଚଢ଼ାଉ, ଜଣେ ଗିରଫ

ଖୋର୍ଦ୍ଧା ଅଫିସ,୨୮।୧୨: ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଦିନକୁ ଦିନ ବ୍ରାଉନସୁଗାର କାରବାର ବୃଦ୍ଧି ପାଇବାରେ ଲାଗିଛି। ବେଆଇନ ଭାବେ ବ୍ରାଉନସୁଗାର କାରବାର ନେଇ ସୋମବାର ଏସ୍‌ଟିଏଫ୍‌ର ଏକ ଟିମ୍ ଜଙ୍କିଆ ଥାନା ଅଧୀନ ଓରବରସିଂ ଗ୍ରାମରେ ଚଢ଼ାଉ କରି ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଅକ୍ଷୟ ବଳିୟାରସିଂ। ତାଙ୍କ ଠାରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଏବଂ ବ୍ରାଉନସୁଗାର ଜବତ ହୋଇଛି। ତଦନ୍ତ ଜାରି ରହିଥିବାରୁ ଜଙ୍କିଆ ପୋଲିସ କୌଣସି ତଥ୍ୟ ଦେବାକୁ ମନା କରିଦେଇଛି।

### ଗାଡ଼ି ଧକ୍କାରେ ଜଣେ ମୃତ

ଖୋର୍ଦ୍ଧା ଅଫିସ,୨୮।୧୨: ଭୁବନେଶ୍ୱର-ଚେନ୍ନାଇ ୧୬ନଂ. ଜାତୀୟ ରାଜପଥ ଦଳେଇପୁଟ ସଦର ଥାନା ଛକ ନିକଟରେ ସୋମବାର ଅପରାହ୍ନରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିରାକାରପୁର ଥାନା ଅଧୀନ ଲେଞ୍ଜୁ ପଞ୍ଚାୟତର ମୈତ୍ର ଗ୍ରାମର ସୁବାସ ଚନ୍ଦ୍ର ନାୟକ(୩୪)। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନା ମୁତାବକ, ସୁବାସ ଭୁବନେଶ୍ୱରର ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରନ୍ତି। ପ୍ରତିଦିନ ଭଳି ସେ କାର୍ଯ୍ୟ ସାରି ବାଇକ(ଓଡି ୩୩ଟି ୦୮ ୯୧)ରେ ଭୁବନେଶ୍ୱରରୁ ଘରକୁ ଫେରୁଥିଲେ। ଦଳେଇପୁଟ ଥାନା ସମ୍ମୁଖ ରାସ୍ତାରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ସୁବାସଙ୍କ ମୃତ୍ୟୁ ଘଟିଥିଲା।

### ରେଳ ଧାରଣା ନିକଟରୁ ଗଳିତ ମୃତଦେହ ଜବତ

ଭୁବନେଶ୍ୱର,୨୮।୧୨(ବ୍ୟୁରୋ) : ମଞ୍ଚେଶ୍ୱର ଥାନା ଅଧୀନ ଏକ ହୋଟେଲ ପାର୍ଶ୍ୱ ରେଳ ଧାରଣା ନିକଟ ପରିତ୍ୟକ୍ତ ସ୍ଥାନରୁ ଜଣେ ବୃଦ୍ଧଙ୍କ ଗଳିତ ମୃତଦେହ ଜବତ କରିଛି ପୋଲିସ। ମୃତ ବ୍ୟକ୍ତି ହେଲେ ପୁରୀ ଜିଲା ନିମାପଡା ଥାନା ଅଣ୍ଡିଆ ଗ୍ରାମର ଟି.ଗଣେଷ(୬୨)। ସପ୍ତାହେ ହେବ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରୁଛି। ସେ ଏକ ଟିଶାର୍ଟ ଓ ଜିନ୍ ପ୍ୟାଣ୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି। ବେକରେ ଦାଗ ଓ ଶରୀରରେ ଏକାଧିକ ସ୍ଥାନରେ କ୍ଷତ ଚିହ୍ନ ରହିଥିବାରୁ ତାଙ୍କୁ କିଏ ହତ୍ୟା କରି ଏଠାରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଗଣେଷ ମାସେ ତଳେ ଘରୁ ରାଗି କୋରାପୁଟ ଚାଲି ଯାଇଥିଲେ। ସେଠାରେ କିଛିଦିନ ରହିବା ପରେ ଭୁବନେଶ୍ୱର ଆସିଥିଲେ। ସପ୍ତାହେ ତଳେ ସେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିଲେ। ସୋମବାର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଦେଇ ଯାଇଥିବା ରେଳ ଲାଇନ୍ ନିକଟରେ ଏକ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଯୁବକ ପୋଲିସକୁ ଖବର କରିଥିଲେ।

### ପକ୍ଷୀ ସୁରକ୍ଷା ପାଇଁ ଶପଥ ନେଲେ ଗ୍ରାମବାସୀ

ବ୍ରହ୍ମଗିରି, ୨୮।୧୨(ଡି.ଏନ୍.ଏ): ମରାଳ ମାଳିନୀ ଚିଲିକାର ସୌନ୍ଦର୍ଯ୍ୟ ବୃଦ୍ଧିରେ ବିଦେଶାଗତ ପକ୍ଷୀମାନେ ଅଳଙ୍କାର ସଦୃଶ। ଚିଲିକାରେ ନୌବିହାର କରିବା ସହିତ ବିଦେଶାଗତ ପକ୍ଷୀଙ୍କ କିଚିରିମିଚିରି ଶବ୍ଦ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏମାନେ ଏବେ ବିପଦରେ। ଶିକାରୀମାନଙ୍କ ଲୋଲୁପ ଦୃଷ୍ଟି ଏମାନଙ୍କ ଉପରେ ପଡୁଛି। ଯାହାଫଳରେ ଚିଲିକା କୂଳିଆ ତଳି ଅଞ୍ଚଳଗୁଡ଼ିକରେ ଅବାଧ ପକ୍ଷୀ ଶିକାର ଚାଲିଛି। ଏହି ଗ୍ରାମଗୁଡ଼ିର ବାସିନ୍ଦାଙ୍କୁ ଏଥିରୁ ନିବୃତ୍ତ ରହିବା ପାଇଁ ସୋମବାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମଗିରି ବ୍ଲକର କ୍ଷେତାଣ୍ଡି ଗ୍ରାମରେ ଚିଲିକା କୂଳିଆ ଗ୍ରାମବାସୀଙ୍କୁ ନେଇ ଏକ ସଚେତନତା ସଭା କରାଯାଇଥିଲା। କାଶିନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ୱାଇଲ୍ଡ ଲାଇଫ ୱାର୍ଡେନ୍ ଆକାଶ ଚନ୍ଦ୍ର ରଥ, ପୁରୀ ଜିଲା ସିଡବ୍ଲ୍ୟୁସି ସଦସ୍ୟ ରମାଶଙ୍କର ପାତ୍ର, ବଟକୃଷ୍ଣ ବିଶ୍ୱାଳ, ବିଶ୍ୱଜିତ୍ ପରିଡ଼ା, ଭଗବାନ ନାୟକ, ରାଧାକାନ୍ତ ସାହୁ, ପ୍ରିୟପ୍ରସାଦ ମିଶ୍ର, ବିନାୟକ ପାତ୍ର ପ୍ରମୁଖ ଯୋଗଦେଇ ଚିଲିକାକୁ ଆସୁଥିବା ଏହି ବିଦେଶାଗତ ପକ୍ଷୀ ଆମର କେତେ ଉପକାରୀ ସେ ସମ୍ପର୍କରେ ବୁଝାଇବା ସହିତ ପକ୍ଷୀମାନଙ୍କୁ ସୁରକ୍ଷା ଦେବା ପାଇଁ କ୍ଷେତାଣ୍ଡି ଓ ଚିଲିକାକୂଳିଆ ଗ୍ରାମବାସୀଙ୍କୁ ଶପଥ କରାଇଥିଲେ।

# କୋଭିଡ୍ ପରିଚାଳନା ଚାଲେଞ୍ଜ ଥିଲା: ଏସ୍‌ପି

ଖୋର୍ଦ୍ଧା ଅଫିସ,୨୮।୧୨

## ଜିଲାରେ ଆଇନଶୃଙ୍ଖଳା ନିୟନ୍ତ୍ରଣାଧୀନ

ଖୋର୍ଦ୍ଧା ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଲକ୍‌ଡାଉନ, ଶଟ୍‌ଡାଉନ ସମୟରେ କୋଭିଡ୍ କଟକଣା, ଅପରାଧ, ଦୋକାନ ବଜାର ମଧ୍ୟରେ ଭିଡ଼ ନିୟନ୍ତ୍ରଣ ପୋଲିସ ପାଇଁ ଏକ ଚାଲେଞ୍ଜ ରହିଥିଲା। କରୋନା ସମୟରେ ହତ୍ୟା, ଲୁଟ୍, ଡକାୟତି ଭଳି ଘଟଣାରେ ମଧ ପୋଲିସକୁ ବଡ଼ ସଫଳତା ମିଳିଛି ବୋଲି ଜିଲା ଆରକ୍ଷୀ ଅଧୀକ୍ଷକ ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି।

ଏସ୍‌ପି ସ୍ୱାଇଁଙ୍କ ସୂଚନା ଅନୁଯାୟୀ, କରୋନା ସମୟରେ ବ୍ରାଉନସୁଗାର ବ୍ୟବସାୟୀ, ଚୋରା ମଦ କାରବାର, ବାଇକ୍ ଚୋରି ର‌୍ୟାକେଟକୁ ଧରିବାରେ ପୋଲିସକୁ ସଫଳତା ମିଳିଛି। ଚଳିତବର୍ଷ ଡିସେମ୍ବର ୧୦ସୁଦ୍ଧା ଟାଉନ ଥାନା ଅଞ୍ଚଳରେ ୪.୩୧୯ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୪କୋଟି ୩ଲକ୍ଷ୧୯ହଜାର ଟଙ୍କା। ଏଥିରେ ସମ୍ପୃକ୍ତି ନେଇ ୧୫ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କଠାରୁ ୯ଲକ୍ଷ ୭୯ହଜାର ୧୦୦ଟଙ୍କା ଜରିମାନା ଆଦାୟ କରାଯାଇଛି। ମେ’୨୬ରେ ବାଘମାରୀ ଥାନା ଭୋଗଡ଼ା ଗ୍ରାମର ପୂର୍ବତନ ସରପଞ୍ଚ ସୁକାନ୍ତ ଜୟସିଂଙ୍କ ଘରେ ଡକାୟତି ଏବଂ ବୋମାମାଡ଼ ମାମଲାରେ ସମ୍ପୃକ୍ତି ଥିବା ଏକ ଆନ୍ତଃ ଜିଲା ଡକାୟତି ଗ୍ୟାଙ୍ଗର ଜଣେ ମହିଳାଙ୍କ ସମେତ ୬ଜଣଙ୍କୁ ଗିରଫ କରାଯାଇଛି। ଜୁନ୧୪ରେ ସଦର ଥାନା ଅଧୀନ ଦଧିମାଛଗାଡ଼ିଆରେ ଲାଲା ପ୍ରଧାନଙ୍କୁ ଗୁଳି କରି ହତ୍ୟା ମାମଲାର ପରଦିନ ଜଣଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଟାଉନ ଥାନା ଅଧୀନ ଭାଲିଆବାଡି ଗ୍ରାମର ମିକି ଓରଫ ମନୋରଞ୍ଜନ ସାହୁଙ୍କୁ ଜଟଣୀ ବାଇପାସ୍ ରୋଡରୁ ଜୁଲାଇ ୮ରେ ଗିରଫ କରାଯାଇଥିଲା। ତାଙ୍କ ଠାରୁ ୩.୫କୋଟି ମୂଲ୍ୟର(୩.୬୦୨ଗ୍ରାମ) ବ୍ରାଉନସୁଗାର, ଗୋଟିଏ ବାଇକ୍, ବନ୍ଧୁକ ଓ ଗୁଳି ଜବତ ହୋଇଥିଲା। ଜୁଲାଇ୧୪ରେ ୧୬ନଂ. ଜାତୀୟ ରାଜପଥ ଗଡ଼ଖୋର୍ଦ୍ଧାସ୍ଥିତ ପାଢୀ ବାର୍ ଏଣ୍ଡ ରେଷ୍ଟୁରାଣ୍ଟର ଜଣେ ବାର୍ କର୍ମଚାରୀଙ୍କ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୬ଜଣଙ୍କୁ ଗିରଫ କରାଯାଇଥିଲା। ଅଗଷ୍ଟ ୧୨, ୧୮ ଓ ୨୧ ତାରିଖରେ ସଦର ଥାନା ଅଧୀନ ଦଳେଇପୁଟର ହୃଦାନନ୍ଦ ସ୍ୱାଇଁଙ୍କ ଘରକୁ ବୋମାମାଡ଼ ମାମଲାରେ ହୃଦାନନ୍ଦଙ୍କ ସମେତ ୪ଜଣଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ପୋଲିସ ଉପସ୍ଥିତିରେ ବୋମା ମାଡ଼ ନେଇ ପୋଲିସ ଉପରକୁ ଅଙ୍ଗୁଳି ଉଠିଥିଲା। ଅଗଷ୍ଟ ୨୫ରେ ପାରିବାରିକ କଳହରୁ ମୁକୁନ୍ଦପ୍ରସାଦ ଠାରେ ସ୍ତ୍ରୀଙ୍କୁ ଶୋଇଥିବା ଅବସ୍ଥାରେ ପିଟି ହତ୍ୟା ମାମଲାରେ ସେପ୍ଟେମ୍ବର ୯ରେ ଅଭିଯୁକ୍ତ ସ୍ୱାମୀ ହରେକୃଷ୍ଣ ବେହେରାଙ୍କୁ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇରୁ ଗିରଫ କରାଯାଇଥିଲା। ଅକ୍ଟୋବର ୨ରେ ଟାଉନ ପୋଲିସ ଏକ ଆନ୍ତଃ ରାଜ୍ୟ ବାଇକ ଲୁଟେରା ଗ୍ୟାଙ୍ଗର ୫ଜଣଙ୍କୁ ଗିରଫ କରିବା ସହ ୧୮ଟି ବାଇକ୍, ଗୋଟିଏ କାର୍ ଜବତ କରିଥିଲା। ଡିସେମ୍ବର ୧୧ରେ ଜଙ୍କିଆ ଥାନା ରମାବିଲି ଗ୍ରାମରେ ନିରାକାରପୁର ଥାନା ଡିଆ ଗ୍ରାମର ବିକାଶ ସାହୁଙ୍କ ହତ୍ୟା ମାମଲାରେ ୪ଜଣଙ୍କୁ ଗିରଫ କରାଯାଇଛି। ଏହି ମାମଲାର ତଦନ୍ତ ଜାରି ରହିଛି। ବାଣପୁର ପୋଲିସ ଏକ ବାଇକ୍ ଲୁଟେରା ଗ୍ୟାଙ୍ଗର ୨ଜଣଙ୍କୁ ଗିରଫ କରିବା ସହ ୧୫ଟି ଚୋରା ବାଇକ୍ ଜବତ କରିଛି।

**ଜାନୁୟାରୀରୁ ନଭେମ୍ବର ୨୦୨୦**

| ଅପରାଧ | ମାମଲା | ଗିରଫ |
|---|---|---|
| ହତ୍ୟା | ୩୫ | ୫୮ |
| ଡକାୟତି | ୧୫ | ୭୧ |
| ଛିନତାଇ | ୪୩ | ୬୪ |
| ବରଗ୍ଲାରୀ | ୭୦ | ୬୬ |
| ଚୋରି | ୨୨୩ | ୩୮୨ |
| ସିନ୍ଧିଚୋରି | ୩୨ | ୨୨ |
| ମାରପିଟ୍ | ୨୫ | ୧୪୩ |
| ବଳାତ୍କାର | ୫୨ | ୬୫ |
| ଦୁର୍ଘଟଣା | ୨୦୩ | ୧୫୨ |
| ଅନ୍ୟାନ୍ୟ | ୧୮୨୦ | ୩୭୩୪ |
| **ମୋଟ୍** | **୨୫୧୮** | **୪୭୫୭** |

**ମୂର୍ତ୍ତି ଚୋରି, ମହିଳାଙ୍କ ମୃତଦେହ ମିଳିବା ଘଟଣାରେ ପୋଲିସ ହାତ ଖାଲି**

ଜୁଲାଇ ୨୮ରେ ଖୋର୍ଦ୍ଧା ଟାଉନ ଥାନା ଗୋଶାଳା ପଡ଼ିଆ ନିକଟ ଏକ ପରିତ୍ୟକ୍ତ କୋଠରିରୁ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ ହୋଇଥିଲା। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା କୌଣସି ସୁରାକ ମିଳିପାରିନାହିଁ। ଡିସେମ୍ବର ୧୬ରେ ବାଲୁଗାଁ ବାଇପାସ୍ ରାସ୍ତାରେ ଜଣେ ଯୁବକଙ୍କଠାରୁ ୧୫ଲକ୍ଷ ଲୁଟ୍ ଘଟଣା ଏବଂ ଡିସେମ୍ବର ୨୨ରେ ବାଣପୁରସ୍ଥିତ ଦକ୍ଷେଶ୍ୱର ମନ୍ଦିରରୁ ୨୨ଟି ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣାରେ ପୋଲିସ କାହାରିକୁ ଧରିପାରି ନାହିଁ। ସେହିପରି ଟାଉନ ଥାନା ଅଧୀନ ମୁକୁନ୍ଦପ୍ରସାଦ ଛକରେ ଦୁଇଜଣ ଲୁଟେରା ଜଣେ ମହିଳାଙ୍କ ସୁନାଚେନ ଝାମ୍ପିନେବା ଘଟଣା, ମାରୱାଡ଼ି ପଟିସ୍ଥିତ ଏକ ବ୍ୟାଙ୍କ ସମ୍ମୁଖରୁ ଶିକ୍ଷାବିତ୍ କିଶୋର ଚନ୍ଦ୍ର ବରାଳଙ୍କ ସ୍କୁଟିରୁ ୨ଲକ୍ଷ ଟଙ୍କା ଲୁଟ୍, ଡାକ୍ତର୍ସ ଲେନରୁ ଜଣେ ମହିଳା ଏବଂ ନାବାଳିକାଙ୍କଠାରୁ ସୁନାଚେନ ଓ କାନଫୁଲ ଲୁଟ୍ ଘଟଣାରେ ପୋଲିସକୁ କୌଣସି ସଫଳତା ମିଳିନାହିଁ।



ଭୁବନେଶ୍ୱରସ୍ଥିତ ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ପରିସର ଉତ୍କଳ ରଙ୍ଗମଞ୍ଚରେ ସଂସ୍କୃତି ବିଭାଗ ଓ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଚାଲିଥିବା ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବରେ ସୋମବାର ଶିଳ୍ପୀ ଜ୍ୟୋତିର୍ମୟୀ ମହାନ୍ତି ନୃତ୍ୟ ପରିବେଷଣ କରୁଛନ୍ତି।

## ୪୦ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ଗିରଫ

ଖୋର୍ଦ୍ଧା ଅଫିସ,୨୮।୧୨

ଖୋର୍ଦ୍ଧା ସହରରେ ବେଆଇନ ଭାବେ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ଖୋର୍ଦ୍ଧା ଟାଉନ ପୋଲିସ ସୋମବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସାମନ୍ତରାପୁର ଅଞ୍ଚଳର ରାଜେନ୍ଦ୍ର ସିଂ(୫୧) ଓ ନବୀନାବାଗର ପ୍ରକାଶ ବାରିକ(୩୩)। ଏମାନଙ୍କ ନିକଟରୁ ୪୦ଗ୍ରାମ ବ୍ରାଉନସୁଗାର ସହ ଗୋଟିଏ ସ୍କୁଟି ଜବତ ହୋଇଛି। ସୂଚନା ମୁତାବକ, ରବିବାର ରାତିରେ ମୋନାର୍କ ପ୍ୟାଲେସ ନିକଟରେ ଅଭିଯୁକ୍ତଦ୍ୱୟ ବ୍ରାଉନସୁଗାର ବିକ୍ରି କରୁଥିଲେ। ଖବରପାଇ ପୋଲିସ ସେଠାରେ ଚଢ଼ାଉ କରି ସେମାନଙ୍କୁ ଧରିଥିଲା। ଏନେଇ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ.୪୭୦/୨୦)ରୁଜୁ ହୋଇଛି।

## ‘ଓଡ଼ିଆ ସଂସ୍କୃତିରେ ରହିଛି ପାଲାର ଗୁରୁତ୍ୱ’




ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

### ୧୦ କଳାକାର ସମ୍ବର୍ଦ୍ଧିତ

ବେଗୁନିଆ,୨୮।୧୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ନିକଟ ନାରାୟଣୀପଡ଼ା ଠାରେ ମା’ ବରୁଣାଇ ପାଲା ମଣ୍ଡଳର ୨୮ତମ ବାର୍ଷିକ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଶ୍ୟାମସୁନ୍ଦର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ସିଦ୍ଧାନ୍ତଦର୍ଶୀ ମଦନମୋହନ ଜେନା, ବକ୍ତାଭାବେ ଶିକ୍ଷକ ଅଖିଳେଶ ମହାପାତ୍ର, ଅତିଥିଭାବେ ଗାୟକ ପ୍ରଭାତ କୁମାର ସାହୁ, ସୁଦର୍ଶନ ମହାପାତ୍ର, ଦିଗରାଜ ରାଉତ ପ୍ରମୁଖ ଯୋଗଦେଇଥିଲେ। କଳା ସଂସ୍କୃତି ମଧ୍ୟରେ ଲୋକନାଟ୍ୟ ପାଲାର ଗୁରୁତ୍ୱ ରହିଛି। ପୁରପଲ୍ଲୀରେ ମଞ୍ଚରେ ପରିବେଷଣ କରୁଥିବା ଗାୟକଙ୍କ ମନ୍ତ୍ର ଉଚ୍ଚାରଣରେ ଓଡ଼ିଆ ଏବଂ ସଂସ୍କୃତ ଭାଷାକୁ ସୁରକ୍ଷା ଦିଆଯାଏ। ଏହା ଶ୍ରୋତା ଓ ସମାଜକୁ ଆନ୍ଦୋଳିତ କରିଥାଏ ବୋଲି ଉତ୍ସବରେ ମତ ପ୍ରକାଶ ପାଇଥିଲା। ଗାୟକ ଲକ୍ଷ୍ମୀଧର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗାୟକ ମିହିର ଆଚାର୍ଯ୍ୟ କାର୍ଯ୍ୟକ୍ରମର ବିବରଣୀ ଓ ପାଲାକଳାର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅଞ୍ଚଳର ୧୦ଜଣ ବାୟକ, ଗାୟକ ଓ ପାଳିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁନିଲ ମହାପାତ୍ର, ହରିହର ପାଣିଗ୍ରାହୀ, ଅଶୋକ ପାତ୍ର, ସାରଦା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାମାଜିକ କର୍ମୀ ପ୍ରଦୀପ ବେହେରା ଧନ୍ୟବାଦ ଦେଇଥିଲେ।

## ୧.୩୭ କୋଟି ଜରିମାନା ଆଦାୟ

ଖୋର୍ଦ୍ଧା ଅଫିସ,୨୮।୧୨

### ଖୋର୍ଦ୍ଧା ଉପଖଣ୍ଡ

ଖୋର୍ଦ୍ଧା ଜିଲାରେ ଖଣି ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରତିଦିନ ବେଆଇନ ଭାବେ ମାଙ୍କଡ଼ା ପଥର ଓ ମୋରମ ଚାଲାଣ କରାଯାଉଛି। ଖୋର୍ଦ୍ଧା, ଜଟଣୀ, ଟାଙ୍ଗୀ, ବେଗୁନିଆ, ଚିଲିକା ଏବଂ ବୋଲଗଡ଼ ତହସିଲ ଅଞ୍ଚଳରେ ଚୋରା ପଥର ଚାଲାଣ ବୃଦ୍ଧି ପାଇଛି। ବେଆଇନ ପଥର ଚାଲାଣକୁ ରୋକିବା ଲାଗି ଖୋର୍ଦ୍ଧା ଉପଖଣ୍ଡ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ ହୋଇଛି। ଚଳିତ ବର୍ଷ ଡିସେମ୍ବର ୨୭ସୁଦ୍ଧା ଖୋର୍ଦ୍ଧା ଉପଖଣ୍ଡ ତହସିଲ ଅଞ୍ଚଳରେ ମୋଟ୍ ୧,୩୭,୯୯,୧୬୨ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି। ତନ୍ମଧ୍ୟରୁ ଖୋର୍ଦ୍ଧା ତହସିଲରୁ ୪୮,୬୮,୫୦୦ଟଙ୍କା, ଟାଙ୍ଗୀରୁ ୩୪,୩୧,୨୯୦, ବେଗୁନିଆରୁ ୩୦,୭୨,୦୦୦, ବୋଲଗଡ଼ରୁ ୫,୩୫,୨୯୨, ଚିଲିକାରୁ ୬,୬୨,୫୮୦ ଏବଂ ବାଣପୁର ତହସିଲରେ ୧୨,୨୯,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଅନ୍ୟପଟେ କେବଳ ଡିସେମ୍ବର ପହିଲାରୁ ୨୭ତାରିଖ ସୁଦ୍ଧା ୧୬ଲକ୍ଷ ୬୬୫ ଟଙ୍କା ଆଦାୟ କରାଯାଇଛି। ସେଥିରୁ ଖୋର୍ଦ୍ଧା ତହସିଲ ୩,୮୫ ୫୦୦, ଟାଙ୍ଗୀ ୩,୧୫,୦୦୦, ବେଗୁନିଆ୬,୦୦,୦୦୦, ବୋଲଗଡ଼ ୫୦,୦୦୦, ଚିଲିକା ୧,୧୫,୧୬୫ ଏବଂ ବାଣପୁର ତହସିଲରେ ୧,୩୫,୦୦୦ ଜରିମାନା ଆଦାୟ କରାଯାଇଛି। ସେହିପରି ନଭେମ୍ବରରେ ୩୦,୦୯,୬୩୭ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ଉପଜିଲାପାଳ ବେହୁରିଆ ସୂଚନା ଦେଇଛନ୍ତି।

## ପତିତପାବନଙ୍କୁ ହରାଇ ସେମିରେ ସୁରପ୍ରତାପ



ଅତିଥିମାନେ ଢେଙ୍କାନାଳର ସୁରପ୍ରତାପ କ୍ରିକେଟ୍ କ୍ଲବ୍‌ର ସଦସ୍ୟଙ୍କୁ ପୁରସ୍କୃତ କରୁଛନ୍ତି।

ବେଗୁନିଆ,୨୮।୧୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଧୀନ ବଣ୍ଟାବାଡ଼ ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଚାଲିଥିବା ନୀଳକଣ୍ଠ-ପଦ୍ମଚରଣ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାରର ପତିତପାବନ କ୍ରିକେଟ ଟିମ୍‌କୁ ୩ ରନରେ ହରାଇ ଢେଙ୍କାନାଳର ସୁରପ୍ରତାପ କ୍ରିକେଟ କ୍ଲବ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ସୁରପ୍ରତାପ ଟିମ୍ ନିର୍ଦ୍ଧାରିତ ୨୦ଓଭରରେ ୬ଉଇକେଟ ହରାଇ ୧୬୨ରନ ସଂଗ୍ରହ କରିଥିଲା। ଜବାବରେ ପତିତପାବନ ଟିମ୍ ନିର୍ଦ୍ଧାରିତ ୨୦ଓଭରରେ ୯ଉଇକେଟ ହରାଇ ୧୫୯ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଡା. ବିଷ୍ଣୁଚରଣ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ସୁରପ୍ରତାପ ଟିମ୍‌ର ତନ୍ମୟ ମହାନ୍ତିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ପ୍ରଭାତ ପଣ୍ଡା, ମାନସ ରଞ୍ଜନ ଦାଶ, ଶ୍ରୀକାନ୍ତ ବାହିନୀପତି ମ୍ୟାଚ ପରିଚାଳନା କରିଥିଲେ। ସଞ୍ଜୟ ପାଣିଗ୍ରାହୀ, ମିଥୁନ ପ୍ରଧାନ ସ୍କୋରର ଏବଂ ନରସିଂହ ପ୍ରଧାନ, ସୁନୀଲ ପାଣିଗ୍ରାହୀ, ସୂର୍ଯ୍ୟନାରାୟଣ ଓଝା, ସୌମ୍ୟରଞ୍ଜନ ଦାଶ, ଦିଲୀପ ପାଣିଗ୍ରାହୀ, ସୁଶାନ୍ତ ନାୟକ ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇଥିଲେ।

# ରାମଚଣ୍ଡୀ ପୀଠରେ ବେଆଇନ ପାର୍କିଂ ଫି

କୋଣାର୍କ,୨୮।୧୨(ଡି.ଏନ୍.ଏ.)

କୋଣାର୍କସ୍ଥିତ ରାମଚଣ୍ଡୀ ପୀଠକୁ ଦୈନିକ ହଜାର ହଜାର ପର୍ଯ୍ୟଟକଙ୍କ ସମାଗମ ହେଉଥିବା ଦେଖିବାକୁ ମିଳୁଛି। ଏହାର ସୁଯୋଗ ନେଇ ପର୍ଯ୍ୟଟକଙ୍କୁ ଦର୍ଶନ ଓ ପାର୍କିଂ ନାଁରେ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି। ପୀଠ ରାସ୍ତା ଦୁଇପାର୍ଶ୍ୱ, ରାମଚଣ୍ଡୀ ଥାନା ପାର୍ଶ୍ୱ ମୋରମ ପାର୍କିଂ ପର୍ଯ୍ୟନ୍ତ ପୃଥକ ଭାବେ ଫି ଆଦାୟ ଚାଲିଛି। ବଣଭୋଜି ପାଇଁ ଆସୁଥିବା ପର୍ଯ୍ୟଟକଙ୍କଠାରୁ ମୁଣ୍ଡପିଛା ୧୦ଟଙ୍କା, ରାମଚଣ୍ଡୀରେ ବାଇକ ପାର୍କିଂ ପାଇଁ ୧୦, କାର୍ ପାର୍କିଂ ୩୦ଟଙ୍କା, ଛୋଟ ଓ ବଡ ବସ୍ ପାଇଁ ଯଥାକ୍ରମେ ୫୦ ଓ ୧୦୦ଟଙ୍କା ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କଠାରୁ ଆଦାୟ ହେଉଛି। ରାମଚଣ୍ଡୀରେ ମୁଖ୍ୟ ପାର୍କିଂ ନିମନ୍ତେ ୫ଲକ୍ଷ ୧୬ ହଜାର ଟଙ୍କା ୪ମାସ ପାଇଁ ଟେଣ୍ଡର ଦିଆଯାଇଛି। ହେଲେ ଏହାକୁ ବାଦ ଦେଲେ ଅନ୍ୟ କୌଣସି ଟେଣ୍ଡର ନ ହୋଇ ମଧ ବେଆଇନ ଫି ଆଦାୟ ହେଉଥିବାରୁ ପର୍ଯ୍ୟଟକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେହିଭଳି ଏଠାରେ ପାନୀୟ ଜଳ ଓ ଆଲୋକ ବ୍ୟବସ୍ଥା ସମସ୍ୟା ଦେଖାଦେଇଛି। ପୀଠ ଚତୁଃପାର୍ଶ୍ୱ ଆବର୍ଜନାମୟ ହୋଇପଡିଛି। ଏ ସମ୍ପର୍କରେ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ କହିଛନ୍ତି, ପାର୍କିଂ ପାଇଁ ଗୋଟିଏ ଟେଣ୍ଡର ହୋଇଛି। ଥାନା ପାଖରୁ ପାର୍କିଂ ଫି ଆଦାୟ ନ କରିବା ପାଇଁ ଆଇଆଇସିଙ୍କୁ ସୂଚନା ଦିଆଯାଇଥିବା କହିଥିଲେ। ସେହିଭଳି ରାମଚଣ୍ଡୀ ଥାନାଧିକାରୀ ଶରତ କୁମାର ନାୟକ କୁହନ୍ତି, ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହାର ଟେଣ୍ଡର କରାଯାଇ ପାର୍କିଂ ଫି ଆଦାୟ ହେଉଛି। ଏଭଳି ଦୋମୁହାଁ ନୀତିକୁ ନେଇ ଲୋକେ ଦ୍ୱନ୍ଦ୍ୱରେ ଥିବାବେଳେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



କୋଣାର୍କସ୍ଥିତ ରାମଚଣ୍ଡୀ ପୀଠକୁ ଦର୍ଶନ ପାଇଁ ଆସିଥିବା ପର୍ଯ୍ୟଟକଙ୍କ ଗାଡ଼ି।

## ୱାର୍ଡସ୍ତରରୁ ସଙ୍ଗଠନକୁ ମଜଭୁତ କରିବାକୁ ଆହ୍ୱାନ

କୃଷ୍ଣପ୍ରସାଦ,୨୮।୧୨(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ କଂଗ୍ରେସ ପକ୍ଷରୁ ସୋମବାର ଚିଲିକା ନୂଆପଡ଼ାଠାରେ କଂଗ୍ରେସର ୧୩୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ କଂଗ୍ରେସର ଯୁବନେତା ସଞ୍ଜୟ କୁମାର ପ୍ରଧାନ ଯୋଗଦେଇ ଓାର୍ଡସ୍ତରରୁ ସଙ୍ଗଠନକୁ କିଭଳି ମଜଭୁତ କରାଯାଇପାରିବ ସେ ନେଇ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ସ୍ଥାନରେ ରହିଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବୁଲୁ ଦାଶ, ବିଜ୍ଞାନ ନାୟକ, ଖଗେଶ୍ୱର ଜେନାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# କୁଇଣ୍ଟାଲ ପିଛା ୩ କେଜି ଧାନ କଟାଯାଉଛି

ନିରାକାରପୁର,୨୮।୧୨(ଡି.ଏନ୍.ଏ.)

### ଚାଷୀ ଆଣିଲେ ଅଭିଯୋଗ

ଖୋର୍ଦ୍ଧା ଜିଲା ପ୍ରଶାସନ ନିର୍ଦ୍ଦେଶରେ ଗତ ୨୩ତାରିଖରେ ଚାଷୀଙ୍କ ସୁବିଧା ଲାଗି ୧୧ଟି ସମବାୟ ସମିତିରେ ଧାନମଣ୍ଡି ଖୋଲାଯାଇଛି। ଲେଣ୍ଡୋ ସମବାୟ ସମିତିରେ ଚାଷୀ ଦେଉଥିବା ଧାନରୁ କୁଇଣ୍ଟାଲ ପିଛା ୩କେଜି କଟାଯାଉଥିବା ଅଭିଯୋଗ ହୋଇଛି। ଚାଷୀ ବିଶ୍ୱନାଥ ସାହୁ କହିଛନ୍ତି, ୩୭ କୁଇଣ୍ଟାଲ ଧାନ ବିକ୍ରି କରିଛି। ସେଥିରୁ ୩ କେଜି ହିସାବରେ ୧କୁଇଣ୍ଟାଲ ୧୧କେଜି ଧାନ କଟାଯାଇଛି। ଲୋଡିଙ୍ଗ ପାଇଁ ୨୦୦ଟଙ୍କା ନିଆଯାଇଛି ବୋଲି ସେ କହିଛନ୍ତି। ସେହିପରି ଚାଷୀ ତିଲା ଦାସ କୁହନ୍ତି, ୧ କୁଇଣ୍ଟାଲରେ ୩କେଜି ଧାନ କଟାଯିବା ସହିତ ୧୦କେଜି ୫୦୦ଗ୍ରାମ ଧାନକୁ ୧୦କେଜି ହିସାବ କରାଯାଉଛି। ଏନେଇ ମିଲରର କର୍ମଚାରୀ ଲିଙ୍ଗରାଜ ନାୟକ କହିଛନ୍ତି, ଧାନ ନେଇ ଆମେ ୭ରୁ ୮ମାସ ରଖୁଛୁ। ସଥିରେ ୮କେଜି ଧାନ ଶୁଖି ଯାଉଛି। ୧୦ଟଙ୍କା ଲେଖାଏ ନେଉନାହାନ୍ତି ବୋଲି ସେ କହିଛନ୍ତି । ଅନ୍ୟପଟେ ସମିତି ସମ୍ପାଦକ ଦେବଦତ୍ତ ସାମନ୍ତରାୟ କହିଛନ୍ତି, ଧାନ ୧୦କେଜି ୬୦୦ହେଲେ ୧୧କିଲୋ ହିସାବରେ ନିଆଯାଉଛି। କିନ୍ତୁ ୧୦କେଜି ୫୦୦ ହେଲେ ୧୦କିଲୋ ହିସାବରେ ନିଆଯାଉଛି ବୋଲି ସେ କହିଛନ୍ତି । ଏନେଇ ଖୋର୍ଦ୍ଧା ଏସ୍‌ସିଏସଓ ଏବଂ ଟାଙ୍ଗୀ ଆଇସି ତ୍ରିଲୋଚନ ସାହୁ କୁହନ୍ତି, ଭଲ ଧାନ ଆଣିଲେ ଗୋଟେ ଗ୍ରାମ ମଧ କଟାଯିବ ନାହିଁ। ଲୋଡିଙ୍ଗ ପାଇଁ ୧ଟଙ୍କା ମଧ ନିଆଯିବ ନାହିଁ। ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ନ୍ୟାୟ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ ଦମ୍ପତି

ଖୋର୍ଦ୍ଧା ଅଫିସ,୨୮।୧୨

### ସ୍ଥିତିବାନ ଜମିରେ ମାଫିଆଙ୍କ ଆତଙ୍କରାଜ

ଖୋର୍ଦ୍ଧା ଜିଲାରେ ସରକାରୀ ଓ ମହାପ୍ରଭୁଙ୍କ ଜମି, କାଜୁ ଜଙ୍ଗଲ ଉପରେ ପଥର ଖଣି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଏପରିକି ସ୍ଥିତିବାନ ପ୍ଲଟ ମଧ ବାଦ୍ ପଡ଼ିନି। ପ୍ରତିବାଦ କଲେ ମିଳୁଛି ହତ୍ୟା ଧମକ। ଏଥିସହ ପୋଲିସ ନିକଟରେ ଅଭିଯୋଗ କଲେ ବୋମା ପକାଇ ଉଡ଼ାଇ ଦେବାକୁ ଧମକ ଦେଉଛନ୍ତି। ଏନେଇ ସୋମବାର ଜଙ୍କିଆ ଥାନା ଅଧୀନ ମଳିପଡ଼ା ଠାରେ ରହୁଥିବା ଏକ ଦମ୍ପତି ଜିଲା ଆରକ୍ଷୀ ଅଧୀକ୍ଷଙ୍କ ନିକଟରେ ଅଭିଯୋଗ କରିବା ସହ ପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ମଳିପଡା ଠାରେ ପ୍ରଦୀପ ନରେନ୍ଦ୍ର ଜିତସିଂ ଓ ସ୍ତ୍ରୀ ସୁବାସିନୀ ରୁହନ୍ତି। ନରସିଂହପ୍ରସାଦ ମୌଜା ସ୍ଥିତ ଖାତା ନଂ.୩୭୭/୦୬, ପ୍ଲଟ ନଂ. ୭୬ ଓ ୧୪୭, ପ୍ଲଟ ନଂ. ୧୬, ୮୯୫, ୯୩, ୯୨ ଏବଂ ୩୦ରେ ସ୍ଥିତିବାନ ଜମି ରହିଛି। ଏହି ଜମିରୁ କେତେଜଣ ଦୁର୍ବୃତ୍ତ ଅନୁପସ୍ଥିତିର ସୁଯୋଗ ନେଇ ମୋରମ ଏବଂ ମାଙ୍କଡା ପଥର ଦୈନିକ ଶହ ଶହ ଟ୍ରକ୍‌ରେ ଉତ୍ତୋଳନ କରି ଚୋରା ଚାଲାଣ କରୁଛନ୍ତି। ଏଥିସହିତ ପ୍ରଦୀପଙ୍କ ଜମିରେ ରହିଥିବା କାଜୁ ଜଙ୍ଗଲ କାଟି ପଦା କରି ଦେଇଛନ୍ତି। ସେଠାରୁ ମଧ ଚୋରା ଚାଲାଣ ଚାଲିଛି। ଫଳରେ ଜମିରେ ୩୦ରୁ ୪୦ ଫୁଟ ଗାତ ସୃଷ୍ଟି ହେଲାଣି। ବହୁ ମୂଲ୍ୟବାନ ଜମି ଅନୁପଯୁକ୍ତ ହୋଇପଡିଛି। ଏନେଇ ସ୍ଥାନୀୟ ଓ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଅନ୍ୟପଟେ ଜମିକୁ ଗଲେ, ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ଭୟଭୀତ କରୁଛନ୍ତି। ଥାନାରେ ଅଭିଯୋଗ କଲେ, ଜୀବନରେ ମାରିଦେବାକୁ ଧମକ ଦେଉଛନ୍ତି। ଅନ୍ୟପଟେ ଜମିରେ ବେଆଇନ ଖଣିଜ ପଦାର୍ଥ ଉତ୍ତୋଳନ ଜାରି ରହିଛି। ଦୁର୍ବୃତ୍ତଙ୍କ କବଳରୁ ବେଆଇନ ଖଣି ଉତ୍ତୋଳନ ବନ୍ଦ କରିବା ସହ ସେମାନଙ୍କୁ ସୁରକ୍ଷା ପ୍ରଦାନ ଲାଗି ଦାବିରେ ଉଲ୍ଲେଖ ରହିଛି।



ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଅଭିଯୋଗପତ୍ର ପ୍ରଦାନ କରିବାକୁ ଆସିଥିବା ଦମ୍ପତି।

## ସ୍କୁଲ ଉନ୍ନତି ପାଇଁ ପୁରାତନ ଛାତ୍ରଙ୍କ ଶପଥ

କଣାସ, (ସ୍ୱ.ପ୍ର./ଡି.ଏନ୍.ଏ.): ମୋ ସ୍କୁଲ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ କଣାସ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁଧିଷ୍ଠିର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏବିଇଓ ସର୍ବେଶ୍ୱର ଜେନା, ସିଆର୍‌ସିସି ସସ୍ମିତା ଜାଲି, ପ୍ରଧାନ ଶିକ୍ଷକ ନିରଞ୍ଜନ ପତି, ସ୍କୁଲ ପରିଚାଳନା କମିଟି ସଭାପତି ନିରଞ୍ଜନ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏକ କମିଟି ଗଠନ ହୋଇଥିଲା। ସଞ୍ଜୟ ଛୁଆଳସିଂହଙ୍କୁ ସଭାପତି ଓ ପରିକ୍ଷୀତ ବଡଜେନାଙ୍କୁ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୨ ବ୍ଲକ ପାଇଁ ବୃହତ୍ ଜଳ ଯୋଗାଣ ପ୍ରକଳ୍ପ

**୨୧ ପଞ୍ଚାୟତର ବାସିନ୍ଦା ଉପକୃତ ହେବେ**

- ମାର୍ଚ୍ଚ ଶେଷ ସୁଦ୍ଧା ଟେଣ୍ଡର ପ୍ରକ୍ରିୟା
- ଖର୍ଚ୍ଚ ଅଟକଳ ୧୦୬ କୋଟି ୩୨ ଲକ୍ଷ

ପୁରୀ ଅଫିସ,୨୮।୧୨

ପୁରୀ ସଦର ଓ ବ୍ରହ୍ମଗିରି ବ୍ଲକ୍‌ର ୨୧ଟି ପଞ୍ଚାୟତକୁ ପାଇପ୍ ମାଧ୍ୟମରେ ବୃହତ୍ ଜଳ ଯୋଗାଣ ପ୍ରକଳ୍ପ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହେବ। ଏ ନେଇ ସୋମବାର ପୁରୀ ପ୍ରଦକ୍ଷିଣ ଗୃହ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ସୂଚନା ଦେଇଛନ୍ତି। ବ୍ରହ୍ମଗିରି ବ୍ଲକର ୧୧ଟି ଏବଂ ପୁରୀ ସଦର ବ୍ଲକର ୧୦ଟି ପଞ୍ଚାୟତ ଅଧୀନ ୮୯ଟି ରାଜସ୍ୱ ଗ୍ରାମକୁ ଏହି ଯୋଜନାରେ ସାମିଲ କରାଯାଇଛି। ଏହି ଯୋଜନା ମାଧ୍ୟମରେ ୨୩ ହଜାର ୧୩୬ ପରିବାରର ୧ ଲକ୍ଷ ୫୭ ହଜାର ୨୭୪ ଜଣ ଲୋକ ଉପକୃତ ହେବେ। ଏଥିସହ ବିଭିନ୍ନ ସ୍କୁଲ୍, ଅଙ୍ଗନୱାଡ଼ି କେନ୍ଦ୍ର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ ମଧ୍ୟ ଜଳଯୋଗାଣ କରାଯିବ। ଆସନ୍ତା ୩୫ ବର୍ଷ ପର୍ଯ୍ୟନ୍ତ ଦୃଷ୍ଟିରେ ରଖି ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଉକ୍ତ ପ୍ରକଳ୍ପର ଖର୍ଚ୍ଚ ଅଟକଳ ୧୦୬ କୋଟି ୩୨ ଲକ୍ଷ ଟଙ୍କା ରହିଛି। ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ଟେଣ୍ଡର ପ୍ରକ୍ରିୟା ଶେଷ ହେବ। ସେହିଭଳି ପ୍ରକଳ୍ପ କାର୍ଯ୍ୟ ୨ବର୍ଷ ମଧ୍ୟରେ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଅନ୍ୟପକ୍ଷରେ ଭାର୍ଗବୀ ନଦୀକୁ ଜଳ ଯୋଗାଣ ଓ ମାଳତୀପାଟପୁରଠାରେ ୧୭ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ବିଶୋଧନ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ ବୋଲି ଦାସବର୍ମା କହିଛନ୍ତି। ଏଥିପାଇଁ ୫ଏକର ଜମି ଚିହ୍ନଟ ପ୍ରକ୍ରିୟା ଚୂଡ଼ାନ୍ତ କରିବା ପାଇଁ ତହସିଲଦାରଙ୍କୁ କୁହାଯାଇଛି। ଏହି ବୈଠକରେ ଜଳଯୋଗାଣ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଅଜୟ କୁମାର ବିଶ୍ୱାଳ, ପୁରୀ ତହସିଲଦାର ରବିନ୍ଦ୍ର ପ୍ରଧାନ, ଜଳ ଯୋଗାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଗୋକୁଳ ଚନ୍ଦ୍ର ବେହେରା, ଜିଲା ଜଳ ଯୋଗାଣ ଓ ପରିମଳ ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରହ୍ମଗିରିରେ ହେବ ହାଇଲେଭଲ ବ୍ରିଜ, କଣ୍ଟ୍ରୋଲ ଷ୍ଟ୍ରକ୍ଚର

ଭୁବନେଶ୍ୱର,୨୮।୧୨(ବ୍ୟୁରୋ)

ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମାଳିସାହିଠାରେ ଏକ ହାଇଲେଭଲ ସେତୁ ନିର୍ମାଣ ଲାଗି ବିଧିବଦ୍ଧ ନିଷ୍ପତ୍ତି ନିଆଯାଇଛି । ପୂର୍ବରୁ ନାବାର୍ଡ ସହାୟତାରେ ଏହି ସ୍ଥାନରେ ଏକ ସେତୁ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇ ଦୀର୍ଘଦିନ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଥିଲା । ଫଳରେ ଏହି ବ୍ରିଜ୍ ସଂଲଗ୍ନ ଅଞ୍ଚଳଗୁଡ଼ିକରେ ଗମନାଗମନରେ ଅସୁବିଧା ହେଉଥିଲା। ତେଣୁ ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ଅର୍ଦ୍ଧନିର୍ମିତ ସେତୁର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ବ୍ରହ୍ମଗିରି ବ୍ଲକ୍‌ର ନରସିଂହ ପାଟଣା, ଜଗନ୍ନାଥ ପାଟଣା, ବଳଭଦ୍ର ପାଟଣା ଓ ବରୁଡ଼ି ମଉଜାର ପ୍ରାୟ ୨୫୦୦ ହେକ୍ଟର ଚାଷ ଜମିକୁ ନିରନ୍ତର ଜଳସେଚନ ତଥା ଲୁଣା ପାଣି ପ୍ରଭାବରୁ ମୁକ୍ତକରି ଚାଷ ଜମି ପାଇଁ ଜଳସେଚନ କରିବା ଉଦ୍ଦେଶରେ ସୁନାମୁଖୀ ନଦୀ ଉପରେ ଏକ କଣ୍ଟ୍ରୋଲ୍ ଷ୍ଟ୍ରକଚର ନିର୍ମାଣ ପାଇଁ ମଧ୍ୟ ବିଧିବଦ୍ଧ ନିଷ୍ପତ୍ତି ନିଆଯାଇଛି । ଦୀର୍ଘଦିନ ଧରି ସୁନାମୁଖୀ ନଦୀ ଉପରେ ଏକ କଣ୍ଟ୍ରୋଲ୍ ଷ୍ଟ୍ରକଚର ନିର୍ମାଣ କରିବା ଉପରେ ଜନସାଧାରଣ ଦାବି କରି ଆସୁଥିଲେ । ସମୁଦ୍ର ଓ ଚିଲିକାର ଲୁଣା ପାଣି ଜୁଆର ସମୟରେ ମାଡଜିଯାଉଥିଲା। ସୁନାମୁଖୀ ଜଳଉସ୍ର ଲବଣାକ୍ତ ହୋଇ ଚାଷ ପାଇଁ ଅନୁପଯୁକ୍ତ ହେବା ସହିତ ପିଇବା ପାଣିର ସମସ୍ୟା ଉତ୍କଟ ଅବସ୍ଥାରେ ଥିଲା। ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିର୍ବାଚନମଣ୍ଡଳୀର ବିକାଶ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବ । ଜଳସେଚନ ବିଭାଗ ସଚିବ ଅନୁ ଗର୍ଗଙ୍କ ଉପସ୍ଥିତିରେ ଏନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

**ସଂକ୍ଷେପରେ**

## ସ୍ମୃତିରଶ୍ମିଙ୍କୁ ଗାଁ ଗୌରବ ସମ୍ମାନ

ପିପିଲି,୨୮।୧୨(ଡି.ଏନ୍.ଏ.): ପିପିଲି ବ୍ଲକ ବିଲାପଡ଼ା ଗ୍ରାମର ଗଙ୍ଗାଧର ସେଠୀଙ୍କ କନ୍ୟା ସ୍ମୃତିରଶ୍ମି ଲଣ୍ଡନସ୍ଥିତ ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟରେ ସ୍ୱାସ୍ଥ୍ୟ ବିଜ୍ଞାନରେ ଗବେଷଣା କରୁଥିଲେ। ସେ ଡକ୍ଟରେଟ ଡିଗ୍ରୀ ହାସଲ କରି ଗାଁକୁ ଫେରିଛନ୍ତି। ଗ୍ରାମ କମିଟି ପକ୍ଷରୁ ତାଙ୍କୁ 'ଗାଁ ଗୌରବ' ସମ୍ମାନରେ ସମ୍ମାନିତ କରାଯାଇଛି। ଏ ନେଇ ଗୋପୀନାଥ ମାଝିଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ମୁଖ୍ୟଅତିଥି ଭାବେ ସଚ୍ଚିଦାନନ୍ଦ ନାୟକ, ସମ୍ମାନିତ ଅତିଥି ଭାବେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଚରଣ ନାୟକ, ତ୍ରିନାଥ ସାମନ୍ତରାୟ, ଗୋଲକ ଦାସ, ବିଜୟ ସେଠୀ, ଦୀପକ ସାହୁ ଏବଂ ଅଶୋକ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସର୍ବେଶ୍ୱର ଭାରତୀ, ଶିକ୍ଷାବିତ୍ ବାମଦେବ ବେହେରା ସଭା ପରିଚାଳନା ଓ କାହ୍ନୁଚରଣ ବେହେରା ଧନ୍ୟବାଦ ଦେଇଥିଲେ।

## ପ୍ରୋତ୍ସାହନ ଉତ୍ସବରେ କୃତୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

ପୁରୀ ଅଫିସ,୨୮।୧୨: ଦୋଳମଣ୍ଡପ ସାହିସ୍ଥିତ ବୈକୁଣ୍ଠ ଧାମରେ ସୋମବାର ପଣ୍ଡା ନିଯୋଗ ସଂସ୍କୃତ ବିଦ୍ୟାଳୟର ପ୍ରୋତ୍ସାହନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ ଶୁଭାଶିଷ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରବିଶଙ୍କର ପୂଜାପଣ୍ଡା ସଭାପତିତ୍ୱ କରିଥିବାବେଳେ ବରିଷ୍ଠ ଶିକ୍ଷକ ଜଗଦୀଶ ଚନ୍ଦ୍ର ପ୍ରଧାନ ଓ ପ୍ରଧାନଶିକ୍ଷକ ପଣ୍ଡିତ ଜଗନ୍ନାଥ ପଣ୍ଡା ଉପସ୍ଥିତ ଥିଲେ। ଏହି ଅବସରରେ ୨୦୧୯-୨୦ ଶିକ୍ଷାବର୍ଷରେ ମାଧ୍ୟମିକ ବୋର୍ଡ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଦଶ ଜଣ ଛାତ୍ରୀଛାତ୍ର ଓ ଦୁଇଜଣ ପ୍ରାକ୍ତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।



ପୁରୀ ଦୋଳମଣ୍ଡପ ସାହିର ବୈକୁଣ୍ଠ ଧାମରେ ସୋମବାର ପଣ୍ଡା ନିଯୋଗ ସଂସ୍କୃତ ବିଦ୍ୟାଳୟର ପ୍ରୋତ୍ସାହନ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

## ବିପଦଗ୍ରସ୍ତ ବାକ୍ ସ୍ୱାଧୀନତା ଶୀର୍ଷକ ଆଲୋଚନାଚକ୍ର

ପୁରୀ ଅଫିସ,୨୮।୧୨: 'ଦି ମିଡିଆ' ପକ୍ଷରୁ ସୋମବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିପଦଗ୍ରସ୍ତ ବାକ୍ ସ୍ୱାଧୀନତା ଶୀର୍ଷକ ଏହି ଆଲୋଚନାଚକ୍ରରେ ଅଧ୍ୟକ୍ଷ ସରୋଜ କୁମାର ମିଶ୍ର ସ୍ୱାଗତ ଭାଷଣ ଦେବା ସହ ସାମ୍ବାଦିକତା କିଭଳି ଭାବେ ଦିନକୁ ଦିନ ଏକ ଅସୁରକ୍ଷିତ ବୃତ୍ତିରେ ପରିଣତ ହେଉଛି ତାହା ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘର ବିଭୂତି ଭୂଷଣ କର ଯୋଗଦେଇ ସାମ୍ବାଦିକଙ୍କ ସୁରକ୍ଷା ସମ୍ବନ୍ଧିତ ଆଇନ ପ୍ରଣୟନ ପାଇଁ ଅନ୍ୟ ୮ ରାଜ୍ୟ ସରକାରଙ୍କ ଭଳି ଓଡ଼ିଶା ସରକାର ମଧ୍ୟ କେନ୍ଦ୍ରକୁ ସୁପାରିସ କରିବା ଉଚିତ୍ ବୋଲି କହିଥିଲେ। ଏହି ଅବସରରେ କେତେଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଜୟ ପଟ୍ଟନାୟକ, ବିଶ୍ୱଜିତ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ ଏବଂ ଆଇନଜୀବୀ ପୁଷ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସୁଆଣ୍ଡୋ ହେବ ଆଦର୍ଶ ଗ୍ରାମ

ସାକ୍ଷୀଗୋପାଳ, ୨୮।୧୨(ଡି.ଏନ୍.ଏ.)

ରାଜ୍ୟର ସମସ୍ତ ବରପୁତ୍ରଙ୍କ ଜନ୍ମପୀଠକୁ ଆଦର୍ଶ ଗ୍ରାମ ମାନ୍ୟତା ନେଇ ରାଜ୍ୟ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ହୋଇଛି। ଏହିକ୍ରମେ ସତ୍ୟବାଦୀ ଅଞ୍ଚଳର ବରପୁତ୍ର ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସୁଆଣ୍ଡୋ ଗ୍ରାମ ଆଦର୍ଶ ଗ୍ରାମ ହେବାକୁ ଯାଉଛି। ଏହି ନିଷ୍ପତ୍ତିପରେ ସୁଆଣ୍ଡୋ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକେ ଗୋପବନ୍ଧୁଙ୍କ ଜନ୍ମପୀଠ ସୁଆଣ୍ଡୋ ଗ୍ରାମ ପୈତୃକ ବାସଭବନ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଏହାସହ ଷଠୀଘରକୁ ଜାତୀୟ ସ୍ମୃତି ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରାଯିବ। ସେଠାରେ ରହୁଥିବା ଗୋପବନ୍ଧୁଙ୍କର ଦୁଇଟି ପରିବାର ବସବାସ ନିମନ୍ତେ ନିର୍ମାଣ କରାଯାଉଥିବା ଗୃହ ପୂର୍ଣ୍ଣାଙ୍ଗ ହେବାପରେ ସେମାନେ ନୂତନ ଗୃହକୁ ସ୍ଥାନାନ୍ତର ହେବେ। ପରେ ସେହି ଗୃହକୁ ସଂରକ୍ଷଣ କରାଯାଇ ସାର୍ବଜନୀନ କରାଯିବକୁ ସ୍ଥିର କରାଯାଇଛି। ରାସ୍ତା, ଉଜ୍ଜ୍ୱଳ ଆଲୋକ ଓ ପାରିପାର୍ଶ୍ୱିକ ଉନ୍ନୟନ କାମ ଖୁବଶୀଘ୍ର ଶେଷ କରାଯିବ ବୋଲି ବିଧାୟକ ସୂଚନା ଦେଇଥିଲେ। ଗୋପବନ୍ଧୁଙ୍କ ଅଣନାତି ଧୀରେନ୍ଦ୍ର ନାଥ ଦାସ, ରବୀନ୍ଦ୍ର ନାଥ ଦାସ, ଜିଲା ପରିଷଦ ସଭ୍ୟ ପ୍ରହଲ୍ଲାଦ ଘଟୁଆରୀ, ଧ୍ରୁବଚରଣ ଦାସ, ଦେବାଶିଷ ରାୟ, ଆମ୍ବ କମିଟି ଅଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତି, ବ୍ଲକ ବିଜେଡି ସଭାପତି ପ୍ରମୋଦ ରାଉତରାୟ, ସୁନୀଲ ପଣ୍ଡା, ଶଙ୍କର ପ୍ରଧାନ, ସୁରେଶ ସାହୁ, ସରପଞ୍ଚ ରଶ୍ମିତା ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ପୁରୀ ଜିଲା କଂଗ୍ରେସ ପାଳିଲା ପ୍ରତିଷ୍ଠା ଦିବସ

ପୁରୀ ଅଫିସ,୨୮।୧୨

ପୁରୀ ଇନ୍ଦିରା ଭବନରେ ସୋମବାର କଂଗ୍ରେସର ୧୩୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜିଲା ସଭାପତି ଓ ପ୍ରଦେଶ ସେବାଦଳ କମିଟି ସଙ୍ଗଠକ ଉମାପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ପତାକା ଉତ୍ତୋଳନ କରାଯାଇଥିଲା। ସଭାପତି ଅଜିତ ମଙ୍ଗରାଜ କହିଥିଲେ ଯେ, କଂଗ୍ରେସର ତ୍ୟାଗ ଓ ସମର୍ପଣରେ ଭାରତ ସ୍ୱାଧୀନତାର ସ୍ୱାଦ ଚାଖିଛି। କଂଗ୍ରେସ ଏବେ ଘଡ଼ିସନ୍ଧି ସମୟ ଦେଇ ଗତି କରୁଛି। ଦଳ ପ୍ରତି ସମର୍ପିତ କର୍ମୀ ଓ ନେତା ହିଁ ପୁଣି ଥରେ କଂଗ୍ରେସକୁ ପୂର୍ବ କଳେବରକୁ ଫେରାଇ ଆଣିପାରିବେ। ତୃଣମୂଳ ସ୍ତରରେ କର୍ମୀଙ୍କୁ ଏକାଠି କରିବା, ଲୋକଙ୍କ ସହ ବାର୍ତ୍ତା ସ୍ଥାପନ ପାଇଁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟ ନେତାମାନେ ବେକାରି ସମସ୍ୟା, ନିମ୍ନଗାମୀ ଅର୍ଥନୀତି, ତୈଳଦର ବୃଦ୍ଧି, କେନ୍ଦ୍ରର ନୂତନ କୃଷି ଆଇନ ପ୍ରସଙ୍ଗରେ ବିରୋଧୀ ଦଳକୁ ସମାଲୋଚନା କରିଥିଲେ। ବୈଠକରେ ପୂର୍ବତନ ଜିଲା ସଭାପତି ଶରତ ରଥ, ପିସିସି ମୁଖପାତ୍ର ବିନାୟକ ଦାସ ମହାପାତ୍ର, ସାଧାରଣ ସମ୍ପାଦକ ନିରଞ୍ଜନ ରଥ, ନଗର କଂଗ୍ରେସ ସଭାପତି ଛବୀନ୍ଦ୍ର ପଡ଼ିହାରୀ ଓ କଂଗ୍ରେସ ପ୍ରାର୍ଥୀ ବିଶ୍ୱଭୂଷଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ଚନ୍ଦ୍ରଶେଖର ପାଠାଗାର ପରିସରରେ ସୋମବାର ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ 'ଟିକିତାରା' ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

## ଗୋଚାଲାଣ ରୋକିବାକୁ ଦାବି

ପୁରୀ ଅଫିସ/ ସାକ୍ଷୀଗୋପାଳ,୨୮।୧୨, (ସ୍ୱ.ପ୍ର./ଡି.ଏନ.ଏ):

ଗୋସମ୍ପଦ ରକ୍ଷା ସହ ଗୋଚାଲାଣ ଓ ଗୋହତ୍ୟା ରୋକିବା ପାଇଁ ଦୃଢ଼ ପଦକ୍ଷେପର ଆବଶ୍ୟକତା ରହିଛି। ଗୋହତ୍ୟା ଯୋଗୁ ସାମାଜିକ ଓ ଅର୍ଥନୈତିକ ଅବକ୍ଷୟ ହେଉଛି। ଏଭଳି ଅଭିଯୋଗ ଆଣି ଶ୍ରୀ ଶ୍ରୀ ଗୋବିନ୍ଦ ଜୀଉ ଗୋଶାଳା କମିଟି ପୁରୀ ଏସ୍‌ପିଙ୍କ ଜରିଆରେ ପୋଲିସ ମହାନିର୍ଦ୍ଦେଶକଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଛି। ଏସ୍‌ପିଙ୍କୁ ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଗୋହତ୍ୟା ବିରୋଧରେ ଆଇନ ଥିବା ସତ୍ତ୍ୱେ ଗୋଚାଲାଣକାରୀମାନେ ଜାତୀୟ ରାଜପଥରେ ଖୁଲମ୍‌ଖୁଲା ଏହି ବେପାର କରୁଛନ୍ତି। ପୁରୀଠାରୁ ନୟାଗଡ଼, ବେଗୁନିଆ, କୋଲକାତା ଓ ଆନ୍ଧ୍ରପ୍ରଦେଶ ଆଦି ସ୍ଥାନକୁ ବେଆଇନ ଗୋଚାଲାଣ କରାଯାଉଛି। ଏସବୁ ଦେଖି ମଧ୍ୟ ପୋଲିସ ପ୍ରଶାସନ ନୀରବ ରହୁଛି। ତେଣୁ ପୋଲିସ ମହାନିର୍ଦ୍ଦେଶକ ତୁରନ୍ତ ଗୋଚାଲାଣ ରୋକିବା ପାଇଁ ପଦକ୍ଷେପ ନେବା ସହ ଚାଲାଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କମିଟି ଦାବି କରିଛି।

## ନିମାପଡ଼ା, ଡେଇଁଶିପୁର, ଅରିସଲରେ ମଣ୍ଡି ଖୋଲିଲା



ନିମାପଡ଼ାରେ ଧାନମଣ୍ଡି ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି ଓ ଚାଷୀମାନେ।

ନିମାପଡ଼ା/ ପିପିଲି/ ଡେଲାଙ୍ଗ,୨୮।୧୨(ଡି.ଏନ୍.ଏ.)

ନିମାପଡ଼ା ବ୍ଲକରେ ପ୍ରଥମ ଧାନମଣ୍ଡି ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବିଷ୍ଣୁପୁର ସେବା ସମବାୟ ସମିତି ଓ ଅଂଶାଲୋ ସେବା ସମବାୟ ସମିତି ପକ୍ଷରୁ ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) ପରିସରରେ ଏହି ୨ଟି ମଣ୍ଡି ଆରମ୍ଭ ହୋଇଛି। ଏହି ଉତ୍ସବରେ ଅତିଥି ଭାବେ ଜିଲା ଯୋଗାଣ ଅଧିକାରୀ ଅମର ମହାପାତ୍ର, ସହକାରୀ ଜିଲା ଯୋଗାଣ ଅଧିକାରୀ ବସନ୍ତ ପଣ୍ଡା, ଆରଏମ୍‌ସି ସମ୍ପାଦକ ସନାତନ ବେହେରା, ବ୍ଲକ ଯୋଗାଣ ଅଧିକାରୀ ଦୀପ୍ତିରଞ୍ଜନ ଇନ୍ଦ୍ର ସିଂ, ବିଷ୍ଣୁପୁର ସମିତିର ସମ୍ପାଦକ ପ୍ରଶାନ୍ତ ରାଉତ, ଅଂଶାଲୋ ସମିତି ସମ୍ପାଦକ ତ୍ରିନାଥ ରାଉତ, ବିଜେଡି ନେତା ସୁଧୀର ରଞ୍ଜନ ଦାଶ, ମିଲର ସୁଦର୍ଶନ ସାହୁ, ସ୍ୱପ୍ନେଶ୍ୱର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ୨ମଣ୍ଡିରେ ୧୫ ଚାଷୀଙ୍କଠାରୁ ୫୭୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ବିଭାଗୀୟ ଅଧିକାରୀ କହିଛନ୍ତି। ପିପିଲି ବ୍ଲକ ଡେଇଁଶିପୁର ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ଧାନ ମଣ୍ଡିକୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏଥିରେ ଉପନିବନ୍ଧକ ସମବାୟ ସମିତି ପୁରୀ ଶୁଭକାନ୍ତି ତୁଙ୍ଗ, ଜିଲା ସହକାରୀ ନିବନ୍ଧକ ପ୍ରକାଶ ଚନ୍ଦ୍ର ସେଠୀ, ଉପସହକାରୀ ନିବନ୍ଧକ ସତ୍ୟଶଙ୍କର ମହାନ୍ତି, ଜିଲା ଯୋଗାଣ ଅଧିକାରୀ ଅମର ମହାପାତ୍ର, ଜିଲା କୃଷି ଅଧିକାରୀ ଅଜୟ ବେହେରା, ବୈରାଗୀ ଜେନା, ବ୍ଲକ ଉପାଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଦିନରେ ୪ଜଣ ଚାଷୀ ଧାନ ବିକ୍ରୟ କରିଥିଲେ ବୋଲି ସମବାୟ ସମିତିର ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡାଙ୍କ କହିଛନ୍ତି। ସମବାୟ ସମ୍ପସାରଣ ଅଧିକାରୀ ସୁରେନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ। ସେହିଭଳି ଡେଲାଙ୍ଗ ଅରିସଲ ସେବା ସମବାୟ ସମିତିରେ ପୂର୍ବତନ ସମବାୟ ନିର୍ଦ୍ଦେଶକ ବୈରାଗୀ ଜେନାଙ୍କ ଦ୍ୱାରା ଧାନମଣ୍ଡି ଶୁଭାରମ୍ଭ କରାଯାଇଛି। ଏଥିରେ ଉପନିବନ୍ଧକ, ସହକାରୀ ନିବନ୍ଧକ, ବିପନ ପଟ୍ଟନାୟକ, ଅରିସଲ ସମିତି ସମ୍ପାଦକ ରଶ୍ମିରଞ୍ଜନ ପଟ୍ଟନାୟକ, ଦୀପକ ପରିଡା, ଧନେଶ୍ୱର ପ୍ରଧାନ, ରାସବିହାରୀ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ୩୬୨ ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଛନ୍ତି।

## ଛାତ୍ରୀଛାତ୍ର, ଅଭିଭାବକଙ୍କ ସ୍ୱାଗତ

ପୁରୀ ଅଫିସ,୨୮।୧୨

ବୈଷୟିକ ଓ ପ୍ରାୟୋଗିକ ଶିକ୍ଷାକ୍ଷେତ୍ରରେ ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ସ୍ଥାନ ସଂରକ୍ଷଣ ରଖିବା ନେଇ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେବା ପରେ ପୁରୀ ଜିଲାର ଶିକ୍ଷକ, ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଖୁସିବ୍ୟକ୍ତ କରିଛନ୍ତି। ଏ ନେଇ ସୋମବାର ପୁରୀ ଜିଲା ସ୍କୁଲରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକମାନେ ଏକାଠି ହୋଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଶିକ୍ଷକମାନେ କହିଥିଲେ, ଗରିବ ମେଧାବୀ ଛାତ୍ରୀଛାତ୍ର ବୈଷୟିକ ଶିକ୍ଷାରୁ ବଞ୍ଚିତ ହେଉଥିଲେ। ମାତ୍ର ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ପରେ ଏବେ ସମସ୍ୟା ଦୂର ହେବ। ବୈଠକରେ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ, ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର, ଜିଲା ସ୍କୁଲ୍ ଅଭିଭାବକ ସଂଘ ସଦସ୍ୟ ଏବଂ ପୂର୍ବତନ ଛାତ୍ର ଉପସ୍ଥିତ ଥିଲେ।

## ବ୍ଲକ, ତହସିଲ ଘେରିଲା ଭାଜପା

ପିପିଲି/ନିମାପଡ଼ା/ଡେଲାଙ୍ଗ, ୨୮।୧୨(ସ୍ୱ.ପ୍ର./ଡି.ଏନ୍.ଏ.)

ବିଭିନ୍ନ ଦାବି ନେଇ ସୋମବାର ଭାଜପା ପକ୍ଷରୁ ପୁରୀ ଜିଲା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ ପିପିଲି ବ୍ଲକ ଓ ତହସିଲ ଅଫିସ ଘେରାଉ କରାଯାଇଥିଲା। ଫନୀ କ୍ଷତିଗ୍ରସ୍ତଙ୍କୁ ସହାୟତା ଦେବାରେ ଅବହେଳା, ଅଚଳ ବ୍ୟାଙ୍କ ଖାତାକୁ ପୁନଃ ଚାଲୁ କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବିଜୁ ପକ୍କାଘର ଯୋଜନାରେ ହଡ଼ପ କରିବା ଆଦି କାର୍ଯ୍ୟରୁ ନିବୃତ୍ତ ରହିବାକୁ ଦାବି କରାଯାଇଛି। ପିପିଲି ଶୀତଳ ଭଣ୍ଡାର ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ମଧ୍ୟ ଦାବି ହୋଇଛି। ଏ ସମ୍ପର୍କିତ ଏକ ଦାବିପତ୍ର ତହସିଲଦାରଙ୍କୁ ଦିଆଯାଇଛି। ଏଥିରେ ଜିଲା ଉପସଭାପତି ଜନ୍ମେଜୟ ଜେନା, କୃଷକ ମୋର୍ଚ୍ଚା ସଭାପତି ଅଜୟ ପ୍ରଧାନ, ସୁକାନ୍ତ ଭଞ୍ଜ, ଆଲେଜହୁର ଖାନ, ସରପଞ୍ଚ ଦେବାଶିଷ ରଥ, ପ୍ରଦୀପ ସାହୁ, ମଣ୍ଡଳ ସଭାପତି ପର୍ଶୁରାମ ମହାପାତ୍ର ସାମିଲ ଥିଲେ। ସେହିଭଳି ନିମାପଡ଼ା ଭାଜପା ମଣ୍ଡଳ ପକ୍ଷରୁ ରାଜ୍ୟ ସରକାରଙ୍କ ବିରୋଧରେ ନିମାପଡ଼ା ଥାନାରେ ଅଭିଯୋଗ କରାଯାଇଛି। ଏହି ଅବସରରେ ନଗର ମଣ୍ଡଳ ସଭାପତି ଦିଲୀପ ପାତ୍ର, ଜାନକିନାଥ ଜେନା, କୃଷ୍ଣଚନ୍ଦ୍ର ସ୍ୱାଇଁ, ପ୍ରଭାତ ସାହୁ, ନିରଞ୍ଜନ ନାୟକ, ଦେବରାଜ ବରାଳ, ଭଗବାନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ମୁଖ୍ୟମନ୍ତ୍ରୀଙ୍କ ଦସ୍ତଖତ ଥିବା ଏକ ଚିଠିର ନକଲକୁ ସଂଘବଦ୍ଧ ଭାବେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚିରି ପ୍ରତିବାଦ କରିଥିଲେ। ପରେ ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟରେ ଧାରଣା ଦିଆଯାଇଥିଲା। ଏଥିରେ ବେରବୋଇ ମଣ୍ଡଳ ସଭାପତି ସୁଧାଂଶୁ ଶେଖର ପରିଡା, ମଣ୍ଡଳ ମହିଳା ମୋର୍ଚ୍ଚା ସୁକାନ୍ତୀ ସାହୁ, ଭାରତୀ ପରିଡା, କିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ସ୍କୁଲ ପିଲାଙ୍କ ପାଇଁ ସଂରକ୍ଷଣ ନିଷ୍ପତ୍ତିକୁ ସ୍ୱାଗତ

ଭୁବନେଶ୍ୱର, ୨୮।୧୨(ବ୍ୟୁରୋ)

ସରକାରୀ ସ୍କୁଲରେ ପଢ଼ିଲେ ମିଳିବ ସଂରକ୍ଷଣ। ସରକାରୀ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂ କଲେଜ ନାମଲେଖାରେ ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି ରାଜ୍ୟ ସରକାର। ଆଗାମୀ ଶିକ୍ଷାବର୍ଷଠାରୁ ଲାଗୁ ହେବ। ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହି ପ୍ରସ୍ତାବ ପାରିତ ହୋଇଥିବାବେଳେ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ସବୁ ମହଲରେ ସ୍ୱାଗତ କରାଯାଇଛି। ଏହାଦ୍ୱାରା ଅଭିଭାବକମାନେ ନିଜ ପିଲାଙ୍କୁ ସରକାରୀ ସ୍କୁଲରେ ପାଠ ପଢ଼ାଇବା ପାଇଁ ଇଚ୍ଛା ପ୍ରକାଶ କରିବେ ଓ ପିଲାମାନଙ୍କର ମଧ୍ୟ ପାଠପଢ଼ା ପ୍ରତି ଆହୁରି ମନୋବଳ ବୃଦ୍ଧି ପାଇବ ବୋଲି ମତ ପ୍ରକାଶ ପାଇଛି।



ଭୁବନେଶ୍ୱର ୟୁନିଟ୍-୮ ବାଳକ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଓ ଛାତ୍ରମାନେ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ ଜଣାଇ ଖୁସି ବ୍ୟକ୍ତ କରୁଛନ୍ତି।

### ଏମାନେ କ'ଣ କୁହନ୍ତି...



"ସରକାରୀ ସ୍କୁଲର ଛାତ୍ରୀଛାତ୍ରଙ୍କୁ ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ସଂରକ୍ଷଣ ବ୍ୟବସ୍ଥା ଏକ ଐତିହାସିକ ନିଷ୍ପତ୍ତି। ଆଧୁନିକ ଶିକ୍ଷା ସୁଯୋଗରୁ ବଞ୍ଚିତ ଗରିବ ମେଧାବୀ ଛାତ୍ରୀଛାତ୍ରମାନେ ନିଶ୍ଚିତ ଉପକୃତ ହେବେ। ତେବେ ସରକାର କେତେ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ସଂରକ୍ଷଣ ସୁବିଧା ଦେଇପାରିବେ, ଓଡ଼ିଶା ବାହାର ଶିକ୍ଷାନୁଷ୍ଠାନରେ ସଂରକ୍ଷଣ ବ୍ୟସ୍ଥା କରିପାରିବେ କି ତାହା ଏବେ ପ୍ରଶ୍ନବାଚୀ। ତେଣୁ ଏହା ଏକ ସ୍ୱଳ୍ପମିଆଦୀ ଯୋଜନା କିମ୍ବା ସମାଧାନ ହୋଇପାରେ। କିନ୍ତୁ ଦୀର୍ଘମିଆଦୀ ବ୍ୟବସ୍ଥା ପାଇଁ ସରକାର ବିଦ୍ୟାଳୟ ସ୍ତରରୁ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଆଧୁନିକ ଶିକ୍ଷା ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ।

**– ବିପ୍ଳବ ପ୍ରକାଶ ମହାନ୍ତି, ଆବାହକ, ଓଡ଼ିଶା ବୈଷୟିକ ଓ ବୃତ୍ତିଗତ ଛାତ୍ର ସଂଘ**



"କ୍ୟାବିନେଟ୍‌ର ନିଷ୍ପତ୍ତିକୁ ସ୍ୱାଗତ କରୁଛି। ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରି ୩ମାସ ମଧ୍ୟରେ ଏକ ରିପୋର୍ଟ ଦେବାପାଇଁ ସରକାର କହିଛନ୍ତି। ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ଏହି ବିକାଶ ଦେଖି ଖୁସି ଲାଗୁଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ଆଶା କରୁଛୁ ଓଡ଼ିଶାରେ ସର୍ବୋତ୍ତମ ଶିକ୍ଷା ବ୍ୟବସ୍ଥା ପାଇଁ ଉକ୍ତ କମିଟି ଗ୍ରାଉଣ୍ଡ୍ ଜିରୋରୁ ଗୁରୁତ୍ୱ ଦେବେ।

**– ବାସୁଦେବ ଭଞ୍ଜ, ଅଧ୍ୟକ୍ଷ, ଓଡ଼ିଶା ଅଭିଭାବକ ମହାସଂଘ**



"ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଏହା ଏକ ଭଲ ସୁଯୋଗ। ସରକାରୀ ସ୍କୁଲ ପିଲାମାନେ ପାଠପଢ଼ାରେ ଭଲ ଥିଲେ ମଧ୍ୟ କୌଣସି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। କାରଣ ସେମାନେ ଏହି ପ୍ରତିଯୋଗିତା ପାଇଁ ଦିଆଯାଉଥିବା କୋଚିଂ କ୍ଲାସ୍ ଲାଗି ଖର୍ଚ୍ଚ ବହନ କରିପାରନ୍ତି ନାହିଁ। ଫଳରେ ଘରୋଇ ସ୍କୁଲର ପିଲାଙ୍କଠାରୁ ଏମାନେ କିଛି ପରିମାଣରେ ପଛରେ ପଡ଼ିଯାଆନ୍ତି। ବର୍ତ୍ତମାନ ସରକାର ଯେଉଁ ସୁଯୋଗ ଦେଲେ, ତାହା ସେମାନଙ୍କର ସଫଳତା ପାଇଁ ଏକ ପଥ ଖୋଲିଗଲା।

**– ସୋନାମିକା ରାୟ, ପ୍ରଧାନଶିକ୍ଷୟିତ୍ରୀ, କ୍ୟାପିଟାଲ ହାଇସ୍କୁଲ**



"ସରକାରଙ୍କ ଏଭଳି ନିଷ୍ପତ୍ତି ନିଶ୍ଚିତ ଭାବେ ଆମ ସ୍ୱପ୍ନକୁ ପୂରଣ କରିବାରେ ସହାୟକ ହେବ। ସରକାରୀ ସ୍କୁଲରେ ପାଠପଢ଼ିବାକୁ ଆଗ୍ରହ ବଢ଼ିବ। ପିଲାମାନେ କୋଚିଂର ସୁବିଧା ପାଇପାରୁ ନ ଥିବାରୁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ପଛରେ ପଡ଼ନ୍ତି। ତେଣୁ ସରକାରୀ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ସରକାର ନେଇଥିବା ନିଷ୍ପତ୍ତି ଐତିହାସିକ ପଦକ୍ଷେପ।

**– ଅର୍ଚ୍ଚନା ଦାସ, ଛାତ୍ରୀ**



"ଆମକୁ ଭଲ ସୁଯୋଗ ମିଳିବ। ଆଗରୁ ସିବିଏସ୍‌ଇ, ଆଇସିଏସ୍‌ଇ ପିଲାଙ୍କୁ ଇଞ୍ଜିନିୟରିଂ ଓ ମେଡିକାଲ କ୍ରାକ୍ କରିବା ସହଜ ହେଉଥିଲା। କାରଣ ସେମାନଙ୍କ ପାଠ୍ୟକ୍ରମ ସେହିଭଳି ରହିଛି। କିନ୍ତୁ ସରକାରୀ ସ୍କୁଲର ପିଲା ଯେତେ ମେଧାବୀ ଥିଲେ ବି ଏ କ୍ଷେତ୍ରରେ ପଛରେ ପଡ଼ିଯାଆନ୍ତି। ତେଣୁ ସରକାରଙ୍କ ଏହି ପଦକ୍ଷେପ ଆମକୁ ଏକ ନୂଆ ରାସ୍ତା ଦେଖାଇଛି। ସେଥିପାଇଁ ସରକାରଙ୍କୁ ମୁଁ ଧନ୍ୟବାଦ ଜଣାଉଛି।

**–ନନ୍ଦିନୀ ନାୟକ, ଛାତ୍ରୀ**